# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁନ୍ ୮/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 8/2025 | Page 16 | ₹ 7.00

୫୧ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 193 | ମୂଲ୍ୟ ₹୭/-





KP GROUP
Quality Since 1965

# Safal

PAN MASALA

କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
51 Years
DHARITRI










## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-34: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**09.06.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0006/2526


# ଫୁଲବାଣୀ ମେଡିକାଲ କଲେଜ ଉଦ୍‌ଘାଟିତ

- ଶିକ୍ଷା, ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ ଆରମ୍ଭ: ମୁଖ୍ୟମନ୍ତ୍ରୀ
- କନ୍ଧମାଳ ଜିଲାର ବିକାଶ ପାଇଁ ୭୫୦ କୋଟିର ପ୍ରକଳ୍ପ

ଫୁଲବାଣୀ,୭।୬
(ରାକେଶ କୁମାର ରାଉତ)

ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ପାଇଁ କନ୍ଧମାଳ ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ସାକାର ହୋଇଛି। ଚିକିତ୍ସା ପାଇଁ ଜିଲାବାସୀଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବନାହିଁ। କେବଳ କନ୍ଧମାଳ ନୁହେଁ, ପଡ଼ୋଶୀ ବୌଦ୍ଧ ଓ ନୟାଗଡ଼ ଜିଲାରୁ ମଧ୍ୟ ରୋଗୀ ଆସି ଚିକିତ୍ସିତ ହେବେ। ଏହା ସମଗ୍ର ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫୁଲବାଣୀ ମେଡିକାଲ କଲେଜ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ୧୦୦ ସିଟ୍ ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟନ କରିବା ସହ କରୋନେଶନ ପଡ଼ିଆରେ ଜିଲାର ବିକାଶ ପାଇଁ ୭୫୦ କୋଟି ଟଙ୍କାର ୧୦ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ


ଫୁଲବାଣୀ ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଉପସ୍ଥିତ ଅଛନ୍ତି।

ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ପ୍ରଥମେ ମେଡିକାଲ କଲେଜ ଉଦ୍‌ଘାଟନ କରିବା ପରେ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ରୋଗୀସେବା ଯୋଗାଇଦେବାକୁ କହିଥିଲେ। ମାନବ ସେବା କଲେ ସମସ୍ତଙ୍କ ପରିବାରକୁ ଭଗବାନ ଭଲରେ ରଖିବେ। ଏହି ମେଡିକାଲ କଲେଜକୁ ମିଶାଇ ରାଜ୍ୟରେ ମୋଟ ୧୩ଟି ମେଡିକାଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପ୍ରଳୟର ନିକଟତର

**ଆଜିର ମନ୍ତବ୍ୟ**

“ମିଛ ନୁହେଁ, ସତ କହିଲେ ହିଁ ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ସୁରକ୍ଷିତ ରହିବ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା






ବିହାର ବିଧାନସଭା ନିର୍ବାଚନରେ ଲଢ଼ିବି କି ନାହିଁ ସେ ନେଇ ଅନ୍ତିମ ନିଷ୍ପତ୍ତି ଏଲ୍‌ଜେପି(ଆର୍‌ଭି)ର ସଂସଦୀୟ ବୋର୍ଡ ନେବ। ବିଧାନସଭା ନିର୍ବାଚନ ଲଢ଼ିଲେ ମଧ ମୁଖ୍ୟମନ୍ତ୍ରୀ ଦୌଡ଼ରେ ରହିବା ନେଇ ଲାଳସା ନାହିଁ। – **ଚିରାଗ ପାସ୍ୱାନ, କେନ୍ଦ୍ରମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଳିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣ ଅଳିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ ଓ କନ୍ୟା ଅନମୋଲ ହେ ମିଳିତ ଆନୁକୂଲ୍ୟରେ ଚରଣ ସ୍ପର୍ଶ ୫.୦, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ପାନ୍ଥ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ନୟାପଲ୍ଲୀ ରଜ ମହୋତ୍ସବ, ସ୍ଥାନ: ନୟାପଲ୍ଲୀ କସ୍ତୁରବା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଈଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ନୀଳଶିଳ ଭିଲ୍ଲା ସମ୍ମୁଖ, ଟଙ୍କପାଣି, ରୋଡ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ମାଲୁଣୀ ଆଇ', ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ନାଟ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ 'ପଦଧ୍ୱନି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ରୋଟାରାକ୍ଟ କ୍ଲବ କଟକ ସେଣ୍ଟ୍ରାଲ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ଟା।
- ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ହରିହର ନନ୍ଦଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ଶବରୀ ନବଧା ଭକ୍ତି (ରାମଚରିତ ମାନସ) ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ମିଶନ କାର୍ଯ୍ୟାଳୟ, ଫିରିଙ୍ଗିବଜାର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁନିତ୍ ସାଗର କାର୍ଯ୍ୟକ୍ରମ, ସ୍ଥାନ: ବଳିଆପଣ୍ଡା, ଲାଇଟ ହାଉସ ନିକଟ, ସମୟ: ସକାଳ ୬ଟା ୩୦।
- ଶିକ୍ଷାଶ୍ରୀ ଶିଶୁ ପାଠାଗାର ପକ୍ଷରୁ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଭଗବତୀ ବିଦ୍ୟା ନିକେତନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀକ୍ଷେତ୍ର ରଜ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ବୁଢ଼ୀମା ତୋଟା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସ୍ନାନ ପୂର୍ଣ୍ଣିମା ପାଇଁ ପୋଲିସ ଓ ଖବରଦାତାଙ୍କ ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।

## ବାଲେଶ୍ୱର

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆଖଡ଼ା ଖେଳ ପ୍ରଦର୍ଶନ, ସ୍ଥାନ: ବାଲେଶ୍ୱର ସହର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଜିଲାସ୍ତରୀୟ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତା, ସ୍ଥାନ: ବାଗୁରାଇ ପିଏମ୍‌ଶ୍ରୀ ବିଦ୍ଧୁମାଧବ ହାଇସ୍କୁଲ, ଭଦ୍ରକ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବନ୍ଧାଳ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରିପଦା, ସମୟ: ସକାଳ ୯ ଟା।
- ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଟି-୨୦କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡ଼ିୟମ ବାରିପଦା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ମେଗା ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ପରୀକ୍ଷା, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ,ସମୟ: ସକାଳ ୯ଟା।
- ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ପୁରସ୍କାର ବିତରଣ, ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୪ଟା।
- ହର ପାର୍ବତୀଙ୍କ ଗ୍ରାମ ପରିକ୍ରମା, ସ୍ଥାନ: ବୈଦ୍ୟନାଥେଶ୍ୱର ମନ୍ଦିର, କମାପଲ୍ଲୀ ସମୟ: ସନ୍ଧ୍ୟା ୭ଟା ୩୦।

## ଢେଙ୍କାନାଳ

- ଗୁଡ୍‌ନାଇଟ କ୍ଲବ ବାର୍ଷିକ ଉତ୍ସବ ଉଦ୍‌ଯାପନ ସମାରୋହ, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଇଫ୍‌କୋ ସମୂହ ପକ୍ଷରୁ ଚାଲିଥିବା ଆନ୍ତଃ ୟୁନିଟ ସାଂସ୍କୃତିକ ସମାରୋହର ଉଦ୍‌ଯାପନୀ, ସ୍ଥାନ: ଇଫ୍‌କୋ ଟାଉନଶିପ ସଂସ୍କୃତିଭବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଗୋଖା ମହାସଂଘର ଶପଥ ଗ୍ରହଣ ସମାରୋହ, ସ୍ଥାନ: ରେଣୁକା ମଣ୍ଡପ, ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଧର୍ମଶାଳା ଟାଏକୋଣ୍ଡୋ ଚମ୍ପିୟନ୍‌ଶିପ୍ ଟୁର୍ନାମେଣ୍ଟ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଦେଉଳି ଗ୍ରାମ, ସମୟ: ରାତ୍ର ୮ଟା।

## ନୟାଗଡ଼

- ଜୟଶ୍ରୀ ପାଣି ଷଣ୍ଢ ଯୁବ ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଓଡ଼ଗାଁ ବ୍ଲକ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ:ସକାଳ ୮ଟା।
- ନିଖିଳ ଉତ୍କଳ କଂସାରୀ ସମାଜର ସମନ୍ୱୟ ବୈଠକ, ସ୍ଥାନ: କଣ୍ଟିଲୋ ନଡିଆ ପୋଖରୀ ପାଖ କଂସା ପିତଳ ସୁବିଧା କେନ୍ଦ୍ର, ସମୟ:ମଧ୍ୟାହ୍ନ ୧୨ଟା୩୦।

## ରାୟଗଡ଼ା

- ଶିରିଡ଼ି ସାଇ ମନ୍ଦିରର ୧୫ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ବାୟାଗୁଡ଼ା, ଗୁଣପୁର, ସମୟ: ସକାଳ ୭ ଟା।
- ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ ନେଇ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡ଼ାରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ୮ମ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୁଣପୁର, ସମୟ: ଅପରାହ୍ନ ୨ଟା।

## କୋରାପୁଟ

- ଅଓଇପିଏଫ୍‌ପିଏ କୋରାପୁଟ ଜିଲା ଶାଖା ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଜିଓ ଫିଲିଂ ଷ୍ଟେଶନ ଉଦ୍‌ଘାଟନ, ସ୍ଥାନ: ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଧାୟକଙ୍କ ଦ୍ୱାରା ତୁନଖାଲ ପକ୍କା ରାସ୍ତା ଉଦ୍‌ଘାଟନ, ସ୍ଥାନ: ଚିକାମ୍ବ ପଞ୍ଚାୟତ ତୁନଖାଲଗାଁ ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଗଣ ସଫେଇ ଅଭିଯାନ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁନ୍ଦ୍ରେ ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା ୩୦।
- ଶ୍ରୀରାମ କଥା ମହୋତ୍ସବ, ସ୍ଥାନ : ହୀରାକୁଦ ଲକ୍ଷ୍ମୀନାରାୟଣ ମନ୍ଦିର, ସମୟ : ସନ୍ଧ୍ୟା ୭ଟା ୧୫।।

## ବଲାଙ୍ଗୀର

- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ପକ୍ଷରୁ ମୌସୁମୀ କବିତା ଆସର, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ବ୍ରାହ୍ମଣପଡା, ହାଟପଦାପଡା, ବଲାଙ୍ଗୀର, ସ୍ଥାନ: ପୂର୍ବାହ୍ନ ୯ଟା ୩୦ ମିନଟ।
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ଟାଇଗର କ୍ଲବରେ ଯୋଗ ଶିବିର, ସ୍ଥାନ: ରେଲୱେ କଲୋନି, ସମୟ: ସକାଳ ୭ଟା ୩୦।
- ଫୁଟବଲ ଆସୋସିଏଶନ ପକ୍ଷରୁ ଫୁଟବଲ ମ୍ୟାଚ୍, ସ୍ଥାନ: ବିର୍ସାମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ, ସମୟ: ସକାଳ ୮ଟା।
- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳନ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ: ପିଏମଶ୍ରୀ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ସଂକୀର୍ତ୍ତନ ପରିଷଦର ଆଲୋଚନାଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଓବିସି ପକ୍ଷରୁ ସାଧାରଣ ସଭା, କର୍ମକର୍ତ୍ତା ଚୟନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ମହିଚଲା, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ସହର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ରମ୍ଭାଦେବୀ ପୂଜା ମହୋତ୍ସବ ଉପଲକ୍ଷେ ମେଲାଡ଼ି କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ରଥଯାତ୍ରା ପାଇଁ ରଥ ନିର୍ମାଣ କମିଟିର ବୈଠକ, ସ୍ଥାନ: ଏନଏସି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଷଷ୍ଠ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।

# ସମୁଦ୍ର ପ୍ରତି ସମ୍ମାନ ଭବିଷ୍ୟତକୁ ସୁରକ୍ଷିତ କରିବ

**ବିଶ୍ୱ ସମୁଦ୍ର ଦିବସ**



ସମଗ୍ର ଜୀବ ଜଗତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସମୁଦ୍ର ସହିତ ସଂପୃକ୍ତ। ବର୍ତ୍ତମାନ ସମୟରେ ମନୁଷ୍ୟ ସମୁଦ୍ରକୁ ପ୍ଲାଷ୍ଟିକ, ବିମାର୍ଜିତ ରାସାୟନିକ ପଦାର୍ଥ ଓ ଅନ୍ୟାନ୍ୟ ଦୂଷକ ଦ୍ୱାରା ଦୂଷିତ କରିବାରେ ଲାଗିଛି। ଏହାର ଦୂରୀକରଣ ପାଇଁ ବିସ୍ତୃତ ରୋଡ୍‌ମ୍ୟାପ ଆବଶ୍ୟକ। ଏଥିନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୮ରେ 'ବିଶ୍ୱ ସମୁଦ୍ର ଦିବସ' ପାଳନ କରାଯାଉଛି। ଏହି ଅବସରରେ ଚଳିତ ବର୍ଷ ଲାଗି ଥିମ ରହିଛି 'Awaken New Depths' ଅର୍ଥାତ୍ ନୂତନ ଅନ୍ତସ୍ତରକୁ ଜାଗ୍ରତ କରିବା। ବିଶ୍ୱ ସମୁଦ୍ର ଦିବସ ପ୍ରଥମେ ୧୯୯୨ରେ ବ୍ରାଜିଲ୍‌ର ରିଓଡି ଜାନେରିଓରେ ଆୟୋଜିତ ହୋଇଥିଲା। ୨୦୦୮ରେ ଜାତିସଂଘ ପକ୍ଷରୁ ଏହାକୁ ଆଧିକାରିକ ଭାବରେ ଗ୍ରହଣ କରାଯାଇଥିଲା ଏବଂ ୨୦୦୯ ମସିହାରୁ ବିଶ୍ୱ ସମୁଦ୍ର ଦିବସ ବିଶ୍ୱବ୍ୟାପୀ ପାଳନ ଆରମ୍ଭ ହୋଇଥିଲା। ଏହି ଦିବସର ଉଦ୍ଦେଶ୍ୟ ସମୁଦ୍ର ପ୍ରତି ଜନସାଧାରଣଙ୍କ ମଧ୍ୟରେ ଜାଗରଣ ବଢ଼ାଇବା। ସେହିପରି ସମୁଦ୍ର ପ୍ରତି ସମ୍ମାନ ଓ ସତର୍କତା ଆମର ଭବିଷ୍ୟତକୁ ସୁରକ୍ଷିତ କରିପାରିବ। ସମୁଦ୍ର ପୃଥିବୀର ତାପମାତ୍ରା ଓ ଜଳବାୟୁରେ ସନ୍ତୁଳନ ରଖିଥାଏ। ଏହି ବୃହତ୍ ଜଳର ଭଣ୍ଡାର ତାପକୁ ଅବଶୋଷଣ କରି ଗ୍ଲୋବାଲ ୱାର୍ମିଂକୁ ଧୀର କରିଥାଏ। ସମୁଦ୍ର ତାପମାତ୍ରା ବୃଦ୍ଧି ପାଇଲେ ଜଳବାୟୁରେ ଅସାଧାରଣ ପରିବର୍ତ୍ତନ ଆସିପାରେ, ଯାହା ମାନବ ଜୀବନ ଓ ପୃଥିବୀର ପରିବେଶ ପାଇଁ ବିପଦ ସୃଷ୍ଟି କରେ। ଏହାବାଦ୍ ଆହାର ଓ ଅର୍ଥନୀତିର ମୂଳଉତ୍ସର ପ୍ରମୁଖ ଉପାଦାନ ମଧ୍ୟରେ ସମୁଦ୍ର ଅନ୍ୟତମ ବଡ଼ ଉତ୍ସ। ସମୁଦ୍ର ଲକ୍ଷଲକ୍ଷ ଲୋକଙ୍କୁ ଆହାର ପ୍ରଦାନ କରିଥାଏ ଏବଂ କୋଟିକୋଟି ଜୀବଜନ୍ତୁ ସମୁଦ୍ର ଉପରେ ନିର୍ଭର କରନ୍ତି। ମାତ୍ର ଆଧୁନିକ ସମାଜ ପ୍ଲାଷ୍ଟିକର ଅହେତୁକ ପ୍ରେମରେ ପାଗଳ। ସକାଳଠାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ପଦାର୍ଥ ମାଧ୍ୟମରେ ପ୍ଲାଷ୍ଟିକର ବ୍ୟବହାର ଅନିର୍ବାଯ୍ୟ ହୋଇଯାଇଛି। ଆଧୁନିକ ଜୀବନଶୈଳୀର ଅବିଭାଜ୍ୟ ଅଂଶ ପ୍ଲାଷ୍ଟିକ ବ୍ୟାଗ୍, ବୋତଲ, ପ୍ଲେଟ୍, ଆବରଣ ଏବଂ ଅନ୍ୟ ଉତ୍ପାଦନ ଆକାରରେ ଏହାର ଉପଯୋଗ କରାଯାଉଛି। ଏଗୁଡିକୁ ବ୍ୟବହାର କରିବା ପରେ ଏଣେତେଣେ ଫୋପାଡି ଦିଆଯାଉଛି। ଯାହାକି ପରିବେଶକୁ ପ୍ରଦୂଷିତ କରିବା ସହ ଅନେକ ପ୍ଲାଷ୍ଟିକ୍ ସମୁଦ୍ରରେ ଜମା ହେଉଛି। ଏକ ଅନ୍ତର୍ଜାତୀୟ ଅନୁସନ୍ଧାନ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮ମିଲିୟନ ଟନ୍ ପ୍ଲାଷ୍ଟିକ ଦ୍ରବ୍ୟ ସମୁଦ୍ରରେ ପହଁଚୁଛି। ଏହା ସାମୁଦ୍ରିକ ଜୀବଜନ୍ତୁ, ଉପକୂଳ ଜୀବନ ଓ ମାନବ ପାଇଁ ଭୟାବହ ଅବସ୍ଥା ସୃଷ୍ଟି କରୁଛି। ସେହିପରି ଓଡ଼ିଶା ଉପକୂଳ ଯଥା ବ୍ରହ୍ମଗିରି, ଚାନ୍ଦିପୁର, ଗୋପାଳପୁର, ପେଣ୍ଠକଟା, ଧାମରା ଚାଉଳିଖିା ଓ ପାରାଦୀପ ଭଳି ଉପକୂଳ ଅଞ୍ଚଳରେ ବର୍ଷବ୍ୟାପୀ ଧଳା,କଳା ପ୍ଲାଷ୍ଟିକ ତଥା ବର୍ଣ୍ଣବାହୀ ଗୁଣ୍ଡୁଡ଼ା ଆକାର ମାଇକ୍ରୋପ୍ଲାଷ୍ଟିକ ଚିହ୍ନଟ କରାଯାଉଛି। ଏହି ବସ୍ତୁଗୁଡ଼ିକ ସମୁଦ୍ର ଜଳରେ ମିଶି ସମୁଦ୍ରଚର, ଜଳଚର, ମାଛ ଓ କ୍ଷୁଦ୍ର ଜୀବ ଉପରେ ଢେର ପ୍ରଭାବ ପକାଉଛି। ମାନବ ଖାଦ୍ୟ ଶୃଂଖଳ ମାଧ୍ୟମରେ ଏହା ଦେହ ଭିତରେ ଯାଇ ଦୀର୍ଘକାଳୀନ ରୋଗ ସୃଷ୍ଟି କରୁଛି। ତେଣୁ ସମୁଦ୍ରର ସୁସ୍ଥତା ଓ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ।

**–ଡ. ଦେବାଶିଷ ମହାପାତ୍ର,**
**ସମୁଦ୍ର ଜୀବ ବିଜ୍ଞାନୀ**

# ଅଧିକ ସଚେତନତା ଆବଶ୍ୟକ

**ଆଜି ବିଶ୍ୱ ବ୍ରେନ୍ ଟ୍ୟୁମର ଦିବସ**



ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହାକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର କାରିଗର ହେଉଛି ମସ୍ତିଷ୍କ। ତେବେ ବ୍ରେନ୍ ଟ୍ୟୁମର(ମସ୍ତିଷ୍କ ଅର୍ବୁଦ) ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୮ରେ ପାଳିତ ହୋଇଥାଏ 'ୱାର୍ଲ୍ଡ ବ୍ରେନ୍ ଟ୍ୟୁମର ଡେ' ବା 'ବିଶ୍ୱ ମସ୍ତିଷ୍କ ଅର୍ବୁଦ ଦିବସ'। ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡଗୁଡିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡିନି। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ।

ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା, ବାନ୍ତି, ଆଖିକୁ ଭଲ ଦେଖାଯାଏନା, କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରେନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।

**–ଡା. ନିତ୍ୟାନନ୍ଦ ସ୍ୱାଇଁ,**
ମୋ: ୮୩୨୮୯୭୫୧୧୮

## ପ୍ରଥମ ପୃଷ୍ଠାରୁ...

### ଫୁଲବାଣୀ ମେଡିକାଲ ...

କଲେଜ ଖୋଲିଲା। ଖୁବ୍ କମ ଦିନରେ ଆଉ ୪ ଜିଲା ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର ଓ ଜଗତ୍‌ସିଂହପୁରରେ ମେଡିକାଲ କଲେଜ ଖୋଲିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ସରକାର ସମସ୍ତ ୩୦ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ବର୍ଷକ ମଧ୍ୟରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିବ ନାହିଁ। ପ୍ରତ୍ୟେକ ମେଡିକାଲରେ ଆବଶ୍ୟକ ଡାକ୍ତର ନିଯୁକ୍ତ କରାଯିବ। ଏହି ସେବା ପାଇଁ ପାଣ୍ଠି ଯୋଗାଇବାକୁ ସରକାର କାର୍ପଣ୍ୟ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ କରୋନେଶନ ପଡ଼ିଆକୁ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି କହିଲେ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କନ୍ଧମାଳ ଜିଲାକୁ କିଏ ଆସିବ ଯିବାକୁ ମନକରିବ ନାହିଁ। ଜିଲାର ମାଣ୍ଡିଆ ଏବେ ସାରା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାର ହଳଦୀ ସାରା ଦେଶରେ ମଧ୍ୟ ପରିଚିତ। ଏବେ ସରକାର କନ୍ଧମାଳ ଜିଲାରେ ପର୍ଯ୍ୟଟନ ଏବଂ ଶିଳ୍ପ କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା ଆୟୁଷ୍ମାନ ଭାରତ, ସୁଭଦ୍ରା ଯୋଜନା, ଚାଷୀଙ୍କୁ ଧାନକିଣାରେ ସହାୟତା, ବୟସ୍କଙ୍କୁ ଅଧିକ ଭତ୍ତା ଆଦି ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଉଡି ନୁହେଁ କି ଦଉଡ଼ା ନୁହେଁ**
**ମଝିରେ ପଡିଛି ଜଟ**
**ପାଖକୁ ଯାଇଣ ଦେଖି ଅଇଲି**
**ଖାଲି ସେଇ ଛଣପଟ।**

ସାଧାରଣତଃ ଦୂରରୁ ଯାହା ଯେଭଳି ଦେଖାଯାଏ ତାହା ପାଖରୁ ଦେଖିଲେ ସେଭଳି ହୋଇ ନ ଥିବା ଜଣାଯାଇଥାଏ। ତେଣୁ ଦୂରରୁ ଦେଖି ତାକୁ ଆକଳନ କରିବା ବା ଅନୁମାନ ଲଗାଇବା କେବେହେଲେ ଠିକ ହୋଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଦାରୁ ପାରେ ନାହିଁ,**
**ଦୁବ ପାରେ।**

ବେଳେ ବେଳେ ବଡ଼ ଦାମିକା ଔଷଧରେ ରୋଗ ଭଲ ନ ହୋଇ ସାମାନ୍ୟ ଟୁଟ୍‌କା ଔଷଧରେ ଭଲ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ବହୁ ଚେଷ୍ଟା ସତ୍ତ୍ୱେ ନ ହେଉଥିବା କାର୍ଯ୍ୟ ସାମାନ୍ୟ ଚେଷ୍ଟାରେ ସାଧିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ**




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା ଏବଂ ସମ୍ପର୍କୀୟଙ୍କ ସହ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ଅଭବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ମନ ଭିତରେ ଦୁଃଖ ଭରି ରହିଥିଲେ ମଧ ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** – ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ସମ୍ପନ୍ନ କରି ଏକପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ପରିବାରରେ ସ୍ନେହ ଓ ସମ୍ମାନର ଅଭାବ ସାମୟିକ ମନରେ ବହୁତ କ୍ଷୋଭ ଆଣିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରକ୍ଷଣରେ ବେଶି ଚିନ୍ତା କରିବାକୁ ପଡିବ।

**ମିଥୁନ** – ପାରସ୍ପରିକ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ରରେ ଟେନସନ୍ ଲାଗିରହିବ। ଯେଉଁ କାମରେ ହାତ ଦେଲେ ମଧ ସବୁକିଛି ବିଗିଡି ଯାଉଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କ୍ଷେତ୍ରରେ ସଂକଟଜନକ ସ୍ଥିତିକୁ ନେବାରେ ମୁଖ୍ୟ ଭୂମିକା ସାଜିପାରେ। ବନ୍ଧୁମିଳନ, ଦୂରଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ ରହିବ ନାହିଁ।

**କର୍କଟ** – ପରିସ୍ଥିତି ଅନୁକୂଳ ରହିବା କାରଣରୁ ମାନସିକ ସ୍ତରରେ ଉତ୍ସାହିତ ରହିବେ। ବିଶ୍ରାମହୀନ କାର୍ଯ୍ୟ, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ସମ୍ପୂର୍ଣ୍ଣ ଆଶା ପୂରଣ ନ ହେଲେ ମଧ ଉପକୃତ ହୋଇପାରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅଚାନକ ସମସ୍ୟା ସୃଷ୍ଟି ହୋଇ ପାରେ।

**ସିଂହ** – ଅନ୍ୟମାନଙ୍କୁ ବୁଝାଇ ଶୁଝାଇ କାମ ହାସଲ ପାଇଁ ଚେଷ୍ଟା କଲେ ହୁଏତ ଉପକୃତ ହୋଇପାରିବେ। ବୁଝାମଣାର ଅଭାବ କିମ୍ବା ପକ୍ଷପାତିତା କାରଣରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ସାମାଜିକ ସ୍ତରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ପରିଜନଙ୍କ ସହ ଯାତ୍ରା କାଳରେ ମିତ୍ରତା ସୃଷ୍ଟି କରିପାରନ୍ତି।

**କନ୍ୟା** – କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମ ସମ୍ପନ୍ନ କରିପାରିବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡିପାରନ୍ତି। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଦୁଃଖ ରହିବ।

**ତୁଳା** – ଆଜି ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିପାରିବେ। ଲାଗିରହିଥିବା ପାରିବାରିକ ସମସ୍ୟାର ସମାଧାନ ମଧ୍ୟ ହୋଇଯିବ। ପଡ଼ୋଶୀମାନେ ନିଜର ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢି ଯାଇପାରେ।

**ବିଛା** – ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ଭୁଲି ଯାଇପାରନ୍ତି। ସଭାସମିତି, ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟ, ସତ୍‌ସଙ୍ଗରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ।

**ଧନୁ** – ଧୀରେ ଧୀରେ ପୂର୍ବ ସମସ୍ୟା ବଦଳି ଯାଇ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ପ୍ରଶାସନିକ ସ୍ତରରେ କିମ୍ବା ଅଫିସ କାମରେ ଟେନସନ୍ ବଢିପାରେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟର ଆଶଙ୍କା ରହିଛି। ଆକସ୍ମିକ ଦୂରଯାତ୍ରା, ବନ୍ଧୁ ମିଳନଜନିତ ଆନନ୍ଦ ଅନୁଭବ କରିବେ।

**ମକର** – ବନ୍ଧୁମାନଙ୍କ ସହଯୋଗ କ୍ରମେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ମଧ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**କୁମ୍ଭ** – ନିଜର ଲୋକଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। କଚେରି ମାମଲା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ମୀନ** – ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍‌ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ। ବ୍ୟୟ ଭାର କମି ଆସିବାରୁ ସାମୟିକ ଆଶ୍ୱସ୍ତିଲାଭ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ଶୀଘ୍ର କାମଟି ଶେଷ କରିବା ପାଇଁ ବ୍ୟସ୍ତ ହୋଇପଡିବେ।

ଆଜି ଜୁନ୍ ୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ରବିବାର। ରାଶିନକ୍ଷତ୍ର-ଦିବା ଘ. ୧୨.୪୧ ଗତେ ବିଶାଖା/ତୁଳା। ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬.୫୬ ଗତେ ଘ.୦୯.୩୪ ମଧ୍ୟେ, ଘ.୦୧.୨୪ ଗତେ ଘ.୦୨.୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୪୨ ଗତେ ଘ.୦୬.୨୦ ମଧ୍ୟେ ରାହୁକାଳ।







# ପିଏମ୍ଏୱାଇରେ ମିଳିବ ୨ ଟ୍ରାକ୍ଟର ମାଗଣା ବାଲି

ଭୁବନେଶ୍ୱର,୭।୬(ସୁନିତ୍ ମିଶ୍ର)

- ଉପକୃତ ହେବେ ହିତାଧିକାରୀ
- ହାଇୱାରେ ବାଲି ଚାଲାଣକୁ ବନ୍ଦ କରାଯିବ
- ବାଲି ମାଫିଆଙ୍କୁ ରୋକିବାକୁ ଆସିବ ଏସ୍ଓପି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ହିତାଧିକାରୀଙ୍କୁ ମାଗଣାରେ ୨ ଟ୍ରାକ୍ଟର ବାଲି ସରକାର ଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ହିତାଧିକାରୀମାନେ ଯେଭଳି ଘର ତିଆରି କରିବାକୁ ଶସ୍ତାରେ ବାଲି ପାଇବେ ସେଥିପାଇଁ ସରକାର ଯୋଜନା କରୁଛନ୍ତି। ଏନେଇ ଡ୍ରାଫ୍ଟ ପ୍ରସ୍ତୁତ ସରିଥିବା ବେଳେ ପରମିଟ୍ ଇସ୍ୟୁ କରାଯିବ।

ଗଣମାଧ୍ୟମକୁ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି, ଏଣିକି ହାଇୱା ବଦଳରେ ବାଲି ଉଠାଣ ପାଇଁ ଅନ୍ୟ ଗାଡ଼ି ବ୍ୟବହାର କରାଯିବ। ହାଇୱା ବ୍ୟବହାର ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ କ୍ଷତିଗ୍ରସ୍ତ ହେଉଛି। ହାଇୱା ଉପରେ ୪୦ ଟନ୍ ବାଲି ଲୋଡ୍ ନେଇ ଯିବା ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କର କ୍ଷତି ହେଉଛି। ଏଣୁ ବାଲି ଉଠାଣ ପାଇଁ କେଉଁ ଗାଡ଼ି ବ୍ୟବହାର ହେବ ଓ କେତେ ବାଲି ଉଠାଇପାରିବେ ଏଥିପାଇଁ ଏସ୍ଓପି ପ୍ରସ୍ତୁତ ହେଉଛି। ସେହିପରି କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାକୁ ନିନ୍ଦାକରି ମନ୍ତ୍ରୀ ପୂଜାରୀ କହିଛନ୍ତି, ଏହି ଘଟଣା ଆଦୌ ସ୍ୱାଭାବିକ ନୁହେଁ। ସରକାରୀ ଅଧିକାରୀଙ୍କୁ ଯେଉଁଭଳି ବାଲି ମାଫିଆ ଆକ୍ରମଣ କଲେ ତାହା ଗ୍ରହଣୀୟ ନୁହେଁ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜଧର୍ମରେ କାହାରି ମୁହଁ ଦେଖାଯାଏ ନାହିଁ। ଓଡ଼ିଶାକୁ ବିହାର କି ବେଙ୍ଗଲ କରିବାକୁ ଦିଆଯିବ ନାହିଁ। ବାଲିମାଫିଆ ଓ ଚୋରି ପାଇଁ ଏସ୍ଓପି ଆସିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ଏନେଇ ଖଣି, ଜଳ ସମ୍ପଦ ଆଦି ବିଭାଗ ସହ ଆଲୋଚନା ହୋଇଛି। ଏହା ବ୍ୟତୀତ ଉକ୍ତ ଘଟଣାକୁ ନେଇ କ୍ୟାବିନେଟ୍‌ରେ ମଧ୍ୟ ଆଲୋଚନା ହୋଇଥିଲା।

# କରୋନା ମାର୍ଗଦର୍ଶିକା ଜାରି କଲା କେନ୍ଦ୍ର

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

**ରାଜ୍ୟରେ ଅକ୍ସିଜେନ୍ ସପ୍ଲାଏ, ଚିକିତ୍ସା ବ୍ୟବସ୍ଥାର ହେଲା ମକ୍‌ଡ୍ରିଲ୍**

ଦେଶରେ ଏବେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ଜିଲାକୁ କରୋନା ବ୍ୟାପିଗଲାଣି। ସ୍ଥିତି ବିଗିଡ଼ିଯାଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟଗୁଡିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ରାଜ୍ୟଗୁଡିକ ଅକ୍ସିଜେନ ସିଲିଣ୍ଡର, ଆଇସୋଲେଶନ୍ ବେଡ୍, ଭେଣ୍ଟିଲେଟର ଏବଂ ଜରୁରିକାଳୀନ ଔଷଧ ସହିତ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, କରୋନା ସଂକ୍ରମଣର ମୁକାବିଲା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ, ଅକ୍ସିଜେନ୍ ସପ୍ଲାଏର ମକ୍‌ଡ୍ରିଲ୍ କରାଯାଇଛି। ଏଥିସହ ଜରୁରିକାଳୀନ ଔଷଧ ଏବଂ ଚିକିତ୍ସା ବ୍ୟବସ୍ଥାକୁ ନେଇ ମଧ୍ୟ ମକ୍‌ଡ୍ରିଲ୍ କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ କରୋନାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ଅକ୍ସିଜେନ୍ ସପ୍ଲାଏ ଏବଂ ଅନ୍ୟାନ୍ୟ ଆବଶ୍ୟକ ଚିକିତ୍ସାର ମକ୍‌ଡ୍ରିଲ୍ କରାଯାଇଛି। ଅପରପକ୍ଷେ ରାଜ୍ୟରେ ଏବେ ଦେଖାଦେଉଥିବା କୋଭିଡ୍ ସ୍ଥିତିକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମିତ ଚିହ୍ନଟ ବ୍ୟକ୍ତିମାନେ ସଙ୍ଗରୋଧରେ ରହିବା ସହ ଗହଳିରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି।

# ଶ୍ରୀଜଗନ୍ନାଥ ଧାମ ଆପ୍ ଲଞ୍ଚ୍




ପୁରୀ,୭।୬ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସେହିପରି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରତିଦିନ ଲକ୍ଷାଧିକ ଭକ୍ତ ପୁରୀକୁ ଆସୁଛନ୍ତି। ଅନେକ ସମୟରେ ଭକ୍ତମାନେ ବିଭିନ୍ନ କାରଣକୁ ନେଇ ସମସ୍ୟାରେ ପଡ଼ିଥାନ୍ତି। ତେଣୁ ଭକ୍ତଙ୍କ ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ଧାମ ଆପ୍ ଲଞ୍ଚ କରାଯାଇଛି। ଏହି ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ରହିଛି। ଭକ୍ତମାନେ ସେମାନଙ୍କ ମୋବାଇଲ୍‌ରୁ ଏହି ଆପକୁ ଡାଉନ୍‌ଲୋଡ କରି ଶ୍ରୀମନ୍ଦିରରେ ଚାଲିଥିବା ମହାପ୍ରଭୁଙ୍କ ନୀତିକାନ୍ତି, ମହାପ୍ରସାଦ, ଦର୍ଶନ ବ୍ୟବସ୍ଥା, ଗାଡ଼ି ପାର୍କିଂ, ରାସ୍ତାଘାଟ, ଯାତାୟାତ, ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଜାଣିପାରିବେ। ଫଳରେ ଭକ୍ତମାନଙ୍କୁ ଆଉ ଆଗଭଳି ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ। ଆପ୍ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ରଥଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ କ୍ୟାମେରା ଲାଗିବ। ଉକ୍ତ କ୍ୟାମେରା ଡାଟା ପ୍ରଦାନ କରିବେ। କେଉଁ ପାର୍କିଂରେ କେତେ ଗାଡ଼ି ପାର୍କିଂ କରିବାକୁ ବାକି ରହିଛି, ପାଖରେ କେଉଁ ପାର୍କିଂ ସ୍ଥଳ ରହିଛି ଏସବୁ ତଥ୍ୟ ଭକ୍ତମାନେ ଶ୍ରୀଜଗନ୍ନାଥ ଧାମ ଆପ୍‌ରୁ ପାଇପାରିବେ। ଏଥିସହ ବେଳାଭୂମି, ବଡ଼ଦାଣ୍ଡ ସହ ଅନ୍ୟାନ୍ୟ ସ୍ଥାନରେ ଭକ୍ତମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ କ'ଣ କ'ଣ ସୁବିଧା କରାଯାଇଛି, ତାହା ମଧ୍ୟ ଜାଣିପାରିବେ। ଏନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଖାଲି ଆପ୍ ଲଞ୍ଚ କରିଦେଲେ ହେବନି, ଆପ୍ ଠିକ୍ ତଥ୍ୟ ପ୍ରଦାନ କରିବା ଆବଶ୍ୟକ। ଏହି ଆପ୍‌ରେ ଠିକ୍ ତଥ୍ୟ ଅପ୍‌ଲୋଡ୍ ହେବା ଆବଶ୍ୟକ। ଯେଉଁ କର୍ମଚାରୀମାନେ ଅପ୍‌ଲୋଡ୍ କରିବେ, ସେମାନେ ସମସ୍ତ ଦିଗକୁ ନଜର ରଖି ଅପଲୋଡ୍ କରିବା ଉଚିତ। ଏପରି ହେଲେ ଆପ୍ ସମସ୍ତଙ୍କ ଗ୍ରହଣୀୟ ହୋଇପାରିବ ବୋଲି ସେ କହିଛନ୍ତି।

# ଶ୍ରୀମନ୍ଦିରରେ ଡିଜିଟାଲ୍ ହୁଣ୍ଡି

**ସମର୍ପଣ ଯୋଜନାରେ ଆରମ୍ଭ ହେବାକୁ ନିଷ୍ପତ୍ତି**

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ପାଣ୍ଠି ବୃଦ୍ଧି କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ସମର୍ପଣ ଯୋଜନାରେ ଶ୍ରୀମନ୍ଦିରରେ ଡିଜିଟାଲ୍ ହୁଣ୍ଡି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଜରିଆରେ ଦେଶର କୋଣଅନୁକୋଣରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାରେ ଡିଜିଟାଲ ହୁଣ୍ଡି ରହିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆଇନ ବିଭାଗ। ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଜଗନ୍ନାଥପ୍ରେମୀ ଭକ୍ତମାନେ ସେମାନଙ୍କ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ଏବଂ ପର୍ବପର୍ବାଣିରେ ମହାପ୍ରଭୁଙ୍କୁ ଦାନ କରିବାକୁ ଚାହାଁନ୍ତି। ତେଣୁ ଏହାକୁ ଆଖିଆଗରେ ରଖି ଏଭଳି ଏକ ଦୀର୍ଘସୂତ୍ରୀ ଯୋଜନା ହାତକୁ ନିଆଯାଇଛି। ଶ୍ରୀମନ୍ଦିର ସେବାୟତ ତଥା ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଏପରି ଯୋଜନା ଆଗରୁ ଥିଲା। ଯେତେବେଳେ ଏଟିଏମ୍ ବ୍ୟବସ୍ଥା ହେଲା, ସେତେବେଳେ ଭକ୍ତମାନଙ୍କୁ ଦାନ ଦେବାକୁ କୁହାଯାଇଥିଲା। କିଛି ଅର୍ଥ ମଧ୍ୟ ଆସୁଥିଲା। ସରକାର ଏହାକୁ ବଡ଼ଆକାରରେ କରିବାକୁ ଯୋଜନା କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ।




# ୨୦ରେ ଆସିବେ ପ୍ରଧାନମନ୍ତ୍ରୀ

## ଘୁଞ୍ଚିଲା ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତିର ୧୨ ତାରିଖ କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୬(ସୁନିତ୍ ମିଶ୍ର)

ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବର କାର୍ଯ୍ୟକ୍ରମ ଆସନ୍ତା ୧୨ ନୁହେଁ, ୨୦ ତାରିଖରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦ ତାରିଖକୁ ସମୟ ଦିଆଯିବାରୁ ଏହି ଅବଧିରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଉକ୍ତ କାର୍ଯ୍ୟକ୍ରମ ୧୨ରେ ଜନତା ମଇଦାନଠାରେ ହେବ ବୋଲି ସ୍ଥିର ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବା ଲାଗି ୧୧ କିମ୍ବା ୧୨ ତାରିଖ ମଧ୍ୟରୁ କୌଣସି ସମୟ ଦେବାକୁ ରାଜ୍ୟ ସରକାର ଅନୁରୋଧ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରଥମରୁ ହିଁ ୨୦ ତାରିଖ ପାଇଁ ସମୟ ଦେଇଥିଲେ। ହେଲେ ୧୧ କିମ୍ବା ୧୨ ଏହା ଭିତରୁ ଯଦି କିଛି ସୁବିଧା ହୁଏ ତେବେ ଜଣାଇବେ ବୋଲି କହିଥିଲେ। ଏହି ଦୁଇଟି ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଅନ୍ୟ କାର୍ଯ୍ୟକ୍ରମ ରହିଥିବାରୁ ୨୦ ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ୨୦ରେ ଆସିବାକୁ ସ୍ଥିର ହୋଇଛି। ତେଣୁ ୧୨ରେ ହେବାକୁ ଥିବା ବର୍ଷପୂର୍ତ୍ତିର ମୁଖ୍ୟ କାର୍ଯ୍ୟକ୍ରମ ୨୦କୁ ଘୁଞ୍ଚିଯାଇଛି।

# ଜାତୀୟ ମାନବାଧିକାର ଆୟୋଗରେ ମାମଲା

ନୟାଗଡ଼,୭।୬(ଲୋକନାଥ ମିଶ୍ର)

**ଗର୍ଭସ୍ଥ ଶିଶୁ ସହ ମହିଳା ମୃତ୍ୟୁ ଘଟଣା**

ମେ' ୩୧ରେ ନୟାଗଡ଼ ଜିଲା ବାଲୁଗାଁର ମମତା ସ୍ୱାଇଁ(୩୫) ଓ ତାଙ୍କ ଗର୍ଭସ୍ଥ ଶିଶୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରାଜ୍ୟ ସରକାର ସ୍ତ୍ରୀ ଓ ପ୍ରସୂତି ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ନିଲମ୍ବନ କରିଛନ୍ତି। ଏନେଇ ଜାତୀୟ ମାନବାଧିକାର ଆୟୋଗ ନୂଆଦିଲ୍ଲୀରେ ଏକ ମାମଲା (ନଂ. ୧୨୭୦୬/୨୦୨୫) ରୁଜୁ ହୋଇଛି। କେନ୍ଦୁଝର ଜିଲା ସୋଲପଟା ଗାଁର ଆଇନଜୀବୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ଏହି ମାମଲା ହୋଇଛି। ଏଥିରେ ମୃତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଛି।

# ଆଇଏମ୍‌ଡି ଡିଜିଙ୍କୁ ଜାତିସଂଘ ପୁରସ୍କାର



ନୂଆଦିଲ୍ଲୀ,୭।୬(ପି.ଟି.)

ବିପର୍ଯ୍ୟୟ ବିପଦ ହ୍ରାସ କରିବାରେ ଅସାଧାରଣ ଅବଦାନ ନିମନ୍ତେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଚଳିତ ବର୍ଷ ପାଇଁ ଜାତିସଂଘର ମର୍ଯ୍ୟାଦାଜନକ ସାସାକାୱା ଆୱାର୍ଡରେ ସମ୍ମାନିତ କରାଯାଇଛି। ଜେନେଭାରେ ଶୁକ୍ରବାର ଅନୁଷ୍ଠିତ ଗ୍ଲୋବାଲ ପ୍ଲାଟ୍‌ଫର୍ମ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନର ଅଷ୍ଟମ ଅଧିବେଶନରେ ଜାତିସଂଘର ବିପର୍ଯ୍ୟୟ ବିପଦ ପ୍ରଶମନ କାର୍ଯ୍ୟାଳୟ (ୟୁଏନ୍‌ଡିଆର୍‌ଆର୍) ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛି। 'ଭାରତର ସାଇକ୍ଲୋନ୍ ମ୍ୟାନ୍' ଭାବେ ପରିଚିତ ମହାପାତ୍ର ଲୋକମାନଙ୍କ ପାଖରେ ବିଜ୍ଞାନସମ୍ମତ ପାଣିପାଗ ପୂର୍ବାନୁମାନ ପହଞ୍ଚାଇ ଅଗଣିତ ଜୀବନ ବଞ୍ଚାଇବା ସହ ସାରା ଦେଶରେ ବିପର୍ଯ୍ୟୟ ପ୍ରଭାବକୁ ହ୍ରାସ କରିପାରିଥିବା ୟୁଏନ୍‌ଡିଆର୍‌ଆର୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନିପନ ଫାଉଣ୍ଡେଶନ ସହାୟତାରେ ୧୯୮୬ରେ ସାସାକାୱା ଆୱାର୍ଡ ପ୍ରତିଷ୍ଠା ହୋଇଥିଲା। ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର।

# 'ମାଟିର ମା'କୁ ଭଲପାଇଲେ ସଂକୀର୍ଣ୍ଣତା ଦୂର ହୁଏ'



ରଜ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ମଞ୍ଚାସୀନ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ଅନ୍ୟ ଅତିଥିମାନେ।

ଏରସମା,୭।୬(ଦୀପ୍ତି ଖଣ୍ଡୁଆଳ)

**ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା**

ଏରସମା ବ୍ଲକ ଅନ୍ତର୍ଗତ ଦେବୀଦୋଳ ପଡ଼ିଆଠାରେ ଚାଲିଥିବା ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏରସମା ଶହେଘର କମିଟି ସଭାପତି ଅମୂଲ୍ୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି, ଏହା ହେଉଛି କୃଷିଭିତ୍ତିକ ପର୍ବ। ମାଟି ମା' ପ୍ରତି ଆମର ଯେତେବେଳେ ଭଲପାଇବା ସୃଷ୍ଟି ହେବ, ସେତେବେଳେ ଆମେ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠିପାରିବା। ମହୋତ୍ସବ ହିଁ ଏପରି ମାନସିକତା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ଜେନା କହିଛନ୍ତି। ବିଜେଡି ବ୍ଲକ ସଭାପତି ପୀତବାସ ଗୋଛାୟତ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ପୋଡ଼ପିଠା ଏହି ଉତ୍ସବର ନିଦର୍ଶନ। ଧରିତ୍ରୀର ଆକାଶ ସହ ମିଳନ ଘଟିଲେ ସେ ରଜସ୍ୱଳା ହୋଇଥାଏ। ଏହି ସମୟରେ ଗ୍ରାମାଞ୍ଚଳର ଲୋକେ ଆନନ୍ଦରେ ଦୋଳି ଖେଳି ଏହି ପର୍ବ ପାଳନ କରନ୍ତି। ଏହି ଗଣପର୍ବ ହେଉଛି ରଜ ମହୋତ୍ସବ ବୋଲି ଗୋଛାୟତ କହିଥିଲେ। ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଆ ଘରେ ବାର ମାସରେ ତେରପର୍ବ ପାଳନ ହୁଏ। ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ମନରୁ ଦୁଃଖ ଦୂର କରି ହରଷ ଭାବ ଭରିଦିଏ ବୋଲି ମହାପାତ୍ର କହିଥିଲେ। କମିଟି ସଭାପତି ସମୀର ରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରାକାର ସ୍ୱାଇଁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଅମ୍ରିତା ପ୍ରିୟଦର୍ଶିନୀ ସେଠୀ, ସମ୍ପୂର୍ଣ୍ଣା ସାହୁ, ଅର୍ପିତା ପ୍ରିୟଦର୍ଶିନୀ ସେଠୀ, ଉତ୍ତରା ମଲ୍ଲିକ, ଜୟଶ୍ରୀ ଖଟୁଆ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଡା. କୁମାରୀ ଗୀତାଞ୍ଜଳିଙ୍କୁ ଏରସମା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ବିଚାରକ ଭାବେ ଯୋଗଦେଇଥିଲେ।






ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ପ୍ରଳୟର ନିକଟତର



ଆକାର ପଟେଲ

ବିଜ୍ଞାନ ଓ ପ୍ରଯୁକ୍ତି ମାଧ୍ୟମରେ ମଣିଷ କେତେ ଶୀଘ୍ର ପୃଥିବୀକୁ ଧ୍ୱଂସ କରିବା ପାଇଁ ଯାଉଛି ସେ ସମ୍ପର୍କରେ ସତର୍କ କରିଦିଏ ଡୁମ୍ସଡେ କ୍ଲକ୍ ବା ପ୍ରଳୟ ଘଡ଼ି। ମଧ୍ୟରାତ୍ର(ବୈଶ୍ୱିକ ମହାବିନାଶ) ଆଉ କେତେ ସମୟ ବାକି ଅଛି ତାହାକୁ ବିଶେଷଜ୍ଞମାନେ ଏହି ଘଡ଼ିରେ ଦର୍ଶାଇଛନ୍ତି। ୧୯୪୭ରେ ଅର୍ଥାତ୍ ଭାରତ ସ୍ୱାଧୀନତା ପାଇବା ବର୍ଷ, ସେତେବେଳେ ବିଶ୍ୱରେ ଆଣବିକ ଅସ୍ତ୍ରଶସ୍ତ୍ର ବଡ଼ ବିପଦ ବୋଲି ଭାବ ହୋଇଥିଲା ସେତେବେଳେ ଏହି ଘଡ଼ି ସୃଷ୍ଟି କରାଯାଇଥିଲା। ଏହାର ଦୁଇ ବର୍ଷ ପୂର୍ବରୁ ଜାପାନର ହିରୋସିମା ଓ ନାଗାସାକୀ ଉପରେ ପରମାଣୁ ବୋମା ପକାଯାଇଥିଲା ଏବଂ ସୋଭିଏତ୍ ତାହାର ପରମାଣୁ ବୋମା ତିଆରି କରୁଥିଲା। ୧୯୪୯ରେ ସୋଭିଏତ୍ ପରମାଣୁ ବୋମା ତିଆରି କରିବା ପରେ ୧୯୫୨ରେ ଇଂଲଣ୍ଡ ଓ ୧୯୬୦ରେ ଫ୍ରାନ୍ସ ଓ ୧୯୬୪ରେ ଚାଇନା ଏହାର ଅଧିକାରୀ ହୋଇଥିଲେ। ଭାରତ ୧୯୭୪ରେ ଓ ପାକିସ୍ତାନ ୧୯୯୦ ଦଶକରେ ଏ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ। ଇସ୍ରାଏଲ, ଉତ୍ତର କୋରିଆ ପାଖରେ ମଧ୍ୟ ଏହି ଅସ୍ତ୍ର ଅଛି। ୧୯୮୦ ଦଶକରେ ମୁଁ ଯେତେବେଳେ ଆମେରିକାରେ ପଢୁଥିଲି ସେତେବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ରଣନୀତିକ ପ୍ରତିରକ୍ଷା କାର୍ଯ୍ୟକ୍ରମ ବା ଷ୍ଟାର ୱାର୍। ଏଥିରେ ରୋନାଲ୍ଡ ରେଗାନ ପ୍ରଶାସନ ଏକ ପଦ୍ଧତି ବିକାଶ କରୁଥିଲା, ଯେଉଁଥିରେ ଆମେରିକାକୁ ଆସୁଥିବା କ୍ଷେପଣାସ୍ତ୍ରକୁ ନଷ୍ଟ କରିଦେବାର କ୍ଷମତା ରହିଥିଲା। ଏହା କରି ଆମେରିକା ତାହାର ଆକ୍ରମଣାତ୍ମକ କ୍ଷମତା ବୃଦ୍ଧି କରୁଥିଲା। ଏହା ସମ୍ଭବତଃ ପ୍ରଳୟ ଘଡ଼ିକୁ ଆଗକୁ ବଢ଼ାଇଛି। ୧୯୯୧ରେ ସୋଭିଏତ୍ ସଂଘର ପତନ ଘଟିବା ପରେ ପ୍ରଳୟ ଘଡ଼ିର କଣ୍ଟା ମଧ୍ୟରାତ୍ରରୁ ୧୭ ମିନିଟ ପଛକୁ ଆସି ସବୁଠୁ ଦୂରରେ ରହିଥିଲା। ଆଣବିକ ଅସ୍ତ୍ରଶସ୍ତ୍ର ବିପଦ ଅତ୍ୟଧିକ କମିଯାଇଥିଲା। ୧୯୯୧ ପୂର୍ବରୁ, ଏବକା ତୁଳନାରେ ଆଣବିକ ଅସ୍ତ୍ରକୁ ନେଇ ଅନେକ ରିପୋର୍ଟ, ସମୀକ୍ଷା ପ୍ରକାଶ ପାଇବା ସହ ବହୁ ନାଗରିକ ସମାଜ ଗୋଷ୍ଠୀ (ପୁଗୱାଶ ଭଳି)ଥିଲେ ଏବଂ ଅଧିକ ସକ୍ରିୟତା ସାମ୍ନାକୁ ଆସିଥିଲା। କିନ୍ତୁ ବର୍ତ୍ତମାନ ପ୍ରଳୟ ଘଡ଼ି ଗଢ଼ିଥିବା ବିନାଶର ଆକଳନ କରୁଥିବା ବିଶେଷଜ୍ଞଙ୍କ ସଂଖ୍ୟା ୧୮ ବୋଲି ଏହାର ୱେବ୍‌ସାଇଟ୍‌ରୁ ଜଣାପଡ଼ିଛି ଏବଂ ଏଥିରୁ ଦକ୍ଷିଣ ଏସିଆରୁ ୩ ଜଣ (ଜଣେ ଦିଲ୍ଲୀ ଆଇଆଇଟି ପ୍ରାଧ୍ୟାପକ) ଅଛନ୍ତି।

ଦୁଇ ଦଶନ୍ଧି ପୂର୍ବରୁ, ପ୍ରଳୟ ଘଡ଼ି ଜଳବାୟୁ ପରିବର୍ତ୍ତନ ଭଳି ଅନ୍ୟ ବିପଦଗୁଡ଼ିକୁ ସାମିଲ କରିବା ଆରମ୍ଭ କରିଥିଲା। କିନ୍ତୁ ଏବେ ନୂଆ ବିପଦ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ଯୋଡ଼ିଛି। ମଣିଷ ସମାଜ ନିଜର ବିନାଶ ପାଇଁ ସବୁପ୍ରକାର ନୂତନ ଆବିଷ୍କାରକୁ ଗତିଶୀଳ କରିଛି। ଚଳିତବର୍ଷ ଆରମ୍ଭରୁ, ୨୮ ଜାନୁଆରୀରେ ବିଶେଷଜ୍ଞମାନେ ଦର୍ଶାଇଥିଲେ, ୧୯୪୭ରେ ଆମେ ପ୍ରଳୟଠାରୁ ଯେତିକି ଦୂରରେ ଥିଲୁ ତାହା ତୁଳନାରେ ୨୦୨୫ରେ ସବୁଠୁ ନିକଟତର ହୋଇଛୁ। ଅର୍ଥାତ୍ ମହାବିନାଶକୁ ଆଉ ୮୯ ସେକେଣ୍ଡ ବାକି ଅଛି। ୨୦୨୪ରେ ବିନାଶର ନିକଟତର ହୋଇଥିଲା ମାନବସମାଜ। ତେବେ ସାଇନ୍ସ ଆଣ୍ଡ ସିକ୍ୟୁରିଟି ବୋର୍ଡକୁ ଗଭୀର ଚିନ୍ତାରେ ପକାଇବା ଭଳି ଧାରା ଲାଗିରହିଛି। ବିପଦର ସଙ୍କେତ ସତ୍ତ୍ୱେ ବିଭିନ୍ନ ଦେଶର ନେତାମାନେ ଏହି ଧାରାରେ ପରିବର୍ତ୍ତନ ଆଣିବାରେ ବିଫଳ ହୋଇଛନ୍ତି। ଫଳରେ ଆମେ ପ୍ରଳୟ ଘଡ଼ିର ମଧ୍ୟରାତ୍ରରୁ ୯୦ ସେକେଣ୍ଡ ବଦଳରେ ୮୯ ସେକେଣ୍ଡ ପଛରେ ରହିଛୁ, ଯାହା ପ୍ରଳୟର ସବୁଠୁ ନିକଟତର। ଆଶା କରୁଛୁ ଯେ, ପୃଥିବୀ ଅସ୍ତିତ୍ୱ ପ୍ରତି ଦେଖାଯାଉଥିବା ବିପଦକୁ ନେତାମାନେ ସ୍ୱୀକାର କରିବା ସହ ଅଣୁଅସ୍ତ୍ର, ଜଳବାୟୁ ପରିବର୍ତ୍ତନ, ଜୀବ ବିଜ୍ଞାନର ବ୍ୟାପକ ଅପବ୍ୟବହାର ଏବଂ ପ୍ରଯୁକ୍ତିଗତ ନୂତନତ୍ୱର ବିପଦକୁ ହ୍ରାସ କରିବା ପାଇଁ ଦୃଢ଼ ପଦକ୍ଷେପ ନେବେ। ତେବେ ୨୮ ଜାନୁଆରୀ ପରଠାରୁ ଅନେକ କିଛି ଘଟି ସାରିଲାଣି। ରୁଷିଆର ବିମାନ ଘାଟିରେ ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରି ତା' ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଧ୍ୱଂସ କରଦେବା ଯୋଗୁ ଯୁଦ୍ଧ ଗମ୍ଭୀର ହୋଇପଡ଼ିଛି। ଗାଜାରେ ଇସ୍ରାଏଲ ଗଣହତ୍ୟା ଜାରି ରହିଛି ଏବଂ ସେଠାକାର ଲୋକମାନେ କ୍ଷୁଧାର ସାମ୍ନା କରୁଛନ୍ତି। ଏହା ସହ ଲେବାନନ୍ ଓ ୟେମେନ ସହ ମଧ୍ୟ ଯୁଦ୍ଧ କରୁଛି। ଏତିକିବେଳେ ଏଭଳି ଜଣେ ନେତା ଆମେରିକାର ନେତୃତ୍ୱ ନେଇଛନ୍ତି, ଯାହାଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ଆକଳନ କରାଯାଇ ନ ପାରେ। ବାଣିଜ୍ୟଠାରୁ ଆରମ୍ଭ କରି ତାଇୱାନ ଘଟଣାକୁ ନେଇ ଚାଇନା ବିରୋଧରେ ଆମେରିକା ସୃଷ୍ଟି କରିଥିବା ଉତ୍ତେଜନା ବଢ଼ିଚାଲିଛି। ଅବଶ୍ୟ କିଛି ସପ୍ତାହ ପୂର୍ବରୁ ଭାରତ ଲଢ଼ିଥିବା ଏକ ଯୁଦ୍ଧ ପରମାଣୁ ସଂଘର୍ଷ ଆଡ଼କୁ ମହାଁଇଥିଲା ବୋଲି ଆମେରିକା ରାଷ୍ଟ୍ରପତି ଲଗାତର ଦାବି କରି ଆସୁଛନ୍ତି। ଏସବୁ ବିପଦ ସହ ଆମକୁ ଜଳବାୟୁ ପରିବର୍ତ୍ତନ ଏବଂ ଏଆଇ ବିପଦକୁ ସାମିଲ କରିବାକୁ ପଡ଼ିବ। ଏଆଇ ବିକାଶ ଅତି ଦ୍ରୁତ ଗତିରେ ହେଉଛି ଏବଂ ଏହା କେଉଁ ଧରଣର ବିପଦ ଆଣିବ ସେ ସମ୍ପର୍କରେ କେହି ବିଚାର କରୁନାହାନ୍ତି। ପ୍ରଯୁକ୍ତିବିତ୍‌ମାନେ ଏ ସମ୍ପର୍କରେ ଗମ୍ଭୀରତା ପ୍ରକାଶ କରୁ ନ ଥିବାରୁ ଏଆଇ ବିପଦ ସମ୍ପର୍କରେ ଚିନ୍ତା କରିବା ଆମ ପାଇଁ ସହଜ ନୁହେଁ। ସୋସିଆଲ ମିଡିଆରେ ମିଥ୍ୟା ତଥ୍ୟ ପ୍ରଚାର କରିବାରେ ଏବଂ ସେନାରେ ଡ୍ରୋନ୍‌ର ବ୍ୟବହାର କ୍ଷେତ୍ରରେ ଏଆଇର ଭୂମିକା ଆମକୁ ସୂଚେଇ ଦେଇଛି ଯେ, ଭଲ ଅପେକ୍ଷା ଖରାପ ପରିଣାମ ଆସିବାର ଅଧିକ ଆଶଙ୍କା ରହିଛି।

ମନେରଖିବା ଦରକାର, ଆମେ ଆଉ ଏକ ସମ୍ଭାବ୍ୟ ମହାମାରୀ କିମ୍ବା କିଛି ହାତଗଣତି ଅତି ଧନୀ ବିଶେଷ ଏବଂ ଅନେକ କୋଟି ଗରିବଙ୍କ ପୃଥିବୀରେ ଆସିବାକୁ ଥିବା ଅରାଜକତା ଓ ଅଶାନ୍ତି ଉପରେ ଆଲୋଚନା କରିନାହୁଁ। ଏହି ପରିପ୍ରେକ୍ଷୀରେ ପ୍ରଳୟ ଘଡ଼ି ସଚେତନତା ସୃଷ୍ଟି କରିବାକୁ ଚାହେଁ ଏବଂ ଅସ୍ତିତ୍ୱର ବିପଦକୁ ହ୍ରାସ କରିବା ସକାଶେ ପଦକ୍ଷେପ ନେବାକୁ ପ୍ରେରିତ କରେ। କିନ୍ତୁ ମୋ ମତରେ ଏହି କାର୍ଯ୍ୟରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଭାରତ ସମେତ ସାରା ବିଶ୍ୱରେ ଖବରଗୁଡ଼ିକୁ ଯଦି ବିଚାରକୁ ନେବା ତେବେ ସିଦ୍ଧାନ୍ତରେ ପହଞ୍ଚିବା ଯେ, ଅନ୍ୟ ଘଟଣାଗୁଡ଼ିକ ମଣିଷସମାଜକୁ ଅଧିକ ସମସ୍ୟାରେ ପକାଉଛି। ସେଥିରୁ କିଛି ବିଷୟକୁ ଅତି ଗମ୍ଭୀର ପ୍ରସଙ୍ଗ ସହ ତୁଳନା କରାଗଲେ ସେସବୁ ଗୁରୁତ୍ୱହୀନ ହୋଇପାରେ। କିନ୍ତୁ ପୃଥିବୀ ବିନାଶ ଆଡ଼କୁ ମୁହାଁଉଥିବାବେଳେ ସେଗୁଡ଼ିକ ଅଧିକାଂଶ ମାନବସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆମକୁ ସ୍ୱୀକାର କରିବାକୁ ହେବ।

Email:aakar.patel@gmail.com

# ଗୁପ୍ତଚର ବୃତ୍ତି ଓ ବିଶ୍ୱାସଘାତକତା



ବୈକୁଣ୍ଠନାଥ ମିଶ୍ର

ପ୍ରାଚୀନ ରାଜତନ୍ତ୍ରରେ ରାଜା ଗୁପ୍ତଚର ମାଧ୍ୟମରେ ତଥ୍ୟ ସଂଗ୍ରହ କରି ରାଜ୍ୟର ବାସ୍ତବ ସ୍ଥିତି ସମ୍ବନ୍ଧରେ ଅବଗତ ହେଉଥିଲେ ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ବେଳେବେଳେ ରାଜା ନିଜେ ମଧ୍ୟ ଛଦ୍ମବେଶରେ ନଗର ଭ୍ରମଣ କରି ପ୍ରଜାଙ୍କ ସୁଖ ଦୁଃଖ ଜ୍ଞାତ ହେଉଥିଲେ। ଏପରି କି ଦୁର୍ନୀତିଗ୍ରସ୍ତ ରାଜକର୍ମଚାରୀଙ୍କ ସମ୍ବନ୍ଧରେ ଗୁପ୍ତତଥ୍ୟ ହାସଲ କରି ସମୁଚିତ ଶାସ୍ତି ବିଧାନ କରୁଥିଲେ। ରାମାୟଣର ବର୍ଣ୍ଣନା ଅନୁଯାୟୀ ଶ୍ରୀରାମ ଛଦ୍ମବେଶରେ ନଗର ଭ୍ରମଣ ଅବସରରେ ରଜକ ଦମ୍ପତିଙ୍କ କଳହ ତାଙ୍କ କର୍ଣ୍ଣଗୋଚର ହେଲା। ''ସୀତା ରାବଣ ଦ୍ୱାରା ଅପହୃତ ହୋଇ ଲଙ୍କାପୁରୀରେ ଏତେକାଳ ରହି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କଲା ପରେ ଯଦି ତାଙ୍କ ସତୀତ୍ୱ ଅକ୍ଷୁଣ୍ଣ ରହିଲା, ତେବେ ମୁଁ ସ୍ୱଳ୍ପକାଳ ପିତ୍ରାଳୟରେ ଅବସ୍ଥାନ କରି ଫେରିବା ପରେ କିପରି ସତୀତ୍ୱ ହରାଇଲି ?'' ଏହା ଥିଲା ରଜକୀର ପ୍ରଶ୍ନ। ନିର୍ଜନ ନିଶାର୍ଦ୍ଧରେ ଏକଥା ପ୍ରଭୁଙ୍କର ଶ୍ରୁତିଗୋଚର ହେବାକ୍ଷଣି ପରଦିନ ଅନୁଜ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ ସୀତାଙ୍କୁ ଘୋର ଅରଣ୍ୟରେ ନିର୍ବାସିତ କରିବା ପାଇଁ। ଏହାଥିଲା ଗୁପ୍ତଚର ଭାବେ ତଥ୍ୟ ସଂଗ୍ରହ କରି ପ୍ରଜାଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାର ରାଜଧର୍ମ ଓ ପ୍ରଜାମଙ୍ଗଳ ପାଇଁ ଯେକୌଣସି କଠୋର ନିଷ୍ପତ୍ତି ନେବାର ଦୃଷ୍ଟାନ୍ତ।

ଗୁପ୍ତଚର ସାଧାରଣତଃ ଦୁଇପ୍ରକାରର। ଶତ୍ରୁ ଦେଶର ଗୁପ୍ତ ତଥ୍ୟ ଆଣି ନିଜ ଦେଶରେ ଦେବା। ଏହା ଜନ୍ମଭୂମି ପ୍ରତି ଆନୁଗତ୍ୟ ଓ ଦେଶ ପ୍ରେମର ନିଦର୍ଶନ। ଅପରପକ୍ଷେ ନିଜ ଜନ୍ମଭୂମିର ସମ୍ବେଦନଶୀଳ ତଥ୍ୟକୁ ଗୁପ୍ତଭାବେ ଶତ୍ରୁରାଷ୍ଟ୍ର ହାତରେ ସମର୍ପି ଦେବା, ଯାହା ଦେଶଦ୍ରୋହର ନମୁନା। ସ୍ପଷ୍ଟ ଭାବେ କହିଲେ ଶତ୍ରୁରାଷ୍ଟ୍ରର ସମ୍ବେଦନଶୀଳ ତଥ୍ୟ ନିଜ ଦେଶକୁ ଯୋଗାଇଲେ ତାହା ହୁଏ ଦେଶପ୍ରେମ ଓ ନିଜ ଦେଶର ସମ୍ବେଦନଶୀଳ ତଥ୍ୟ ଶତ୍ରୁରାଷ୍ଟ୍ରକୁ ଯୋଗାଇଲେ ତାହା ହୁଏ ଦେଶଦ୍ରୋହ। ନିଜ ଦେଶର ଦେଶଦ୍ରୋହୀ ଶତ୍ରୁରାଷ୍ଟ୍ରରେ ସମ୍ମାନ ଲାଭକରେ। ଜଣେ ସଚ୍ଚା ଦେଶପ୍ରେମୀ ଶତ୍ରୁରାଷ୍ଟ୍ରର ଘୃଣ୍ୟ ନଜରରେ ରହେ। ସେହିପରି ଗୁପ୍ତଚର ହେଉଛି ସେହିବ୍ୟକ୍ତି ଯେ ଗୁପ୍ତରେ ନାନା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଗୋପନରେ ଶତ୍ରୁରାଷ୍ଟ୍ରକୁ ପ୍ରଦାନ କରେ। ବିଦେଶାଗତ ଗୁପ୍ତଚର ଅପେକ୍ଷା ସ୍ୱଦେଶୀ ଗୁପ୍ତଚର ମାରାତ୍ମକ। କାରଣ ସେମାନେ ଯେ ଗୁପ୍ତଚର ଏଭଳି ସଂଶୟ ସାଧାରଣତଃ କାହା ମନରେ ସହଜରେ ହୋଇ ନ ଥାଏ। ମାତ୍ର ସମୟାନ୍ତରେ ଯଦି କୌଣସି ସୂତ୍ରରୁ ସାମାନ୍ୟ ସନ୍ଦେହ ଜାତହୁଏ ଯେ ସମ୍ପୃକ୍ତ ବ୍ୟକ୍ତିର କାର୍ଯ୍ୟଶୈଳୀ ଦେଶ ବିରୋଧୀ, ସେହି ସମୟରୁ ହିଁ ତା' ଉପରେ ଗୋଇନ୍ଦା ନଜର ଥାଏ। ଉପଯୁକ୍ତ ପ୍ରମାଣପ୍ରାପ୍ତ ହେଲେ ତାକୁ ବନ୍ଦୀ କରାଯାଏ। ପୋଲିସ ତା'ଠାରୁ ଅନେକ ତଥ୍ୟ ହାସଲ କରିବାକୁ ଉଦ୍ୟମ କରନ୍ତି ଯେ ତା ସହ ଆଉ କିଏ ଅଛି, କେଉଁ ସଂଗଠନ ଅଧୀନରେ ସେ କାର୍ଯ୍ୟକରୁଛି, ତାକୁ କି କି ସୁବିଧା ମିଳୁଛି, କେତେ ଟଙ୍କା ସେ ଏଥିରୁ ରୋଜଗାର କରୁଛି ଇତ୍ୟାଦି। ତଥ୍ୟ ଆଦାୟ କଲା ପରେ ତାକୁ ହାଜତରେ ରଖାଯାଇ ବିଚାର ପ୍ରକ୍ରିୟା ଚାଲେ। ଦୋଷୀ ସାବ୍ୟସ୍ତ ହେଲେ ଆଇପିସି ଧାରା ୩୯୮ ଅନୁଯାୟୀ ଆଜୀବନ ଜେଲ କିମ୍ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇପାରେ।

ଏଠାରେ ପ୍ରଶ୍ନ ଉଠେ ଦେଶଦ୍ରୋହ ଏକ ଜଘନ୍ୟ ଅପରାଧ, ଏକଥା ଜାଣି ମଧ୍ୟ ଜଣେ ଗୁପ୍ତରେ ସ୍ୱଦେଶୀ ତଥ୍ୟ ବିଦେଶୀଙ୍କ ହାତରେ କାହିଁକି ଟେକିଦିଏ ? ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଚିହ୍ନିତ କରାଯାଇ ପାରେ। ପ୍ରଥମତଃ ଅଜସ୍ର ଅର୍ଥପ୍ରାପ୍ତି। ଦ୍ୱିତୀୟଟି ହେଉଛି ଯୌନଲାଳସାରେ ହନିଟ୍ରାପ୍‌ରେ ପତିତ ହେବା। ଜଣେ ନାରୀ ଶତ୍ରୁ ରାଷ୍ଟ୍ରର ସାମରିକ ଅଧିକାରୀଙ୍କୁ ଆକୃଷ୍ଟ କରେ। ସେହି ଅଧିକାରୀ ଜଣକ ମାଟି ମା'ର ମମତାକୁ ଭୁଲି ବିଦେଶୀ ଲଳନା ପ୍ରେମରେ ପଡି ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଦେଶୀ ହାତରେ ଟେକିଦିଏ। ଏପରି ଦେଶଦ୍ରୋହୀ ଗୁପ୍ତଚର ଘଟଣା ଭାରତ ପାଇଁ ନୂଆ ନୁହେଁ। ଡିଆରଡିଓର ବୈଜ୍ଞାନିକ ମହାରାଷ୍ଟ୍ର ଜନ୍ମିତ ପ୍ରଦୀପ କରୁଲକର ହନିଟ୍ରାପ୍‌ର ବଶୀଭୂତ ହୋଇ ଏହି ସଂସ୍ଥାର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଗୁପ୍ତଚରଙ୍କୁ ପ୍ରଦାନ କରି ଆସୁଥିଲେ। ୨୦୨୩ରେ ମହାରାଷ୍ଟ୍ର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଥିଲା। ହ୍ୱାଟ୍‌ସଆପ୍ ମେସେଜ ଓ ଭଏସ୍ କଲ ମାଧ୍ୟମରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ବହୁ ସମ୍ବେଦନଶୀଳ ତଥ୍ୟ ଦେଇସାରିଛନ୍ତି। ପାକିସ୍ତାନର ଜଣେ ସୁନ୍ଦରୀ ମହିଳାଙ୍କ ସହ ହ୍ୱାଟ୍‌ସଆପ୍ ଚାଟିଂ ମାଧ୍ୟମରେ ପ୍ରଦୀପଙ୍କର ବନ୍ଧୁତା ହୋଇଥିଲା। ଜନ୍ମମାଟି ପ୍ରତି ସମାନ ଭାବରେ ବିଶ୍ୱାସଘାତକତା



କରିଥିବା ଆଉଜଣେ ହେଲେ ଉତ୍ତରପ୍ରଦେଶର ସତ୍ୟେନ୍ଦ୍ର ସିୱାଲ, ଯାହାଙ୍କୁ ୟୁପିର ଏଟିଏସ୍ (ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍) ଗିରଫ କରିବାରେ ସଫଳ ହୋଇଛି। ସତ୍ୟେନ୍ଦ୍ର ମସ୍କୋ ଦୂତାବାସରେ କାର୍ଯ୍ୟରତ ଥାଇ ଭାରତ ପ୍ରତି କରିଥିଲେ ଚରମ ବିଶ୍ୱାସଘାତକତା।

ସେହିପରି ମାଧୁରୀ ଗୁପ୍ତା ନାମକ ଜଣେ ବୈଦେଶିକ ସେବା ଅଧିକାରୀ ଏକଦା ଭାରତର ବୈଦେଶିକ ସଚିବ ଥିଲେ ଓ ପରେ ୨୦୦୭ରେ ଇସଲାମାବାଦ୍‌ସ୍ଥିତ ଭାରତୀୟ ହାଇ କମିଶନରେ ପ୍ରେସ୍ ଓ ସୂଚନା ବିଭାଗ ଦାୟିତ୍ୱରେ ଥିଲେ। ସେତେବେଳେ ମାଧୁରୀଙ୍କ ବୟସ ଥିଲା ୫୨ବର୍ଷ। ଏ ପରିଣତ ବୟସରେ ମଧ୍ୟ ପାକିସ୍ତାନୀ ଆଇଏସ୍‌ଆଇ ତାଲିମପ୍ରାପ୍ତ ଏଜେଣ୍ଟ ଜାମସେଦ ସହ ବନ୍ଧୁତା ସ୍ଥାପନ କରି ଭାରତର ଗୁପ୍ତତଥ୍ୟ ପ୍ରଦାନରେ ଲିପ୍ତ ଥିଲେ। ୨୦୦୮ରେ ସେ ଗିରଫ ହେଲେ ଓ ବିଚାରାଳୟରେ ଦୋଷୀ ସାବ୍ୟସ୍ତ ହୋଇ ତିନିବର୍ଷ ଜେଲଦଣ୍ଡ ଭୋଗିଲେ। ୨୦୨୧ରେ ମାଧୁରୀଙ୍କର ମୃତ୍ୟୁ ଘଟିଲା।

ଏପ୍ରିଲ ୨୨ ପହଲଗାମ୍ ମୃତ୍ୟୁ ବିଭୀଷିକା ପରେ ପାକିସ୍ତାନ ସହ ଭାରତର ତିକ୍ତତା ବଢିଚାଲିଛି। ଏହି ପରିପ୍ରେକ୍ଷୀରେ ଗଭୀର ଗୋଇନ୍ଦା ଅନୁସନ୍ଧାନର ଫଳସ୍ୱରୂପ ଯେଉଁ ମହିଳା ଗୁପ୍ତଚରଙ୍କ ନାମ ପ୍ରକଟ ହୋଇଛି ସେ ହେଉଛନ୍ତି ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଓ ଆଉ ୧୨ଜଣ। ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ କିଛି ଗୁପ୍ତ ତଥ୍ୟ ପ୍ରଦାନ କରିଥିବାର ପ୍ରମାଣ ମିଳି ସାରିଛି। ଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସର ଜଣେ ବରିଷ୍ଠ ଅଧିକାରୀ ଦାନିଶ୍‌ଙ୍କ ମାଧ୍ୟମରେ ଭାରତର ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଦେଇ ସାରିଛନ୍ତି। ଆମେ ଓଡ଼ିଶାବାସୀ ବିଶେଷ ଭାବେ ଜ୍ୟୋତି ମାଲହୋତ୍ରାଙ୍କ କାର୍ଯ୍ୟକଳାପ ପ୍ରତି ଅଧିକ ଧ୍ୟାନ କେନ୍ଦ୍ରିତ କରୁଛୁ– ଜ୍ୟୋତି ସହ ହାତ ମିଳାଇଛନ୍ତି ପୁରୀର ଓଡ଼ିଆ ଝିଅ ପ୍ରିୟଙ୍କା ସେନାପତି। ୨୦୨୪ ସେପ୍ଟେମ୍ବରରେ ଜ୍ୟୋତି ପୁରୀ ଭ୍ରମଣରେ ଆସି ପ୍ରିୟଙ୍କାଙ୍କ ସହ ମିଳିତ ହୋଇ ଏକତ୍ର ଭ୍ରମଣ କରିଥିବା ଜଣାପଡ଼ିଛି।

ଇଂରେଜ ଶାସନ କାଳରେ ଯେଉଁ ଭାରତୀୟମାନେ ଭାରତ ବିରୋଧୀ ମନୋଭାବ ନେଇ କିଛି ଉତ୍କୋଚ ବିନିମୟରେ ଇଂରେଜମାନଙ୍କୁ ଗୁପ୍ତ ତଥ୍ୟ ପ୍ରଦାନ କରୁଥିଲେ ସେମାନଙ୍କୁ ଇଂରେଜ ସରକାର ନମକ ହାରାମ ଭତ୍ତା ପ୍ରଦାନର ବ୍ୟବସ୍ଥା କରୁଥିଲେ। ଏହା ଲଜ୍ଜାକର ହେଲେ ବି ସେତେବେଳେ ମଧ୍ୟ କିଛିଲୋକ ଭାରତ ପାଇଁ ବିଶ୍ୱାସଘାତ କରୁଥିବାର ପ୍ରମାଣ ରହିଛି। ଜନ୍ମମାଟି ମା' ସହ ବିଶ୍ୱାସଘାତକତା ତ ଦୂରର କଥା– ଜନ୍ମମାଟି ବିରୋଧରେ କୌଣସି ପ୍ରତିକୂଳ ମନ୍ତବ୍ୟକୁ ଜଣେ ସଚ୍ଚା ଭାରତୀୟ କେବେ ସହିପାରିବ ନାହିଁ। ତା' ହୃଦୟରେ ପ୍ରତିରୋଧ ଓ ପ୍ରତିଶୋଧର ଅନିର୍ବାପିତ ବହ୍ନି ଜଳିଉଠେ। ଏତେବଡ ଜଘନ୍ୟ ଅପରାଧ କେବଳ ଜଣେ ପାପୀ ପକ୍ଷରେ ହିଁ ସମ୍ଭବ ହୋଇପାରେ। ପାପୀ ପ୍ରତି ସମୁଚିତ ଦଣ୍ଡର ଆବଶ୍ୟକତାକୁ ଦୂରେଇ ଦିଆଯାଇ ନ ପାରେ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪ ୫୦୫୪୦

# ଦେଶ ଏକ, ଶିକ୍ଷା ଅନେକ



ରବିନାରାୟଣ ସାମଲ

ଆମ ଦେଶରେ ଶିକ୍ଷା ଏକ ଯୁଗ୍ମ ତାଲିକାଭୁକ୍ତ ବିଷୟ। ତେଣୁ ଏହା ଉଭୟ ରାଜ୍ୟ ଓ କେନ୍ଦ୍ରର ନିୟନ୍ତ୍ରଣାଧୀନ। କେନ୍ଦ୍ରରେ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ ଅଛି, ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ବି ରହିଛି। ଏହି ଉଭୟ ମନ୍ତ୍ରଣାଳୟ ଓ ନିର୍ଦ୍ଦେଶାଳୟ ପୂରା ଶିକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରନ୍ତି। ଏହା ସହ ଉପରୁ ତଳ ଯାଏ ଅନେକ ସଂସ୍ଥା, ସଂଗଠନ ଓ ବିଭାଗଗୁଡ଼ିକ ଶିକ୍ଷାଦାନ, ପାଠ୍ୟକ୍ରମ, ଶିକ୍ଷକ ତାଲିମ, ପରୀକ୍ଷା ପଦ୍ଧତି ଓ ଶିକ୍ଷାନୁଷ୍ଠାନକୁ ପରିଚାଳନା କରନ୍ତି। ଏଠାରେ କହିବା ବାହୁଲ୍ୟ ଯେ ଆମ ଦେଶରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ସହିତ ଯେତେ ଗୁଡ଼ିଏ ସଂସ୍ଥା ଓ ସଂଗଠନ ଜଡ଼ିତ ଅନ୍ୟ କୌଣସି ଦେଶରେ ପ୍ରାୟ ଦେଖିବାକୁ ମିଳେ ନାହିଁ।

ଏନ୍‌ସିଇଆର୍‌ଟି ଓ ଏସ୍‌ସିଇଆର୍‌ଟି ମୁଖ୍ୟତଃ ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତି, ଶୈକ୍ଷିକ ଗବେଷଣା, ଶିକ୍ଷକ ତାଲିମ ଆଦିର ପରିଚାଳନାକୁ ନିୟନ୍ତ୍ରଣ କରିଥାନ୍ତି। ପ୍ରଶାସନିକ କ୍ଷେତ୍ରରେ ଗଣଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ନିର୍ଦ୍ଦେଶାଳୟ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ସମ୍ବଳ କେନ୍ଦ୍ର ସଂଯୋଜକମାନେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି। ୧୯୯୬ରେ ପଞ୍ଜୀକୃତ ଓସେପା ଓ ଓପେପା ନାମରେ ଦୁଇଟି ବହିର୍ଦ୍ଦେଶୀୟ ଏନ୍‌ଜିଓ ବର୍ତ୍ତମାନ ରାଜ୍ୟର ଗଣଶିକ୍ଷା ଅଧୀନରେ କାର୍ଯ୍ୟରତ। ଛାତ୍ରୀଛାତ୍ର, ଶିକ୍ଷକ–ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ସମ୍ବନ୍ଧରେ ତଥ୍ୟାବଳୀ (ୟୁଡାଇସ୍) ଓସେପା ପ୍ରସ୍ତୁତ କରୁଥିବା ସ୍ଥଳେ ସମଗ୍ର ଶିକ୍ଷା, ଜାତୀୟ ପ୍ରାଥମିକ ଶିକ୍ଷାର କାର୍ଯ୍ୟକାରିତା ଓ ଗୁଣାତ୍ମକ ଶିକ୍ଷାକୁ ଓପେପା ତତ୍ତ୍ୱାବଧାନ କରୁଛି। ଜିଲା ସ୍ତରରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଲାଗି ଡିପିଇପି ମଧ୍ୟ ଗଠନ ହୋଇଛି।

ଦେଶରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେଲା ୨୦୦୧ରେ। ବିଦ୍ୟାଳୟ ଛାଡ଼ି ଯିଏ ଯେଉଁଠି ବୁଲୁଥିଲା ବିନା ମୂଳ ପ୍ରମାଣପତ୍ରରେ ତାକୁ ଆଣି ନାମ ଲେଖାଇ ଦିଆଗଲା। ପାସ୍–ଫେଲ୍ ଉଠାଇ ଦିଆଗଲା। ବର୍ଷକ ବାର ମାସ ଚାଲିଲା ଶିକ୍ଷୟିତ୍ରୀଶିକ୍ଷକଙ୍କ ଟ୍ରେନିଂ। ଫଳ ଯାହା ଫଳିଲା ସମସ୍ତଙ୍କୁ ଜଣା। ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ଶିକ୍ଷକ ତାଲିମ କାର୍ଯ୍ୟକ୍ରମକୁ ମିଶ୍ରଣ କରି ୨୦୧୮ରେ କେନ୍ଦ୍ର ସରକାର ଆରମ୍ଭ କଲେ ସମଗ୍ର ଶିକ୍ଷା ଅଭିଯାନ। ୨୦୩୦ ସୁଦ୍ଧା ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ତାରତମ୍ୟକୁ ଦୂର କରିବା ହେଉଛି ଏହାର ଲକ୍ଷ୍ୟ। ଇତି ମଧରେ ୬ ବର୍ଷ ବିତିଗଲାଣି, ଆଉ ୬ ବର୍ଷ ଅଛି। ଲକ୍ଷ୍ୟ ସ୍ଥଳରେ ଆମେ କେତେ ପହଞ୍ଚିପାରିଛନ୍ତି, ତାହା ବିଚାର୍ଯ୍ୟ।

ଦେଶରେ ଯେତେ ପ୍ରକାର ଶିକ୍ଷାନୁଷ୍ଠାନ ଚାଲିଛି ସେହି ତଥ୍ୟ କାହା ପାଖରେ ନାହିଁ। ପୂର୍ଣ୍ଣ ସରକାରୀ ବିଦ୍ୟାଳୟ ଛଡ଼ା ସରକାରୀ ଅନୁଦାନପ୍ରାପ୍ତ, ସରକାରୀ ସ୍ୱୀକୃତିପ୍ରାପ୍ତ ଏବଂ ଅଗଣିତ ବେସରକାରୀ ଅନୁଷ୍ଠାନ ଦେଶରେ ଅଛି। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ଆବାସିକ ବିଦ୍ୟାଳୟ, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ,



ସାଇ ଇଣ୍ଟରନ୍ୟାଶନାଲ୍, ସନ୍ଦିପନୀ ବିଦ୍ୟାଳୟ, ପିଏମ୍ ଶ୍ରୀ ବିଦ୍ୟାଳୟ, ଶ୍ରମିକ ସ୍କୁଲ, ସୈନିକ ସ୍କୁଲ, ଶିଶୁ ମନ୍ଦିର, ବିବେକାନନ୍ଦ, ରତପଲ୍ଲୀ, ମଦ୍ରାସା, କନ୍‌ଭେଣ୍ଟ୍, ସଂସ୍କୃତ ଟୋଲ୍ ଏମିତି ଅନେକ! ସର୍ବନିମ୍ନରେ ଅଛି ସର୍ବବ୍ୟାପୀ ଅଙ୍ଗନୱାଡି। ବୈଷୟିକ ଶିକ୍ଷାନୁଷ୍ଠାନ ହିସାବରେ ନାହିଁ। ପରୀକ୍ଷା ପରିଚାଳନା କରୁଛନ୍ତି ବିଏସ୍‌ଇ, ସିବିଏସ୍‌ଇ, ସିଏଚ୍‌ଏସ୍‌ଇ, ଆଇସିଏସ୍‌ଇ, ସିଆଇଏସ୍‌ଇ, ଏନ୍‌ଆଇଓଏସ୍ ଏମିତି ଆହୁରି ଅନେକ! ଗୋଟିଏ ଦେଶ, ବଜାର ଅଶେଷ! ଗ୍ରାହକ ଅସୀମ, ବିପଣୀ ଅପରିସୀମ!

ଦେଶରେ ୨୦୧୮–୧୯ରେ ଘରୋଇ ବିଦ୍ୟାଳୟ ସଂଖ୍ୟା ଥିଲା ୩,୨୫,୭୬୦। ୨୦୨୦–୨୧ରେ ତାହା ବୃଦ୍ଧି ପାଇ ହୋଇଛି ୩, ୪୦, ୭୫୩। ଅନ୍ୟ ପକ୍ଷରେ ଦେଶରେ ୨୦୧୮–୧୯ରେ ସରକାରୀ ବିଦ୍ୟାଳୟ ସଂଖ୍ୟା ଥିଲା ୧୦,୮୩,୬୭୮। ୨୦୨୦–୨୧ରେ ତାହା ହ୍ରାସ ପାଇ ହୋଇଛି ୧୦,୩୨,୦୪୯। ଦେଶର ଶତକଡ଼ା ୫୦ ଭାଗ ପିଲା ପଢ଼ନ୍ତି ଘରୋଇ ବିଦ୍ୟାଳୟରେ। ଏହା ହେଉଛି ସରକାରଙ୍କର ୟୁଡାଇସ୍ ରିପୋର୍ଟ। ଇତି ମଧ୍ୟରେ ରାଜ୍ୟ ସରକାର ଘରୋଇ ବିଦ୍ୟାଳୟ ଖୋଲିବାକୁ ଦରଖାସ୍ତ ଆହ୍ୱାନ କରିଛନ୍ତି। ଅପର ପକ୍ଷରେ ଛାତ୍ରସଂଖ୍ୟା କମ୍ ଦର୍ଶାଇ କେତେକ ବିଦ୍ୟାଳୟ ବନ୍ଦ କରିଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅଧିକନ୍ତୁ କେନ୍ଦ୍ର ସରକାର ୧୪ଟି ବିଦେଶୀ ବିଶ୍ୱବିଦ୍ୟାଳୟକୁ ଚଳିତ ବର୍ଷ କ୍ୟାମ୍ପସ୍ ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଆମ ଦେଶରେ ସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟା ୪୯୫ ଥିବା ସ୍ଥଳେ ବେସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟା୧,୦୪୩।

ଦେଶରେ ଶିକ୍ଷା କ୍ଷେତ୍ରରେ ଶହ ଶହ ସଂସ୍ଥା, ସଂଗଠନ ଓ ଶିକ୍ଷାନୁଷ୍ଠାନ। ତଳୁ ଉପର ଯାଏ ଲକ୍ଷ ଲକ୍ଷ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧିକାରୀ, ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ। କିନ୍ତୁ ଫଳ ? ଦଶମର ୭୦ ଭାଗ ପିଲା ନିଜ ନାମ ଠିକ୍ ଭାବରେ ଲେଖିପାରୁ ନାହାନ୍ତି। ପଞ୍ଚମ ଶ୍ରେଣୀର ପିଲା ତୃତୀୟ ଶ୍ରେଣୀ ବହି ପଢ଼ି ପାରନ୍ତି ନାହିଁ। ଅଷ୍ଟମ ଶ୍ରେଣୀରେ ପଢୁଥିବା ଶତକଡ଼ା ୬୯.୫ ପିଲାଙ୍କୁ ଫେଡ଼ାଣ ଆସେ ନାହିଁ, ଶତକଡ଼ା ୪୮.୮ ଭାଗ ପିଲାଙ୍କୁ ହରଣ ଆସେ ନାହିଁ। ଏ ହେଉଛି ଶିକ୍ଷା କ୍ଷେତ୍ରରେ କାମ କରୁଥିବା ବେସରକାରୀ ସଂଗଠନ 'ଅସର୍' ର ରିପୋର୍ଟ। ଆମ ରାଜ୍ୟରେ ଶତକଡ଼ା ୭.୩୪ ପିଲା ଉଚ୍ଚପ୍ରାଥମିକ ସ୍ତରରେ ଏବଂ ଶତକଡ଼ା ୨୭.୨୬ ପିଲା ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡ଼ି ଚାଲି ଯାଉଛନ୍ତି। ସେମାନଙ୍କୁ ଏବେ ଖୋଜା ଚାଲିଛି। ଶିକ୍ଷକମାନେ ଘର ଘର ବୁଲି ପିଲାଙ୍କ ତାଲିକା ପ୍ରସ୍ତୁତ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କେତେକ ରାଜ୍ୟର ବିରୋଧ ସତ୍ତ୍ୱେ ଆମ ସରକାର ଜାତୀୟ ଶିକ୍ଷାନୀତି–୨୦୨୦କୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ମାତ୍ର ଏହା ଦ୍ୱାରା ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାଟି ଯେ ଅବ୍ୟବସ୍ଥିତ ହୋଇପଡ଼ିବ, ଏଥିରେ ଦ୍ୱିଧା ନାହିଁ। ସରକାର ରାଜନୈତିକ ଉଦ୍ଦେଶ୍ୟ ନ ରଖି ନିଜ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। ଯାହା ଛାତ୍ରୀଛାତ୍ର ତଥା ସମାଜ ଓ ଦେଶର ହିତରେ ପ୍ରଯୁଜ୍ୟ ତାହା ହିଁ କରନ୍ତୁ।

ଏପରି ସ୍ଥଳେ ନେଲସନ୍ ମଣ୍ଡେଲାଙ୍କ ଉକ୍ତି ବେଶ୍ ପ୍ରଣିଧାନ ଯୋଗ୍ୟ। 'ସାରା ବିଶ୍ୱକୁ ବଦଳାଇବା ପାଇଁ ଏକମାତ୍ର ହତିଆର ହେଉଛି ଶିକ୍ଷା। ଯଦି ଦେଶବାସୀଙ୍କୁ ମୂର୍ଖ କରିବାକୁ ହୁଏ, ତା'ର ଏକ ମାତ୍ର ଉପାୟ ଧର୍ମ।' ନୂତନ ଜାତୀୟ ଶିକ୍ଷା ନୀତିରେ ଏହା ପ୍ରଚ୍ଛନ୍ନ ଭାବେ ଅପ୍ରଚ୍ଛନ୍ନ। ସରକାର ଏଥି ପ୍ରତି ସତର୍କ ରହନ୍ତୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମହାରାଷ୍ଟ୍ର ସଙ୍ଗଲି ଜିଲା ଅର୍ଣ୍ଡାଲା ଗାଁର ବାସିନ୍ଦା କାକାସାହେବ ସାୱନ୍ତ। ସେ ଜଣେ ଅଟୋ ମେକାନିକ । କିନ୍ତୁ ସେହି କାମ ଛାଡ଼ି ସେ ଏବେ ଆମ୍ବ ଚାଷ କରି ବର୍ଷକୁ ୫୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ୧୦ ଏକର ଜମିରେ ମୁଖ୍ୟତଃ କେସର ଆମ୍ବ ଚାଷ କରୁଛନ୍ତି। କୃଷି କ୍ଷେତ୍ରରେ କୌଣସି ଶିକ୍ଷା ପାଇ ନ ଥିଲେ ବି ଗୋଟିଏ ଗଛରେ କଲମି ପଦ୍ଧତିରେ ୨୨ ପ୍ରକାର ଆମ୍ବ ଫଳାଇ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଆଗକୁ ଗୋଟିଏ ଗଛରେ ୧୦୦ ପ୍ରକାର ଆମ୍ବ ଫଳାଇବାକୁ ଯୋଜନା କରିଛନ୍ତି। କାକାସାହେବଙ୍କ ଅନ୍ୟ ଦୁଇ ଭାଇ ପ୍ରାଥମିକ ସ୍କୁଲ ଶିକ୍ଷକ ଅଛନ୍ତି ଓ ସେମାନେ ମଧ ଏହି କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। କାକାସାହେବ ଆଟିଆଇରୁ ଅଟୋ ମେକାନିକରେ ଶିକ୍ଷା ଶେଷ କରିବା ପରେ ଚାକିରି କରିଥିଲେ। କିନ୍ତୁ ତାହାକୁ ଛାଡ଼ି ୨୦୧୦ରେ ସେ ଆମ୍ବ ଚାଷ ଆରମ୍ଭ କରିଥିଲେ। ଏବେ ପ୍ରତିବର୍ଷ ଏଥିରୁ ୨୦ ଟନ୍ ଆମ୍ବ ଉତ୍ପାଦନ କରୁଛନ୍ତି। ସଙ୍ଗଲି ଭଳି ଶୁଷ୍କ ଅଞ୍ଚଳରେ ଆମ୍ବ କରି ସଫଳ ହେବା ପରେ ସେ ଅନ୍ୟ କୃଷକଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ତାଙ୍କ ଫାର୍ମରେ ସେ ୨୦ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏତିକି ନୁହେଁ ସେ ଏକ ଆମ୍ବ ନର୍ସରି କରି ଚାରା ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୭୬

- ମାଲୟେସିଆର ଅନ୍ୟତମ ରାଜ୍ୟ ସାବାର ରାଜଧାନୀ କୋଟାକିନାବାଲୁ ନିକଟରେ ଏକ ବିମାନ ଦୁର୍ଘଟଣା ଘଟିବା ଫଳରେ ସାବାର ମୁଖ୍ୟମନ୍ତ୍ରୀ ଟୁନ ମହମ୍ମଦ ଫୁଆଦ ଷ୍ଟିଫେନ୍‌ସଙ୍କ ସମେତ ୧୬ ଜଣଙ୍କ ପ୍ରାଣହାନୀ।
- ମିଶର ଓ ଚୀନ ମଧ୍ୟରେ ୯ କୋଟି ପାଉଣ୍ଡର ଏକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ–ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ–ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅୟୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ!

(ପୁରୀ–ମନ୍ଦିର)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | | | 2 |
| 3 | | | 7 | | | | | 1 |
| | | | | 1 | | | 6 | |
| | | 9 | | | 5 | 4 | | 8 |
| 6 | 7 | | 1 | | | 3 | | |
| 4 | | | | | 9 | | | |
| 9 | 3 | | | | | | | |
| | | | | 3 | | 1 | | |
| | | 4 | | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 1 | 3 | 2 | 8 | 5 | 4 | 9 |
| 4 | 3 | 8 | 6 | 5 | 9 | 7 | 1 | 2 |
| 9 | 2 | 5 | 7 | 1 | 4 | 3 | 8 | 6 |
| 5 | 9 | 6 | 2 | 4 | 7 | 8 | 3 | 1 |
| 7 | 8 | 3 | 9 | 6 | 1 | 2 | 5 | 4 |
| 1 | 4 | 2 | 5 | 8 | 3 | 9 | 6 | 7 |
| 2 | 6 | 7 | 1 | 3 | 5 | 4 | 9 | 8 |
| 8 | 5 | 9 | 4 | 7 | 6 | 1 | 2 | 3 |
| 3 | 1 | 4 | 8 | 9 | 2 | 6 | 7 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସନ୍ତୁଳିତ ଖାଦ୍ୟ ଖାଆନ୍ତୁ

ମହାଶୟ,
ସନ୍ତୁଳିତ ଖାଦ୍ୟ ଶରୀରର ପୁଷ୍ଟି ବର୍ଦ୍ଧନ କରିଥାଏ। ତେଣୁ ଶରୀରକୁ ସୁସ୍ଥ ରଖିବାରେ ଏଭଳି ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ଆବଶ୍ୟକତାକୁ ଦେଖିଲେ ଜଣାପଡୁଛି ବର୍ତ୍ତମାନ ଅନେକଙ୍କର ଜୀବନଶୈଳୀ ବଦଳି ଯାଇଛି। ପ୍ରତିଦିନ ଅନେକ ପ୍ରକାର ଖାଦ୍ୟ ଖାଇଥାଉ, ଯାହା ପାଟିକୁ ସ୍ୱାଦକର ଲାଗୁଥିଲେ ବି ଦେହ ପାଇଁ କ୍ଷତିକାରକ। ଆଜିକାଲି ଲୋକପ୍ରିୟ ପାଲଟିଥିବା ଫାଷ୍ଟଫୁଡ୍ କିମ୍ବା ଜଙ୍କ୍ ଫୁଡ୍ ଶରୀର ପାଇଁ ଘାତକ ପ୍ରମାଣିତ ହେଉଛି। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଶେଷ ଭାବରେ ଅନେକ ପ୍ରକାର ଶାରୀରିକ ସମସ୍ୟାର ଶିକାର ହୋଇଥାନ୍ତି। ତେବେ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହିତ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟଗୁଡ଼ିକ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିଥାଏ। ଏଣୁ ନୀରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଦରକାର।

–ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ହତ୍ୟା ପରେ ଯୁବକଙ୍କୁ ପୋତିଦେଲେ

## ଇଟାରେ ଛେଚି ମାରିଥିବା ସନ୍ଦେହ

ବରଗଡ଼,୭ା୬(ପ୍ରେମାନନ୍ଦ ଖମାରୀ)


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ବରଗଡ଼ ପଞ୍ଚାୟତ କଲେଜ ନିକଟ ପଣ୍ଡରୀପଥର ଲେକ୍‌ଚର କଲୋନି ପାଖରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ମାଟିରେ ଅଧା ପୋତିଦେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ହେଲେ ସ୍ଥାନୀୟ ଲେକ୍‌ଚର କଲୋନିର ଦେବରାଜ ପାଣିଗ୍ରାହୀ (୪୫)। ପୋଲିସ ମୃତଦେହ ଜବତ କରି ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ଭଉଣୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଏତଲାକ୍ରମେ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ୍ ଏ ନେଇ ଏକ ହତ୍ୟା ମାମଲା (ନଂ.୧୦୫/୨୫) ରୁଜୁ କରିଛି। ତେବେ ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଅଭିଯୁକ୍ତମାନେ ମଧ୍ୟ ଧରାପଡ଼ି ନାହାନ୍ତି। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଚାଲିଛି ଏବଂ ଅତିଶୀଘ୍ର ଏହାର ପର୍ଦ୍ଦାଫାଶ ହେବ ବୋଲି ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଦେବରାଜ ଅବିବାହିତ ଏବଂ ଜଣେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ଦେବରାଜଙ୍କ ମା’ ବାପା, ବଡଭାଇ ଓ ବଡ ଭଉଣୀଙ୍କ ଦେହାନ୍ତ ହୋଇସାରିଥିବାବେଳେ ସାନ ଭଉଣୀ ସଂଯୁକ୍ତା କଳାହାଣ୍ଡି ଜିଲାରେ ବିବାହ କରିଥିଲେ। ଫଳରେ ଦେବରାଜ ଘରେ ଏକାକୀ ରହୁଥିଲେ। ଶନିବାର ସକାଳେ ଦେବରାଜଙ୍କ ମୃତଦେହ ତାଙ୍କ ଘରଠାରୁ ଅନତିଦୂରରେ ଥିବା ଏକ ଜମିରେ ଅଧାପୋତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପୋଲିସ ଏବଂ ମୃତକଙ୍କ ଭଉଣୀଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ବରଗଡ ଏସ୍‌ଡିପିଓ ତ୍ରିପାଠୀ, ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡାନକେଲ ଏବଂ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଉଲଗ୍ନ ଅବସ୍ଥାରେ ଥିବାବେଳେ ତାଙ୍କ ଜୋତା ଘଟଣାସ୍ଥଳରୁ ଅଳ୍ପଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ତେବେ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ନିଶାପାନ ଜନିତ ଆକସ୍ମିକ କ୍ରୋଧରୁ ଦେବରାଜଙ୍କୁ ହତ୍ୟା କରାଯାଇଥିବା ଏବଂ ଏଥିରେ ଏକାଧିକ ଅଭିଯୁକ୍ତ ସମ୍ପୃକ୍ତ ରହିଥିବା ପୋଲିସ ଅନୁମାନ କରୁଛି। ସେହିପରି ଘଟଣାସ୍ଥଳରେ ଇଟା ପଡିଥିବା ଯୋଗୁ ଇଟାରେ ଛେଚି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଛି। ପୋଲିସ ଘଟଣାସ୍ଥଳରେ ପଡିଥିବା ଇଟାକୁ ମଧ୍ୟ ଜବତ କରିଛି।

# ହାବିଲଦାରଙ୍କ ସମେତ ୪ କନଷ୍ଟେବଲ ନିଲମ୍ବିତ

## ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡ୍ୟୁଟି ବେଳେ ଭୋଜିଭାତ ଘଟଣା

ବାଲେଶ୍ୱର,୭ା୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡ୍ୟୁଟି ସମୟରେ ବିଳମ୍ବିତ ରାତିରେ ଭୋଜିଭାତ ସହ ନାଚଗୀତରେ ମସ୍‌ଗୁଲ ରହିବା ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। କାର୍ଯ୍ୟ ସମ୍ପାଦନରେ ଅବହେଳା ଦର୍ଶାଇ ଜଣେ ହାବିଲଦାର ଏବଂ ୪ ଜଣ କନଷ୍ଟେବଲଙ୍କ ଏସ୍‌ପି ରାଜପ୍ରସାଦ ନିଲମ୍ବନ କରିଛନ୍ତି। ନିଲମ୍ବିତ ପୋଲିସ କର୍ମଚାରୀମାନେ ହେଲେ ହାବିଲ୍‌ଦାର ହେମନ୍ତ ବାରିକ, କନଷ୍ଟେବଲ ସିଦ୍ଧେଶ୍ୱର ଗୋଚ୍ଛାୟତ, ଦେବ ମାଝି, ସୁଧାଂଶୁ ଜେନା ଓ ରାମଚନ୍ଦ୍ର ତପସ୍ୱୀ।

ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରବିବାର ଜିଲାପାଳ ନ ଥିବାବେଳେ ତାଙ୍କ ଆବାସିକ କାର୍ଯ୍ୟାଳୟ ପରିସର ପୋଲିସ ଗାର୍ଡ୍‌ରୁମ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ଭୋଜିଭାତ ଆୟୋଜନ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜିଭାତ ଚାଲିଥିଲା। ଭୋଜିରେ ମାଂସ ସହିତ ବିଦେଶୀ ପାନୀୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହାର ଭିଡିଓ ପ୍ରଘଟ ହେବା ପରେ ଏସ୍‌ପି ରାଜ ପ୍ରସାଦ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଏଭଳି ପଦକ୍ଷେପ ନେଇଛନ୍ତି।

# ଆନ୍ଧ୍ରପ୍ରଦେଶରୁ ୪ ଅଭିଯୁକ୍ତ ଗିରଫ

## ୨ ନାବାଳିକା ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର ମାମଲା

ବ୍ରହ୍ମପୁର,୭ା୬(ସୁବାସ ଚନ୍ଦ୍ର ପାଢ଼ୀ)


ଆନ୍ଧ୍ରରୁ ଗିରଫ ୪ ଅଭିଯୁକ୍ତ।

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା (ଉଭୟେ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଥମେ ଅପହରଣ ପରେ ଗଣବଳାତ୍କାର କରିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର କେ. ଶିବା (୨୧), କେ. ସାଇ (୨୧), ଜି.ଗରେୟା (୨୧) ଓ ଏନ୍. ଶ୍ରୀନୁ (୨୨)। ଏହିଗଣ ବଳାତ୍କାର ଘଟଣାର ମାଷ୍ଟରମାଇଣ୍ଡ କେ. ସାଇ ହୋଇଥିବା ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. କହିଛନ୍ତି। ଅପରପକ୍ଷରେ କୋର୍ଟ ଚାଲାଣ ପୂର୍ବରୁ ପୀଡ଼ିତା ଓ ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ପୋଲିସ ପୀଡ଼ିତାଙ୍କୁ ସିଡବ୍ଲୁସି ନିକଟରେ ହାଜର କରିଥିଲା। ପରେ ଉଭୟ ନାବାଳିକାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ଗୋଷାଣିନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା କିଛିଦିନ ତଳେ ତାଙ୍କ ବାପଘର ଗାଁରେ ହେଉଥିବା ଏକ କାର୍ଯ୍ୟକ୍ରମକୁ ଆସିଥିଲେ। ତାଙ୍କ ସହ ୧୪ ବର୍ଷର ଝିଅ ମଧ୍ୟ ଆସିଥିଲେ। ଉକ୍ତ ଗ୍ରାମର ଗାଁମୁଖିଆଙ୍କ ପୁଅ କେ.ସାଇ ଫୋନ୍ ନମ୍ବର ସଂଗ୍ରହକରି ସମ୍ପୃକ୍ତା ନାବାଳିକା(୧୪)ଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଗତ ୩ ତାରିଖ ଅପରାହ୍ନରେ ଅଭିଯୁକ୍ତ ସାଇ ନାବାଳିକାଙ୍କୁ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ପ୍ରଥମେ ତାଙ୍କୁ ବଳାତ୍କାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ୩ଜଣ ସାଙ୍ଗଙ୍କୁ ସେଠାକୁ ଡାକିଥିଲେ। ସେମାନେ ମଧ୍ୟ ସେଠାରେ ପହଞ୍ଚି ଜଣକ ପରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭଉଣୀ ଘରକୁ ନ ଫେରିବାରୁ ତାଙ୍କୁ ଖୋଜିବା ପାଇଁ ତାଙ୍କର ମାଉସୀ ଝିଅ ଭଉଣୀ(୧୩) ବର୍ଷ ଘରୁ ବାହାରିଥିଲେ। ସେ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ମଧ୍ୟ ବଳାତ୍କାର କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ୨ଭଉଣୀ ନିକଟରେ ଥିବା ଏକ ଘରର ଛାତରେ ରହିଯାଇଥିଲେ। ୪ ତାରିଖ ସକାଳେ ଉକ୍ତ ଯୁବକମାନେ ନାବାଳିକା ଦ୍ୱୟଙ୍କୁ ତାଙ୍କ ଗାଁରେ ଛାଡ଼ିଦେବେ ବୋଲି କହି ଛତ୍ରପୁର ନିକଟରେ ପୁଣି ଥରେ ଗଣ ବଳାତ୍କାର କରିଥିଲେ। ପରେ ସେମାନଙ୍କୁ ନେଇ ଗଞ୍ଜାମ ନିକଟରେ ଛାଡ଼ି ଚାଲିଯାଇଥିଲେ। ଝିଅ ଏବଂ ଝିଆରୀଙ୍କୁ ନ ପାଇ ମହିଳାଜଣକ ଚିନ୍ତିତ ଥିବାବେଳେ ଝିଅମାନେ ଗଞ୍ଜାମରେ ଥିବା ଜଣାପଡ଼ିଥିଲା। ପରେ ୧୪ବର୍ଷୀୟା ନାବାଳିକାଙ୍କ ମା’ ସେଠାରେ ପହଞ୍ଚି ଝିଅମାନଙ୍କଠାରୁ ଘଟଣା ସମ୍ପର୍କରେ ଶୁଣି ବାପଘର ଗାଁକୁ ଆସି ତାଙ୍କ ଭାଇଙ୍କୁ ସବୁକଥା କହିଥିଲେ। ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୨୪୦/୨୫) ରୁଜୁ କରିଥିଲା।



**ଟ୍ରେନ୍‌ରେ ଖସିପଡ଼ିଲେ ପର୍ଯ୍ୟଟକ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ଆଗକୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରା ଥିବାବେଳେ ମହାପ୍ରଭୁଙ୍କ ଯାତ୍ରାରେ ସାମିଲ ହେବା ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତ ଛୁଟି ଆସିବେ। ଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଶନିବାର ରାତିରେ ବେଳାଭୂମିରେ ଦେଖିବାକୁ ମିଳିଛି। କଟକର ପ୍ରଶାନ୍ତ ଆଚାର୍ଯ୍ୟ ତାଙ୍କ ପରିବାର ସହ ପୁରୀ ଆସିଥିଲେ। ସନ୍ଧ୍ୟାରେ ସମୁଦ୍ରକୂଳ ଯାଇଥିବା ବେଳେ ସେଠାରେ ତାଙ୍କ ମା' ସ୍ଲାବ ଭାବି ଡ୍ରେନରେ ଗୋଡ଼ ପକାଇ ଦେଇଥିଲେ। ଫଳରେ ସେ ଡ୍ରେନ ଭିତରକୁ ଖସି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୬।୨୦୨୫

| | |
|---|---|
| ୧୧,୩୦,୫୪୧ ଟଙ୍କା | |
| ସୁନା | ୪.୮୫୦ ଗ୍ରାମ୍ |
| ରୁପା | ୬୪.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ, ମହାପ୍ରଭୁଙ୍କ ଗୁଆଲି ଯାତ୍ରା

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଚମ୍ପକ ଦ୍ୱାଦଶୀ ଅବସରରେ ନବ ବିବାହିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା ବା ଗୁଆଲି ଯାତ୍ରା ସମ୍ପନ୍ନ ହୋଇଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଭୋଗ ନୀତି ବଢ଼ିବା ପରେ ଭିତରେ ମହାପ୍ରଭୁଙ୍କ ଆଲଟଲାଗି ହୋଇଥିଲା। ତା' ପରେ ତିନିବାଡ଼ରେ ମହାସ୍ନାନ ନୀତି ବଢ଼ି ନୂଆ ଲୁଗା ଲାଗି ହୋଇଥିଲା। ଘଟୁଆରୀ ଘରଠାରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି ନୀତି କରିଥିଲେ। ପରେ ବେଶବଢ଼ି ମଧ୍ୟାହ୍ନଧୂପ ହୋଇଥିଲା। ଧୂପ ସରି ପାଣିପଡ଼ିବା ପରେ ନବବିବାହିତ ବରକନ୍ୟା ଲକ୍ଷ୍ମୀ ବା ରୁକ୍ମିଣୀ ଓ ମଦନମୋହନ ଭିତରକୁ ବିଜେ ହୋଇଥିଲେ। ଭିତରେ ବନ୍ଦାପନା ହେବା ପରେ ବରକନ୍ୟା ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇ ସିଂହଦ୍ୱାର ଦେଇ ରାଜନହରକୁ ବିଜେ କରିଥିଲେ। ଗଜପତି ମହାରାଜ ଶ୍ରୀନହର ଦ୍ୱାର ନିକଟରୁ ନବବିବାହିତ ଦେବ ଦମ୍ପତିଙ୍କୁ ରାଜନହର ଭିତରକୁ ପାଛୋଟି ନେଇଥିଲେ। ପରେ ରାଜନହର ଅଗଣାରେ ପଡ଼ିଥିବା ସୁସଜ୍ଜିତ ଖଟରେ ବରକନ୍ୟାଙ୍କୁ ବିଜେ କରାଯାଇଥିଲା। ପଞ୍ଚ ଉପଚାର ବିଧିରେ ନାନାପ୍ରକାର ପିଠା ମଣୋହି ହୋଇଥିଲା। ପ୍ରସାଦଲାଗି ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନହର ଭିତର ଶୋଧ କରାଯାଇ ଶ୍ରୀନହର ସିଂହଦ୍ୱାରକୁ ବନ୍ଦ କରାଯାଇ ରାଜ ପରିବାରଙ୍କ ପକ୍ଷରୁ ବନ୍ଦାପନା ଏବଂ ଭେଟି ଦେବା ନୀତି କରାଯାଇଥିଲା। ନୀତି ସରିବା ପରେ ବରକନ୍ୟା ପାଲିଙ୍କିରେ ବିଜେ ହୋଇ ଯମେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରେ ପଞ୍ଚୁଗ୍ରାସୀ ଭୋଗ ଓ ବନ୍ଦାପନା ହୋଇଥିଲା। ଏହାପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଫେରିଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହୋଇଥାଏ। ଠାକୁର ଠାକୁରାଣୀ ବାହୁଡ଼ାବିଜେ ପରେ ଭିତରେ ମହାପ୍ରଭୁଙ୍କ ଆଲଟଲାଗି ଓ ଚନ୍ଦନଲାଗି ହୋଇଥିଲା। ବଡ଼ସିଂହାର ଭୋଗ ପରେ ଭିତରକୁ ଠାକୁର ଠାକୁରାଣୀ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସୂଚନାଥାଉକି, ପୂର୍ବରୁ ଥିବା ପ୍ରାପ୍ୟକୁ ନେଇ ଯମେଶ୍ୱର ମନ୍ଦିରର ସେବାୟତ ଅସନ୍ତୋଷ ପ୍ରକାଶ କରିବା ସହ ନୀତି ନ କରିବା ପାଇଁ ଜିଦ୍ ଧରିଥିଲେ। ପରେ ଶ୍ରୀମନ୍ଦିର ପ୍ରଶାସନର ଏକ ପ୍ରତିନିଧି ଦଳ ଯାଇ ବୁଝାଶୁଝା କରିବା ପରେ ନୀତି ସ୍ୱାଭାବିକ ହୋଇଥିଲା। ପରେ ଠାକୁର ଗୁଆଲି ନୀତି ନିମନ୍ତେ ଶ୍ରୀମନ୍ଦିରରୁ ବାହାରି ଶ୍ରୀନହର ସହ ଯମେଶ୍ୱର ମନ୍ଦିରକୁ ବିଜେ କରିଥିଲେ।



ଗୁଆଲି ଯାତ୍ରାରେ ବାହାରିଥିବା ଲକ୍ଷ୍ମୀ ନାରାୟଣଙ୍କୁ ଗଜପତି ମହାରାଜା ଶ୍ରୀନହରକୁ ପାଛୋଟି ନେଉଛନ୍ତି।

## ରଥଖଳାରୁ...

## ୩ ରଥର ଉଠିଲା ଚାରି ନାହାକ



ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୩୮ତମ ଦିବସ ଶନିବାର ଅନୁକୂଳ ପୂଜା ସହ ୩ ରଥର ଚାରି ନାହାକା ଉଠିଛି। ପୂର୍ବାହ୍ନରେ ମୁଖ୍ୟ ମହାରଣାମାନେ ନଡ଼ିଆ ବାଡ଼େଇ ଅନୁକୂଳ ପୂଜାପୂର୍ବକ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକଙ୍କ ଦ୍ୱାରା ଚାରି ନାହାକାକୁ ଗରଗରା ବିନ୍ଧରେ ସଂଯୋଗ କରିଥିଲେ। ପରମ୍ପରା ଅନୁସାରେ, ଦେବସ୍ନାନ ପୂର୍ଣ୍ଣିମାରେ ୩ ରଥର ଚାରି ନାହାକା ଉଠିଥାଏ। ତେବେ କିଛି ବର୍ଷ ହେବ ଶୀଘ୍ର କାର୍ଯ୍ୟ ହେଉଥିବାରୁ ନିର୍ଦ୍ଧାରିତ ଦିନ ପୂର୍ବରୁ ଚାରି ନାହାକା ଉଠାଯାଉଛି। ତିନିରଥର ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ପାର୍ଶ୍ୱ ଦଣ୍ଡାଗୁଡ଼ିକରେ ୩ଟି ଲେଖାଏ ଜଳଯନ୍ତ୍ର ଏବଂ ଦୁଇଟି ଲେଖାଏ କୋଣ ଗୁଜ ଖଞ୍ଜି ତା'ଉପରେ ନିରାଡ଼ି ସଂଯୋଗ ଶେଷ କରିଛନ୍ତି। ଏଥିସହ ଶନିବାର ୩ ରଥର ଦୁଇଟି ଲେଖାଏ ପାର୍ଶ୍ୱ ଗୟଳମୋଡ଼ା ଶେଷ ହୋଇଛି। ଏଥିସହ ଗୋଟିଏ ଲେଖାଏ ଛନ୍ଦା ଗୟଳମୋଡ଼ା ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର ନାଟ ଗୋଡ଼ରେ ରାହୁ ରୂପ ବା ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର କଣ୍ଟା ସହ ପୋଟଳ ବତା କଣ୍ଟା ଏବଂ ଚାନ୍ଦା ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

କୋଣାର୍କ,୭।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଅବଦାନ ଗ୍ରାମପଞ୍ଚାୟତ ନଡ଼ିଆମଠ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବାଉରୀବନ୍ଧୁ ସ୍ୱାଇଁଙ୍କ ପୁତୁରା ବୋହୂ ନିରୁପମା ସ୍ୱାଇଁ (୪୫)। ପୁରୀ ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଏନେଇ କୋଣାର୍କ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ଖବରରୁ ପ୍ରକାଶ ଯେ, ଗତ ଶୁକ୍ରବାର ଅପରାହ୍ନରେ ନିରୁପମା ଘର ଅଗଣାରେ କାମ କରୁଥିବାବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ସଦସ୍ୟ ଓ ଗ୍ରାମବାସୀ ତାଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ପରେ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ବାଉରୀବନ୍ଧୁ ଥାନାରେ ଏକ ଅଭିଯୋଗ କରିଛନ୍ତି।

### ବଉଳାଙ୍ଗରେ ବହୁ ନଳକୂପ ଅଚଳ

ନୟାହାଟ,୭।୬(ରଶ୍ମିରଞ୍ଜନ ସାହୁ)

ଖରାଦିନରେ ପିଇବା ପାଣି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବସୁଧା ଯୋଜନା ଓ ନଳକୂପ ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବା ନେଇ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ନୟାହାଟ ଫାଣ୍ଡି ଅଧୀନ ବଉଳାଙ୍ଗ ପଞ୍ଚାୟତରେ ବହୁ ନଳକୂପ ମାସ ମାସ ଧରି ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବରିମୁଣ୍ଡ, ବିଲବାରି, ପୋଦନା, କଳାବୁଦା, ପାଞ୍ଚେଣା, କୋରୁଆଳ ପ୍ରମୁଖ ଗ୍ରାମଗୁଡ଼ିକରେ ନଳକୂପ ବସାଯାଇଛି। ହେଲେ ମଧ୍ୟ ସେଥିରୁ ଆବଶ୍ୟକ ପରିମାଣରେ ପାଣି ବାହାରୁ ନ ଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖ, ମାଇ ଧାନଚାଷ କରିବା ପାଇଁ ଚାଷୀ ୨୦୦ରୁ ୩୦୦ ଫୁଟ ବୋରିଂ ବସାଇବା ଫଳରେ ଜଳସ୍ତର କମୁଛି। ସରକାର ବସାଉଥିବା ନଳକୂପ ୭୦ରୁ ୮୦ ଫୁଟ ଗଭୀର ହୋଇଥିବାରୁ ସେଥିରୁ ପାଣି ବାହାରିବାରେ ସମସ୍ୟା ଦେଖାଯାଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

## ନୀତି ପ୍ରଶାସକଙ୍କ ସହାୟତାରେ ଦର୍ଶନକଲେ ବରିଷ୍ଠ, ଦିବ୍ୟାଙ୍ଗ ଭକ୍ତ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ପୁରୀକୁ ଛୁଟି ଆସିଥାନ୍ତି। ଭକ୍ତମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଥାଆନ୍ତି। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସେପରି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ସେମାନେ ଦର୍ଶନ ନ କରି ଫେରିଥାନ୍ତି। ଏଭଳି ଏକ ଘଟଣା ଶନିବାର ଶ୍ରୀମନ୍ଦିର ନିକଟରେ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ନିମାପଡ଼ାର ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ସେନାପତି, ସ୍ତ୍ରୀ ଓ ତାଙ୍କ ଦୃଷ୍ଟିଶକ୍ତିବାଧିତ ପୁଅଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଥିବା ସ୍ୱତନ୍ତ୍ର ରାସ୍ତାରେ ସେମାନେ ସକାଳ ୯ଟା ୩୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଠିଆ ହୋଇଥିଲେ ମଧ୍ୟ ତାଙ୍କୁ ପୋଲିସ କର୍ମଚାରୀ ଦର୍ଶନ କରିବା ପାଇଁ ଛାଡ଼ି ନ ଥିଲେ। ଅପରପକ୍ଷରେ କେତେଜଣ ସେବାୟତ ସେମାନଙ୍କ ଯାତ୍ରୀଙ୍କୁ ଉକ୍ତ ରାସ୍ତାଦେଇ ଦର୍ଶନ ପାଇଁ ନେଉଥିଲେ ମଧ୍ୟ ସେନାପତିଙ୍କ ପରିବାରକୁ ଛାଡ଼ି ନ ଥିଲେ। ଫଳରେ ସେମାନେ ନିରାଶ ହୋଇ ଆସି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ସମସ୍ୟା ସମ୍ପର୍କରେ ଜଣାଇବା ସହ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ଖବର ନୀତି ପ୍ରଶାସକଙ୍କ ଦୃଷ୍ଟିକୁ ଆସିବାରେ ଲୋକସମ୍ପର୍କ ଅଧିକାରୀଙ୍କୁ ଡକାଇ ଦର୍ଶନ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିଥିଲେ। ଫଳରେ ଚିତ୍ତରଞ୍ଜନ, ଦିବ୍ୟାଙ୍ଗ ପୁଅ ଲୋକନାଥ ଏବଂ ସ୍ତ୍ରୀ ଛବିବାଳା ସେନାପତି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ବରିଷ୍ଠ ନାଗରିକ ସେନାପତି ଦମ୍ପତି ଦର୍ଶନ ସାରି ଫେରିବା ପରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ଶ୍ରୀମନ୍ଦିର ପ୍ରଶାସନ ତଥା ବିଶେଷ କରି ଶ୍ରୀମନ୍ଦିର ପ୍ରୋଟୋକଲ ଷ୍ଟାଫ୍‌ମାନଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରଶଂସା କରିଥିଲେ।



ଭିତରକୁ ଦର୍ଶନ ପାଇଁ ଯାଇ ନ ପାରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଦିବ୍ୟାଙ୍ଗ ଭକ୍ତ।

## ଅବାଧରେ ଚାଲିଛି ଲିଙ୍ଗ ନିରୂପଣ, ଚଢ଼ାଉ ଦାବି

ଅସ୍ତରଙ୍ଗ,୭।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ କ୍ଲିନିକ, ଡାଏଗ୍ନୋଷ୍ଟିକ ସେଣ୍ଟରରେ ଅବାଧରେ ଲିଙ୍ଗ ନିରୂପଣ ହେଉଥିବା ଅଭିଯୋଗ ହେଉଛି। ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରାଯାଇଥିବା ସତ୍ତ୍ୱେ ଏହାକୁ ବନ୍ଦ କରାଯାଇପାରୁ ନାହିଁ। କେତେଜଣ ମଧ୍ୟସ୍ତି ଗର୍ଭବତୀଙ୍କୁ ଟାର୍ଗେଟ କରି ଏପରି ବେଆଇନ କାର୍ଯ୍ୟ କରାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଏପରି ବେଆଇନ କାର୍ଯ୍ୟ ଉପରେ ଚଢ଼ାଉ କରାଯାଇ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

## ଭାଜପାର ବନ୍ଧୁମିଳନ

ବଳଙ୍ଗା/ ନିମାପଡ଼ା,୭।୬
(କେଦାରେଶ୍ୱର ନନ୍ଦ/ବିଚିତ୍ରା ନନ୍ଦ ସାହୁ)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଦେଶ ତଥା ରାଜ୍ୟର ଅନେକ ବିକାଶ ହୋଇପାରିଛି। ଏନେଇ ନିମାପଡ଼ାରେ ଭାଜପା ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ରେଞ୍ଚ ଶାସନଠାରେ ଶୁକ୍ରବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଦାଶ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଜୀବନାନନ୍ଦ ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତି ତଥା ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ମିଷ୍ଟର ୱାର୍ଲ୍ଡ, ଏସିଆନ୍ ଗେମ୍ ପାଇଁ ନରହରି ମନୋନୀତ



ନରହରିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ପୁରୀ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ନରହରି ସାହୁଙ୍କୁ ମିଷ୍ଟର ୱାର୍ଲ୍ଡ ପ୍ରତିଯୋଗିତା ଓ ଏସିଆନ୍ ଗେମ୍ ପାଇଁ ଚୟନ କରାଯାଇଛି। ନଭେମ୍ବରରେ ବ୍ୟାଙ୍କକରେ ଏସିଆନ ଗେମ୍ ଓ ଇଣ୍ଡୋନେସିଆରେ ମିଷ୍ଟର ୱାର୍ଲ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶାରୁ କେବଳ ୨ ଜଣଙ୍କୁ ଏଥିରେ ଭାଗନେବାକୁ ଚୟନ କରାଯାଇଥିବା ବେଳେ ସେଥିରେ ପୁରୀର ନରହରି ରହିଛନ୍ତି। ଏହି ଅବସରରେ ତାଙ୍କୁ ପୁରୀ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନରହରି କହିଛନ୍ତି, ଜଣେ ଜିରୋରେ ଥିବା ମଣିଷକୁ ହିରୋରେ ପରିଣତ କରିଛନ୍ତି ତାଙ୍କ କୋଚ୍ ବିଶ୍ୱ ରଞ୍ଜନ କର। ସେ କେବେ ବି ଭାବି ନ ଥିଲେ ଆଜି ଏତେବଡ଼ ସ୍ତରରେ ଖେଳିବା ନିମନ୍ତେ ତାଙ୍କୁ ଚୟନ କରାଯିବ। ତେଣୁ ସେ ଚୟନକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ଅଭିନନ୍ଦନ ପର୍ବରେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନର ସଂଗଠନ ସମ୍ପାଦକ ପଙ୍କଜଲୋଚନ ପ୍ରତିହାରୀ, ପୁରୀ ବଡି ବିଲ୍ଡିଂ ଆସୋସିଏଶନ ପରିଚାଳକ ଭାରତୀ କୃଷ୍ଣ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ଲକ୍ଷ୍ମୀ ନାରାୟଣ ପ୍ରତିହାରୀ ଏବଂ କୋଚ୍ ବିଶ୍ୱରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିପୁଅ ନୃତ୍ୟ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ, ଐତିହ୍ୟ ଗ୍ରାମ ରଘୁରାଜପୁର ଓ କ୍ଲାସିକାଲ କଲ୍‌ଚରାଲ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଗୋଟିପୁଅ ଗୁରୁକୁଳ କପୋତେଶ୍ୱରଠାରେ ଆୟୋଜିତ ୩ ଦିନିଆ ଗୋଟିପୁଅ କର୍ମଶାଳା ଶୁକ୍ରବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫାଉଣ୍ଡେଶନର ନିର୍ଦ୍ଦେଶକ ସନ୍ତୋଷ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ସନାତନ ମହାରଣା, ଖବରଦାତା ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗୁରୁ ଓ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ଗୁରୁ ବସନ୍ତ କୁମାର ମହାରଣାଙ୍କୁ କ୍ଲାସିକାଲ କଲ୍‌ଚରାଲ ରିସର୍ଚ୍ଚ ଫାଉଣ୍ଡେଶନ, ପାଟନା ତରଫରୁ ଗୋଟିପୁଅ ନୃତ୍ୟରେ ବେଷ୍ଟ ଟ୍ରେନର ଆୱାର୍ଡ ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପ୍ରତିଷ୍ଠାତା ଗୁରୁ ଲକ୍ଷ୍ମଣ ମହାରଣା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଥମେ ମା' ସରସ୍ୱତୀଙ୍କ ବନ୍ଦନା ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳା ଚରଣରେ ଗୁରୁ ବନ୍ଦନା, ଅଭିନୟରେ ମହିଷମର୍ଦ୍ଦିନୀ, ସର୍ବ ଶେଷରେ ବନ୍ଧ ନୃତ୍ୟ ତଥା- ଚିରା, ନହୁନିଆ,ପଦ୍ମାସନ, କାଳୀୟଦଳନ, ଶୂନ୍ୟ ମେଢ଼, ଗରୁଡ଼, ହଂସ ଓ ଖିଲଣ ଇତ୍ୟାଦି ପରିବେଷଣ କରାଯାଇଥିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଣାସ,୭।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କାତପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ତ୍ରିପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରତାପକେଶରୀ ରାୟ ଏଥିରେ ସଭାପତିତ୍ୱ ଓ ଶିକ୍ଷକ ନେତା ସୁଶାନ୍ତ ନରେନ୍ଦ୍ର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ରୂପେ କଣାସ ବ୍ଲକ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଲିଲି ସେଠୀ, ସତ୍ୟଭାମା ସୁନ୍ଦରାୟ, ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରତାପକେଶରୀ ଛୋଟରାୟ, ଏସ୍‌ଏମ୍‌ସି ସଭାପତି ବିପିନ ମହାରଣା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶାନ୍ତି ବେହେରା ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଜୀବନଚର୍ଯ୍ୟା ଓ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ।

## ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀଙ୍କୁ ବିଦା କରିବାକୁ ଦାବିପତ୍ର

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟରତ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବିଦା କରିବାକୁ ଦାବି କରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କ ଜରିଆରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଏବଂ ଏହାର ଶାଖା କାର୍ଯ୍ୟାଳୟରେ ଅନେକ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ କାମକରି ମୋଟାଅଙ୍କର ଦରମା ନେଉଛନ୍ତି। ଏହି ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଦୁର୍ନୀତି ବଢ଼ିବାରେ ଲାଗିଛି। ତେଣୁ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ତାଙ୍କ କାର୍ଯ୍ୟରୁ ବିଦାୟ କରାଯାଉ। ଫଳରେ ସ୍ୱଚ୍ଛତା ବଜାୟ ରହିବା ସହ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ। ଯଦି ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ବିଦାୟ କରା ନ ଯାଏ, ତେବେ ଆଗାମୀ ଦିନରେ ଆହୁରି ଅନେକ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତି ପାଇବାର ସମ୍ଭାବନା ରହିଛି ବୋଲି ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କାକଟପୁର/ଅସ୍ତରଙ୍ଗ,୭।୬ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅଧୀନ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ପ୍ରଭାକର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ମୁଖ୍ୟବକ୍ତା ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର, ସମ୍ମାନିତ ଅତିଥି ଭାବେ ପୁରନ୍ଦର ବିଶ୍ୱାଳ, କୋରଣା ପଞ୍ଚାୟତ ସମିତି ସଭ୍ୟ କମଳା ରାଉତ, ଯୁବ ସାମାଜିକ କର୍ମୀ ଋତୁରାଜ ରାଉତ, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖେଲାରର ଅଧ୍ୟକ୍ଷା ଡ. ଜୋତ୍ସ୍ନାରାଣୀ ବସ୍ତିଆ, ରାଧାବଲ୍ଲଭ କଲେଜ ଅଧ୍ୟକ୍ଷ ସୁରଥ କୁମାର ରଥ, ରତନପୁର କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ରଥ, ନୟାହାଟ କଲେଜ ଅଧ୍ୟାପକ ରତିକାନ୍ତ ଦାସ ଓ ପୁରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱନାଥ ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ଗୁଣଗାନ କରିଥିଲେ। କଲେଜ ପକ୍ଷରୁ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ପୁସ୍ତକ 'ଆଶାର ପ୍ରଦୀପ' ଉନ୍ମୋଚନ ହୋଇଥିଲା। ଇଂଲିଶ ଅଧ୍ୟାପକ ସଞ୍ଜୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ।

## ଛାତ୍ରୀଛାତ୍ର ବୃକ୍ଷ ପରି ସମାଜର ସେବା କରିବା ଉଚିତ

### ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା

ଗୋପ/ଯୋଗେଶ୍ୱରପୁର,୭।୬
(ଭାରତୀ ଭୂଷଣ ଉପାଧ୍ୟାୟ/ରଶ୍ମିରଞ୍ଜନ ସାହୁ)

ଶିକ୍ଷୟିତ୍ରୀ ଶିକ୍ଷକ ସମାଜର ନେତୃତ୍ୱ ନେବା ପରି ଛାତ୍ରୀଛାତ୍ର ତିଆରି କରନ୍ତୁ। କାହିଁକି ନାଁ ଆମ ପିଲାମାନେ ଏବେ ବିଭିନ୍ନ ସମୟରେ ବୈଜ୍ଞାନିକ ହୋଇ ଇସ୍ରୋରେ ଯାଇ ତାଲିମ ନେଉଛନ୍ତି। ଅଭିଭାବକ ଛାତ୍ରୀଛାତ୍ରଙ୍କୁ ମୋବାଇଲରୁ ବାରଣ କରିଲେ ନିଶ୍ଚିତ ଭାବରେ ଭଲ ମଣିଷଟିଏ ହୋଇପାରିବ। ଶନିବାର ଗୋପ ବ୍ଲକ ବଉଳାଙ୍ଗ ପଞ୍ଚାୟତ ଅଧୀନ ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଏପରି ବାର୍ତ୍ତା ଦେଇଥିଲେ।



ଦେଶ ଲାଗି ବଳିଦାନ ଦେଇଥିବା ପ୍ରସନ୍ନ ସାହୁଙ୍କ ସ୍ତ୍ରୀ ମୀନା କୁମାରୀ ସାହୁଙ୍କୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନିତ କରୁଛନ୍ତି ।

ପ୍ରଧାନଶିକ୍ଷକ ମନୋଜ କୁମାର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସାମାଜିକ କର୍ମୀ ବିକ୍ରମ କେଶରୀ ସାମଲ, ସାହିତ୍ୟିକ ଦାଶ ବେନହୁର୍, ଅସିତ୍ ମହାନ୍ତି, ପ୍ରକାଶ ଚନ୍ଦ୍ର ପରିଡ଼ା, ସାଗରିକା ନାୟକ, ସ୍ୱାମୀ ବିଜ୍ଞାନନନ୍ଦ ଗିରି, ବିଜୟ କୁମାର ଓଝା, ରାମଚନ୍ଦ୍ର ନାୟକ, ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ବୃକ୍ଷ ପରି ହୋଇ ସମାଜର ସେବା କରିବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦେଶ ଲାଗି ବଳିଦାନ ଦେଇଥିବା ପ୍ରସନ୍ନ ସାହୁଙ୍କ ସ୍ତ୍ରୀ ମୀନା କୁମାରୀ ସାହୁଙ୍କ ସମେତ ଜଣେ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତର ୪ ଖଣ୍ଡ ଗ୍ରାମର ଲୋକେ ସ୍କୁଲ କିପରି ଆଗକୁ ବଢ଼ିବା ନେଇ ଚିନ୍ତା କରୁଥିବା ସହ ସ୍କୁଲ ଆଲୁମ୍ନି କମିଟି ସଭାପତି କମଳାକାନ୍ତ କଅଁର କହିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ନିର୍ମାଣାଧୀନ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ନିରାକାରପୁର,୭।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଞ୍ଚଳରେ ନିର୍ମାଣାଧୀନ ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକ ଉପରୁ ଖସିପଡ଼ିବାରୁ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗୋଡ଼ିପଡ଼ାରେ ଘରଭଡ଼ା ନେଇ ରହୁଥିବା ବେଳେ ତାଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଜଙ୍କିଆ ଥାନା ଅଧୀନ ମୁଣ୍ଡାଆମ୍ବ ଓ କାଳିବତୀ ମୌଜାରେ ବିଭିନ୍ନ କମ୍ପାନୀ ନିର୍ମାଣ କରାଯାଉଛି। କାଳିବତୀରେ ନିର୍ମାଣ ହେଉଥିବା ଏକ କମ୍ପାନୀରେ ଶୁକ୍ରବାର ଶ୍ରମିକ ଜଣଙ୍କ ଉପରେ ଚଢ଼ି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ତଳକୁ ଖସିପଡ଼ିବାରୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି।

### ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୭।୬
(ଆଶୁତୋଷ ଦାସ/ମାନସ ସାମଲ)

କଟକ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୫୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପଦାଗାଁର ଧର୍ମାନନ୍ଦ ସାହୁ, ଡାଳିଯୋଡା ବ୍ରହ୍ମପୁରର ପବିତ୍ର ବେହେରା, ବରପଦାର ଚନ୍ଦ୍ରମଣୀ ଛତାର ଓ କୁଣ୍ଡପଡିଆର ମହନ୍ତ ହେମନ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିବା ସହିତ ଗୋଟିଏ ସ୍କୁଟି ଜବତ କରାଯାଇଛି। ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ସୂଚନା ଅନୁଯାୟୀ ଶନିବାର ଚୌଦ୍ୱାର ଥାନା ଅଧୀନ ବାଣିପଦା, ପଦାଗାଁ, ତଳବଜାର ଓ ଗନ୍ଧିଛକରେ ଦେଶିମଦ କାରବାର ହେଉଥିବା ଖବର ପାଇ ଚଢାଉ କରାଯାଇଥିଲା। ଚଢାଉରେ ଚୌଦ୍ୱାର ଅବକାରୀ ଥାନା ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତୀମୟୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୪ ବର୍ଷର ଅମ୍ଳାନସୁ



ତିଗିରିଆ,୭।୬(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳ ଗ୍ରାମର ସରୋଜିନୀ କର ଓ ସୁନୀଲ କରଙ୍କ ଶିଶୁପୁତ୍ର ଅମ୍ଳାନସୁ କର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ମାତ୍ର ୩ ବର୍ଷ ୧୧ ମାସରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଅମ୍ଳାନସୁ ମାତ୍ର ୩ ମିନିଟରେ ୧୬ କୀଟପତଙ୍ଗ,୧୯ ଫୁଲ,୨୨ ପରିବା, ୨୮ ପ୍ରାଣୀ, ୨୨ ପକ୍ଷୀ, ୩୨ ଶରୀର ଅଙ୍ଗର ନାମ ଇଂରାଜୀରୁ ଓଡ଼ିଆ ଭାଷାକୁ ଅନୁବାଦ କରିଥିଲେ। ଏଥିସହ ୨୦ଟି କମ୍ପ୍ୟୁଟର ପାର୍ଟସ, ୩୦ ରଙ୍ଗ,୧୬ ପ୍ରସିଦ୍ଧ ବ୍ୟକ୍ତିଙ୍କ ନାମ କହିବା ସହ ୩ ନର୍ସରି ଇଂରାଜୀ ପାଠ୍ୟ ପୁସ୍ତକର କବିତା, ବାର ମାସ, ସପ୍ତାହର ସାତଦିନ, ୩୧ ଜାତୀୟ ପ୍ରତୀକର ନାମ ଧାର୍ଯ୍ୟ ସମୟ ମଧ୍ୟରେ କହିଥିଲେ। ଏହି ସଫଳତା ହାସଲ ପରେ ସଂସ୍ଥା ପକ୍ଷରୁ ଅମ୍ଳାନସୁଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# ପୂର୍ବଶତ୍ରୁତାରୁ ୩ ବୋମାମାଡ଼: ଭାଙ୍ଗିଲା ଘର ଛାତ, ଝରକା

## ଥାନାରେ ମାମଲା, ଅଭିଯୁକ୍ତ ଫେରାର

ବାଙ୍କୀ, ୭।୬( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍‌ହାଉସ ଅନ୍ତର୍ଗତ ରତାଗଡ ପଞ୍ଚାୟତର ସହଙ୍ଗା ଗୋପାଳପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୩ ବୋମାମାଡ଼ ହୋଇଛି। ଏଥିରେ ଗ୍ରାମର ଗୋଲଖ ବିହାରୀ ଜେନାଙ୍କ ଘରର ଛାତ, ଝରକା କାଚ ଆଦି ଭାଙ୍ଗିଯିବା ସହ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ରାତିରେ ସୁବର୍ଣ୍ଣପୁର ବିଟ୍‌ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୋଲଖଙ୍କ ସହ ଏହି ଗ୍ରାମର ଦେବରାଜ ଜେନାଙ୍କ ପୂର୍ବରୁ ପାରିବାରିକ ଶତ୍ରୁତା ଥିଲା। ଗୋଲଖଙ୍କ ଜାଗାରେ ଥିବା ବାଉଁଶବୁଦାରୁ ଦେବରାଜ ଶୁକ୍ରବାର ଲୋକ ଲଗାଇ ବାଉଁଶ ହାଣି ଥିଲେ। ଗୋଲଖ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଦେବରାଜ ତାଙ୍କୁ ହତ୍ୟା ଧମକ ଦେବାସହ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଫଳରେ ଗୋଲଖ ଦୌଡ଼ି ପଳେଇ ଯାଇଥିଲେ। ବିଳମ୍ବିତ ରାତିରେ ଗୋଲଖଙ୍କ ଘର ଉପରେ ବୋମାମାଡ଼ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୧୧୯/୨୫) ରୁଜୁ କରିଛି। ଏହାପରଠୁ ଦେବରାଜ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଭୂଇଁ କହିଛନ୍ତି।



ବୋମା ବିସ୍ଫୋରଣରେ ଘରର ଛାତ ଫାଟିଯାଇଛି।





ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପର୍କରେ ଜଣାଇବା ପାଇଁ ପ୍ରତିନିଧି ମଣ୍ଡଳୀ ସହ ବିଭିନ୍ନ ରାଷ୍ଟ୍ରକୁ ଗସ୍ତ କରି ଓଡ଼ିଶା ଫେରିବା ପରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଶନିବାର ଦଳୀୟ ନେତା ଓ କର୍ମୀମାନେ ଭୁବନେଶ୍ୱର ବିମାନ ବନ୍ଦରରୁ ଶୋଭାଯାତ୍ରାରେ ପାଛୋଟି ନେଉଛନ୍ତି।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଜଟଣୀ,୭।୬
(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ନିକଟକୁ ଆସିଥିବା ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଗତ ୪ ତାରିଖରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯାଗ ମୁତାବକ, ସମ୍ପୃକ୍ତା ଯୁବତୀଙ୍କ ଘର ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ବାସୁଦେବପୁର ଅଞ୍ଚଳରେ ହୋଇଥିବା ବେଳେ ସେ ସମ୍ପର୍କୀୟଙ୍କ ସହିତ ଜଟଣୀର ଏକ ହୋଟେଲରେ ରହୁଥିଲେ। ଗତ ମେ'୧୨ରେ ହୋଟେଲରୁ ତାଙ୍କ ମନିପର୍ସରେ ଥିବା ୭ହଜାର ୩୦୦ ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା। ଏହି ଚୋରି ଘଟଣାରେ ନ୍ୟାୟ ପାଇବା ପାଇଁ ଗତ ୩ ତାରିଖରେ ଯୁବତୀ ଜଣଙ୍କ ଜଟଣୀ ଅଞ୍ଚଳର ଜଣେ ଆଇନଜୀବୀଙ୍କ ଘରକୁ ଯାଇଥିଲେ। ଯୁବତୀଙ୍କଠାରୁ ସମସ୍ତ କଥା ଶୁଣିବା ପରେ ଆଇନଜୀବୀ ଜଣଙ୍କ ଆଇନଗତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏଥିରେ ଯୁବତୀ ଜଣଙ୍କ ଅରାଜି ହେବାରୁ ଆଇନଜୀବୀ ତାଙ୍କୁ ବଳାତ୍କାର କରିବା ପାଇଁ ଉଦ୍ୟମ କରିଥିଲେ। ପରେ କୌଶଳକ୍ରମେ ଯୁବତୀ ଜଣଙ୍କ ସେଠାରୁ ଖସିଆସି ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୪ଦିନ ବିତିଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିପରି ଅଭିଯୋଗ ପ୍ରତ୍ୟାହାର ନ କଲେ ଜୀବନରୁ ମାରିଦେବାକୁ ଆଇନଜୀବୀ ଧମକ ଦେଉଥିବା ଯୁବତୀ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

# ଭଡ଼ାଘରୁ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ



ଚିନ୍ମୟୀ ଭୋଇ



ଦେବେନ୍ଦ୍ର ମୁଣ୍ଡା

ନିଶ୍ଚିନ୍ତକୋଇଲି/ ସାଲେପୁର, ୭।୬
(ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଖଣ୍ଡୋଳ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଏକ ଭଡ଼ାଘରୁ ପୋଲିସ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେମାନେ ହେଲେ ସାଲେପୁର ଥାନା ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ (୨୫) ଓ ସାଲେପୁର ଥାନା ବାଲିସୀମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା (୨୮)।

ଚିନ୍ମୟୀ ସ୍ଥାନୀୟ ମିର୍ଜାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଦୀର୍ଘଦିନ ହେବ ଦେବେନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ପରିବାର ଲୋକେ ସେମାନଙ୍କ ବିବାହରେ ପ୍ରତିବନ୍ଧକ ସାଜିଥିଲେ। ଦୁହେଁ ୪ ଦିନ ହେବ ଖଣ୍ଡୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ଶୁକ୍ରବାରଠାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ସେମାନେ ରହୁଥିବା ଭଡାଘର କବାଟ ବନ୍ଦ ରହିଥିଲା। ବନ୍ଦ ଘରୁ ଦୁର୍ଗନ୍ଧ ଆସିବାରୁ ପରେ ଘର ମାଲିକ ସନ୍ଦେହ ପ୍ରକଟ କରି ମାହାଙ୍ଗା ଥାନାରେ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିବା ପରେ ଚିନ୍ମୟୀ ଓ ଦେବେନ୍ଦ୍ରଙ୍କୁ ଗୋଟିଏ ଓଢ଼ଣିରେ ଝୁଲୁଥିବା ଦେଖିଥିଲେ। ଏହାପରେ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ସିଡିଏମ୍‌ଓଙ୍କ ରିପୋର୍ଟ ପରେ ଆଗେଇବ ତଦନ୍ତ

## ଘରୋଇ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟିଦେବା ମାମଲା

କଟକ,୭।୬ (କାର୍ତ୍ତିକ ସାହୁ)

ରାଣୀହାଟ ଅଞ୍ଚଳର ଏକ ନର୍ସିଂହୋମରେ ଜଣେ ମହିଳାଙ୍କ ମଳନଳି କାଟି ଦିଆଯିବା ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ପ୍ରାଥମିକ ଅବସ୍ଥାରେ ପୋଲିସ ତଦନ୍ତ ଆରମ୍ଭ କରି ନର୍ସିଂହୋମରୁ ମହିଳାଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜାତ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ଲେଖିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ କହିବାନୁସାରେ, ଏହି ମାମଲାଟି ଭିନ୍ନ ଧରଣର। ମହିଳାଙ୍କ ଚିକିତ୍ସା ସଂକ୍ରାନ୍ତୀୟ ଡାକ୍ତରୀ ରିପୋର୍ଟ ଉପରେ ମାମଲାର ତଦନ୍ତ ଦିଗ ନିର୍ଭର କରୁଛି। ତେବେ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ଯାଇପାରିବ। ଏହା ମେଡିକାଲରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ଡାକ୍ତରୀ ଟେକନିକାଲ ଦିଗ ଉପରେ ପୋଲିସ କିଛି କରିପାରିବ ନାହିଁ। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ମାହାଙ୍ଗା ଅଞ୍ଚଳର ପୀଡ଼ିତା ମହିଳା ଦୀପ୍ତିମୟୀ ବାରିକଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସିପି ଚକ୍ରବର୍ତ୍ତୀ କହିଛନ୍ତି।

ସୂଚନାନୁସାରେ, ମହିଳାଙ୍କ ୨ଟି ସନ୍ତାନ ରହିଥିବା ବେଳେ ପୁଣି ୧୧ ସପ୍ତାହର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଗର୍ଭପାତ କରିବା ପାଇଁ ସମ୍ପୃକ୍ତ ନର୍ସିଂହୋମକୁ ଯାଇଥିଲେ। ସେଠାରେ ଗର୍ଭପାତ କରାଇବା ପରେ ଘରକୁ ଯାଇଥିଲେ। ମାତ୍ର ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ସେ ଉକ୍ତ ନର୍ସିଂହୋମକୁ ପୁଣି ଆସିଥିଲେ। ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା ସହ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ତାଙ୍କ ଯନ୍ତ୍ରଣା କମି ନ ଥିଲା। ତା'ପରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଦେଖାଇବା ପରେ ତାଙ୍କ ମଳନଳିରେ ସଂକ୍ରମଣ ହୋଇଥିବା ଡାକ୍ତର କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ମହିଳାଙ୍କ ମଳନଳି କଟା ଯାଇଥିବା ଡାକ୍ତର କହିଥିଲେ। ଏହାପରେ ମହିଳା ଜଣଙ୍କ ମଙ୍ଗଳାବାଗ ଥାନାରେ ଉକ୍ତ ନର୍ସିଂହୋମ ବିରୋଧରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ମହାନ୍ ନଲେଜ୍ ଆଣ୍ଡ୍ ଚାରିଟେବଲ୍ ଫାଉଣ୍ଡେଶନକୁ ପ୍ରକୃତି ମିତ୍ର ପୁରସ୍କାର



ଭୁବନେଶ୍ୱର ୭।୬

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପରିସର କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାନ୍ ନଲେଜ୍ ଓ ଚାରିଟେବଲ୍ ଫାଉଣ୍ଡେଶନ, ସାଲେପୁର, କଟକକୁ ପରିବେଶ ସୁରକ୍ଷା ଓ ସନ୍ତୁଳିତ ଏବଂ ସହାବସ୍ଥାନ ପରିବେଶ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଓ ପ୍ରଚେଷ୍ଟା ନିମନ୍ତେ ଓଡିଶା ପ୍ରକୃତି ମିତ୍ର ପୁରସ୍କାରରେ ପୁରସ୍କୃତ କରାଯାଇଛି। ଫାଉଣ୍ଡେଶନ ତରଫରୁ ପୁଷ୍ପଲତା କର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ । ପୁଷ୍ପଲତା କରଙ୍କ ନେତୃତ୍ୱରେ ବିଦ୍ୟାଳୟରେ ଚାରାରୋପଣ, ଚାରା ବଣ୍ଟନ, ନୂତନ ଜଙ୍ଗଲ ସୃଷ୍ଟି, ମୃତ୍ତିକା ସଂରକ୍ଷଣ, ସଚେତନତା ସୃଷ୍ଟି, ଶକ୍ତି ସଂରକ୍ଷଣ ଓ ପ୍ଲାଷ୍ଟିକ୍‌ମୁକ୍ତ ସମାଜ ଗଠନ ଭଳି ବିଭିନ୍ନ କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇପାରିଛି । ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିବା ପରେ ପୁଷ୍ପଲତା ସମସ୍ତଙ୍କର ଅପ୍ରତିହତ ପ୍ରଚେଷ୍ଟା ଓ ଅବିଚଳିତ ପ୍ରେରଣା ହିଁ ଏହି ସଫଳତାର ଅସଲ ଚାବିକାଠି ବୋଲି କହିଥିଲେ । ପୁଷ୍ପଲତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ଏହି ପୁରସ୍କାର ତାଙ୍କୁ ଆଗାମୀ ଦିନରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଆହୁରି ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ୍‌ର ଉପଦେଷ୍ଟା ଶିବନାରାୟଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାଦାଦା ଗୁରୁତର

ସାଲେପୁର,୭।୬(ଅରବିନ୍ଦ ଭୂୟାଁ):

ବିବାହର ପ୍ରୀତିଭୋଜନ ଚାଲିଥିଲାବେଳେ ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାଙ୍କ ଦାଦା ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି। ଏନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବିବାହର ହାତଗଣ୍ଠି ପଡ଼ିବା କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। ଶେଷରେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ଆପୋସ ସମାଧାନ ହୋଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ସାଲେପୁର ବ୍ଲକ ଅନ୍ତର୍ଗତ କଳାଗ୍ନି ମନ୍ଦିର ପରିସରରେ ଶନିବାର ଏହି ଘଟଣା ଦେଖିବାକୁ ମିଳିଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବରଯାତ୍ରୀ ଦଳରୁ ୪ ଜଣଙ୍କୁ ଥାନାରେ ଅଟକ ରଖିଛି।





ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଶନିବାର ଉଦ୍‌ଘାଟିତ ପ୍ରଥମ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନରେ ବାଚସ୍ପତି ସୁରମା ପାଢ଼ୀ ବିଶ୍ୱନାଥ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା

ଭୁବନେଶ୍ୱର,୭।୬





ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲର ଏକ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା ସଫଳତାର ସହ କରାଯାଇଛି। ମଧ୍ୟପ୍ରଦେଶ ଇନ୍ଦୋରରୁ ଆସିଥିବା ୨୦ବର୍ଷ ବୟସ ଜଣେ ଯୁବକ ବିରଳ ଅସ୍ଥିମଜ୍ଜା ରୋଗ ଓ ସଂକ୍ରମଣ ରୋଗରେ ଆକ୍ରାନ୍ତ ଥିଲେ। ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ ଉପଶମ ନ ହେବାରୁ ତାଙ୍କ ପରିବାର ସଦସ୍ୟମାନେ ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ଠିକ୍ ଚିକିତ୍ସା କାରଣରୁ ଯୁବକ ଜଣକ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ସେହିଭଳି ଯୁବକ ଜଣକ ୧ ମାସ ଧରି ବାରମ୍ବାର ଅଚେତ ହେବା ସହ ନିୟମିତ ଜ୍ୱର ଓ ଦୃଷ୍ଟିଶକ୍ତି ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ସେ ଇନ୍ଦୋର ସହରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତ ପରିଲକ୍ଷିତ ହୋଇ ନ ଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ପରିବାର ସଦସ୍ୟମାନେ ତାଙ୍କୁ ଓଡ଼ିଶା ନେଇ ଆସିଥିଲେ।

ଶେଷରେ ଯୁବକଙ୍କ ବାପାମାଆ ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସହ ଯୋଗାଯୋଗ କରି ଚିକିତ୍ସା ପାଇଁ ଆଡମିସନ୍ କରିଥିଲେ। ମଣିପାଲ ହସ୍ପିଟାଲରେ ଯୁବକଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ତାଙ୍କର ରକ୍ତର ପାରାମିଟର ଅତ୍ୟଧିକ କମ୍ ମିଳିଥିଲା। ଏକ ଗମ୍ଭୀର ଅବସ୍ଥା, ବିଶେଷକରି ଜଣେ ତରୁଣ ଏବଂ ପୂର୍ବରୁ ସୁସ୍ଥ ଥିବା ବ୍ୟକ୍ତିଙ୍କ ପାଇଁ ଏହା ବିପଦପୂର୍ଣ୍ଣ ଥିଲା। ସେହି ମୁହୂର୍ତ୍ତରେ ମଣିପାଲ ହସ୍ପିଟାଲର ଡା. ସନ୍ଦୀପ ଅଭିଜିତ ପଟ୍ଟନାୟକ (କନ୍‌ସଲ୍ଟାଣ୍ଟ -କ୍ଲିନିକାଲ୍ ହେମାଟୋଲୋଜି, ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ) ଚିକିତ୍ସା ଆରମ୍ଭ କରିଥିଲେ। ପ୍ରାରମ୍ଭିକ ତଦନ୍ତରେ କୌଣସି ସ୍ପଷ୍ଟ ରୋଗ ନିର୍ଣ୍ଣୟ ହୋଇ ନ ଥିଲା। କିନ୍ତୁ ତାଙ୍କ ଅସ୍ଥିମଜ୍ଜା ରିପୋର୍ଟରେ ଗୋଟିଏ ଜଟିଳ ରୋଗ ପ୍ରକାଶ ପାଇଥିଲା। ଡା. ସନ୍ଦୀପ ଅଭିଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ମଣିପାଲ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତରୀ ଟିମ୍ (ଡା. ଶୁଭଶ୍ରୀ ସାମନ୍ତରାୟ (ଅସୋସିଏଟ କନ୍‌ସଲଟେଣ୍ଟ-ସଂକ୍ରାମକ ରୋଗ), ଡା. ସମ୍ବିତ କୁମାର ଭୂୟାଁ (ପେଟ ଓ ଯକୃତ ରୋଗ ବିଶେଷଜ୍ଞ) ଏବଂ ଡା. ପ୍ରଦୀପ ନାରାୟଣ ସାହୁ (ଭେଷଜ ରୋଗ ବିଶେଷଜ୍ଞ) ସମ୍ମିଳିତ ଥିଲେ। ଏପରିକି ସେମାନେ ଏକ ସଂଗଠିତ ଓ ପ୍ରୋଟୋକଲ୍-ଆଧାରିତ ଚିକିତ୍ସା ପ୍ରଣାଳୀ ଚୟନ କରିଥିଲେ। ଅପରପକ୍ଷରେ ଠିକ୍ ଆଣ୍ଟିବାୟୋଟିକ୍ ଏବଂ ଟିବି ଔଷଧ ନିୟମିତ ବ୍ୟବହାର କରିବା ଫଳରେ ସେ ସୁସ୍ଥ ହୋଇପାରିଛନ୍ତି। ମାତ୍ର ୧୦ ଦିନ ଭିତରେ ଯୁବକ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ପୂର୍ବାପେକ୍ଷା ଅଧିକ ଉନ୍ନତି ପରିଲକ୍ଷିତ ହୋଇଥିଲା ଓ ସଂକ୍ରମଣ ଧୀରେ ଧୀରେ କମିବାକୁ ଲାଗିଲା। ଶେଷରେ ସୁସ୍ଥହୋଇ ସେ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ଡା.ସନ୍ଦୀପ ଅଭିଜିତ ପଟ୍ଟନାୟକ, ଡା. ଶୁଭଶ୍ରୀ ସାମନ୍ତରାୟ, ଡା. ସମ୍ବିତ କୁମାର ଭୂୟାଁ ଓ ଡା. ପ୍ରଦୀପ ନାରାୟଣ ସାହୁ ଓ ତାଙ୍କ ପୂରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଏଠାରେ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଓ ଅତ୍ୟାଧୁନିକ ମେଶିନ ଥିବାରୁ ଆମେ ଗୁଣାତ୍ମକ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ।

# ବାଣ ବିସ୍ଫୋରଣ: ୧୫ ବର୍ଷରେ ଗଲାଣି ୨୧ ଜୀବନ

ଖୋର୍ଦ୍ଧା,୭।୬(ପ୍ରଭାତ ପାଣିଗ୍ରାହୀ)

■ ୫୦ରୁ ଊର୍ଦ୍ଧ୍ୱ ଆହତ
■ ପ୍ରଶାସନ ପକ୍ଷରୁ ନିଆଯାଉନି ପଦକ୍ଷେପ

ଶବ୍ଦଭେଦି ବାଣ ପ୍ରସ୍ତୁତି ଉପରେ ସୁପ୍ରିମକୋର୍ଟଙ୍କ କଟକଣା ରହିଛି। ଏନେଇ ବିସ୍ଫୋରକ ନିରୋଧକ ଅଧିନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବେଆଇନଭାବେ ପୁରପଲ୍ଲୀରେ ବାଣ ପ୍ରସ୍ତୁତି ଚାଲିଛି। ଜନବସତି ମଧ୍ୟରେ ବାଣ ପ୍ରସ୍ତୁତ ହେଉଥିବା ବେଳେ ଏହା ଉପରେ ରୋକ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ପ୍ରତ୍ୟେକ ବର୍ଷ ବାଣ ବିସ୍ଫୋରଣରେ ଜୀବନ ଯାଉଛି। କେବଳ ଦୀପାବଳି ସମୟରେ ପ୍ରଶାସନ ପକ୍ଷରୁ ବାଣ ଦୋକାନରେ ଚଢ଼ାଉ କରାଯାଉଥିବା ବେଳେ ଅନ୍ୟଦିନରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଖୋର୍ଦ୍ଧା ଜିଲାରେ ଗତ ୧୫ବର୍ଷ ମଧ୍ୟରେ ୨୧ଜଣଙ୍କ ଜୀବନ ଯାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି।

ଖୋର୍ଦ୍ଧା ଜିଲାର ଟାଙ୍ଗୀ, ଜଙ୍କିଆ, ସଦର, ବେଗୁନିଆ, ବାଘମାରୀ ଏବଂ ଜଟଣୀ ଥାନା ଅଞ୍ଚଳରେ ବେଆଇନ ବାଣ ପ୍ରସ୍ତୁତି ହେଉଛି। ବେଗୁନିଆର ଲେଖନପୁର, ପଙ୍ଗାରସିଂହ, ସିକୋ, କଣ୍ଟାବାଡ଼ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବାଣ ପ୍ରସ୍ତୁତ କରାଯାଉଛି। ୨୦୦୮ ମେ'ରେ ଖଣି ଅଞ୍ଚଳରେ ବିସ୍ଫୋରଣ ଘଟି ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ୨୦୧୦ ଓ ୨୦୧୧ରେ ବାଣ ବିସ୍ଫୋରଣରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୨୦୧୨ ସଦର ଥାନା ତାପଙ୍ଗ ଓସିସି ଛକଠାରେ ଏକ ଘରେ ମହଜୁଦ ଥିବା ବିସ୍ଫୋରକ ବିସ୍ଫୋରଣ ହେବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଆହତ ହୋଇଥିଲେ। ୨୦୧୩ରେ ବେଗୁନିଆ ଅଞ୍ଚଳର ଏକ ଗ୍ରାମରେ ବାଣ ପ୍ରସ୍ତୁତି ଚାଲିଥିବା ବେଳେ ବିସ୍ଫୋରଣ ହେବାରୁ ୮ ଜଣ ଆହତ ହୋଇଥିଲେ। ୨୦୧୪ରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୫ରେ ୪ଜଣ ଗୁରୁତର ଆହତ ହୋଇଥିଲେ। ସେହିପରି ୨୦୧୬ରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୭ ଅଗଷ୍ଟରେ ବେଗୁନିଆ ବ୍ଲକ ସିକୋ କୁମାରସାହିରେ ବାଣ ବିସ୍ଫୋରଣରେ ଗୋଟିଏ ପରିବାରର ମା' ଓ ୩ ଝିଅଙ୍କ ସହିତ ପଡ଼ୋଶୀ ଜଣେ ମହିଳାଙ୍କୁ ମିଶାଇ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୦ ଅଗଷ୍ଟ ୧୫ରେ ଏହି ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ବାଣ ବିସ୍ଫୋରଣରେ ୨ଜଣ ଆହତ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ସିମୋର ଗ୍ରାମରେ ଜଣେ ଛାତ୍ର ବାଣ ଫୁଟାଇ ଆହତ ହୋଇଥିଲେ। ୨୦୨୧ ମାର୍ଚ୍ଚରେ ବାଣ ବିସ୍ଫୋରଣରେ ଘର ଆଜ୍‌ବେଷ୍ଟସ ଉଡ଼ିଯିବା ସହ ୪ଜଣ ଆହତ ହୋଇଥିଲେ। ଏହି ମାସରେ ଭୁଷଣ୍ଡପୁରରେ ବିସ୍ଫୋରଣ ଘଟି ଜଣେ ଆହତ ହୋଇଥିଲେ। ନଭେମ୍ବରରେ ମାଣିବନ୍ଧ ଗ୍ରାମର ୩ ଜଣ ଯୁବକ ଅଫୁଟା ବାଣ ଫୁଟାଇ ଆହତ ହୋଇଥିଲେ। ସେହିପରି ୨୦୨୨ରେ ଗଁପୁର ଗ୍ରାମର ୪ଜଣ ଯୁବକ ଅଫୁଟା ବାଣ ଫୁଟାଇ ଆହତ ହୋଇଥିଲେ। ୨୦୨୩ ମାର୍ଚ୍ଚ ୬ରେ ଟାଙ୍ଗୀ ଥାନା ଭୁଷଣ୍ଡପୁର ଚିଲିକା କୂଳ ନିକଟବର୍ତ୍ତୀ ଏକ ଘରେ ବାଣ ପ୍ରସ୍ତୁତି ଚାଲିଥିଲା। ୮ରୁ ୧୦ଜଣ ଘର ଭିତରେ ବାଣ ଭିଡୁଥିଲେ। ଏହି ସମୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଥିଲେ। ୨୦୨୪ ମାର୍ଚ୍ଚ ୪ରେ ବେଗୁନିଆ ଥାନା ଦେଉଳି ଗାଁରେ ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ଅଶୋକ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୨ବଖରା ଘର ଛପର ଏବଂ ଆଜ୍‌ବେଷ୍ଟସ ଉଡି ଯାଇଥିଲା। ୨୦୨୪ ମେ' ୧୦ରେ ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମରେ ବାଣ ବିସ୍ଫୋରଣ ହୋଇଥିଲା। ବାଣ ଭିଡୁଥିବା ବେଳେ ବିସ୍ଫୋରଣରେ ଗୌରାଙ୍ଗ ଚରଣ ପଟ୍ଟନାୟକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ୨ବଖରା ପୋଡି ପାଉଁଶ ହୋଇଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପ୍ରଚଣ୍ଡ ଶବ୍ଦରେ ଆଖପାଖ ଗାଁ ଥରି ଉଠିଥିଲା। ୨୦୨୫ ଫେବୃଆରୀ ୨୭ରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା କୁମାରବସ୍ତ ଗ୍ରାମରେ ବାଣ ବିସ୍ଫୋରଣରେ ୨ଜଣ ନାବାଳକ ଓ ନାବାଳିକା ଏବଂ ଅନ୍ୟ ଜଣେ ଆହତ ହୋଇଥିଲେ। ଖବରପାଇ ପୋଲିସ, ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବାଣ ବିସ୍ଫୋରଣରେ ମନ୍ଦିର କବାଟ ଏବଂ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଏପ୍ରିଲ ୭ରେ ସଦର ଥାନା ଅନ୍ତର୍ଗତ ଶଢ଼େଇଗଡ଼ ଗ୍ରାମରେ ବୋମା ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଗ୍ରାମର ନିରାକାର ସିଂହଙ୍କ ମୃତ୍ୟୁ ଘଟିଥିବା ବେଳେ ବଂଟି ଅରିସଲ ଆହତ ହୋଇଥିଲେ। ଗ୍ରାମ ନିକଟ ଖଣି ପୋଖରୀରେ ବୋମା ଭିଡ଼ି ଏକ ବାଇକ୍‌ରେ ଧରି ଯାଉଥିଲେ। ବାଇକ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ ହୋଇଥିଲା। ଏପ୍ରିଲ ୯ରେ ନିରାକାରପୁର ଥାନା ଡିଆ ପଞ୍ଚାୟତ ଭଢସାହିରେ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବାହୁଡ଼ା ଯାତ୍ରାରେ ପ୍ରଦର୍ଶିତ ବାଣ ବିସ୍ଫୋରଣରେ ୪ଜଣ ଆହତ ହୋଇଥିଲେ। ବାହୁଡ଼ା ଯାତ୍ରାରେ ବାଣ ପ୍ରଦର୍ଶନ ପାଇଁ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା।

## 'ଉତ୍ତମ ରାଷ୍ଟ୍ର ଗଠନରେ ଆଦର୍ଶ ପରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୭।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଆଦର୍ଶ ପରିବାର ନିର୍ମାଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗୁରୁକୁଳର ପ୍ରତିଷ୍ଠାତା ତଥା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ନିରୋଦ କୁମାର ଖୁଣ୍ଟିଆଙ୍କ ସଂଯୋଜନାରେ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡିଏମ୍‌ର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ମୁଖ୍ୟବକ୍ତା, ନିର୍ଦ୍ଦେଶିକା ନିରୁପମା ରାୟ, ପରିଚାଳକ ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ତମ ରାଷ୍ଟ୍ର ଗଠନ କରିବାରେ ଆଦର୍ଶ ପରିବାର ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବାହ୍ନରେ ଯୋଗାସନ ଓ ପ୍ରାଣାୟାମ, ଯଜ୍ଞ ଏବଂ ଷୋଡ଼ଶ ସଂସ୍କାର ସହ ଆଦର୍ଶ ପରିବାର ଗଠନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ଏବଂ ଭଦ୍ରକ ଜିଲା ପାଳିଆ କଲେଜର ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ନିର୍ମାଣାଧୀନ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ନିରାକାରପୁର,୭।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଞ୍ଚଳରେ ନିର୍ମାଣାଧୀନ ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକ ଉପରୁ ଖସିପଡ଼ିବାରୁ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଗୋଡ଼ିପଡ଼ାରେ ଘରଭଡ଼ା ନେଇ ରହୁଥିବା ବେଳେ ତାଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଜଙ୍କିଆ ଥାନା ଅଧୀନ ମୁଣ୍ଡାଆମ୍ବ ଓ କାଳିବତୀ ମୌଜାରେ ବିଭିନ୍ନ କମ୍ପାନୀ ନିର୍ମାଣ କରାଯାଉଛି। କାଳିବତୀରେ ନିର୍ମାଣ ହେଉଥିବା ଏକ କମ୍ପାନୀରେ ଶୁକ୍ରବାର ଶ୍ରମିକ ଜଣଙ୍କ ଉପରେ ଚଢ଼ି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ତଳକୁ ଖସିପଡ଼ିବାରୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି।

### ଭୁଷଣ୍ଡପୁରରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ଟାଙ୍ଗୀ,୭।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁରଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବ ରଥଯାତ୍ରା। ଏହାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦେବୋତ୍ତର ବିଭାଗ ଅଧୀନରେ ଯେଉଁ ମଠ ମନ୍ଦିର ପଞ୍ଜୀକୃତ ହୋଇଥିବେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଅନୁଯାୟୀ ରଥଯାତ୍ରା କରୁଥିବେ, ସେହି କମିଟିକୁ ସରକାର ସହାୟତା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କୁ ଭୁଷଣ୍ଡପୁର ରଥଯାତ୍ରାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସରକାରଙ୍କ ପକ୍ଷରୁ କିପରି ସହାୟତା ମିଳିପାରିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଜୟ ବାବା, ଭରତ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ସାହୁ, ପ୍ରଦୀପ ପାତ୍ର, ବୈକୁଣ୍ଠ ବେହେରା, ଉଲ୍ଲାସ ବେହେରା, ତ୍ରିନାଥ ସେଠୀ, ନବ କିଶୋର ନାୟକ, ସନ୍ତୋପ ପାତ୍ର, ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଦେଶୀମଦ ଜବତ, ୩ ଗିରଫ

ବାଣପୁର,୭।୬(ଦିଲୀପ କୁମାର ସ୍ୱାଇଁ)

ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଶନିବାର ବାଣପୁର ଓ ବାଲୁଗାଁ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଜଣେ ମହିଳାଙ୍କ ସମେତ ୩ଜଣ ମଦ ବେପାରୀଙ୍କୁ ଗିରଫ କରାଯିବା ସହ ୪୩ ଲିଟର ଦେଶୀ ମଦ ଜବତ କରାଯାଇଛି। ବାଣପୁର ଥାନା ହାତୀମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ପ୍ରଫୁଲ ରାଉତ ମଦ ବିକ୍ରି କରୁଥିବା ବେଳେ ଅବକାରୀ ଅଧିକାରୀମାନେ ତାଙ୍କୁ ଧରିଥିବା ବେଳେ ଭେଟେଶ୍ୱର ଏବଂ ବାଲୁଗାଁ ଗୋପବନ୍ଧୁ ନଗରରେ ଚଢାଉ କରି କେଳି ନାୟକ ଓ କିଶୋର ପାତ୍ରଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଦେଶୀ ମଦ ଜବତ କରିଥିଲେ। ଅବକାରୀ ଉପନିରୀକ୍ଷକ ସୁଜିତ କୁମାର ମୁଦୁଲିଙ୍କ ସମେତ ସଞ୍ଜୟ କୁମାର ସୁବୁଦ୍ଧି, ମୀନକେତନ ମହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


ଇଦ୍-ଉଜ୍-ଜୁହା ଅବସରରେ ଶନିବାର ଜଟଣୀ ଅଞ୍ଚଳର ଏକ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରାଯାଉଛି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ)

## ଭାଇଚାରା, ସଦ୍‌ଭାବନାର ପର୍ବ ଇଦ୍-ଉଜ୍-ଜୁହା

ଜଟଣୀ,୭।୬(ରବୀନ୍ଦ୍ରନାଥ ମହାକୁଡ଼)

ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍-ଉଜ୍-ଜୁହା। ଶନିବାର ଏହି ପର୍ବ ଜଟଣୀର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଯାଇଛି। ଜଟଣୀ ସହରରେ ଥିବା ୬ଟି ମସଜିଦ ଓ ଇଦ୍‌ଗାହରେ ସମୂହ ନମାଜପାଠ କରାଯାଇଥିଲା। ପରେ ସମସ୍ତେ ସମସ୍ତଙ୍କୁ ଆଲିଙ୍ଗନ କରି ଏହି ପର୍ବର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଗଡ଼ରଥିପୁର, ବେଣାପଞ୍ଜରୀ, ଗଡ଼ତରାବୋଇରେ ଥିବା ମସଜିଦ ଏବଂ ଇଦ୍‌ଗାହରେ ଇଦ୍-ଉଜ୍-ଜୁହା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। କୌଣସି ଆଇନଶୃଙ୍ଖଳା ପରିସ୍ଥିତିକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଟଣୀ ଥାନା ଅଞ୍ଚଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଏସିପି ଜୋନ-୩, ଦୁଇ ଜଣ ଅତିରିକ୍ତ ଡିସିପି, ଚନ୍ଦକା ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶାନ୍ତିଶୃଙ୍ଖଳାରେ ଏହି ପର୍ବ ପାଳନ ହୋଇଥିଲା ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ

ବାଣପୁର,୭।୬(ଦିଲୀପ କୁମାର ସ୍ୱାଇଁ)

■ ଗୁଆଲିଯାତ୍ରାରେ ନଗର ଭ୍ରମଣ କଲେ ନବଦମ୍ପତି

ବାଣପୁରର ଆରାଧ୍ୟ ଶ୍ରୀରଙ୍ଗନାଥ ଦେବଙ୍କ ଚଳନ୍ତି ପ୍ରତିମା ମଦନମୋହନ ଦେବଙ୍କ ସହିତ ରୁକ୍ମିଣୀ ଦେବୀଙ୍କ ବିବାହ ମନ୍ଦିର ପ୍ରାଙ୍ଗଣରେ ଶୁଭଲଗ୍ନରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ଳ ଦ୍ୱାଦଶୀରେ ନବବିବାହିତ ଦେବଦମ୍ପତି ଶିବ ଦର୍ଶନ, ନଗର ପରିଭ୍ରମଣ କରିଥିଲେ, ଯାହାକୁ ଗୁଆଲିଯାତ୍ରା କୁହାଯାଏ। ସନ୍ଧ୍ୟାରେ ବିରାଟ ପଟୁଆରରେ ଦେବଦମ୍ପତି ବାଣପୁରର ପ୍ରାଚୀନ ପ୍ରସିଦ୍ଧ ଶୈବପୀଠ ଦକ୍ଷେଶ୍ୱର ମହାଦେବଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ଚନ୍ଦ୍ରଶେଖର ଦେବଙ୍କ ଦର୍ଶନ ପରେ ଏକତ୍ର ହରିହର ଭେଟ ହୋଇ ଏକ ଆସନରେ ଉପବେଶନ କରିବା ପରେ ପରିଛା ମହାପାତ୍ରେ ଦେବଦେବୀଙ୍କୁ ଶୀତଳ ମଣୋହୀ କରି ଆଳତି ବଢ଼ାଇଥିଲେ। ଘଣ୍ଟଘଣ୍ଟା, କାହାଳି, ସଂକୀର୍ତ୍ତନ, ବାଦ୍ୟ, ହରିବୋଲ ହୁଳହୁଳିରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚନ୍ଦ୍ରଶେଖର ଦେବଦମ୍ପତି, ଶ୍ରୀମଦନମୋହନ ଦେବ ଓ ମାତା ରୁକ୍ମିଣୀ ଦେବୀଙ୍କୁ ଏକତ୍ର ଦର୍ଶନକରି କୃପାଲାଭ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ଦେବଦମ୍ପତି ବାଣପୁର ନଗର ଭ୍ରମଣ କରି ସ୍ୱମନ୍ଦିରକୁ ବିଜେ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଜଟଣୀ,୭।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ନ୍ୟାୟ ପାଇବା ପାଇଁ ଆଇନଜୀବୀଙ୍କ ନିକଟକୁ ଆସିଥିବା ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଗତ ୪ ତାରିଖରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସମ୍ପୃକ୍ତା ଯୁବତୀଙ୍କ ଘର ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ବାସୁଦେବପୁର ଅଞ୍ଚଳରେ ହୋଇଥିବା ବେଳେ ସେ ସମ୍ପର୍କୀୟଙ୍କ ସହିତ ଜଟଣୀର ଏକ ହୋଟେଲରେ ରହୁଥିଲେ। ଗତ ମେ' ୧୨ରେ ହୋଟେଲରୁ ତାଙ୍କ ମନିପର୍ସରେ ଥିବା ୭ହଜାର ୩୦୦ ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା। ଏହି ଚୋରି ଘଟଣାରେ ନ୍ୟାୟ ପାଇବା ପାଇଁ ଗତ ୩ ତାରିଖରେ ଯୁବତୀ ଜଣଙ୍କ ଜଟଣୀ ଅଞ୍ଚଳର ଜଣେ ଆଇନଜୀବୀଙ୍କ ଘରକୁ ଯାଇଥିଲେ। ଯୁବତୀଙ୍କଠାରୁ ସମସ୍ତ କଥା ଶୁଣିବା ପରେ ଆଇନଜୀବୀ ଜଣଙ୍କ ଆଇନଗତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବା ସହିତ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଏଥିରେ ଯୁବତୀ ଜଣଙ୍କ ଅରାଜି ହେବାରୁ ଆଇନଜୀବୀ ତାଙ୍କୁ ବଳାତ୍କାର କରିବା ପାଇଁ ଉଦ୍ୟମ କରିଥିଲେ। ପରେ କୌଶଳକ୍ରମେ ଯୁବତୀ ଜଣଙ୍କ ସେଠାରୁ ଖସିଆସି ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିପରି ଅଭିଯୋଗ ପ୍ରତ୍ୟାହାର ନ କଲେ ଜୀବନରୁ ମାରିଦେବାକୁ ଆଇନଜୀବୀ ଧମକ ଦେଉଥିବା ଯୁବତୀ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ଶ୍ରୀମଦ୍ ଭାଗବତ ପାରାୟଣ ଓ କଥାମୃତ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୭।୬ (ସୁବାସ ପ୍ରଧାନ)

ଲକ୍ଷ୍ମୀନାରାୟଣପୁର ଗ୍ରାମର ଆରାଧ୍ୟ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସାତଦିନ ଧରି ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ଓ କଥାମୃତ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକଦିନ ପ୍ରାତଃରୁ ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବଦେବୀ ପୂଜା ଓ ଭାଗବତ ପଠନ ହୋଇଥିଲା। ପ୍ରବଚକଭାବେ ପଣ୍ଡିତ ନାରାୟଣ ଦାଶ, ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଇପିଏଫ୍ ପେନ୍‌ସନର୍ସ ସଂଘର କେନ୍ଦ୍ରୀୟ ଶ୍ରମିକ ସଂଗଠନ ସହ ଆଲୋଚନା

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀଠାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ସର୍ବନିମ୍ନ ପେନ୍‌ସନ ବୃଦ୍ଧି ବାବଦରେ ଆଲୋଚନା କରିଛନ୍ତି। ଇପିଏଫ ପେନସନଭୋଗୀଙ୍କ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ପୁନଶ୍ଚ କେନ୍ଦ୍ର ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଏହି ପ୍ରତିନିଧି ଦଳ କର୍ମଚାରୀ ଭବିଷ୍ୟନିଧି ସଂଗଠନର ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ଅପରାଜିତା ଜାଗୀଙ୍କୁ ସାକ୍ଷାତ କରି ବର୍ଦ୍ଧିତ ପେନସନ୍ ବାବଦରେ ଦେଖା ଦେଇଥିବା କେତେକ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ସମସ୍ତ ସମସ୍ୟାକୁ ତର୍ଜମା କରି ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ଜାଗୀ ପ୍ରତିଶ୍ରୁତି ଦେଇଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ବିକ୍ରମ ଛୋଟରାୟ, ଅମରଜିତ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ବେଗୁନିଆ,୭।୬(ହର ପ୍ରସନ୍ନ ପଣ୍ଡା)


ପଡ଼ିଆ ପଡିଥିବା ଜମି।

ବେଗୁନିଆ ବ୍ଲକ୍
■ ଜଳସେଚନ ବ୍ୟବସ୍ଥା ହୋଇପାରୁନି
■ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ସରକାରଙ୍କ ପକ୍ଷରୁ ଚାଷ ଓ କୃଷକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରି ରୋଜଗାର ପନ୍ଥାକୁ ସଶକ୍ତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସ୍ୱତନ୍ତ୍ର ବଜେଟ ସ୍ଥିର କରାଯାଉଛି। ଏହା ସତ୍ତ୍ୱେ ଯୋଜନା ଚାଷୀଙ୍କ ପାଖରେ ପହଞ୍ଚିପାରୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚାଷ ଉପରେ ପଡୁଛି। ବିଭାଗୀୟ ଅବହେଳା ଏବଂ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବେଗୁନିଆ ବ୍ଲକ୍ ଅଞ୍ଚଳରେ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ଫଳରେ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିପରି ସ୍ଥାନୀୟ କୃଷି ବିଭାଗ ଅବହେଳାରୁ ଆଗଉନି ସମନ୍ୱିତ ଚାଷ। ଫଳରେ ଜମି ପଡୁଛି ପଡ଼ିଆ।

ସୂଚନାଥାଉ କି, ୨୦୧୨ରୁ ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କ ଫସଲ ଉପରେ କ୍ରମାଗତ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ସହିତ ରୋଗପୋକ ଆଦି ପ୍ରାଦୁର୍ଭାବ ଲାଗିରହିଛି। ଏଭଳି ସ୍ଥିତିରେ ସରକାରୀ ପ୍ରୋତ୍ସାହନ, ଜଳସେଚନ ଓ ବିଭିନ୍ନ ଯୋଜନାର ସୁଫଳ ପାଉନାହାନ୍ତି ଚାଷୀ। ଫଳରେ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହୋଇ ନିଜ ଭିଟାମାଟିକୁ ଫେରି ଚାଷକୁ ଗୁରୁତ୍ୱ ଦେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହାର ସ୍ଥାୟୀ ସମାଧାନ କ୍ଷେତ୍ରରେ କୃଷି ବିଭାଗ ପକ୍ଷରୁ କୌଣସି ପ୍ରୟାସ କରାଯାଉ ନାହିଁ ବୋଲି ବିଗତ ସମିତି ଏବଂ କୃଷି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀଙ୍କ ହିତରେ ସରକାର ଏ ପର୍ଯ୍ୟନ୍ତ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କଲେ ନାହିଁ। ସେହିପରି ପିଏମ୍ କିଷାନ, ସିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ କେତେଜଣ ପ୍ରକୃତ ଚାଷୀ ବାଦ୍ ପଡିଛନ୍ତି। ଧାନ ଓ ଅଣଧାନ ଫସଲ ଉପରେ ପ୍ରାକୃତିକ ଦୁର୍ବିପାକ ପଡ଼ିଲେ କ୍ଷତିଗ୍ରସ୍ତ ଚାଷୀ ଚୟନ କରାଯାଇ ସହାୟତା ଯୋଗାଇ ଦିଆଯାଏ। ପ୍ୟାକ୍ସ ଜରିଆରେ ମଣ୍ଡିରେ ଧାନ ଦେବା ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବିଭାଗୀୟ ପରିଚାଳନାରେ ତ୍ରୁଟି ଯୋଗୁ ଚାଷୀ ଧାନ ଦେଇ ନ ପାରି ଶାଗମାଛ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ନଜିର ରହିଛି। ତେବେ ଏଭଳି ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାରୁ ଚାଷରୁ ମୁହଁ ଫେରାଉଛି ଚାଷୀ। ପ୍ରତିବର୍ଷ ଖରିଫ ଏବଂ ରବି ଋତୁ ଆରମ୍ଭରୁ ଗାଁକୁ ଯାଇ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ପରାମର୍ଶ କରାଯାଉନାହିଁ କି ଫସଲ ଅମଳ ଉପରେ ବିଭିନ୍ନ ଉପାଦେୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉ ନାହିଁ ବୋଲି ବିଗତ ବୈଠକରେ ଅଭିଯୋଗ କରାଯାଇଛି। ଧାନ ଓ ଅଣଧାନ ଫସଲ ଉପରୁ ଚାଷୀ ମୁହଁ ଫେରାଇଲେ ମଧ୍ୟ ଏହାର ପ୍ରତିକାର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଏଥିରେ ଅର୍ଥକରୀ ଫସଲ ପରିବା, ତୈଳବୀଜ, ଫଳ ଫୁଲ ଚାଷ ଆଦି ରହିଛି। ସେହିପରି ମହୁ, କୁକୁଡ଼ା, ଗୁଣ୍ଡୁରି ପକ୍ଷୀ ଆଦି ଚାଷ ଉପରେ ଗୁରୁତ୍ୱ ଦେବା କଥା। ସେହିପରି ଆୟ ଦ୍ୱିଗୁଣିତ ପାଇଁ ଫସଲରେ ମାତ୍ରାଧିକ ରାସାୟନିକ ସାର ବ୍ୟବହାର କରାଯାଉଛି। ଏହାଦ୍ୱାରା ମୃତ୍ତିକା ନଷ୍ଟ ହେବା ସହ ଶରୀରରେ ଅନେକ ରୋଗ ଦେଖାଦେଉଛି। ତେବେ ଏହାର ପ୍ରତିକାର ସ୍ୱରୂପ ଜୈବିକସାର ପ୍ରଣାଳୀ ଉପରେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉ ନାହିଁ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ବିଭାଗୀୟ ଅଧିକାରୀ, ଜିଲାପାଳ ଏବଂ ସରକାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ଏହି ବ୍ଲକରେ ୮୦% ଚାଷୀ କୃଷି ଉପରେ ନିର୍ଭର କରୁଛନ୍ତି। ୨୦୧୯ରେ ସରକାରଙ୍କ ଦ୍ୱାରା ନ୍ୟାଶନାଲ ସାମ୍ପୁଲ ସର୍ଭେ ଅର୍ଗାନାଇଜେଶନ (ଏନ୍‌ଏସ୍‌ଏସ୍‌ଓ) ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ (ଏନ୍‌ଏସ୍ ଓ) ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ବେଗୁନିଆ ବ୍ଲକ ଅଞ୍ଚଳର କୃଷକ ପରିବାରଙ୍କର ସ୍ଥିତି, ଭୂମି ଓ ପ୍ରାଣିସମ୍ପଦ ଆକଳନରୁ ବହୁ ଗରିବ ଚାଷୀ ଅଛନ୍ତି ବୋଲି ଜଣାପଡିଥିଲା। ଅନ୍ୟପଟେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କୁହନ୍ତି, ଚାଷୀ ଏବଂ ଚାଷ ଉପରେ ବିଭାଗ ପକ୍ଷରୁ ସର୍ବଦା ଗୁରୁତ୍ୱ ଦିଆଯାଉଛି।

## ନୌସେନା ଅଧିକାରୀ ଦେବରାଜଙ୍କ ପରଲୋକ

ବାଣପୁର,୭।୬ (ଦିଲୀପ ସ୍ୱାଇଁ)



ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଧୀନ ଗାଲୁଆ ଗ୍ରାମର ନୌସେନା ଅଧିକାରୀ ଦେବରାଜ ମହାରଣାଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୫୨ବର୍ଷ ହୋଇଥିଲା। ସେ ପଶ୍ଚିମବଙ୍ଗସ୍ଥିତ ନୌସେନାରେ କାର୍ଯ୍ୟରତ ଥିଲେ। କିଛିଦିନ ହେବ ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ କୋଲକାତାର ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ତାଙ୍କ ପାର୍ଥିବ ଶରୀର ବାଣପୁରରେ ପହଞ୍ଚିବା ପରେ ବଜାର ପରିକ୍ରମା ପରେ ଗାଲୁଆ ଗ୍ରାମକୁ ନିଆଯାଇଥିଲା। ସେଠାରେ ତାଙ୍କୁ ନୌସେନାର ବହୁ ଅଧିକାରୀ, ଜନପ୍ରତିନିଧି, ବାଣପୁର ଥାନା ଅଧିକାରୀ, ଚିଲିକା ସାହିତ୍ୟ ସମାଜର ସଭାପତି, ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ଏବଂ ଅନ୍ୟମାନେ ଶେଷଦର୍ଶନ କରିଥିଲେ। ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସନ୍ଦୀପ ମୁଖାଗ୍ନି ଦେଇଥିଲେ। ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରୋଗୀଙ୍କୁ ମିଳୁନି ବ୍ୟାଟେରି ଗାଡ଼ି ସୁବିଧା

କଟକ,୭।୬(ଶିଳ୍ପା ପ୍ରିୟଦର୍ଶିନୀ)



ମେଡିକାଲରେ ବ୍ୟାଟେରି ଗାଡ଼ି ପଡ଼ି ଖତ ଖାଉଛି।

**ଏସ୍‌ସିବି ମେଡିକାଲରେ ତୁଟୁନି ବ୍ୟାଟେରି ଗାଡ଼ି ସମସ୍ୟା**

**■ମେଡିକାଲରେ ଗାଡ଼ି ଖତ ଖାଉଛି, ଅଧିକାଂଶ ଗାଡ଼ିର ରହୁନି ଚାର୍ଜ**

ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ବ୍ୟାଟେରି ଗାଡ଼ି ଥାଇ ରୋଗୀଙ୍କ କାମରେ ଆସୁନି। ଏପରି କି ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରି ଗାଡ଼ି ଖରାପ ହୋଇ ପଡ଼ିଥିବାବେଳେ ଅଧିକାଂଶ ଗାଡ଼ିରେ ଚାର୍ଜ ରହୁ ନ ଥିବାରୁ ରୋଗୀ ସେବାରେ ଆସିପାରୁ ନାହିଁ। ମେଡିକାଲରେ ବ୍ୟାଟେରି ଗାଡ଼ି ଚାର୍ଜ ସ୍ଥାନରେ କର୍ମଚାରୀଙ୍କ ଗାଡ଼ି ଚାର୍ଜ କରୁଥିବା ଦୃଶ୍ୟ ନଜରକୁ ଆସିଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡ଼ରୁ ଅନ୍ୟ ୱାର୍ଡ଼କୁ ନେବା ଆଣିବା କରିବା ନିମନ୍ତେ ବ୍ୟାଟେରି ଗାଡ଼ି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ହେଉଛି। ନାଲକୋ ପକ୍ଷରୁ ମେଡିକାଲକୁ ୨୦ଟି ବ୍ୟାଟେରି ଗାଡ଼ି ଯୋଗାଇ ଦିଆଯାଇଥିଲା। ଗାଡ଼ିଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଟେରି ଗାଡ଼ିର ସେବା ଯେପରି ଲୋକ ପାଇପାରିବେ ସେଥିପାଇଁ ୪ଟି ସହାୟତା କେନ୍ଦ୍ର ମେଡିକାଲ ପରିସରରେ କରାଯାଇ ପ୍ରାୟ ୩୪ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ମେଡିକାଲରେ ବ୍ୟାଟେରି ଗାଡ଼ିର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନାହିଁ। ଫଳରେ ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରି ଗାଡ଼ି ଖରାପ ହୋଇ ଖତ ଖାଉଥିବାବେଳେ ୨୦ଟି ଗାଡ଼ିରୁ ୨ଟି ସମ୍ପୂର୍ଣ୍ଣ ଖରାପ ହୋଇଛି ଏବଂ ଯେଉଁ ଗାଡ଼ିଗୁଡ଼ିକ ଠିକ୍ ଅଛି ସେଥିରେ ଚାର୍ଜ ରହୁ ନ ଥିବାରୁ ରୋଗୀ ସେବାରେ ଆସି ପାରୁନାହିଁ। ମେଡିକାଲକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଶନିବାର ନଜରକୁ ଆସିଛି। ଏ ନେଇ ମେଡିକାଲକୁ ଆସିଥିବା କେନ୍ଦୁଝର ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ଅକ୍ଷୟ ପଟ୍ଟନାୟକ କୁହନ୍ତି, ମୋ ସ୍ତ୍ରୀଙ୍କୁ ଡାକ୍ତର ସିଟି ସ୍କାନ ପରୀକ୍ଷା କରାଇବାକୁ କହିଛନ୍ତି। ଭେଷଜ ବିଭାଗରୁ ରଞ୍ଜନରଶ୍ମି ବିଭାଗକୁ ନେବା ପାଇଁ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରୁଛି, ହେଲେ କେହି ଫୋନ ରିସିଭ କରୁନାହାନ୍ତି। ପ୍ରାୟ ଅଧଘଣ୍ଟା ହେବ ଗାଡ଼ି ଅପେକ୍ଷାରେ ରହିଛି। ମେଡିକାଲରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଛନ୍ତି। ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓ କହିଛନ୍ତି, ମେଡିକାଲରେ କର୍ମଚାରୀମାନେ ନିଜ ଗାଡ଼ି ଚାର୍ଜ କରୁଛନ୍ତି କିନ୍ତୁ ବ୍ୟାଟେରି ଗାଡ଼ି ପ୍ରତି କାହାରି ଦାୟିତ୍ୱ ନାହିଁ। ସରକାର ବହୁ ବ୍ୟବସ୍ଥା କରୁଛନ୍ତି, ହେଲେ କର୍ମଚାରୀ ଠିକ୍ ଭାବେ କାମ କରୁନାହାନ୍ତି ବୋଲି ସେ କହିଛନ୍ତି। ଏ ନେଇ ମେଡିକାଲ କୁଳସଚିବ ସୁବାସ ରାଏ କହିଛନ୍ତି, ମେଡିକାଲରେ ଥିବା ବ୍ୟାଟେରି ଗାଡ଼ି ସଂଖ୍ୟା ରୋଗୀ ସେବା ପାଇଁ ଯଥେଷ୍ଟ ନ ଥିବାରୁ ଅଧିକ ଗାଡ଼ି ଅଣାଯିବା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମେଡିକାଲ ପକ୍ଷରୁ ହୁଡକୋକୁ ଆଉ ୧୦ଟି ବ୍ୟାଟେରି ଗାଡି ଯୋଗାଇ ଦିଆଯିବ। ଖୁବଶୀଘ୍ର ମେଡିକାଲକୁ ଏହି ଗାଡ଼ି ଅଣାଯିବା ବ୍ୟବସ୍ଥା କରାଯାଉଛି। ଅନ୍ୟପଟେ ମେଡିକାଲରେ ବ୍ୟାଟେରି ଗାଡ଼ି ସୁବିଧା ରାତି ୧୧ଟାରୁ ସକାଳ ୫ଟା ଯାଏ ବନ୍ଦ ରହିବା ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ରାତି ସମୟରେ ମଧ୍ୟ ଗାଡ଼ି ବ୍ୟବହାର ପାଇଁ ବ୍ୟବସ୍ଥା କରାଯିବ ବୋଲି ରାଏ କହିଛନ୍ତି।

# ସିଡିଏମ୍‌ଓଙ୍କ ରିପୋର୍ଟ ପରେ ଆଗେଇବ ତଦନ୍ତ

କଟକ,୭।୬(କାର୍ତ୍ତିକ ସାହୁ)

**ଘରୋଇ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟିଦେବା ମାମଲା**

ରାଣୀହାଟ ଅଞ୍ଚଳର ଏକ ନର୍ସିଂହୋମରେ ଜଣେ ମହିଳାଙ୍କ ମଳନଳି କାଟି ଦିଆଯିବା ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ପ୍ରାଥମିକ ଅବସ୍ଥାରେ ପୋଲିସ ତଦନ୍ତ ଆରମ୍ଭ କରି ନର୍ସିଂହୋମରୁ ମହିଳାଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜାତ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ଲେଖିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ କହିବାନୁସାରେ, ଏହି ମାମଲାଟି ଭିନ୍ନ ଧରଣର। ମହିଳାଙ୍କ ଚିକିତ୍ସା ସଂକ୍ରାନ୍ତୀୟ ଡାକ୍ତରୀ ରିପୋର୍ଟ ଉପରେ ମାମଲାର ତଦନ୍ତ ଦିଗ ନିର୍ଭର କରୁଛି। ତେବେ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ଯାଇପାରିବ। ଏହା ମେଡିକାଲରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ଡାକ୍ତରୀ ଟେକନିକାଲ ଦିଗ ଉପରେ ପୋଲିସ କିଛି କରିପାରିବ ନାହିଁ। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ମାହାଙ୍ଗା ଅଞ୍ଚଳର ପୀଡ଼ିତା ମହିଳା ଦୀପ୍ତିମୟୀ ବାରିକଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସିପି ଚକ୍ରବର୍ତ୍ତୀ କହିଛନ୍ତି।

ସୂଚନାନୁସାରେ, ମହିଳାଙ୍କ ୨ଟି ସନ୍ତାନ ରହିଥିବା ବେଳେ ପୁଣି ୧୧ ସପ୍ତାହର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଗର୍ଭପାତ କରିବା ପାଇଁ ସମ୍ପୃକ୍ତ ନର୍ସିଂହୋମକୁ ଯାଇଥିଲେ। ସେଠାରେ ଗର୍ଭପାତ କରାଇବା ପରେ ଘରକୁ ଯାଇଥିଲେ। ମାତ୍ର ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ସେ ଉକ୍ତ ନର୍ସିଂହୋମକୁ ପୁଣି ଆସିଥିଲେ। ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା ସହ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ତାଙ୍କ ଯନ୍ତ୍ରଣା କମି ନ ଥିଲା। ତା’ପରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଦେଖାଇବା ପରେ ତାଙ୍କ ମଳନଳିରେ ସଂକ୍ରମଣ ହୋଇଥିବା ଡାକ୍ତର କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ମହିଳାଙ୍କ ମଳନଳି କଟା ଯାଇଥିବା ଡାକ୍ତର କହିଥିଲେ। ଏହାପରେ ମହିଳା ଜଣଙ୍କ ମଙ୍ଗଳାବାଗ ଥାନାରେ ଉକ୍ତ ନର୍ସିଂହୋମ ବିରୋଧରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ‘ପରିବେଶ ସୁରକ୍ଷା ପାଇଁ ସଚେତନ ହେବେ ଲୋକେ’

କଟକ,୭।୬(କାର୍ତ୍ତିକ ସାହୁ)

ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଆଠଗଡ଼ ବ୍ଲକ ଅନ୍ତର୍ଗତ ଖମାର ନୂଆଗାଁଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ସଭ୍ୟ ବିଧାନ ସ୍ୱାଇଁ, ସାମାଜିକ କର୍ମୀ ଗଙ୍ଗାଧର ବେହେରା, ସ୍ୱେଚ୍ଛାସେବୀ ଲକ୍ଷ୍ମୀଧର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ପରିବେଶର ସୁରକ୍ଷା ଲୋକେ ସଚେତନ ହେବେ। ଗ୍ରାମର ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଅତିଥିମାନେ କହିଥିଲେ। ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଚାରାରୋପଣ କରାଯିବା ସହ ଗାଁ ପରିସରରେ ଏକ ପରିବେଶ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍ଥାନର କର୍ମକର୍ତ୍ତା ସନ୍ଦୀପ ବାରିକେ, ବିନୋଦ ନାୟକ ଓ ପ୍ରଶିକ୍ଷିକା ସୁନନ୍ଦା ରାଉତ ସହଯୋଗ କରିଥିଲେ।

# ୪୨ ମୌଜା ଅଞ୍ଚଳରେ ଦଳ ସୁଦୃଢ଼ ହେବ


୪୨ ମୌଜା ଅନ୍ତର୍ଗତ କଳପଡ଼ାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପାର ନେତୃମଣ୍ଡଳୀ।

କଟକ ସଦର,୭।୬(ସୁଶାନ୍ତ କୁମାର ଜେନା)

**କଳପଡ଼ାରେ ଭାଜପାର ମିଶ୍ରଣ ପର୍ବ**

୪୨ମୌଜା ଅନ୍ତର୍ଗତ କଳପଡ଼ାରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୩ଜଣ ସରପଞ୍ଚ ଓ ଅନ୍ୟମାନଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହା ଦ୍ୱାରା ୪୨ ମୌଜା ଅଞ୍ଚଳରେ ଦଳରସ୍ଥିତି ସୁଦୃଢ ହେବ ବୋଲି ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ ଆଶା ପ୍ରକାଶ କରିଛନ୍ତି। ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର ପ୍ରଧାନ, କୂଳ ସରିଚୁଆଁ ସରପଞ୍ଚ ବନମାଳୀ ବିହାରୀ, କଳପଡ଼ା ସରପଞ୍ଚ ସବିତା ମାଝି ପ୍ରମୁଖ ଥିଲେ। ପ୍ରଭାରୀ ସୁରେଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ସଭାରେ ସନାତନି ସେନା ସଭାପତି ସମୀର କୁମାର ପଣ୍ଡା, ସତ୍ୟଦିପ ସାହୁ, ପ୍ରବେଶ ରାଉତ, ହୃଷୀକେଶ ଜେନା, ଯୋଗେନ୍ଦ୍ର ଭୋଇ, ଅଶୋକ ସାହୁ, ଇଞ୍ଜିନିୟର ଅଶୋକ ବିଶ୍ୱାଳ, ନିରଞ୍ଜନ ରାଉଳ, ଅଭୟ ସ୍ୱାଇଁ, ଅମିତାଭ ବିଶ୍ୱାଳ, ସୌମ୍ୟରଞ୍ଜନ ଦାଶ, ପ୍ରିୟରଞ୍ଜନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

ଚୌଦ୍ୱାର/ମଙ୍ଗୁଳି–ଜଗତପୁର,୭।୬ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୫୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପଦାଗାଁର ଧର୍ମାନନ୍ଦ ସାହୁ, ଡାଳିଯୋଡା ବ୍ରହ୍ମପୁରର ପବିତ୍ର ବେହେରା, ବରପଦାର ଚନ୍ଦ୍ରମଣୀ ଛତାର ଓ କୁଣ୍ଡପଡିଆର ମହନ୍ତ ହେମନ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିବା ସହିତ ଗୋଟିଏ ସ୍କୁଟି ଜବତ କରାଯାଇଛି। ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ସୂଚନା ଅନୁଯାୟୀ ଶନିବାର ଚୌଦ୍ୱାର ଥାନା ଅଧୀନ ବାଣିପଦା, ପଦାଗାଁ, ତଳବଜାର ଓ ଗନ୍ଧିଛକରେ ଦେଶିମଦ କାରବାର ହେଉଥିବା ଖବର ପାଇ ଚଢାଉ କରାଯାଇଥିଲା। ଚଢାଉରେ ଚୌଦ୍ୱାର ଅବକାରୀ ଥାନା ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତୀମୟୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

କଟକ ସଦର,୭।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଅଞ୍ଚଳରେ ଗଣପର୍ବ ରଜ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଣ୍ଟକାର ନୋଡାଲ ହାଇସ୍କୁଲ ପରିସରରେ ସମୀର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୪୨ମୌଜା ରଜ ମହୋତ୍ସବ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। ବେଣ୍ଟକାର ହାଇସ୍କୁଲ ଖେଳପଡିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ସୁରେଶ ଜେନା, ଭାଜପା ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଦାସ, ମଣ୍ଡଳ ପ୍ରତିନିଧି ପ୍ରବେଶ ରାଉତ, ସାଧାରଣ ସମ୍ପାଦକ ସତ୍ୟଦିପି ସାହୁ, ଅମିତାଭ ବିଶ୍ୱାଳ, କଥାକାର ପ୍ରଭାତ ଦେବତା ଓ ପ୍ରଦୀପ୍ତ କୁମାର ମହାପାତ୍ର, ସୁକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ରହି ପରାମର୍ଶ ଦେଇଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବୈଠକରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସୌମ୍ୟାରଞ୍ଜନ ଦାଶ, ବିଷ୍ଣୁଚରଣ ଦାଶ, ପ୍ରିୟରଞ୍ଜନ ଖଟୁଆ, ବିଶ୍ୱଜିତ୍ ମଲ୍ଲିକ, ସଲିଳ ମଲ୍ଲିକ, ସନ୍ତୋଷ ସାହାଣୀ, ତାପସ ଆଚାର୍ଯ୍ୟ, ଶରତ ଭୋଇ, ଅମରେନ୍ଦ୍ର ଦାଶ, ବୁଲୁ ଭୋଇ, ସୁରେଶ ପ୍ରଧାନ, ସବିତା ଦାଶ, ଚିତ୍ତରମା ସ୍ୱାଇଁ, ସୁମିତା ଦେବତା ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ତ୍ରିମ୍‌ସ ଅଧ୍ୟକ୍ଷଙ୍କୁ ନାଗରିକ ସମ୍ବର୍ଦ୍ଧନା


ତ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି।

କଟକ,୭।୬(କାର୍ତ୍ତିକ ସାହୁ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ଶ୍ରୀଶ୍ରୀ ନାରାୟଣୀ ନାଟ୍ୟକଳା ପରିଷଦର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ତ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନାର ଉତ୍ତରରେ ଗ୍ରାମାଞ୍ଚଳରେ ଏଭଳି ନାଟ୍ୟ ଅନୁଷ୍ଠାନ ଲୋକଙ୍କ ମନୋରଞ୍ଜନ ସହିତ ଭାଇଚାରା ଓ ସାଂସ୍କୃତିକ ସମନ୍ୱୟ ରଖିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଡ. ରଥ କହିବା ସହ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। କିଶୋର କୁମାର ଜେନା ମାନପତ୍ର ପାଠ କରିଥିଲେ। ଶିକ୍ଷାବିତ୍ କ୍ଷେତ୍ରବାସୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା, କର୍ମକର୍ତ୍ତା ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

# ‘ଭାରତୀୟ ସଂସ୍କୃତି, ସଂସ୍କାର ଶିକ୍ଷା ପାଉଛନ୍ତି ଛାତ୍ରୀଛାତ୍ର’

**ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ**

କଟକ,୭।୬(କାର୍ତ୍ତିକ ସାହୁ)


ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀରେ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

ଶିକ୍ଷା ବିକାଶ ସମିତି ଓଡ଼ିଶା ଆନୁକୂଲ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଏବଂ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସଫଳ ପ୍ରୟୋଗ ନିମନ୍ତେ କଟକ ଗତିରାଉତପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମଠାରେ ଦୁଇଦିବସୀୟ ପ୍ରାଦେଶିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି। ବିକାଶ ସମିତି ଓଡ଼ିଶା ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଯୋଗଦେଇ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଆଧୁନିକ, ଗୁଣାତ୍ମକ ଶିକ୍ଷା ସହ ଭାରତୀୟ ସଂସ୍କୃତି, ସଂସ୍କାର ଶିକ୍ଷା ଛାତ୍ରୀଛାତ୍ର ପାଉଛନ୍ତି ବୋଲି କହିଛନ୍ତି। ଫଳରେ ଏହିସବୁ ବିଦ୍ୟାଳୟର ଛାତ୍ରୀଛାତ୍ର ସୁନାଗରିକ ହୋଇ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଏବଂ ସଙ୍କୁଳ ପ୍ରମୁଖ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି।

**ଫଟୋ ରେ ଖବର**


ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ଶନିବାର କଟକ ସତୀଚୌରା ଛକ ନିକଟ ଇଦ୍‌ଘାଠାରେ ମୁସଲମାନ ବ୍ୟକ୍ତିମାନେ ସାମୂହିକ ନମାଜପାଠ କରୁଛନ୍ତି।



କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଶନିବାର ବିଶ୍ୱନାଥ ସଙ୍ଗୀତାଳୟର ବାର୍ଷିକ ଉତ୍ସବରେ ଅନୁଷ୍ଠିତ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ: ରାଜକିଶୋର ମହାନ୍ତି)




# ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ, ମହାପ୍ରଭୁଙ୍କ ଗୁଆଲି ଯାତ୍ରା

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)



ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଚମ୍ପକ ଦ୍ୱାଦଶୀ ଅବସରରେ ନବ ବିବାହିତ ଦେବ ଦମ୍ପତିଙ୍କ ନଗର ପରିକ୍ରମା ବା ଗୁଆଲି ଯାତ୍ରା ସମ୍ପନ୍ନ ହୋଇଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଭୋଗ ନୀତି ବଢ଼ିବା ପରେ ଭିତରେ ମହାପ୍ରଭୁଙ୍କ ଆଲଟଲାଗି ହୋଇଥିଲା। ତା' ପରେ ତିନିବାଡ଼ରେ ମହାସ୍ନାନ ନୀତି ବଢ଼ି ନୂଆ ଲୁଗା ଲାଗି ହୋଇଥିଲା। ଘଟୁଆରୀ ଘରଠାରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି ନୀତି କରିଥିଲେ। ପରେ ବେଶବଢ଼ି ମଧ୍ୟାହ୍ନଧୂପ ହୋଇଥିଲା। ଧୂପ ସରି ପାଣିପଡ଼ିବା ପରେ ନବବିବାହିତ ବରକନ୍ୟା ଲକ୍ଷ୍ମୀ ବା ରୁକ୍ମିଣୀ ଓ ମଦନମୋହନ ଭିତରକୁ ବିଜେ ହୋଇଥିଲେ। ଭିତରେ ବନ୍ଦାପନା ହେବା ପରେ ବରକନ୍ୟା ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇ ସିଂହଦ୍ୱାର ଦେଇ ରାଜନହରକୁ ବିଜେ କରିଥିଲେ। ଗଜପତି ମହାରାଜ ଶ୍ରୀନହର ଦ୍ୱାର ନିକଟରୁ ନବବିବାହିତ ଦେବ ଦମ୍ପତିଙ୍କୁ ରାଜନହର ଭିତରକୁ ପାଛୋଟି ନେଇଥିଲେ। ପରେ ରାଜନହର ଅଗଣାରେ ପଡ଼ିଥିବା ସୁସଜ୍ଜିତ ଖଟରେ ବରକନ୍ୟାଙ୍କୁ ବିଜେ କରାଯାଇଥିଲା। ପଞ୍ଚ ଉପଚାର ବିଧିରେ ନାନାପ୍ରକାର ପିଠା ମଣୋହି ହୋଇଥିଲା। ପ୍ରସାଦଲାଗି ଓ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନହର ଭିତର ଶୋଧ କରାଯାଇ ଶ୍ରୀନହର ସିଂହଦ୍ୱାରକୁ ବନ୍ଦ କରାଯାଇ ରାଜ ପରିବାରଙ୍କ ପକ୍ଷରୁ ବନ୍ଦାପନା ଏବଂ ଭେଟି ଦେବା ନୀତି କରାଯାଇଥିଲା। ନୀତି ସରିବା ପରେ ବରକନ୍ୟା ପାଲିଙ୍କିରେ ବିଜେ ହୋଇ ଯମେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରେ ପଞ୍ଚୁଗ୍ରାସୀ ଭୋଗ ଓ ବନ୍ଦାପନା ହୋଇଥିଲା। ଏହାପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଫେରିଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହୋଇଥାଏ। ଠାକୁର ଠାକୁରାଣୀ ବାହୁଡ଼ାବିଜେ ପରେ ଭିତରେ ମହାପ୍ରଭୁଙ୍କ ଆଲଟଲାଗି ଓ ଚନ୍ଦନଲାଗି ହୋଇଥିଲା। ବଡ଼ସିଂହାର ଭୋଗ ପରେ ଭିତରକୁ ଠାକୁର ଠାକୁରାଣୀ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# 'କାଲିର ଅତୀତ' ସମେତ ୬ ଭାଷାର ଚଳଚ୍ଚିତ୍ର ପ୍ରଦର୍ଶିତ



ଭୁବନେଶ୍ୱର,୭।୬(ସୌମ୍ୟରଞ୍ଜନ ରାଉତ)

## ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଦ୍ୱିତୀୟ ଦିବସ

ସୂଚନା ଭବନରେ ଚାଲିଥିବା ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ 'ସ୍କ୍ରିନ୍ ପ୍ଲେ' ଲେଖାକୁ ନେଇ ଏକ 'ମାଷ୍ଟର କ୍ଲାସ୍' ଗୀତଗୋବିନ୍ଦ ସଦନଠାରେ ଆୟୋଜନ କରାଯାଇଥିଲା। ଏଥିରେ ହିନ୍ଦୀ ଚିତ୍ର ଜଗତର ଚିତ୍ରନାଟ୍ୟ ଲେଖକ ଚାରୁଦ ଆଚାର୍ଯ୍ୟ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆଗ୍ରହ ରଖୁଥିବା ଯୁବ ପ୍ରତିଭାମାନଙ୍କୁ ତାଲିମ୍ ଓ ପରାମର୍ଶ ଦେଇଥିଲେ। ଏହି ମାଷ୍ଟର କ୍ଲାସ୍‌ରେ ଓଡ଼ିଆ ସିନେମା ଓ ନାଟ୍ୟ ଜଗତର କଳାକାରଙ୍କ ସହ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ଚଳଚ୍ଚିତ୍ର ଲେଖକ ତଥା ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ, ସିନେ ସମୀକ୍ଷକ ଅଶୋକ ପାଲିତ୍, ସାଉଣ୍ଡ୍ ଇଞ୍ଜିନିୟର ସୁବାଷ ସାହୁ, ଏନ୍‌ଏସ୍‌ଡ଼ିର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜକ ସୁକାନ୍ତ ରଥଙ୍କ ସମେତ ଓଲିଉଡ୍ ଜଗତର ବହୁ କଳାକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଚଳଚ୍ଚିତ୍ର ନିଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ 'କାଲିର ଅତୀତ' ସମେତ ୬ଟି ଭାଷାରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କେତନ ମେହେଟ୍ଟାଙ୍କ ନିର୍ଦ୍ଦେଶିତ ଗୁଜରାଟୀ ଚଳଚ୍ଚିତ୍ର 'ଭବାନୀ ଭବାଇ', ଗିରିଶ୍ କସାର୍‌ୱାଲିଙ୍କ ନିର୍ଦ୍ଦେଶିତ କନ୍ନଡ଼ ଚଳଚ୍ଚିତ୍ର 'ଘଟଶ୍ରାଦ୍ଧ', ଉର୍ଦ୍ଦୁ ଚଳଚ୍ଚିତ୍ର 'ହମିଦ୍', ମରାଠୀ ସିନେମା 'ସ୍ୱାସ୍' ଓ ହୀନ୍ଦି ଚଳଚ୍ଚିତ୍ର 'ସାହିବ୍ ବିବି ଅର୍ ଗୁଲାମ୍' ପ୍ରଦର୍ଶିତ ହୋଇଥିଲା।

# 'ଆମ ପରିବେଶ କଥା' ଉନ୍ମୋଚିତ

**ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ):** ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ତଥା ପରିବେଶ ବିଶେଷଜ୍ଞ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଲିଖିତ ପୁସ୍ତକ 'ଆମ ପରିବେଶ କଥା' ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିବେଶ ସମିତି ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ସମିତି ସଭାପତି ପ୍ରଫେସର ବି. ସୀତାରାମ ପାତ୍ର, ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସିପେଟ୍‌ର ମୁଖ୍ୟ ନିର୍ଦ୍ଦେଶକ ଇଂ. ପ୍ରମୋଦ କୁମାର ସାହୁ, ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, ପ୍ରକାଶକ ପ୍ରତିନିଧି ତୁଷାର ବରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ବାର୍ତ୍ତାକୁ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପ୍ରଥମ ଲକ୍ଷ୍ୟ ହେଉଛି ପିଲାଙ୍କୁ ଛୋଟ ଅବସ୍ଥାରୁ ପ୍ରକୃତି ଓ ପରିବେଶ ବିଷୟରେ ମୌଳିକ ଜ୍ଞାନ ପ୍ରଦାନ କରିବା। ବୃଦ୍ଧି ପାଉଥିବା ପରିବେଶ ସମସ୍ୟା ବିଷୟରେ ପ୍ରାରମ୍ଭିକ ଅବସ୍ଥାରୁ ସେମାନଙ୍କୁ ଜ୍ଞାନ ପ୍ରଦାନ ଏବଂ ସଚେତ୍ନ କରିବା ଉଦ୍ଦେଶ୍ୟରେ ପୁସ୍ତକ ପ୍ରକାଶ ହୋଇଛି। ବାଲ୍ୟାବସ୍ଥାରୁ ସଚେତନ ହେଲେ ସେମାନେ ଆଗକୁ ପ୍ରକୃତିର ସଂରକ୍ଷଣ ନିମନ୍ତେ 'ସବୁଜ ସୈନିକ'ର ଭୂମିକା ନିର୍ବାହ କରିବେ ବୋଲି ଡ. ପାଣିଗ୍ରାହୀ କହିଥିଲେ।

# 'ଭାରତୀୟ ସଂସ୍କୃତି, ସଂସ୍କାର ଶିକ୍ଷା ପାଉଛନ୍ତି ଛାତ୍ରୀଛାତ୍ର'

## ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ

**କଟକ,୭।୬(କାର୍ତ୍ତିକ ସାହୁ):** ଶିକ୍ଷା ବିକାଶ ସମିତି ଓଡ଼ିଶା ଆନୁକୂଲ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକ ପୂର୍ତ୍ତି ଏବଂ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସଫଳ ପ୍ରୟୋଗ ନିମନ୍ତେ କଟକ ଗତିରାଉତପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମଠାରେ ଦୁଇଦିବସୀୟ ପ୍ରାଦେଶିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି। ବିକାଶ ସମିତି ଓଡ଼ିଶା ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଯୋଗଦେଇ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଆଧୁନିକ, ଗୁଣାତ୍ମକ ଶିକ୍ଷା ସହ ଭାରତୀୟ ସଂସ୍କୃତି, ସଂସ୍କାର ଶିକ୍ଷା ଛାତ୍ରୀଛାତ୍ର ପାଉଛନ୍ତି ବୋଲି କହିଛନ୍ତି। ଫଳରେ ଏହିସବୁ ବିଦ୍ୟାଳୟର ଛାତ୍ରୀଛାତ୍ର ସୁନାଗରିକ ହୋଇ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଏବଂ ସଙ୍କୁଳ ପ୍ରମୁଖ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି।

# ନୃତ୍ୟଗୁରୁ ଦୟାନିଧି ଜଣେ ବହୁମୁଖୀ ପ୍ରତିଭା ଥିଲେ




ଅତିଥିମାନେ ବାର୍ଷିକ ପତ୍ରିକା 'କଳା ସୃଜନୀ' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୭।୬(ସୌମ୍ୟରଞ୍ଜନ ରାଉତ)

## ୯୮ତମ ଜୟନ୍ତୀରେ 'କଳା ସୃଜନୀ' ଉନ୍ମୋଚନ

ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ ଦୟାନିଧ ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ ଶନିବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇ କହିଲେ, ନୃତ୍ୟଗୁରୁ ଦୟାନିଧି ଜଣେ ବହୁମୁଖୀ ପ୍ରତିଭା ଥିଲେ। ନିଜ ସୃଜନୀଶକ୍ତି ବଳରେ ଓଡ଼ିଶୀ ନୃତ୍ୟ ସୃଷ୍ଟି କରିବା ସହ ଏହାର ବିକାଶ ଦିଗରେ ମଧ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ବୁଦ୍ଧଦେବ ଦାସ, ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ, ସମ୍ପାଦିକା ବିଜୟଲକ୍ଷ୍ମୀ ଦାସ, ଡ. ମନୋଜ ବେହେରା ପ୍ରମୁଖ ଯୋଗଦେଇ କହିଲେ, ଦୟାନିଧି ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ଓଡ଼ିଶୀ ନୃତ୍ୟଗୁରୁମାନଙ୍କୁ ଏକତ୍ରିତ କରାଇ ପାରିଥିଲେ। ତାଙ୍କ ପ୍ରେରଣାରେ ଗୁରୁମାନେ ନିଜ ହାତକାଟି ରକ୍ତରେ ସ୍ୱାକ୍ଷରକରି ଓଡ଼ିଶୀନୃତ୍ୟର ଉନ୍ନତି କଳ୍ପେ ଦୃଢ଼ ଶପଥ ଗ୍ରହଣ କରିଥିଲେ। ଫଳରେ ଓଡ଼ିଶୀ ନୃତ୍ୟ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଲାଭ କରିପାରିଲା ବୋଲି ଅତିଥିମାନେ କହିଥିଲେ। ପରେ ପରିଷଦର ବାର୍ଷିକ ପତ୍ରିକା 'କଳା ସୃଜନୀ' ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ, ତୁଳସୀ ଦାସ ଭଜନ, ଓଡ଼ିଶୀ ଅଭିନୟ ଏବଂ ନୃତ୍ୟନାଟିକା 'ପତିତପାବନ' ସହ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ନରସିଂହ ମହାପାତ୍ର ସ୍ୱାଗତ ଭାଷଣ, ଜଗଦୀଶ ଦାସ ମଞ୍ଚ ପରିଚାଳନା କରିଥିଲେ।

# ସିଡିଏମ୍‌ଓଙ୍କ ରିପୋର୍ଟ ପରେ ଆଗେଇବ ତଦନ୍ତ

କଟକ,୭।୬(କାର୍ତ୍ତିକ ସାହୁ)

## ଘରୋଇ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟିଦେବା ମାମଲା

ରାଣୀହାଟ ଅଞ୍ଚଳର ଏକ ନର୍ସିଂହୋମରେ ଜଣେ ମହିଳାଙ୍କ ମଳନଳି କାଟି ଦିଆଯିବା ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ପ୍ରାଥମିକ ଅବସ୍ଥାରେ ପୋଲିସ ତଦନ୍ତ ଆରମ୍ଭ କରି ନର୍ସିଂହୋମରୁ ମହିଳାଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜାତ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ଲେଖିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ କହିବାନୁସାରେ, ଏହି ମାମଲାଟି ଭିନ୍ନ ଧରଣର। ମହିଳାଙ୍କ ଚିକିତ୍ସା ସଂକ୍ରାନ୍ତୀୟ ଡାକ୍ତରୀ ରିପୋର୍ଟ ଉପରେ ମାମଲାର ତଦନ୍ତ ଦିଗ ନିର୍ଭର କରୁଛି। ତେବେ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ଯାଇପାରିବ। ଏହା ମେଡିକାଲରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ଡାକ୍ତରୀ ଟେକନିକାଲ ଦିଗ ଉପରେ ପୋଲିସ କିଛି କରିପାରିବ ନାହିଁ। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ମାହାଙ୍ଗା ଅଞ୍ଚଳର ପୀଡ଼ିତା ମହିଳା ଦୀପ୍ତିମୟୀ ବାରିକଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସିପି ଚକ୍ରବର୍ତ୍ତୀ କହିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-୧) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍‌ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ୍ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି-୧) ଏବଂ ଆଇଆର୍‌ଏଫ୍-୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/PR/92

ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- **Sd./- Managing Director**

**OFFICE OF THE** No. C-466

**DHENKANAL MUNICIPAL COUNCIL, DHENKANAL**

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

**Sd./- Executive Officer**
**Dhenkanal Municipality**

OIPR-

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**TENDER DOCUMENT**
**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer,**
**Bonai Forest Division**

**OIPR-08040/11/0015/2526**

Government of India
CBC 46101/13/0012/2526
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



ଅନେକ ଦଶନ୍ଧିର ଅପେକ୍ଷା ହେଲା ଶେଷ
ସ୍ୱପ୍ନକୁ ମିଳିଲା ନୂଆ ଉଡ଼ାଣ
ଝିଅଙ୍କ ପାଇଁ ଖୋଲିଛି **ସୈନିକ ସ୍କୁଲ** ଏବଂ
**ଜାତୀୟ ପ୍ରତିରକ୍ଷା ଏକାଡେମୀର** ଦ୍ୱାର
ପ୍ରଥମ ଥର ସେନାବାହିନୀରେ ମହିଳାଙ୍କୁ ମିଳିଲା **ସ୍ଥାୟୀ କମିଶନ**



# ଶୃଙ୍ଖଳିତ ସ୍ନାନଯାତ୍ରା ପାଇଁ ମକ୍‌ଡ୍ରିଲ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ୍‌ଡ୍ରିଲ ଶନିବାର ଟାଉନ ଥାନା ପରିସରସ୍ଥ ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି, ଚଳିତ ସ୍ନାନଯାତ୍ରାରେ ପୂର୍ବବର୍ଷ ତୁଳନାରେ ଅଧିକ ଜନଗହଳି ଆଶା କରାଯାଉଛି। ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ଠିକ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ୍‌ଡ୍ରିଲର ପରିକଳ୍ପନା କରାଯାଇଛି। ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଭଲ ଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା, ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲ ବେଶ ସହାୟକ ହେବ ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜ କିଶୋର ଜେନା, ଡିଆଇଜି ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲିକ, ଏନ୍‌ଡିଆର୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୌରବ ଜେନ୍‌ଗେଟ, ଏଡିଏମ୍‌ଓ ବିନୋଦ ରଥ, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ଟ୍ରାଫିକ୍ ଡିଏସ୍‌ପି ରାଜ କୁମାର ପରିଡ଼ା, ସହକାରୀ କଲେକ୍ଟର ପଞ୍ଚାନନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ମୁଣ୍ଡୁଳି ଏନ୍‌ଡିଆରଏଫ୍ ଥାର୍ଡ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ, ଅନ୍ୟାନ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମକ୍‌ଡ୍ରିଲ ପରିଚାଳନା କରିଥିଲେ। ସ୍ନାନଯାତ୍ରା ସମୟରେ କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କରାଯାଇପାରିବ, ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଜିଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ, ଆଦିତ୍ୟ କୁମାର ବରାଳ, ରାମକୃଷ୍ଣ ବଡ଼ଜେନା, ରଞ୍ଜନ କୁମାର ବେହେରା, ଅଶୋକ କୁମାର ମଲିକ, ରୂପଶ୍ରୀ ପଣ୍ଡା, ସଙ୍ଗୀତା ମହାପାତ୍ର, ମମତା ବାରିକ, ସଞ୍ଜୟ ମହାପାତ୍ର, ସୁମନ ମହାପାତ୍ର, ବିଶ୍ୱ ଭୂଷଣ ଦାଶ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଆୟୋଜିତ ମକ୍‌ଡ୍ରିଲରେ ଜଣେ ମହିଳାଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି ।

# ଯମେଶ୍ୱର ମନ୍ଦିରକୁ ଅବହେଳା ଅଭିଯୋଗ

ପୁରୀ, ୭।୬(ଅଜିତ୍ କୁମାର ମହାନ୍ତି)

ପ୍ରଶାସନ ପଞ୍ଚମହାଦେବଙ୍କୁ ଅଣଦେଖା କରିଚାଲିଛି ବୋଲି ଯମେଶ୍ୱରଙ୍କ ସେବକ ଶନିବାର ଅଭିଯୋଗ କରିଛନ୍ତି। ଚମ୍ପକ ଦ୍ୱାଦଶୀ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖଇ, କୋରା ଓ କଦଳୀ ଆଦି ଯୋଗାଯାଇଥାଏ। ମହାପ୍ରଭୁ ରୁକ୍ମିଣୀଙ୍କୁ ହରଣକରି ବିବାହ କରିବା ପରେ ଗୁଆଲି ଯାତ୍ରାରେ ଶ୍ରୀଯମେଶ୍ୱର ମନ୍ଦିରକୁ ଯାତ୍ରା କରିବାର ପରମ୍ପରା ରହିଛି। ବିବାହ ସମ୍ପନ୍ନ ପରେ ଯାଇଥିବାରୁ ଶ୍ରୀଯମେଶ୍ୱର ମଧ୍ୟସ୍ଥତା କରି ଦେବଦମ୍ପତିଙ୍କୁ ପଞ୍ଚୁଗ୍ରାସୀ ଭୋଗରେ ଆପ୍ୟାୟିତ କରିଥାନ୍ତି। ଏଥିପାଇଁ ଛେନା ୫ କେ.ଜି. ବି ପିଠା ପାଇଁ ପ୍ରଦାନ କରାଯାଏନାହିଁ। ଫଳରେ ପାଳିଆ ସେବକ ନିଜେ ଯାହା ମାଗିଯାଚି ପିଠା ପ୍ରସ୍ତୁତ କରି ପଞ୍ଚୁଗ୍ରାସୀ ଭୋଗ କରିଥାନ୍ତି। ଶ୍ରୀଯମେଶ୍ୱର ପଞ୍ଚ ମହାଦେବଙ୍କ ମଧ୍ୟରେ ଅନ୍ୟତମ ତଥା ଅଗ୍ରଜ। ଶ୍ରୀମନ୍ଦିର ସହ ପଞ୍ଚମହାଦେବଙ୍କ ସମ୍ପର୍କ ରହିଛି। ଏହା ସତ୍ତ୍ୱେ ପୂଜାପାର୍ବଣଠୁ ନେଇ ଭୋଗ ବ୍ୟବସ୍ଥାରେ ମଧ୍ୟ ଅବହେଳା କରାଯାଉଛି। ଶୀତଳଷଷ୍ଠୀରେ ଶ୍ରୀଯମେଶ୍ୱର ମହାଦେବଙ୍କ ନିକଟକୁ ଆଜ୍ଞାମାଳ ବିଜେର ପରମ୍ପରା ରହିଛି। ଶ୍ରୀଯମେଶ୍ୱର ମହାଦେବଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ହିସାବରକ୍ଷକ ଭାବେ ବିବେଚନା କରାଯାଇଥାଏ। କିନ୍ତୁ ପ୍ରଶାସନ ପକ୍ଷରୁ ମନ୍ଦିର ପ୍ରତି ଚରମ ଅବହେଳା କରାଯାଉଛି ବୋଲି ଶ୍ରୀଯମେଶ୍ୱର ଦେବ ମନ୍ଦିର ସେବାୟତ ନିଯୋଗ କମିଟି ସମ୍ପାଦକ ଶିବଶଙ୍କର ପଣ୍ଡା କହିଛନ୍ତି।

ସମ୍ପାଦକ ପଣ୍ଡାଙ୍କ କହିବା ଅନୁଯାୟୀ, କୌଣସି ଆୟ ନାହିଁ କି ସେବାୟତଙ୍କ ପାଇଁ କୌଣସି ପ୍ରାପ୍ୟର ବ୍ୟବସ୍ଥା ନାହିଁ। ରୀତିନୀତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ନାକେଦମ୍ ହେବାକୁ ପଡୁଛି। ଶ୍ରୀମନ୍ଦିର ସହ ସମ୍ପୃକ୍ତ ନୀତିକାନ୍ତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖର୍ଚ୍ଚ ବହନ କରିବାକୁ ନିବେଦନ କରାଯାଇଛି। ଶୀତଳଷଷ୍ଠୀ ଆଜ୍ଞାମାଳ ବିଜେ ଓ ଚମ୍ପକ ଦ୍ୱାଦଶୀ ପଞ୍ଚୁଗ୍ରାସୀ ଭୋଗ ପାଇଁ ଅନ୍ତତଃ ୩୦ହଜାର ଟଙ୍କାର ଖର୍ଚ୍ଚ ଅନୁମୋଦନ କରି ପ୍ରଦାନ କରିବାକୁ ଦାବି ହୋଇଛି। ନିକଟରେ ଚନ୍ଦନ ଯାତ୍ରା ସମୟରେ ବାକିଆ ପାଉଣା ପ୍ରସଙ୍ଗ ନେଇ ଶ୍ରୀଯମେଶ୍ୱର ମହାଦେବଙ୍କ ସେବକମାନେ ପ୍ରତିବାଦ କରିଥିଲେ। ଫଳରେ ଚନ୍ଦନ ଯାତ୍ରାରେ ଶ୍ରୀଯମେଶ୍ୱର ଅଢ଼େଇଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ୨୦୧୮ ମସିହା ପରଠୁ ସେବକମାନଙ୍କୁ ପ୍ରାପ୍ୟ ମିଳି ନ ଥିବାରୁ ପାଉଣା ଦେବାକୁ ଅଡ଼ିବସିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ସେବକଙ୍କ ସହ ଆଲୋଚନା କରାଯିବା ପରେ ବିଳମ୍ବରେ ବିମାନ ଉଠିଥିଲା।

# ଚମ୍ପକ ଦ୍ୱାଦଶୀ ଲାଗି ଆଦ୍ୟଶାସନ ଉତ୍ସବମୁଖର

ସାକ୍ଷୀଗୋପାଳ,୭।୬(ଭରତ ରାଉତ)

ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ପର୍ବ ଓ ବାଣଯାତ୍ରା ପାଇଁ ଆଦ୍ୟଶାସନ ବୀରରାମଚନ୍ଦ୍ରପୁର ଗ୍ରାମ ଶନିବାର ଉତ୍ସବମୁଖର ହୋଇଉଠିଛି। ମୂଳଅଳସା ମୌଜାସ୍ଥିତ ବାବା ଅନନ୍ତେଶ୍ୱର ଦେବଙ୍କ ମଧ୍ୟସ୍ଥତାରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଇଷ୍ଟ ଦେବତା ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କ ବିବାହ ଉତ୍ସବ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ଉତ୍ସବ ସମ୍ପନ୍ନ ପରେ ଚମ୍ପକ ଦ୍ୱାଦଶୀ ତିଥିରେ ୩ଟି ସୁସଜ୍ଜିତ ମଣି ବିମାନରେ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀ ଏବଂ ଆଉ ଗୋଟିଏ ବିମାନରେ ମା’ ମଣିନାଗ ଦୁର୍ଗା ଓ କନକ ଦୁର୍ଗା ଏବଂ ବାବା ଅନନ୍ତେଶ୍ୱର ଦେବଙ୍କୁ ବିରାଜମାନ କରାଯାଇ ବାଜା, ରୋଶଣିର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଦ୍ୱାରି ଭୋଗ ପୂଜା ବନ୍ଦାପନା ସହ ଗ୍ରାମ ପରିକ୍ରମା କରା ଯାଇଥିଲା। ତ୍ରୟୋଦଶୀ ରବିବାର ଅପରାହ୍ନରେ ମନ୍ଦିର ଅଭିମୁଖେ ଫେରୁଥିବା ଠାକୁରଙ୍କୁ ଖୁଣ୍ଟିଲାଗି କରାଯାଇ ସମ୍ମୁଖରେ ପ୍ରସିଦ୍ଧ କାଠଚକ୍ର ବାଣ ଓ ବିଭିନ୍ନ ଆତସବାଜି ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି।



ସୁସଜ୍ଜିତ ବିମାନରେ ଠାକୁର ଯାଉଛନ୍ତି ।

# ପରିବେଶ ସୁରକ୍ଷା ସହ ଚାରାରୋପଣକୁ ଗୁରୁତ୍ୱ





ଉତ୍ସବରେ ଉପସ୍ଥିତ ମଞ୍ଚାସୀନ ଅତିଥି ।

## ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ଚଳିତବର୍ଷ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ମେ ୩୦ରୁ ଆରମ୍ଭ ହୋଇ ଜୁନ୍ ୫ ତାରିଖରେ ଶେଷ ହୋଇଛି। ଏହି ଅବସରରେ ସତ୍ୟବାଦୀସ୍ଥିତ ଜାଭିଅର ସ୍କୁଲ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର ଯୋଗଦେଇ ବୃକ୍ଷ ହିଁ ଆମର ଜୀବନ ବୋଲି କହିଛନ୍ତି। ପରିବେଶ ସୁରକ୍ଷା ସହ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା ପାଇଁ ସଙ୍କଳ୍ପ ନେଇଥିଲେ। ବର୍ଷକରେ କେବଳ ଗ୍ରୀଷ୍ମଋତୁକୁ ଛାଡ଼ିଦେଲେ ଅନ୍ୟଋତୁରେ ବାଡ଼ି, ବଗିଚା, ବିଦ୍ୟାଳୟ, ଖାଲିସ୍ଥାନ, ପାର୍କ ଇତ୍ୟାଦି ସ୍ଥାନରେ ଛୋଟବଡ଼ ବୃକ୍ଷରୋପଣ କରିବା, ଯାହା ଆମ ଭବିଷ୍ୟତକୁ ଆଶାର ଆଲୋକ ପ୍ରଦାନ କରିବ ବୋଲି ଅତିଥିମାନେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିନୟ ନରସିଂହ ମହାପାତ୍ର, ସମ୍ମାନିତ ଅତିଥିଭାବେ ଭାବେ ସାମାଜିକ କର୍ମୀ ରୁଚିମିତ୍ରା ଜଗଦେବ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଶିକ୍ଷାବିତ୍ ସତ୍ୟବାଦୀ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ନିଜ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଲଲାଟେନ୍ଦୁ ମିଶ୍ର ସାପ୍ତାହିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ଦାଶ, ପ୍ରଭାତ ଚନ୍ଦ୍ର ରଥ, ମାନସୀ ରଥ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ବନ୍ଦନା ମହାପାତ୍ର, ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ରୁଚିମିତ୍ରା ଜଗଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-୧) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ୍ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ୍ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ’ ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ’ ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ - ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ୍ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି-୧) ଏବଂ ଆଇଆର୍‌ଏଫ୍-୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ **www.ireps.gov.in**ରେ ଦେଖାଯାଇପାରିବ।

CPR/10/PR/92
*ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ*

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- Sd./- Managing Director

**OFFICE OF THE** No. C-466

**DHENKANAL MUNICIPAL COUNCIL, DHENKANAL**

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

OIPR- **Sd./- Executive Officer Dhenkanal Municipality**

# ଓକିଲ ସଂଘ ସତ୍ୟାଗ୍ରହକୁ ସର୍ବଭାରତୀୟ ଆଇନଜୀବୀ ସଂଘ, ଓଡ଼ିଶା ରାଜ୍ୟ କମିଟିର ସମର୍ଥନ

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ପୁରୀ ଅଦାଲତ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ପୁରୀ ଓକିଲ ସଂଘ ପକ୍ଷରୁ ଚାଲୁ ରହୁଥିବା ସତ୍ୟାଗ୍ରହ ଶନିବାର ୧୦୧ ଦିନରେ ପହଞ୍ଚିଛି। କୋର୍ଟ ସ୍ଥାନାନ୍ତରକୁ ବିରୋଧ କରୁଥିବା ଓକିଲ ସଂଘକୁ ସର୍ବଭାରତୀୟ ଆଇନଜୀବୀ ସଂଘ, ଓଡ଼ିଶା ରାଜ୍ୟ କମିଟି ଦୃଢ଼ ସମର୍ଥନ କରିଛି। ରାଜ୍ୟ ନେତୃବୃନ୍ଦ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ତଥା ସର୍ବଭାରତୀୟ ଆଇନଜୀବୀ ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ପଙ୍ଗାରି, ସମ୍ପାଦକ ଦୀପକ ମହାପାତ୍ର, ଭଦ୍ରକର ରାଧା ଦାସ, ରାଉରକେଲାର ରାଜକିଶୋର ପ୍ରଧାନ, ଚନ୍ଦ୍ରଭାନୁ ଦାସଙ୍କ ସମେତ ରାଜ୍ୟ ନେତୃତ୍ୱ ପୁରୀ ବାର ସମ୍ମୁଖରେ ଚାଲିଥିବା ସତ୍ୟାଗ୍ରହ ସ୍ଥଳକୁ ଆସି ସତ୍ୟାଗ୍ରହୀମାନଙ୍କୁ ଶୁଭେଚ୍ଛା ଓ ସମର୍ଥନ କରିଛନ୍ତି। ନେତୃବୃନ୍ଦମାନେ କହିଛନ୍ତି, କଚେରିଠାରୁ କୋର୍ଟକୁ ଅଲଗା କରିବା ବିଚାର ଓ ନ୍ୟାୟର ପରିପନ୍ଥୀ। କୌଣସି କାରଣ ନ ଥାଇ ଓକିଲଙ୍କ ସହ କିମ୍ବା ବାର ସହ ଆଲୋଚନା ନ କରି ଏକପାଖିଆ ନିଷ୍ପତ୍ତି ଓକିଲଙ୍କ ପାଇଁ ଅପମାନ। ପୁରୀରେ ଯେଉଁ ଜାଗାକୁ ନେବା ପାଇଁ ନିଷ୍ପତ୍ତି କରାଯାଇଛି ତାହା ଉପରେ କଟକଣା ରହିଛି। କଟକଣା ଥିବା ସତ୍ତ୍ୱେ କିପରି ଉକ୍ତ ସ୍ଥାନକୁ କୋର୍ଟ ସ୍ଥାନାନ୍ତର କରିବେ ଓ କାହିଁକି କରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ସାରଦା ସାମଲ, ବିମଳେନ୍ଦୁ ଦାସ, ଅନିଲ ସାହୁ, କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**TENDER DOCUMENT**

**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-

1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer, Bonai Forest Division**

**OIPR-08040/11/0015/2526**

**ଭାରସାମ୍ୟ ହରାଇ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ**

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ଅଂଶୁପା ମୁଖ୍ୟ ରାସ୍ତା ଖନ୍ଦକ ସେତୁରେ ଏକ ମିନି ଟ୍ରକ୍ ଭାରସାମ୍ୟ ହରାଇ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଯାତାୟାତ କରୁଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ କେହି ଆହତ ହୋଇନଥିବା ଜଣା ପଡିଛି । ସୂଚନାଯୋଗ୍ୟ, ଏକ ମିନିଟ୍ରକ ମାଙ୍କଡା ପଥର ଖାଲିକରି ଫେରୁଥିବାବେଳେ ଡ୍ରାଇଭର୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଖୁଣ୍ଟରେ ପିଟିଦେଇଥିଲେ। ପ୍ରଶାସନ ପକ୍ଷରୁ ଦୁର୍ଘଟଣା ରୋକିବାକୁ ଦ୍ରୁତଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।






## ସଂକ୍ଷେପରେ

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୪ ବର୍ଷର ଅମ୍ଳାନସୁ



ତିଗିରିଆ,୭।୬(ଜାଫର ଖାଁ ): ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳ ଗ୍ରାମର ସରୋଜିନୀ କର ଓ ସୁନୀଲ କରଙ୍କ ଶିଶୁପୁତ୍ର ଅମ୍ଳାନସୁ କର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ମାତ୍ର ୩ ବର୍ଷ ୧୧ ମାସରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଅମ୍ଳାନସୁ ମାତ୍ର ୩ ମିନିଟରେ ୧୬ କୀଟପତଙ୍ଗ,୧୯ ଫୁଲ,୨୨ ପରିବା, ୨୮ ପ୍ରାଣୀ, ୨୨ ପକ୍ଷୀ, ୩୨ ଶରୀର ଅଙ୍ଗର ନାମ ଇଂରାଜୀରୁ ଓଡ଼ିଆ ଭାଷାକୁ ଅନୁବାଦ କରିଥିଲେ। ଏଥିସହ ୨୦ଟି କମ୍ପ୍ୟୁଟର ପାର୍ଟସ, ୩୦ ରଙ୍ଗ,୧୬ ପ୍ରସିଦ୍ଧ ବ୍ୟକ୍ତିଙ୍କ ନାମ କହିବା ସହ ୩ ନର୍ସରି ଇଂରାଜୀ ପାଠ୍ୟ ପୁସ୍ତକର କବିତା, ବାର ମାସ, ସପ୍ତାହର ସାତଦିନ, ୩୧ ଜାତୀୟ ପ୍ରତୀକର ନାମ ଧାର୍ଯ୍ୟ ସମୟ ମଧ୍ୟରେ କହିଥିଲେ। ଏହି ସଫଳତା ହାସଲ ପରେ ସଂସ୍ଥା ପକ୍ଷରୁ ଅମ୍ଳାନସୁଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

### ୧୩୦ ଜଣଙ୍କୁ ପଙ୍କଜିନୀ ମେଧା ପୁରସ୍କାର ପ୍ରଦାନ

ବାଙ୍କୀ,୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଙ୍କଜିନୀ ମେଧା ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧୩୦ ଜଣ ମାଟ୍ରିକ୍ ଓ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ପଙ୍କଜିନୀ ମେଧା ପୁରସ୍କାର ପ୍ରଦାନ ସହ ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପରିଷଦର ସମ୍ପାଦକ ଜ୍ୟୋତି ରଞ୍ଜନ ରାଉତ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧ୍ୟାପକ ଧରଣୀଧର ରଣା, ସମ୍ମାନିତ ଅତିଥି ଭାବେ ବାଙ୍କୀ ନଗରପାଳିକା ମାଣିକ ସାହୁ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା ଓ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବଶତ୍ରୁତାରୁ ୩ ବୋମାମାଡ଼: ଭାଙ୍ଗିଲା ଘର ଛାତ, ଝରକା

## ଥାନାରେ ମାମଲା, ଅଭିଯୁକ୍ତ ଫେରାର

ବାଙ୍କୀ, ୭।୬( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):

କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ହାଉସ ଅନ୍ତର୍ଗତ ରତାଗଡ ପଞ୍ଚାୟତର ସହଙ୍ଗା ଗୋପାଳପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୩ ବୋମାମାଡ଼ ହୋଇଛି। ଏଥିରେ ଗ୍ରାମର ଗୋଲଖ ବିହାରୀ ଜେନାଙ୍କ ଘରର ଛାତ, ଝରକା କାଚ ଆଦି ଭାଙ୍ଗିଯିବା ସହ ଆସବାବପତ୍ର କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ରାତିରେ ସୁବର୍ଣ୍ଣପୁର ବିଟ୍ହାଉସ ଅଧିକାରୀ



ବୋମା ବିସ୍ଫୋରଣରେ ଘରର ଛାତ ଫାଟିଯାଇଛି।

ପ୍ରସନ୍ନ କୁମାର ମାହାଳୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ବାଙ୍କୀ ଏସ୍ଡିପିଓ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ ପହଞ୍ଚି ଅନୁସନ୍ଧାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୋଲଖଙ୍କ ସହ ଏହି ଗ୍ରାମର ଦେବରାଜ ଜେନାଙ୍କ ପୂର୍ବରୁ ପାରିବାରିକ ଶତ୍ରୁତା ଥିଲା। ଗୋଲଖଙ୍କ ଜାଗାରେ ଥିବା ବାଉଁଶବୁଦାରୁ ଦେବରାଜ ଶୁକ୍ରବାର ଲୋକ ଲଗାଇ ବାଉଁଶ ହାଣି ଥିଲେ। ଗୋଲଖ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଦେବରାଜ ତାଙ୍କୁ ହତ୍ୟା ଧମକ ଦେବାସହ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଫଳରେ ଗୋଲଖ ଦୌଡ଼ି ପଳେଇ ଯାଇଥିଲେ। ବିଳମ୍ବିତ ରାତିରେ ଗୋଲଖଙ୍କ ଘର ଉପରେ ବୋମାମାଡ଼ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୧୧୯/୨୫) ରୁଜୁ କରିଛି। ଏହାପରଠୁ ଦେବରାଜ ଫେରାର ଅଛନ୍ତି। ଖୁବ୍ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଭୂଇଁ କହିଛନ୍ତି।

# ହୋଟେଲ ଉପରକୁ ଟ୍ରେଲର ମାଡ଼ିଯିବାରୁ କର୍ମଚାରୀ ମୃତ

## ଗାଡ଼ି ଜବତ, ଚାଳକ କୋର୍ଟ ଚାଲାଣ

ସାଲେପୁର,୭।୬(ଅରବିନ୍ଦ ଭୂୟାଁ): କଟକ-ସାଲେପୁର ରାସ୍ତାର ଶିଶୁଆ ବଜାର ରାସ୍ତା କଡ଼ରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏକ ୧୮ ଚକିଆ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ସିଦ୍ଧି ନାମକ ଏକ ହୋଟେଲକୁ ପଶିଯାଇଥିଲା। ଫଳରେ ହୋଟେଲ୍ଟି ଭାଙ୍ଗି ଯାଇଥିବାବେଳେ ସେଠାରେ ଥିବା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ମନୋଜ ନାୟକ।

ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରେଲରଟି କେନ୍ଦ୍ରାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିବା ପରେ ଲୋକେ ଉତ୍ୟକ୍ତ ହୋଇଯାଇଥିଲେ। ଖବରପାଇ ସାଲେପୁର ଆଇଆଇସି ଅନିତା ସାହୁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା ବେଳେ ଭୁବନଙ୍କୁ ଥାନାରେ ନେଇ ଅଟକ ରଖିଥିଲା। ଏହାପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକଶ ପାଇଛି। ଏହି ଘଟଣାରେ ଟ୍ରେଲର ଚାଳକଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଢ଼େଙ୍କାନାଳ ଜିଲା ଭୁବନ ଥାନା ମାଳପଡ଼ା ଗ୍ରାମର ବିଜୟ ସାମଲ। ଏନେଇ ଥାନାରେ ମାମଲା (ନଂ. ୨୫୪/୨୫) ରୁଜୁ କରାଯାଇଛି। ଏଥିସହ ଉକ୍ତ ଟ୍ରେଲରକୁ ଜବତ କରାଯାଇଛି।

# ଶୃଙ୍ଖଳା କୂଅରୁ ବିଲୁଆ ଉଦ୍ଧାର

.ତିଗିରିଆ,୭।୬(ଜାଫର ଖାଁ ) ତିଗିରିଆ ବ୍ଲକ ବଡ଼ନାଉପୁଟ ପଞ୍ଚାୟତ ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମର ଏକ ଶୁଖିଲା କୂଅରେ ଗୋଟିଏ ବିଲୁଆ ପଡ଼ିଯାଇଥିଲା।ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ତିଗିରିଆ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କୂଅରୁ ତାକୁ ସୁରକ୍ଷିତଭାବେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛି। ଏନେଇ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ଭଡ଼ାଘରୁ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି/ ସାଲେପୁର, ୭।୬ (ଅଶୋକ କୁମାର ମହାପାତ୍ର/ ଅରବିନ୍ଦ ଭୂୟାଁ):



ଚିନ୍ମୟୀ ଭୋଇ



ଦେବେନ୍ଦ୍ର ମୁଣ୍ଡା

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଖନ୍ଦୋଳ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଏକ ଭଡ଼ାଘରୁ ପୋଲିସ ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେମାନେ ହେଲେ ସାଲେପୁର ଥାନା ବାଲିସାହି ପଞ୍ଚାୟତ ଅନ୍ତର୍ଗତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ (୨୫) ଓ ସାଲେପୁର ଥାନା ବାଲିସୀମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା (୨୮)।

ଚିନ୍ମୟୀ ସ୍ଥାନୀୟ ମିର୍ଜାପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ଦୀର୍ଘଦିନ ହେବ ଦେବେନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ପରିବାର ଲୋକେ ସେମାନଙ୍କ ବିବାହରେ ପ୍ରତିବନ୍ଧକ ସାଜିଥିଲେ। ଦୁହେଁ ୪ ଦିନ ହେବ ଖନ୍ଦୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ଶୁକ୍ରବାରଠାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ସେମାନେ ରହୁଥିବା ଭଡାଘର କବାଟ ବନ୍ଦ ରହିଥିଲା। ବନ୍ଦ ଘରୁ ଦୁର୍ଗନ୍ଧ ଆସିବାରୁ ପରେ ଘର ମାଲିକ ସନ୍ଦେହ ପ୍ରକଟ କରି ମାହାଙ୍ଗା ଥାନାରେ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିବା ପରେ ଚିନ୍ମୟୀ ଓ ଦେବେନ୍ଦ୍ରଙ୍କୁ ଗୋଟିଏ ଓଢ଼ଣିରେ ଝୁଲୁଥିବା ଦେଖିଥିଲେ। ଏହାପରେ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଶାନ୍ତିଶୃଙ୍ଖଳାରେ ଇଦ୍-ଉଜ୍-ଜୁହା ପାଳନ



ମୁସଲମାନ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଇଦ୍ ମୁବାରକ ଜଣାଉଛନ୍ତି।

ତିଗିରିଆ, ୭।୬( ଜାଫର ଖାଁ )

ତିଗିରିଆରେ ମୁସଲମାନଙ୍କର ତ୍ୟାଗ ଓ ବଳିଦାନର ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ଏହି ପର୍ବ ସମଗ୍ର ବିଶ୍ୱରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବା ବେଳେ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀରେ ଶନିବାର ଶାନ୍ତି ଶୃଙ୍ଖଳାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ କରଡ଼ାପଲ୍ଲୀ ଗ୍ରାମ ଚଳଚଞ୍ଚଳ ହୋଇଥିଲା। ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଜାମା ମସଜିଦ ଠାରେ ସକାଳ ୯. ୨୦ ମିନିଟରେ ମୌଲାନା ନଶିର ଅହମ୍ମଦ ସମସ୍ତ ମହିଳା ଓ ପୁରୁଷଙ୍କୁ ପବିତ୍ର ଇଦ ନମାଜ ପାଠ କରାଇଥିଲେ। ଜମାତ ଅହମ୍ମଦିୟା ପଙ୍କାଳର ଇଦ୍ଗାରେ ମୌଲାନା ସେକ ଇସିହାକ ପୁରୁଷଙ୍କୁ ନମାଜ ପାଠ କରାଇଥିବା ବେଳେ ଜାମା ମସ୍ଜିଦଠାରେ ସମସ୍ତ ମହିଳାଙ୍କୁ ମୌଲାନା ସେକ ନାସିରୁଦ୍ଦିନ ଇଦ ନମାଜ ପାଠ କରାଇଥିଲେ । ଶେଷରେ ଇସ୍ଲାମ୍ ଧର୍ମର ଅନୁଗତମାନେ ମହାପୁରୁଷ ହଜରତ ଇବ୍ରାହିମଙ୍କ ତ୍ୟାଗକୁ ସ୍ମରଣକରି ପରସ୍ପରକୁ ଇଦ୍ର ଅଭିନନ୍ଦନ ଜଣାଇଥିଲେ ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍ନବ୍ ୨୨ ଏଚ୍ଏସ୍ (ଏମ୍ଓଡି-୧) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ୍ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ୍ ଆସେମ୍ବ୍ଲି (ମେଶିନ୍ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍ଏଚ୍ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍ଡେବଲ୍ ସିଏମ୍ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ ଏସ୍ଏମ୍ଆର୍ ମଡ୍ୟୁଲ୍ ବେସ୍ଡ ଏସ୍ଏମ୍ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍ନବ୍ ୨୨ଏଚ୍ଏସ୍, ୨୨ଏଚ୍ଏସ୍ (ଏମ୍ଓଡି-୧) ଏବଂ ଆଇଆର୍ଏଫ୍-୧୦୮ଏଚ୍ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍ଏଚ୍ଏଲ୍ର କନ୍ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/PR/92 ପି ସି ଏମ୍ ଏମ୍, ଏସ୍ଇସିଆର୍, ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail



**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www. tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- Sd./- Managing Director



**OFFICE OF THE** No. C-466

**DHENKANAL MUNICIPAL COUNCIL, DHENKANAL**

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha. gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https:// tenderorissa.gov.in.**

OIPR- Sd./- Executive Officer Dhenkanal Municipality


# ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାଦାଦା ଗୁରୁତର

ସାଲେପୁର,୭।୬(ଅରବିନ୍ଦ ଭୂୟାଁ):

ବିବାହର ପ୍ରୀତିଭୋଜନ ଚାଲିଥିଲାବେଳେ ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାଙ୍କ ଦାଦା ଗୁରୁତର ହୋଇଛନ୍ତି। ଏନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବିବାହର ହାତଗଣ୍ଠି ପଡ଼ିବା କିଛିସମୟ ପାଇଁ ବନ୍ଦ ହୋଇଯାଇଥିଲା। ଶେଷରେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ଆପୋସ ସମାଧାନ ହୋଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ସାଲେପୁର ବ୍ଲକ ଅନ୍ତର୍ଗତ କଳାଗ୍ନି ମନ୍ଦିର ପରିସରରେ ଶନିବାର ଏହି ଘଟଣା ଦେଖିବାକୁ ମିଳିଛି।

ବିବାହ ପୂର୍ବରୁ ବରଯାତ୍ରୀ ଦଳ ଏକ ଶୋଭାଯାତ୍ରାରେ ଆସି ମନ୍ଦିର ପରିସରରେ ହୋଇଥିବା ବିବାହ ମଣ୍ଡପରେ ପହଞ୍ଚିଥିଲେ। କିଛି ସମୟ ସେଠାରେ ବନ୍ଧୁଚର୍ଚ୍ଚା ହେବାପରେ ବରଯାତ୍ରୀମାନେ ଭୋଜନ କରିବାକୁ ଯାଇଥିଲେ। ତେବେ ଭୋଜନ କାର୍ଯ୍ୟ ଆରମ୍ଭ ହେବାକ୍ଷଣି କୌଣସି କାରଣରୁ ଉଭୟ ବରଯାତ୍ରୀ ଓ କନ୍ୟା ପକ୍ଷଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବରଯାତ୍ରୀମାନେ କନ୍ୟାପକ୍ଷଙ୍କ ଉପରେ ଆକ୍ରମଣ କରିଥିଲେ। କନ୍ୟାଙ୍କ ଦାଦା ତଥା କୋଲଣପୁର ଗ୍ରାମର ଭୀମସେନ ସାମଲ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାକୁ ଉଦ୍ୟମ କରୁଥିବାବେଳେ ବରଯାତ୍ରୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବରଯାତ୍ରୀ ଦଳରୁ ୪ ଜଣଙ୍କୁ ଥାନାରେ ନେଇ ଅଟକ ରଖିଛି। ଏହି ଘଟଣା ସାଲେପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ ।

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**TENDER DOCUMENT**
**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-

1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

Sd./- Divisional Forest Officer, Bonai Forest Division

OIPR-08040/11/0015/2526




# 'କାଲିର ଅତୀତ' ସମେତ ୬ ଭାଷାର ଚଳଚ୍ଚିତ୍ର ପ୍ରଦର୍ଶିତ


ଓଡ଼ିଆ ଚଳଚ୍ଚିତ୍ର 'କାଲିର ଅତୀତ'ର ଏକ ଦୃଶ୍ୟ।


ପ୍ରେକ୍ଷାଳୟରେ ପ୍ରଦର୍ଶିତ ମରାଠୀ ସିନେମା 'ସ୍ୱାସ୍'କୁ ଲୋକେ ଦେଖୁଛନ୍ତି।

## ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୭।୬ (ସୌମ୍ୟରଞ୍ଜନ ରାଉତ)

ସୂଚନା ଭବନରେ ଚାଲିଥିବା ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ 'ସ୍କ୍ରିନ୍ ପ୍ଲେ' ଲେଖାକୁ ନେଇ ଏକ 'ମାଷ୍ଟର କ୍ଲାସ୍' ଗୀତଗୋବିନ୍ଦ ସଦନଠାରେ ଆୟୋଜନ କରାଯାଇଥିଲା। ଏଥିରେ ହିନ୍ଦୀ ଚିତ୍ର ଜଗତର ଚିତ୍ରନାଟ୍ୟ ଲେଖକ ଚାରୁଦ ଆଚାର୍ଯ୍ୟ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆଗ୍ରହ ରଖୁଥିବା ଯୁବ ପ୍ରତିଭାମାନଙ୍କୁ ତାଲିମ୍ ଓ ପରାମର୍ଶ ଦେଇଥିଲେ। ଏହି ମାଷ୍ଟର କ୍ଲାସ୍‌ରେ ଓଡ଼ିଆ ସିନେମା ଓ ନାଟ୍ୟ ଜଗତର କଳାକାରଙ୍କ ସହ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ଚଳଚ୍ଚିତ୍ର ଲେଖକ ତଥା ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ, ସିନେ ସମୀକ୍ଷକ ଅଶୋକ ପାଲିତ୍, ସାଉଣ୍ଡ ଇଞ୍ଜିନିୟର ସୁବାସ ସାହୁ, ଏନ୍‌ଏସ୍‌ଡ଼ିର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜକ ସୁକାନ୍ତ ରଥଙ୍କ ସମେତ ଓଲିଉଡ୍ ଜଗତର ବହୁ କଳାକାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଚଳଚ୍ଚିତ୍ର ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ 'କାଲିର ଅତୀତ' ସମେତ ୬ଟି ଭାଷାରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କେତନ ମେହେଟ୍ଟାଙ୍କ ନିର୍ଦ୍ଦେଶିତ ଗୁଜରାଟୀ ଚଳଚ୍ଚିତ୍ର 'ଭବାନୀ ଭବାଇ', ଗିରିଶ୍ କସାର୍‌ୱାଲିଙ୍କ ନିର୍ଦ୍ଦେଶିତ କନ୍ନଡ଼ ଚଳଚ୍ଚିତ୍ର 'ଘଟଶ୍ରାଦ୍ଧ', ଉର୍ଦ୍ଦୁ ଚଳଚ୍ଚିତ୍ର 'ହମିଦ୍', ମରାଠୀ ସିନେମା 'ସ୍ୱାସ୍' ଓ ହିନ୍ଦୀ ଚଳଚ୍ଚିତ୍ର 'ସାହିବ୍ ବିବି ଅର୍ ଗୁଲାମ୍' ପ୍ରଦର୍ଶିତ ହୋଇଥିଲା।



'ମାଷ୍ଟର କ୍ଲାସ୍'ରେ 'ସ୍କ୍ରିନ୍ ପ୍ଲେ' ଲେଖାକୁ ନେଇ ଆଲୋଚନା କରାଯାଉଛି।

## ଭାଇଚାରା, ସଦ୍‌ଭାବନାର ପର୍ବ ଇଦ୍-ଉଜ୍-ଜୁହା

ଜଟଣୀ,୭।୬(ରବୀନ୍ଦ୍ରନାଥ ମହାକୁଡ଼)

ଭାଇଚାରା ଓ ସଦ୍‌ଭାବନାର ପର୍ବ ଇଦ୍-ଉଜ୍-ଜୁହା। ଶନିବାର ଏହି ପର୍ବ ଜଟଣୀର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଯାଇଛି। ସହରରେ ଥିବା ୬ଟି ମସଜିଦ ଓ ଇଦ୍‌ଗାହରେ ସମୂହ ନମାଜପାଠ ହୋଇଥିଲା। ପରେ ସମସ୍ତେ ସମସ୍ତଙ୍କୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ଗଡ଼ରଥିପୁର, ବେଣାପଞ୍ଜରୀ, ଗଡ଼ତରାବୋଇରେ ଥିବା ମସଜିଦ ଏବଂ ଇଦ୍‌ଗାହରେ ଇଦ୍-ଉଜ୍-ଜୁହା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଟଣୀ ଥାନା ଅଞ୍ଚଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଏସିପି ଜୋନ-୩, ଦୁଇ ଜଣ ଅତିରିକ୍ତ ଡିସିପି, ଚନ୍ଦକା ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଶାନ୍ତିଶୃଙ୍ଖଳାରେ ଏହି ପର୍ବ ପାଳନ ହୋଇଥିଲା।

## ଇପିଏଫ୍ ପେନ୍‌ସନର୍ସ ସଂଘର କେନ୍ଦ୍ରୀୟ ଶ୍ରମିକ ସଂଗଠନ ସହ ଆଲୋଚନା

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍‌ର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀଠାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କୁ ସାକ୍ଷାତ କରି ସର୍ବନିମ୍ନ ପେନ୍‌ସନ ବୃଦ୍ଧି ବାବଦରେ ଆଲୋଚନା କରିଛନ୍ତି। ଇପିଏଫ ପେନସନଭୋଗୀଙ୍କ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ପୁନଶ୍ଚ କେନ୍ଦ୍ର ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଏହି ପ୍ରତିନିଧି ଦଳ କର୍ମଚାରୀ ଭବିଷ୍ୟନିଧି ସଂଗଠନର ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ଅପରାଜିତା ଜାଗୀଙ୍କୁ ସାକ୍ଷାତ କରି ବର୍ଦ୍ଧିତ ପେନସନ୍ ବାବଦରେ ଦେଖା ଦେଇଥିବା କେତେକ ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ସମସ୍ତ ସମସ୍ୟାକୁ ତର୍ଜମା କରି ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବାକୁ ଜାଗୀ ପ୍ରତିଶ୍ରୁତି ଦେଇଥିଲେ। ଆସୋସିଏଶନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ଓ ଉପ ସଭାପତି ବିକ୍ରମ ଛୋଟରାୟ, ଏଆଇଟିୟୁସିର ସମ୍ପାଦିକା ଅମରଜିତ୍ କୌର, ହିନ୍ଦ ମଜଦୁର ସଭାର ସମ୍ପାଦକ ହରଭଜନ ସିଂ ସିଦ୍ଧୁ, ସିଆଇଟିୟୁର ସମ୍ପାଦକ ତପନ ସେନ, ଭାରତୀୟ ମଜଦୁର ସଂଘର ସିବିଟି ସଦସ୍ୟ ଗିରିଶ ଚନ୍ଦ୍ର ଆର୍ଯ୍ୟ ଏବଂ ଆଇଏନ୍‌ଟିୟୁସିର ସମ୍ପାଦକ ପି.ଜେ.ରାଜୁଙ୍କ ସହ ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ ଆଲୋଚନା ହୋଇଥିଲା।

## ମହୁଖଣ୍ଡା ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ

ବାଲିଅନ୍ତା,୭।୬ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ମହୁଖଣ୍ଡା ସେବା ସମବାୟ ସମିତି ପକ୍ଷରୁ ରବି ଫସଲ କରିଥିବା ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଧାନ କ୍ରୟ ନିମନ୍ତେ ଶନିବାର ଏକ ମଣ୍ଡି ଖୋଲାଯାଇଛି। ମହୁଖଣ୍ଡା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସର ଖୋଲାଯାଇଥିବା ଧାନ ମଣ୍ଡିକୁ ସମିତି ସଭାପତି ତାପସ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ରାଜସ୍ୱ ନୀରିକ୍ଷକ ସୁଜିତ୍ କୁମାର ବେହେରା ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ। ଧାନ ମଣ୍ଡିର ଶୁଭାରମ୍ଭ ଦିବସରେ ସମିତି ପରିଚାଳନା ପରିଷଦର ସଭ୍ୟମାନେ ଉପସ୍ଥିତ ଥିଲେ। ରବି ଧାନ ବିକ୍ରି ପାଇଁ ସମିତିରେ ୨୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ପ୍ରଥମ ଦିନରେ ୭ ଜଣ ଚାଷୀଙ୍କଠାରୁ ୨୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମ୍ପାଦକ ହେମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

# ନୃତ୍ୟଗୁରୁ ଦୟାନିଧି ଜଣେ ବହୁମୁଖୀ ପ୍ରତିଭା ଥିଲେ



ଅତିଥିମାନେ ଦୟାନିଧି ସ୍ମୃତି କଳା ପରିଷଦର ବାର୍ଷିକ ପତ୍ରିକା 'କଳା ସୃଜନୀ' ଉନ୍ମୋଚନ କରୁଛନ୍ତି।

## ୯୮ତମ ଜୟନ୍ତୀରେ 'କଳା ସୃଜନୀ' ଉନ୍ମୋଚନ

ଭୁବନେଶ୍ୱର,୭।୬ (ସୌମ୍ୟରଞ୍ଜନ ରାଉତ)

ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ ଶନିବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇ କହିଲେ, ନୃତ୍ୟଗୁରୁ ଦୟାନିଧି ଜଣେ ବହୁମୁଖୀ ପ୍ରତିଭା ଥିଲେ। ନିଜ ସୃଜନୀଶକ୍ତି ବଳରେ ଓଡ଼ିଶୀ ନୃତ୍ୟ ସୃଷ୍ଟି କରିବା ସହ ଏହାର ବିକାଶ ଦିଗରେ ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ବୁଦ୍ଧଦେବ ଦାସ, ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ, ସମ୍ପାଦିକା ବିଜୟଲକ୍ଷ୍ମୀ ଦାସ, ଡ. ମନୋଜ ବେହେରା ପ୍ରମୁଖ ଯୋଗଦେଇ କହିଲେ, ଦୟାନିଧି ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ଓଡ଼ିଶୀ ନୃତ୍ୟଗୁରୁମାନଙ୍କୁ ଏକତ୍ରିତ କରାଇ ପାରିଥିଲେ। ତାଙ୍କ ପ୍ରେରଣାରେ ଗୁରୁମାନେ ନିଜ ହାତକାଟି ରକ୍ତରେ ସ୍ୱାକ୍ଷରକରି ଓଡ଼ିଶୀନୃତ୍ୟର ଉନ୍ନତି କଳ୍ପେ ଦୃଢ଼ ଶପଥ ଗ୍ରହଣ କରିଥିଲେ। ଫଳରେ ଓଡ଼ିଶୀ ନୃତ୍ୟ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଲାଭ କରିପାରିଲା ବୋଲି ଅତିଥିମାନେ କହିଥିଲେ। ପରେ ପରିଷଦର ବାର୍ଷିକ ପତ୍ରିକା 'କଳା ସୃଜନୀ' ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତ, ତୁଳସୀ ଦାସ ଭଜନ, ଓଡ଼ିଶୀ ଅଭିନୟ ଏବଂ ନୃତ୍ୟନାଟିକା 'ପତିତପାବନ' ସହ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀମାନେ 'କେଡ଼େ ଛନ୍ଦ ଜାଣେ ଲୋ ସହି' ନୃତ୍ୟ ପରିବେଶ କରି ଦର୍ଶକ ଓ ଅତିଥିଙ୍କୁ ବିମୋହିତ କରିଥିଲେ। ଅନୁଷ୍ଠାନର ଉପସଭାପତି ନରସିଂହ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଜଗଦୀଶ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ ଓ କଥାମୃତ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର, ୭।୬(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଗ୍ରାମର ଆରାଧ୍ୟ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସାତଦିନ ଧରି ଚାଲିଥିବା ଶ୍ରୀମଦ ଭାଗବତ ପାରାୟଣ ଓ କଥାମୃତ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକଦିନ ପ୍ରାତଃରୁ ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବଦେବୀ ପୂଜା ଓ ଭାଗବତ ପଠନ ହୋଇଥିଲା। ସେହିଭଳି ପ୍ରବଚକ ପଣ୍ଡିତ ନାରାୟଣ ଦାଶ, ପଣ୍ଡିତ ମହେଶ ସାହୁ ଓ ପାଦନାମାଚାର୍ଯ୍ୟ ଦାସ ଯୋଗଦେଇଥିଲେ। ଏଥିରେ ପ୍ରକାଶ ଚନ୍ଦ୍ର ପ୍ରହରାଜଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ। କର୍ତ୍ତାଭାବେ ସୁଭାଶିଷ ରଥ ଏବଂ କର୍ତ୍ତୀ ଭାବେ ହରସ୍ୱିନୀ ରଥ କାର୍ଯ୍ୟ ତୁଲାଇଥିଲେ। ଫକୀର ନାୟକ, ବାଉରି ବନ୍ଧୁ ପଟଯୋଶୀ, ଉପେନ୍ଦ୍ର ରଥ, ଗଙ୍ଗାଧର ମହାରଣା, ନାରାୟଣ ପ୍ରଧାନ, ତ୍ରିନାଥ ପରିଡ଼ା, ଅଭିମନ୍ୟୁ ରଥ, ଚନ୍ଦନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଆମ ପରିବେଶ କଥା' ଉନ୍ମୋଚିତ

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ତଥା ପରିବେଶ ବିଶେଷଜ୍ଞ ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଲିଖିତ ପୁସ୍ତକ 'ଆମ ପରିବେଶ କଥା' ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ପରିବେଶ ସମିତି ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ସମିତି ସଭାପତି ପ୍ରଫେସର ବି. ସୀତାରାମ ପାତ୍ର, ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସିପେଟ୍‌ର ମୁଖ୍ୟ ନିର୍ଦ୍ଦେଶକ ଇଂ. ପ୍ରମୋଦ କୁମାର ସାହୁ, ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର, ପ୍ରକାଶକ ପ୍ରତିନିଧି ତୁଷାର ବରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ବାର୍ତ୍ତାକୁ ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପ୍ରଥମ ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ଛୋଟ ଅବସ୍ଥାରୁ ପ୍ରକୃତି ଓ ପରିବେଶ ବିଷୟରେ ମୌଳିକ ଜ୍ଞାନ ପ୍ରଦାନ କରିବା। ବୃଦ୍ଧି ପାଉଥିବା ପରିବେଶ ସମସ୍ୟା ସବୁ ବିଷୟରେ ପ୍ରାରମ୍ଭିକ ଅବସ୍ଥାରୁ ସେମାନଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଏବଂ ସଚେତନ କରିବା ଉଦ୍ଦେଶ୍ୟରେ ପୁସ୍ତକ ପ୍ରକାଶ ହୋଇଛି। ବାଲ୍ୟାବସ୍ଥାରୁ ସଚେତନ ହେଲେ ସେମାନେ ଆଗକୁ ପ୍ରକୃତିର ସଂରକ୍ଷଣ ନିମନ୍ତେ 'ସବୁଜ ସୈନିକ'ର ଭୂମିକା ନିର୍ବାହ କରିବେ ବୋଲି ଲେଖକ ଡ. ପାଣିଗ୍ରାହୀ ମତ ରଖିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-I) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍‌ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି-୧) ଏବଂ ଆଇଆର୍‌ଏଫ୍-୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
CPR/10/PR/92
ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**
**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www. tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.
OIPR- Sd./- Managing Director

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-466
**E-Procurement Notice**
**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha. gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https:// tenderorissa.gov.in.**
OIPR- Sd./- Executive Officer Dhenkanal Municipality

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ୱା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ଣ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**TENDER DOCUMENT FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

Sd./- Divisional Forest Officer, Bonai Forest Division
OIPR-08040/11/0015/2526

## ସଂକ୍ଷେପରେ

### ଆଜି ୨ ଉପମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

କଟକ, ୭।୬ (କାର୍ତ୍ତିକ ସାହୁ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ରବିବାର କଟକ ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉଭୟ ଉପମୁଖ୍ୟମନ୍ତ୍ରୀ ଜିଲାର ନାରୀଶକ୍ତି ମେଳା ଆୟୋଜନ ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବାହ୍ନରେ ପ୍ରସ୍ତୁତି ବୈଠକରେ ଯୋଗଦେବେ। ସମସ୍ତ ଅଧିକାରୀଙ୍କ ସହ ଆଲୋଚନା ପୂର୍ବକ ନାରୀଶକ୍ତି ମେଳାକୁ ସଫଳ କରିବା ନିମନ୍ତେ ପ୍ରଶାସନିକସ୍ତରରେ ତତ୍ପରତାର ସହ ସମସ୍ତ ରୂପରେଖ ପ୍ରସ୍ତୁତି କରି କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିସହ ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଜିଲାର ବିଭିନ୍ନ ବିଭାଗର ଉନ୍ନୟନମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବେ। ଜିଲାର କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ, ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ହସ୍ତତନ୍ତ ଓ ହସ୍ତଶିଳ୍ପ, ପୂର୍ତ୍ତ ଏବଂ କ୍ଷୁଦ୍ର ଜଳସେଚନ ତଥା ପୋଲିସ ଆଦି ସମୁଦାୟ ୨୭ଟି ବିଭାଗର ଅଧିକାରୀ ନିଜ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ଜିଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଦ୍ୱୟ ସମୀକ୍ଷା କରିବେ।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପୂର୍ତ୍ତ ଯନ୍ତ୍ରୀ ବଦଳିଲେ

ପିପିଲି,୭।୬(ଦୁର୍ଗା ମାଧବ ମିଶ୍ର): ପିପିଲିସ୍ଥିତ ରାଜ୍ୟ ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ) ସବ୍‌ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରାଙ୍କୁ ବଦଳି କରାଯାଇଛି। ପିପିଲିରେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ବିରୋଧରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଗତ ଫେବୃୟାରୀରେ ପିପିଲିର ବରିଷ୍ଠ ଖବରଦାତା ରାଜକିଶୋର ସ୍ୱାଇଁ ପିପିଲି-ଜଟଣୀ ରାସ୍ତା ଜାତୀୟ ରାଜପଥର ଅବ୍ୟବସ୍ଥା ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ବେହେରାଙ୍କ ପ୍ରତିକ୍ରିୟା ନେବା ସମୟରେ ଦୁର୍ବ୍ୟବହାରର ଶିକାର ହୋଇଥିଲେ। ଏନେଇ ଖବରଦାତାମାନେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଧାରଣାରେ ବସି ସମ୍ପୃକ୍ତ ଯନ୍ତ୍ରୀଙ୍କ ବ୍ୟବହାର ସମ୍ପର୍କରେ ପ୍ରତିବାଦ କରିଥିଲେ। ଖବର ପାଇ ଭୁବନେଶ୍ୱରରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜେନ୍ଦ୍ର ସାହୁ ପହଞ୍ଚି ଧାରଣାରତ ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ଯନ୍ତ୍ରୀ ସାହୁଙ୍କଠାରୁ ନିଶ୍ଚିତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା। ସୂଚନାଯୋଗ୍ୟ, ଯନ୍ତ୍ରୀ ବେହେରାଙ୍କୁ ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ)ଙ୍କ କାର୍ଯ୍ୟାଳୟରୁ ନିୟୋଜନ ପ୍ରକ୍ରିୟା (ଡେପୁଟେଶନ) ଅଣାଯାଇ ପୂର୍ତ୍ତ ବିଭାଗ ପିପିଲି ଉପଖଣ୍ଡ ଅଧୀନ ପିପିଲି ସେକ୍ସନ ୧ ରେ ନିୟୋଜିତ କରାଯାଇଥିଲା। ତାଙ୍କୁ ଏବେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୂର୍ତ୍ତ ସବ୍ ଡିଭିଜନର ଚଉଦକୁଲାଟ ସେକ୍ସନର ସହକାରୀ ଯନ୍ତ୍ରୀ ଭାବେ ବଦଳି କରାଯାଇଛି।

# ଅଗ୍ନିଶମ ଅଧିକାରୀଙ୍କ ରଣନୈତିକ ଭୂମିକାକୁ ଗୁରୁତ୍ୱ



ଆୟୋଜିତ ପ୍ରଦର୍ଶନୀକୁ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି। ସମ୍ମିଳନୀରେ ଉପସ୍ଥିତ ସହକାରୀ ଅଗ୍ନିଶମ ଅଧିକାରୀ।

## ପ୍ରଥମ ସହକାରୀ ଅଗ୍ନିଶମ ଅଧିକାରୀ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)

ପ୍ରଥମ ସହକାରୀ ଅଗ୍ନିଶମ ଅଧିକାରୀ (ଏଏଫ୍‌ଓ) ସମ୍ମିଳନୀ ଶନିବାର ଓଡ଼ିଶା ଅଗ୍ନିଶମ ଏବଂ ବିପର୍ଯ୍ୟୟ ପ୍ରଶମନ ଏକାଡେମୀ (ଓଫ୍‌ଡ୍ରା) ଠାରେ ଆରମ୍ଭ ହୋଇଛି। ଅଗ୍ନିଶମ ଏବଂ ଜରୁରିକାଳୀନ ସେବା, ଗୃହରକ୍ଷୀ ଏବଂ ନାଗରିକ ପ୍ରତିରକ୍ଷା ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି କାର୍ଯ୍ୟକ୍ଷେତ୍ରରେ ସହକାରୀ ଅଗ୍ନିଶମ ଅଧିକାରୀଙ୍କ ରଣନୈତିକ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏବେକାର ଜଟିଳ ପରିବେଶରେ ଏଏଫ୍‌ଓମାନେ ସାହସ ସହିତ ଦକ୍ଷତା, ସ୍ୱଚ୍ଛତା ଏବଂ କରୁଣାର ସହ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସହକାରୀ ଅଗ୍ନିଶମ ଅଧିକାରୀମାନେ ରାଜ୍ୟବ୍ୟାପୀ ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ପାଇଁ ଜିଲାସ୍ତରୀୟ ମୁଖ୍ୟ ଭାବେ କାର୍ଯ୍ୟ କରିଥାନ୍ତି। ଏଥିସହ ବିପର୍ଯ୍ୟୟ ପ୍ରଶମନ, ସାର୍ବଜନୀନ ସୁରକ୍ଷା ଏବଂ ଅଗ୍ନି ନିବାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଦୁଇଦିନ ଧରି ହେବାକୁ ଏହି ସମ୍ମିଳନୀ ସେମାନଙ୍କର କ୍ଷମତା, ନେତୃତ୍ୱ ଅଭିମୁଖୀକରଣ ଏବଂ ବିପର୍ଯ୍ୟୟ ପ୍ରସ୍ତୁତିକୁ ବୃଦ୍ଧି କରିବ। ଫଳରେ ସେମାନେ ଜରୁରିକାଳୀନ ପରିସ୍ଥିତିର ଠିକ୍ ଭାବେ ସମ୍ମୁଖୀନ ହୋଇପାରିବେ ବୋଲି ସୂଚନା ଦିଆଯାଇଛି।

ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅଗ୍ନିଶମ ଅଧିକାରୀ(ଏସ୍‌ଏଜି) ଦେବେନ୍ଦ୍ର କୁମାର ସ୍ୱାଇଁ, ମୁଖ୍ୟ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମାଝୀ ଏବଂ ଓଫ୍‌ଡ୍ରା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। 'ପ୍ରସ୍ତୁତି, ନେତୃତ୍ୱ ଏବଂ ସ୍ଥିରତା' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ରାଜ୍ୟର ବହୁ ସହାୟକ ଅଗ୍ନିଶମ ଅଧିକାରୀ ଏକତ୍ରିତ ହୋଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କ ଦ୍ୱାରା ଏକ ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଗ୍ରଣୀ ଅଗ୍ନି ନିରାପତ୍ତା ଏବଂ ବିପର୍ଯ୍ୟୟ ପରିଚାଳନା ସମାଧାନ ପ୍ରଦାନକାରୀମାନଙ୍କୁ ନେଇ ଏକ ପ୍ରଯୁକ୍ତି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ।



ବିଶ୍ୱ ସମୁଦ୍ର ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରୀନପିସ୍ ପକ୍ଷରୁ କଇଁଛ ସମେତ ବିଭିନ୍ନ ଜୀବଙ୍କ ସୁରକ୍ଷା ବାର୍ତ୍ତା ନେଇ କୋଣାର୍କ ଚନ୍ଦ୍ରଭାଗାଠାରେ ପ୍ରସ୍ତୁତ ବାଲୁକା କଳା।

### ନିର୍ମାଣାଧୀନ ଶୈଳବାଳା କୋଠାରୁ ଖସି ଶ୍ରମିକ ମୃତ

କଟକ,୭।୬(କାର୍ତ୍ତିକ ସାହୁ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ମାଣାଧୀନ କୋଠାରୁ ଜଣେ ଶ୍ରମିକ ଖସି ମୃତ୍ୟୁବରଣ କରିଛନ୍ତି। ମୃତ ଶ୍ରମିକଙ୍କ ପରିଚୟ ଜଣାପଡ଼ିନାହିଁ। ପୋଲିସ ସୂଚନା ଅନୁସାରେ ନିର୍ମାଣ ସଂସ୍ଥା କର୍ମଚାରୀମାନେ ଶ୍ରମିକଙ୍କୁ ଶନିବାର ରାତି ପ୍ରାୟ ୯ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଦରଘାବଜାର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତେବେ ରାତି ହୋଇଥିବାରୁ ଘଟଣା ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରାଯାଇପାରିନାହିଁ ବୋଲି କ୍ୟାଣ୍ଟନମେଣ୍ଟ ଥାନା ଆଇଆଇସି ଯତୀନ୍ଦ୍ର ସେଠୀ କହିଛନ୍ତି।

# ନନ୍ଦିଘୋଷ ଚକ ୩ ଲକ୍ଷ, ତାଳଧ୍ୱଜ ୨ ଲକ୍ଷ, ଦେବଦଳନ ୧.୫ ଲକ୍ଷ

## ରଥ ଚକ ବିକ୍ରି ନେଇ ଆସିଲା ଏସ୍‌ଓପି

ପୁରୀ,୭।୬(ଅଜିତ୍ କୁମାର ମହାନ୍ତି)

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପରେ ୩ ରଥକୁ ପର୍ଯ୍ୟାୟକ୍ରମେ ଭାଙ୍ଗି ଦିଆଯାଇଥାଏ। ପରେ ଉକ୍ତ କାଠରେ ମହାପ୍ରଭୁଙ୍କ କୋଠଭୋଗ ରନ୍ଧା ହୋଇଥାଏ। ତେବେ ରଥଗୁଡ଼ିକୁ ଭଙ୍ଗା ଯାଇଥିଲେ ମଧ୍ୟ ରଥର ଅନେକ ଅଂଶ ଭଙ୍ଗା ଯାଇ ନ ଥାଏ। ବିଶେଷକରି ରଥର ଚକଗୁଡ଼ିକୁ ସଂରକ୍ଷଣ କରି ରଖାଯାଇଥାଏ। ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ଉକ୍ତ ଚକକୁ ବିଭିନ୍ନ ମନ୍ଦିରକୁ ସ୍ମୃତି ଭାବରେ ପ୍ରଦାନ କରାଯାଇଥାଏ। ସେହିଭଳି ଯେଉଁ ଭକ୍ତ ରଥଚକ ନେବାକୁ ଇଚ୍ଛା ପ୍ରକାଶ କରିଥାନ୍ତି, ସେମାନେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରିଥାନ୍ତି। ପରେ କିଛି ଅର୍ଥ ପ୍ରଦାନ କରି ଚକକୁ ନେଇଥାନ୍ତି। ତେବେ ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ଚକଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରାଯିବା ସହ ନୂତନ ଏସ୍‌ଓପି ଜାରି କରାଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇ କହିଛନ୍ତି, ନୂତନ ଏସ୍‌ଓପି ଅନୁଯାୟୀ, ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଚକର ମୂଲ୍ୟ ୨ ଲକ୍ଷ ଟଙ୍କା ରହିଥିବାବେଳେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ଚକର ମୂଲ୍ୟ ୧.୫ ଲକ୍ଷ ଟଙ୍କା ରହିଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକର ମୂଲ୍ୟ ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଯିଏ ପ୍ୟାକେଜରେ ୩ଟି ଚକ ନେବାକୁ ଚାହାନ୍ତି, ତାଙ୍କୁ ୬ ଲକ୍ଷ ଟଙ୍କା ଦେବାକୁ ହେବ। ଯେଉଁମାନେ ଚକ ନେବେ, ସେମାନେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଅଣ୍ଡର ଟେକିଂ ଲେଖି ପ୍ରଦାନ କରିବେ। ଯେପରି ଶୁଦ୍ଧତା ଓ ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବେ। ଅଣ୍ଡର ଟେକିଂ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ। ଶ୍ରୀମନ୍ଦିର ପ୍ରଶାସନଠାରୁ ଏକ ଫର୍ମ ନେଇ ପୂରଣ କରି ପ୍ରଶାସନକୁ ଦେବା ପରେ ତାଙ୍କୁ ଚକ ପ୍ରଦାନ କରାଯିବ। ଯେଉଁ ଭକ୍ତ ଚକ ନେବା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ମାନଦଣ୍ଡକୁ ପରବର୍ତ୍ତୀ ସମୟରେ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୀତି ପ୍ରଶାସକ ସାହୁ ସୂଚନା ଦେଇ କହିଛନ୍ତି। ଏନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ପୂର୍ବରୁ ରଥ ଚକର ମୂଲ୍ୟ ୨୦ରୁ ୨୫ ହଜାର ଟଙ୍କା ଥିବାବେଳେ ପରେ ବୃଦ୍ଧି ପାଇ ୫୦ ହଜାର ହୋଇଥିଲା। ଏବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୂଲ୍ୟ ଲକ୍ଷକୁ ବୃଦ୍ଧି କରିଦେଲେ। ହେଲେ ଏହାକୁ ସାଧାରଣ ବର୍ଗର ଲୋକେ କିଣିପାରିବେ ନାହିଁ। ତେଣୁ ପ୍ରଶାସନ ଏପରି ମୂଲ୍ୟ ନିର୍ଦ୍ଧାରଣ କରୁ, ଯାହା ଫଳରେ ସମସ୍ତ ବର୍ଗର ଲୋକ ରଥ ଚକ କିଣିପାରିବେ ବୋଲି ମହାପାତ୍ର ଅନୁରୋଧ କରିଛନ୍ତି। ଏନେଇ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଖାଲି ବିକି ଦେଲେ ହେବନି। ଯେଉଁଠି ମାନ୍ୟତା ପାଇବ ସେଠାରେ ରଥ ଚକ ରହିବା ଉଚିତ୍। ଯେଉଁଠି ମାନ୍ୟତା ନାହିଁ, ସେଠାକୁ ଦେବା ଉଚିତ୍ ନୁହେଁ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପ୍ରତ୍ୟେକ ବର୍ଷ ରଥ ଚକ ବିକ୍ରି ନେଇ ଅନ୍‌ଲାଇନ ମାଧ୍ୟମରେ ସ୍ୱଚ୍ଛତା ଭାବରେ କରାଯାଇଥାଏ। ସେ ଦିଗରେ ଏ ବର୍ଷ ମଧ୍ୟ ଏସ୍‌ଓପି କରାଯାଇଛି। ତେଣୁ ଭକ୍ତମାନେ ସ୍ୱଚ୍ଛତା ଭାବେ ରଥ ଚକ ନେଇପାରିବେ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମିଟୁ


@ ସିପୁନ


@ ଉମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିତ୍ୟକ୍ତ ଘର ସଫେଇବେଳେ ଫୁଟିଲା ବୋମା

## ଜଣେ ମହିଳା ମୃତ, ୨ ଗୁରୁତର

ବୋଲଗଡ଼,୭।୬(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଖଙ୍ଗୁରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ପରିତ୍ୟକ୍ତ ଘର ସଫେଇ କରିବା ବେଳେ ବୋମା ଫୁଟିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଇଚ୍ଛାପୁର ନୂଆଗାଁର ମିଲି ବେଗମ୍ (୩୬)। ଆହତମାନେ ହେଲେ ଅମିନା ବିବି(୪୫) ଏବଂ ରୁକ୍‌ସାନା ବେଗମ୍ (୧୦)। ଚିକିତ୍ସା ପାଇଁ ଏମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ ସହ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଇଚ୍ଛାପୁର ନୂଆଗାଁର ସୁକୁର ଖାଁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଶାଳକ ମୋହରମ ଖାଁ ଇଚ୍ଛାପୁର ଖେଳପଡ଼ିଆ ନିକଟରେ ଏକ ଝାଟିମାଟି ଘର ନିର୍ମାଣ କରି ସେଠାରେ କୁକୁଡ଼ା ପାଳନ କରୁଥିଲେ। ଗତ କିଛି ମାସ ତଳେ ମୋହରମଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିବାରୁ ଉକ୍ତ ଘରଟି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଶନିବାର ଇଦ୍-ଉଜ୍-ଜୁହା ଥିବାରୁ ଉକ୍ତ ଘରକୁ ସଫେଇ କରିବା ପାଇଁ ସୁକୁରଙ୍କ ଝିଅ ମିଲି, ଶାଳୀ ଅମିନା ଏବଂ ଅନ୍ୟ ଜଣେ ଶାଳୀଙ୍କ ଝିଅ ରୁକ୍‌ସାନା ଯାଇଥିଲେ। ଉକ୍ତ ଘର କାନ୍ଥରେ ଝୁଲୁଥିବା ଏକ ବ୍ୟାଗକୁ ତଳକୁ ବାହାର କରୁଥିବା ବେଳେ ସେଥିରେ ଥିବା ବୋମା ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦ ହେବା ସହ ବିସ୍ଫୋରଣରେ ମିଲିଙ୍କ ଶରୀର ଖଣ୍ଡବିଖଣ୍ଡିତ ହେବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହିତ ସେଠାରେ ଥିବା ଅମିନା ଏବଂ ରୁକ୍‌ସାନା ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ସୁକୁର୍ ଓ ତାଙ୍କ ପରିବାର ସହ କେତେଜଣ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଆହତଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ଘରେ ବୋମା କିଏ ରଖିଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଇଆଇସି ସ୍ନିଗ୍ଧାମୟୀ ବରାଳ କହିଛନ୍ତି, ସୁକୁରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫/୨୫) ରୁଜୁ ହୋଇଛି। ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ପ୍ରାକୃତିକ ସମ୍ପଦ ଉପରେ ଲୋକଙ୍କ ଅଧିକାର ସମ୍ବିଧାନର ମୌଳିକ ନୀତି: ମେଧା

### ଖଣି ଖାଦାନ, ଶିଳ୍ପ ନାମରେ ପ୍ରାକୃତିକ ସମ୍ପଦର ହରିଲୁଟ ଚାଲିଛି: ପ୍ରଫୁଲ୍ଲ ସାମନ୍ତରା

ଭୁବନେଶ୍ୱର, ୭।୬(ବନ୍ଦନା ସେଠୀ)



କନଭେନଶନ୍‌ରେ ନର୍ମଦା ବଞ୍ଚାଅ ଆନ୍ଦୋଳନ ନେତ୍ରୀ ମେଧା ପାଟ୍‌କର, ପରିବେଶ କର୍ମୀ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ ଅନ୍ୟ ଅତିଥିମାନେ।

ପ୍ରାକୃତିକ ସମ୍ପଦ ଉପରେ ଜନସାଧାରଣଙ୍କ ଅଧିକାର ସମ୍ବିଧାନର ମୌଳିକ ନୀତି। ମାତ୍ର ଜଳ, ଜମି ଓ ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦକୁ କେନ୍ଦ୍ରୀକରଣକରି ସରକାର ଲୋକଙ୍କ ଜୀବନଜୀବିକାକୁ ଅଣଦେଖା କରୁଛନ୍ତି। ପିଢ଼ି ପରେ ପିଢ଼ି ଧରି ଲୋକମାନେ ବଞ୍ଚାଇ ରଖିଥିବା ପ୍ରାକୃତିକ ସଂସାଧନକୁ ସରକାର ବଳପୂର୍ବକ କର୍ପୋରେଟ୍ ସଂସ୍ଥାଗୁଡ଼ିକ ହାତରେ ଟେକିଦେଉଛନ୍ତି। ଆଇନ ପରେ ଆଇନ କରାଯାଇ ସମ୍ବିଧାନର ମୂଳଭିତ୍ତିକୁ ଦୁର୍ବଳ କରିଦିଆଯାଉଛି ବୋଲି ନର୍ମଦା ବଞ୍ଚାଅ ଆନ୍ଦୋଳନ ତଥା ଜନ ଆନ୍ଦୋଳନ ନେତ୍ରୀ ମେଧା ପାଟ୍‌କର କହିଛନ୍ତି। ପ୍ରାକୃତିକ ସମ୍ପଦର ସୁରକ୍ଷା, ରାଜ୍ୟ ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ନେଇ ଶନିବାର ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ର, ଲୋକଶକ୍ତି ଅଭିଯାନ ଏବଂ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ରାଜ୍ୟସ୍ତରୀୟ କନ୍‌ଭେନଶନ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ମେଧା କହିଲେ, ଅନୁସୂଚିତ ଅଞ୍ଚଳରେ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ ଗ୍ରାମସଭାର ଅଧିକାରକୁ ଅସମ୍ମାନିତ କରାଯାଉଛି। ଏବେ ବିକାଶ ନାମରେ ବିନାଶ ଚାଲିଛି, ଯାହା ବିସ୍ଥାପନ ଓ ବିଷମତାକୁ ବଢ଼ାଇ ଚାଲିଛି। ଶ୍ରମିକ ଓ କୃଷକମାନେ ସେମାନଙ୍କ ଲହୁଲୁହ ଦେଇ ଦେଶକୁ ବଞ୍ଚାଉଥିବାବେଳେ ସରକାର ସେମାନଙ୍କୁ ମାରିବା ପାଇଁ ଯୋଜନା କରୁଛନ୍ତି ବୋଲି ସେ କହିଥିଲେ। ପରିବେଶ କର୍ମୀ ତଥା ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ କହିଲେ, ନିୟମଗିରି, ବାଲନ୍ଦା, ସିଜିମାଳି, ଖଣ୍ଡୁଆଳମାଳି, ରାଜଗାଙ୍ଗପୁର, ସୁନ୍ଦରଗଡ଼ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖଣିଖାଦାନ ଓ ଶିଳ୍ପ ନାମରେ ପ୍ରାକୃତିକ ସମ୍ପଦର ବ୍ୟାପକ ହରିଲୁଟ ଚାଲିଛି। ରାଜ୍ୟ ଜଙ୍ଗଲ ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ଅରବିନ୍ଦ ବେହେରା କହିଲେ, ଗଙ୍ଗା, ମହାନଦୀ, ନର୍ମଦା, ବ୍ରହ୍ମପୁତ୍ର, କ୍ରିଷ୍ଣା, କାବେରୀ, ଋଷିକୁଲ୍ୟା ଆଦି ନଦୀର ଉତ୍ସ ହେଉଛି ଜଙ୍ଗଲ। ମାତ୍ର ସେହି ଜଙ୍ଗଲକୁ କର୍ପୋରେଟ ହାତରେ ଟେକି ଦିଆଯାଉଛି। ନଦୀର ଜଳକୁ ପିଇବା ପାଣି ଓ ଜଳସେଚନ ବଦଳରେ କମ୍ପାନୀ ତଥା ଶିଳ୍ପ ପ୍ରତିଷ୍ଠାନ ପାଇଁ ବ୍ୟବହାର କରାଯାଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ତଥା ଜୟ କିଷାନ ଆନ୍ଦୋଳନର ଲିଙ୍ଗରାଜ, ବାଲନ୍ଦା ଖଣି ବିରୋଧୀ ଆନ୍ଦୋଳନର ଲକ୍ଷ୍ମୀ ସିସା, ଜନ ଆନ୍ଦୋଳନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟ ନେତା ଲିଙ୍ଗରାଜ ଆଜାଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଦୟା ସୁରକ୍ଷା ଅଭିଯାନର ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ବଞ୍ଚାଅ ଆନ୍ଦୋଳନର ଅଶୋକ ଠାକ୍‌ରେ, ଚିଲିକା ବଞ୍ଚାଅ ଆନ୍ଦୋଳନର ମୀନା କୁମାରୀ ଟହଲ ଓ ଦୀନବନ୍ଧୁ ଅଧିକାରୀ, ମହାନଦୀ ବଞ୍ଚାଅ ଅଭିଯାନର ସଂଯୋଜକ ବିଜୟ ପ୍ରଧାନ, ପୁରୀ ବିମାନବନ୍ଦର ବିରୋଧୀ ଆନ୍ଦୋଳନର ସୁରେନ୍ଦ୍ର ତପସ୍ୱୀ, ବୁଢ଼ାବଳଙ୍ଗ ନଦୀ ସୁରକ୍ଷା ଅଭିଯାନର ମନୋଜ ନାୟକ, ଋଷିକୁଲ୍ୟା ବଞ୍ଚାଅ ଆନ୍ଦୋଳନର ମାଗତା ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# 'ବିଶ୍ୱତାପନ ପ୍ରତିହତ ପାଇଁ ଭାରତ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରୁଛି'

**ଭୁବନେଶ୍ୱର, ୭।୬ (ପିଆଇବି)**

ଜାତିସଂଘ ମହାସଚିବଙ୍କ ଆହ୍ୱାନକୁ ପ୍ରତିଧ୍ୱନିତ କରିବାକୁ ଯାଇ ଅତ୍ୟଧିକ ବିଶ୍ୱତାପନକୁ ଏକ ବିଶ୍ୱ ସଙ୍କଟ ଭାବେ ମୁକାବିଲା କରିବାର ଜରୁରୀ ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି. କେ. ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ଜୁନ ୬ରେ ଜେନେଭାରେ 'ଅତ୍ୟଧିକ ଉତ୍ତାପଜନିତ ବିପଦର ପରିଚାଳନା' ଉପରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଧିବେଶନରେ ସେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି, ବର୍ଦ୍ଧିତ ତାପମାତ୍ରା ଜନସ୍ୱାସ୍ଥ୍ୟ, ଅର୍ଥନୈତିକ ସ୍ଥିରତା ଓ ପାରିବେଶିକ ନମନୀୟତା ପାଇଁ ଏକ ପଦ୍ଧତିଗତ ବିପଦ ସୃଷ୍ଟି କରୁଛି। ଭାରତ ଉତ୍ତମ ଶିକ୍ଷା, ମାର୍ଗଦର୍ଶନ ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ଭାବରେ ଅତ୍ୟଧିକ ଉତ୍ତାପଜନିତ ବିପଦ ପରିଚାଳନା ସକାଶେ ସାଧାରଣ ଢାଞ୍ଚାକୁ ଆଗକୁ ବଢ଼ାଇବା ନିମନ୍ତେ ବିପର୍ଯ୍ୟୟ ବିପଦ ହ୍ରାସ ନେଇ ଜାତିସଂଘ କାର୍ଯ୍ୟାଳୟ (ୟୁଏନ୍‌ଡିଆରଆର)ର



ଡ. ପି. କେ. ମିଶ୍ର

ପଦକ୍ଷେପକୁ ସ୍ୱାଗତ କରୁଛି। ଡ. ମିଶ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଅତ୍ୟଧିକ ଉତ୍ତାପଜନିତ ବିପଦର ପରିଚାଳନା ପାଇଁ ଏକ ସକ୍ରିୟ ଏବଂ ଭବିଷ୍ୟଦର୍ଶୀ ଚିନ୍ତାଧାରା ସମ୍ପନ୍ନ ଅଭିମୁଖ୍ୟ ଗ୍ରହଣ କରିଛି। ସେ ସୂଚାଇଥିଲେ ଯେ, ଭାରତ ବିପର୍ଯ୍ୟୟ ପ୍ରତିକ୍ରିୟାଠାରୁ ଆଗକୁ ବଢ଼ି ସମନ୍ୱିତ ପ୍ରସ୍ତୁତି ଏବଂ ପ୍ରଶମନ ରଣନୀତି ଆଡ଼କୁ ଗତି କରିଛି। ୨୦୧୬ରୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ(ଏନ୍‌ଡିଏମ୍‌ଏ) ଓ ୨୦୧୯ରେ ସଂଶୋଧିତ ଉତ୍ତାପ ଲହରୀ ପରିଚାଳନା ଉପରେ ବ୍ୟାପକ ଜାତୀୟ ନିର୍ଦ୍ଦେଶାବଳୀ ବିକଶିତ କରିଛି। ଏସବୁ ବିକେନ୍ଦ୍ରୀକୃତ ଉତ୍ତାପ କାର୍ଯ୍ୟ ଯୋଜନା (ଏଚଏପି) ପାଇଁ ମୂଳଦୁଆ ସ୍ଥାପନ କରିଥିଲା।

ଅନ୍ତର୍ଜାତୀୟ ସମୁଦାୟକୁ ଉତ୍ତାପର ନମନୀୟତା ଉପରେ ପ୍ରଯୁକ୍ତିଜନିତ ସହଯୋଗ ପ୍ରଦାନ, ତଥ୍ୟ ବଣ୍ଟନ ଏବଂ ମିଳିତ ଗବେଷଣା ବୃଦ୍ଧି କରିବାକୁ ଡ. ମିଶ୍ର ନିବେଦନ କରିଥିଲେ। ସେ ସଂସ୍ଥାଗତ ଓ ଆର୍ଥିକ ସହାୟତା ବ୍ୟବସ୍ଥା ସହିତ ସୁଲଭ ଜ୍ଞାନ, ଗବେଷଣା ଏବଂ ବ୍ୟବହାରିକ ସମାଧାନ ପ୍ରଦାନ କରିବା ପାଇଁ ଏକ ସାଧାରଣ ଢାଞ୍ଚା ପ୍ରସ୍ତୁତ କରିବା ଲାଗି ଆହ୍ୱାନ ଦେଇଥିଲେ। ଡ. ମିଶ୍ର ବିଶ୍ୱସ୍ତରୀୟ ଅଂଶୀଦାରମାନଙ୍କ ସହ ନିଜର ବିଶେଷଜ୍ଞତା, ବୈଷୟିକ କ୍ଷମତା ଏବଂ ସାଙ୍ଗଠନିକ ଶକ୍ତିକୁ ବାଣ୍ଟିବା ପାଇଁ ଭାରତର ପୂର୍ଣ୍ଣ ପ୍ରତିବଦ୍ଧତା ଉପରେ ଦୋହରାଇଥିଲେ, ଯଦ୍ୱାରା ପ୍ରଚଣ୍ଡ ଗରମ ପ୍ରତି ଏକ ସ୍ଥିର, ସମନ୍ୱିତ ଏବଂ ସକ୍ରିୟ ବିଶ୍ୱସ୍ତରୀୟ ପ୍ରତିକ୍ରିୟା ସୁନିଶ୍ଚିତ ହୋଇପାରିବ।

# ଜଳସେଚନରେ ସମୃଦ୍ଧ ହେବ ସୁବର୍ଣ୍ଣପୁର: ମୁଖ୍ୟମନ୍ତ୍ରୀ

## ୩୨୩ କୋଟିର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ସୋନପୁର,୭।୬ (ମୃତ୍ୟୁଞ୍ଜୟ ଶତପଥୀ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅପରାହ୍ନରେ ସୁବର୍ଣ୍ଣପୁରଠାରେ ପ୍ରାୟ ୩୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫୬ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟସେବା ପ୍ରକଳ୍ପ, ମେଗା ଉଠାଜଳସେଚନ ପ୍ରକଳ୍ପ ଓ ଛାତ୍ରାବାସ ଆଦି ରହିଛି।

ସହରସ୍ଥିତ ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜୁହାରରୁ ଭାଷଣ ଆରମ୍ଭ କରି ଜିଲାର ଇଷ୍ଟଦେବୀ ସୁରେଶ୍ୱରୀ, ଇଷ୍ଟଦେବ ସୁବର୍ଣ୍ଣମେରୁ ଓ ପାତାଳି ଶ୍ରୀକ୍ଷେତ୍ରର ମହାପ୍ରଭୁଙ୍କୁ ପ୍ରଣାମ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆ ସରକାର ଆସିବା ପରେ ଲୋକଙ୍କ ବ୍ୟଥାକୁ ଶୁଣିବା ଓ ତା'ର ସମାଧାନ କରିବା ପାଇଁ ଉଦ୍ୟମ ଜାରି ରହିଛି। ଚାଷୀଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ପାଇଁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋନପୁର ସର୍କିଟ୍ ହାଉସ କୋଠା ଉଦ୍‌ଘାଟନ କରୁଛନ୍ତି।

କରାଯାଉଛି। ପିଏମ୍ କିଶାନ ଓ ସିଏମ୍ କିଶାନରେ ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି। ଅଦିନିଆ ବର୍ଷାରେ ଫସଲ କ୍ଷତିଗ୍ରସ୍ତ ହେଲେ ଚାଷୀ କିଭଳି କ୍ଷତିପୂରଣ ପାଇବେ ଆମ ସରକାର ସେ ବ୍ୟବସ୍ଥା କରିଛନ୍ତି। ଜିଲାରେ ପ୍ରବାହିତ ହେଉଥିବା ନଦୀଗୁଡ଼ିକୁ ଆପଣମାନଙ୍କ କାମରେ ଲଗାଯିବ। ମହାନଦୀର ଖଇରମାଳ ଓ ଗୋଧନେଶ୍ୱରଠାରେ ଏବଂ ବୀରମହାରାଜପୁର ବ୍ଲକର ହରିହରଯୋର ଓ ସୁରୁବାଲିଯୋରରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍‌ଷ୍ଟ୍ରକଚର (ଆଇଏସ୍‌ଏସ୍) ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏହାଦ୍ୱାରା ଜଳସେଚନରେ ସୁବର୍ଣ୍ଣପୁର ଜିଲା ସମୃଦ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ମିଳୁଥିବା ସହାୟତା ରାଶିର ସଠିକ୍ ବିନିଯୋଗ ହେଉଛି। ସେମାନଙ୍କୁ ଆହୁରି ସଶକ୍ତ କରିବାକୁ ପଡିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଆମେ ପ୍ରତିଶ୍ରୁତି ଦେଇଥିବା ୨୧ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ଟି କାର୍ଯ୍ୟକାରୀ କରିଛୁ। ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

## ଜିଲାରେ ହେବ ୪ ନଦୀଗର୍ଭ ଜଳାଶୟ

ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପରେ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। ସନ୍ଥକବି ଭୀମ ଭୋଇଙ୍କ ସିଦ୍ଧି ଓ ସାଧନା ପାଇଁ ଏବଂ ଏଠାରେ ଜଗନ୍ନାଥ ପାତାଳି ହୋଇଥିବାରୁ ଏହି ମାଟି ପବିତ୍ର ହୋଇଛି। ଆଗାମୀ ଦିନରେ ଜିଲାକୁ ସୁନାରେ ପରିଣତ କରାଯିବ। ଜିଲାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି କହିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଅପରେଶନ ସିନ୍ଦୂର, ଓଡ଼ିଶାରେ ରେଳପଥ ଓ ଜାତୀୟ ରାଜପଥର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାପାଳ ଅନ୍ୟା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ।

# ତାଇୱାନ୍ ଚାଓୟାଙ୍ଗ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ୬୮ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର,୭।୬(ଅନୁରାଧା ମହାରଣା)**

ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଇୱାନ୍‌ର ଚାଓୟାଙ୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ସିୱାଇୟୁଟି) ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଶନିବାର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଡ. ସାମନ୍ତଙ୍କ ୬୮ତମ ସମ୍ମାନସୂଚକ ଡକ୍ଟରେଟ। ଏଥିପାଇଁ ସିୱାଇୟୁଟିର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସାମନ୍ତଙ୍କ ନାମ ସୁପାରିସ କରିବା ପରେ ନିଷ୍ପତ୍ତି ହୋଇଥିଲା। ସମାବର୍ତ୍ତନ ସମାରୋହରେ ଡ. ସାମନ୍ତ ଚାଓୟାଙ୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅତିଥିଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ କରିବା ଅବସରରେ ଡ. ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ନିରନ୍ତର କାମ କରିଆସୁଛି। ଏହି ସମ୍ମାନ ଏ କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି।

# ୭ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୭।୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଦାନ୍ତେୱାଡ଼ା ଜିଲା ପୋଲିସ ନିକଟରେ ୨ ପୁରସ୍କାର ଘୋଷିତଙ୍କ ସହ ୭ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ ହଜାର ଟଙ୍କା ପୁରସ୍କାର ଘୋଷିତ ଜୁଗଲୁ ଓରଫ ସୁଣ୍ଡୁମ କବାସୀ ଓ ଦଶା ଓରଫ ବୁରଫୁ ହଡ଼ିଅମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭେଜା ରାମ ମାଡବି, ଲଖମା ଓରଫ ସୁଡି ମରକମ୍, ରାଡୁ ଓରଫ ଓଠେ କବାସୀ, ସୁଖରାମ ପଡିଅମ ଓ ପାଣ୍ଡୁରୁ ରାମ ପଡିଅମ ରହିଛନ୍ତି। ସମସ୍ତେ ସଙ୍ଗଠନରେ ମିଲିସିଆ ଭାବେ କାର୍ଯ୍ୟ କରି ଆସୁଥିବା ପୋଲିସ କହିଛି। ମାଓବାଦୀମାନେ ପୋଲିସ ଅଧୀକ୍ଷକ ଗୌରବ ରାୟ, ଅତିରିକ୍ତ ଅଧୀକ୍ଷକ ସ୍ମୃତିକ ରାଜନାଲା ଓ ସିଆର୍‌ପିଏଫ୍ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ଅଧୀକ୍ଷକ କହିଛନ୍ତି।

# ଏସ୍‌ଏଚ୍‌ଜି ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ଅର୍ଦ୍ଧନଗ୍ନ ଭିଡିଓ ଉତ୍ତୋଳନ

## ରାଜକନିକାରେ ଲଜ୍ଜା

**ରାଜକନିକା, ୭।୬(ସଞ୍ଜୟ କୁମାର ଦାଶ)**

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନଙ୍କୁ ଟ୍ରେନିଂ ଦେବା ନାଁରେ ସେମାନଙ୍କ ଛାତି, ପେଟ, ଜଙ୍ଘ ଆଦିର ଅର୍ଦ୍ଧନଗ୍ନ ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇଛି। ଶରୀରର ସମ୍ବେଦନଶୀଳ ସ୍ଥାନରେ ଯେତୋଟି ରେଖା ଓ ଚିହ୍ନ ଥିବ, ସେହି ଅନୁଯାୟୀ ଚିହ୍ନ ପିଛା ୧ ହଜାର ଟଙ୍କା ମିଳିବ ବୋଲି ଉକ୍ତ ମହିଳାମାନଙ୍କୁ ଲୋଭ ଦେଖାଯାଇଥିଲା। ଟ୍ରେନିଂ ଦେଉଥିବା ବ୍ୟକ୍ତି ଜଣକ ଭିସି ମାଧ୍ୟମରେ ଏହି କାରନାମା କରିଛନ୍ତି। ଏଭଳି ଲଜ୍ଜାଜନକ ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳ ଏକ ଗାଁରୁ ଅଭିଯୋଗ ଆସିଛି। ଏ ନେଇ ଏକ ଏସ୍‌ଏଚ୍‌ଜିର ମହିଳାମାନଙ୍କ ସମେତ ସଭାନେତ୍ରୀ ରାଜକନିକା ଥାନାରେ ଗତ ୪ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ମାଷ୍ଟର ବୁକ୍ କିପର (ଏମ୍‌ବିକେ)ଙ୍କୁ ଥାନାକୁ ଡାକି ପଚରାଉଚରା ପରେ ଛାଡ଼ି ଦେଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଅଭିଯୁକ୍ତ ଏମ୍‌ବିକେ କହିଥିଲେ, ଟ୍ରେନିଂ ପାଇଁ କେନ୍ଦ୍ରାପଡ଼ାରୁ ଦେବୀ କଲ୍ୟାଣ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ନମ୍ବରରୁ ଭିଡିଓ କଲ୍ ଆସିବ। ମହିଳାମାନେ ଟ୍ରେନିଂ ପାଇଁ ସମ୍ପୃକ୍ତ ଏମ୍‌ବିକେଙ୍କ କଥାରେ ରାଜିହୋଇଥିଲେ। ହେଲେ ଏମ୍‌ବିକେ ଓ ଭିଡିଓ କଲ୍ କରିଥିବା ବ୍ୟକ୍ତି ମିଶ୍ରଙ୍କ ପ୍ରକୃତ ଉଦ୍ଦେଶ୍ୟ ମହିଳାମାନଙ୍କୁ ଜଣା ନ ଥିଲା। ଏସ୍‌ଏଚ୍‌ଜି ସଭାନେତ୍ରୀଙ୍କୁ ମେ ୩୦ ତାରିଖ ମଧ୍ୟାହ୍ନ ୧୨ଟାରେ ଏମ୍‌ବିକେ ଦେଇଥିବା ମିଶ୍ରଙ୍କ ମୋବାଇଲ୍ ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଟ୍ରେନିଂ ପାଇଁ ସମ୍ପାଦିକା ଓ ସଭ୍ୟାମାନଙ୍କୁ ଏକାଠି କରିବାକୁ ତାଙ୍କୁ ମିଶ୍ର କହିଥିଲେ। ଏପରିକି ଟ୍ରେନିଂ ସମୟରେ ଆପଣଙ୍କ ପିଲାମାନଙ୍କୁ ପାଖରେ ରଖିବେ ନାହିଁ ବୋଲି ସେ କହିଥିଲେ। ଜିଲାପାଳ, ଜିଲା ପରିଷଦ ସଦସ୍ୟ ଓ ସରପଞ୍ଚ ସମସ୍ତଙ୍କ ଗୋଚରରେ ଆମେ ଟ୍ରେନିଂ ଦେଉଛୁ ବୋଲି କହି ପେଟ ଗାର, ଛାତି, ଜଙ୍ଘରେ ଥିବା ଚିହ୍ନ ଦେଖାଇଲେ ସରକାରଙ୍କ ପକ୍ଷରୁ ପ୍ରତି ଚିହ୍ନ ଓ ଗାର ପିଛା ଏକ ହଜାର ଟଙ୍କା ମିଳିବ ବୋଲି ଟ୍ରେନିଂ ଦେଉଥିବା ମିଶ୍ର କହିଥିଲେ। ଫଳରେ ମହିଳା ସଭ୍ୟାମାନେ ୩୦ ତାରିଖ ଅପରାହ୍ନ ୪ଟାରେ ଏକଜୁଟ ହୋଇ ଏ ସମ୍ପର୍କରେ ଏମ୍‌ବିକେଙ୍କୁ ପଚାରିଥିଲେ। ହେଲେ ସାର୍ ଯେମିତି ଟ୍ରେନିଂ ପାଇଁ କହୁଛନ୍ତି, ସେମିତି ଦେଖାଅ ବୋଲି ଏମ୍‌ବିକେ ସେମାନଙ୍କୁ କହିଥିଲେ। ଏହାପରେ ଏମ୍‌ବିକେ ଓ ଫୋନ ଯୋଗେ କଥା ହେଉଥିବା ତାଙ୍କ ସହଯୋଗୀ ମିଶ୍ର ସଭ୍ୟାମାନଙ୍କୁ ଅର୍ଦ୍ଧନଗ୍ନ ପାଇଁ ପ୍ରବର୍ତ୍ତାଇ ଭିସି ମାଧ୍ୟମରେ ଭିଡିଓ ଏବଂ ଫଟୋ ଉତ୍ତୋଳନ କରିଥିଲେ। ଏଥିରେ ଲଜ୍ଜା ଅନୁଭବ କରି ସେମାନେ ଶେଷରେ ଥାନାରେ ଦ୍ୱାରସ୍ଥ ହୋଇଥିବା ଉକ୍ତ ଏସ୍‌ଏଚ୍‌ଜିର ସଭାନେତ୍ରୀ ଏତଲାରେ ଦର୍ଶାଇଛନ୍ତି। ସେମାନଙ୍କ କଥାରେ ନ ଗଲେ ଫଟୋ ଓ ଭିଡିଓ ଭାଇରାଲ୍ କରି ଦେବେ ବୋଲି ଧମକ ଦେଉଥିବା ମଧ୍ୟ ଏତଲାରେ ଦର୍ଶାଇଛନ୍ତି। ଏତଲା ଆଧାରରେ ପୋଲିସ ଥାନାରେ ବିଏନ୍‌ଏସ୍‌ର ଦଫା ୨୯୬, ୭୫, ୭୬, ୭୭, ୭୮, ୭୯, ୩୫୧(୪), ୩(୫) ଅନୁଯାୟୀ ୩୩୪/୨୫ ନମ୍ବରରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ସଞ୍ଜୟ କୁମାର ମଲ୍ଲିକଙ୍କୁ ପଚାରିବାରେ ସମ୍ପୃକ୍ତ ଏମ୍‌ବିକେଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଯେଉଁ ବ୍ୟକ୍ତି ଭିଡିଓ କଲ୍ କରିଥିଲେ ତାଙ୍କୁ ଏମ୍‌ବିକେଙ୍କ ମୋବାଇଲ୍‌ରୁ ଫୋନ କରାଯାଇ ଅଧିକ ତଦନ୍ତ ଚାଲିଛି। ରାତ୍ରି ଅଧିକ ହୋଇଯିବା ଏବଂ ଏମ୍‌ବିକେ ମହିଳା ହୋଇଥିବା ଦୃଷ୍ଟିରୁ ଛାଡ଼ି ଦିଆଯାଇ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି।

# କୋର୍ଟରେ ହାଜର ହେଲେ ତାରା

## ମଦଭାଟି ପୋଡ଼ାଯିବା ମାମଲା, ଜୁଲାଇ ୧ରେ ବିଚାର ଆରମ୍ଭ



ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟରେ ବିଧାୟକ ତାରାପ୍ରସାଦ ବାହିନୀପତି।

**ବ୍ରହ୍ମପୁର,୭।୬(ସୁବାସ ଚନ୍ଦ୍ର ପାଢ଼ୀ)**

ଏକ ମଦଭାଟି ପୋଡ଼ି ମାମଲାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର କୋର୍ଟ ଅତିରିକ୍ତ ଜିଲାଜଜ୍ (ଏଡିଜେ)-୩ଙ୍କ ନିକଟରେ ହାଜର ହୋଇଛନ୍ତି। ଶୁକ୍ରବାର ଉକ୍ତ ମାମଲାର ଚାର୍ଜଫ୍ରେମ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିଲେ। କୌଣସି କାରଣବଶତଃ ବିଧାୟକ ତାରା କୋର୍ଟରେ ହାଜର ହୋଇ ନ ପାରି ବାରୁ ତାଙ୍କ ଓକିଲ ଦିନଟିଏ ସମୟ ମାଗିଥିଲେ। ଶନିବାର ସେ କୋର୍ଟରେ ହାଜର ହେବା ପରେ ଏଡିଜେ ବିବସ୍ୱତ ଗୌତମ ତାଙ୍କୁ ଉକ୍ତ ମାମଲାରେ ଜଡିତ କରାଯାଇଥିବା ଜଣାଇଥିଲେ। ଜୁଲାଇ ୧ରେ ମାମଲାର ବିଚାର ଆରମ୍ଭ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ୨୪ ଜଣ ସାକ୍ଷୀ ରହିଥିବା ସ୍ୱତନ୍ତ୍ର ପିପି ମାଗୁଣି ପୋଲାଇ ସୂଚନା ଦେଇଛନ୍ତି। ୨୦୧୬ ମାର୍ଚ୍ଚ ୧୦ରେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡିଆଠାରେ ବିଧାୟକ ତାରାଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ସେଠାରେ ନିଷ୍ପତ୍ତି ହୋଇଥିଲା। ଏହାପରେ ଶତାଧିକ ଲୋକ ସେଠାରେ ଥିବା ଏକ ମଦଭାଟିକୁ ଯାଇ ମଦ ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ଦେଇଥିଲେ ବୋଲି ଭାଟି କର୍ମଚାରୀ ଅନିଲ କୁମାର ଗୁପ୍ତା ଜୟପୁର ବିଧାୟକ ତାରାଙ୍କ ସମେତ ୨୪ ଜଣଙ୍କ ନାଁରେ ଥାନାରେ ଅଭିଯାଗ କରିଥିଲେ।



ଭୁବନେଶ୍ୱର ୟୁନିଟ୍ ୪ସ୍ଥିତ ମସ୍‌ଜିଦ୍‌ରେ ଇଦ୍-ଉଲ୍-ଜୁହା ପାଳନ ଅବସରରେ ମୁସଲମାନ ସମ୍ପ୍ରଦାୟ ଲୋକେ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି।

# ଓମାନରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

## ମୃତଦେହ ଆଣିବା ପାଇଁ ଜିଲାପାଳଙ୍କୁ ଗୁହାରି

**ରେମୁଣା,୭।୬(ରବୀନ୍ଦ୍ର ମହାକୁଡ଼)**

ଓମାନରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଅନନ୍ତପାଣି ଗାଁର ନିତ୍ୟାନନ୍ଦ ମହାଲିକ(୪୭)। ସେ ଓମାନର ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ଆଣିବା ପାଇଁ ପରିବାର ଲୋକ ଓ ଗ୍ରାମବାସୀ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନରେ ନିତ୍ୟାନନ୍ଦ ତାଙ୍କ ସ୍ତ୍ରୀ ଅନୁପମାଙ୍କୁ ଫୋନ୍ କରି ଦେହ ଖରାପ ଲାଗୁଥିବା କହିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିଲା। ଶନିବାର ଏହି ଘଟଣା ଜାଣିବା ପରେ ରେମୁଣାର ଭାରପ୍ରାପ୍ତ ବିଡିଓ ଉତ୍ତମ କୁମାର ଜେନା ଜିଲାପାଳଙ୍କ ସହ ଯୋଗାଯୋଗ କରି ପରିବାର





ନିତ୍ୟାନନ୍ଦଙ୍କ ଫାଇଲ୍ ଫଟୋ (ବାମ)। ନିତ୍ୟାନନ୍ଦଙ୍କ ପରିବାର ଲୋକେ ଓ ଗ୍ରାମବାସୀ।

ଲୋକଙ୍କୁ ଡାକିଥିଲେ। ମରଶରୀର ଓମାନରୁ ବିମାନ ଯୋଗେ ଫେରାଇ ଆଣିବା ଲାଗି ବ୍ୟବସ୍ଥା ପାଇଁ ଓମାନସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରାଯାଇ ଆବଶ୍ୟକ କାଗଜପତ୍ର ପ୍ରେରଣା କରାଯାଇଛି। ବିଡିଓ ଜେନା କହିଛନ୍ତି, କ୍ୟାଟେରିଂ ଗ୍ରୁପ୍ ପକ୍ଷରୁ ଶୁକ୍ରବାର ଭୋଜିଭାତର ଆୟୋଜନ କରାଯାଇଥିଲା। ଖାଦ୍ୟ ଖାଇବା ପରେ ନିତ୍ୟାନନ୍ଦ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ବି ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଉକ୍ତ କ୍ୟାଟେରିଂ ସଂସ୍ଥା ପକ୍ଷରୁ ସୂଚିତ କରାଯାଇଛି। ଓମାନରେ ଏବେ ତିନିଦିନିଆ ଜାତୀୟ ଛୁଟି ଚାଲିଥିବାରୁ ସମସ୍ତ ପ୍ରକ୍ରିୟା ପୂରଣ ପରେ ମଙ୍ଗଳବାର କିମ୍ବା ବୁଧବାର ମୃତଦେହ ଫେରିବା ସମ୍ଭାବନା ରହିଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ମୃତଦେହ ଗ୍ରହଣ ପାଇଁ ସ୍ତ୍ରୀ ଅନୁପମା ସ୍ୱୀକୃତି ଦେଇଥିବା ସୂଚନା ମିଳିଛି।

# ୮ ଟଙ୍କାରେ କେଜିଏ ଆଳୁ

**ବୈଶିଙ୍ଗା,୭।୬(ରତନ ଦାଶ)**

୮ଟଙ୍କାରେ ମିଳୁଛି କେଜିଏ ଆଳୁ। ଯିଏ ଶୁଣିଲେ ସିଏ ଦୌଡ଼ିଲେ, ଯେତେ ପାରିଲେ ବୋହିନେଲେ। ଆଳୁ ବସ୍ତା ପ୍ରତି ୪୦୦ ଟଙ୍କା ଶୁଣି ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଲା। ଶୁକ୍ରବାର ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପଣସିଆ ଅଞ୍ଚଳରେ।



ଲୋକେ ଆଳୁ ବସ୍ତା କିଣି ନେଉଛନ୍ତି।

ସୂଚନା ଅନୁଯାୟୀ, ଭୋରୁ ଭୋରୁ ଏକ ଆଳୁ ଟ୍ରକ ଆସି ପଣସିଆ ଛକରେ ଛିଡ଼ା ହୋଇ ରହିଥିଲା। ପଚାଶ କିଲୋ ଆଳୁ ବସ୍ତାକୁ ମାତ୍ର ଚାରିଶହ ଟଙ୍କା ବୋଲି ଡାକ ମରାହେଲା। ଏ କଥାକୁ ଶୁଣି କିଏ ସାଇକେଲରେ ବୋହି ନେଲେ ତ କିଏ ଟ୍ରଲିରେ। ଆଉ କିଏ ଅଟୋ କରି ମଧ୍ୟ ବୋହିନେଲେ। ଶସ୍ତାରେ ଆଳୁ ପାଇ ଲୋକଙ୍କ ଖୁସି କହିଲେ ନ'ସରେ। ବଜାରରେ ଆଳୁ କିଲୋ କୋଡିଏ ଟଙ୍କା ଥିବା ବେଳେ ମାତ୍ର ୮ ଟଙ୍କାରେ ମିଳିଲା କେଜିଏ ଆଳୁ। ଏହି ପରି ଗତ ସପ୍ତାହେ ହେଲାଣି କିଛି ପଶ୍ଚିମବଙ୍ଗର ଆଳୁ ବ୍ୟବସାୟୀ ଓଡ଼ିଶା ସୀମାନ୍ତ ବିଭିନ୍ନ ଗାଁ ବଜାରରେ ଆଳୁ ଆଣି ବିକ୍ରି କରୁଥିବା ଜଣାପଡ଼ିଛି। ଏହି ଆଳୁ ଟ୍ରକ ଲାଗିବା ମାତ୍ରେ ଲୋକେ ଭିଡ଼ ଲଗାଇ କିଣୁଥିବା ଦେଖିବାକୁ ମିଳିଛି। ତେବେ ଏହି ଅଞ୍ଚଳର ଆଳୁ ବ୍ୟବସାୟୀଙ୍କୁ ଏ ବାବଦରେ ପଚାରିବାରୁ ସେମାନଙ୍କ କହିବା କଥା ପଶ୍ଚିମବଙ୍ଗ ରାଜ୍ୟରେ ନୂଆ ଆଳୁ ଅମଳ ହୋଇସାରିଛି। ଏହାକୁ ରଖିବା ପାଇଁ ଶୀତଳଭଣ୍ଡାରରେ ଜାଗା ନାହିଁ। ତେଣୁ ଏଭଳି ସ୍ଥିତିରେ ପୁରୁଣା ଆଳୁକୁ କାଢିଆଣି ଶସ୍ତାରେ ଖୋଲା ବଜାରରେ ବିକିବାକୁ ବାଧ ହେଉଥିବା ବ୍ୟବସାୟୀ କହିଛନ୍ତି।


**GOVERNMENT OF ODISHA**

**DEPARTMENT OF P.R & D.W**

No.i-148

**INVITATION FOR BIDS (IFB)**

**IDENTIFICATION No-KANKADAHAD BLOCK-01 OF 2025-26**

E-mail : ori-kankadahad@nic.in

| Sl No | Name of the Work | Approximately value of Work (In Rs) | Class of Contractor | Place of receipt of tender papers through Post only | Cost of documents (Non-refundable) (Rs.) | EMD 1% | Period of Completion (In Month) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of office Building with Market Complex in GPLF, Gadapalasuni GP | Rs.24,71,778.05 | B & C Class | BDO, Kankadahad | Rs.6,000 | Rs.24718 | 8 (Eight Calendar Month) |
| 2 | Const. of office Building with Market Complex in GPLF, Raibola GP | Rs.24,61,835.70 | B & C Class | BDO, Kankadahad | Rs.6,000 | Rs.24618 | 8 (Eight Calendar Month) |
| 3 | Const. of office Building with Market Complex in GPLF, Birasal GP | Rs.24,62,211.18 | B & C Class | BDO, Kankadahad | Rs.6,000 | Rs.24622 | 8 (Eight Calendar Month) |
| 4 | Const. of office Building with Market Complex in GPLF ,Kerjoli GP | Rs.24,70,352.75 | B & C Class | BDO, Kankadahad | Rs.6,000 | Rs.24704 | 8 (Eight Calendar Month) |
| 5 | Const. of office Building with Market Complex in GPLF, Mahabirod GP | Rs.24,72,047.34 | B & C Class | BDO, Kankadahad | Rs.6,000 | Rs.24720 | 8 (Eight Calendar Month) |
| 6 | Const. of office Building with Market Complex in GPLF, Bam GP | Rs.24,75,644.22 | B & C Class | BDO, Kankadahad | Rs.6,000 | Rs.24756 | 8 (Eight Calendar Month) |
| 7 | Const. of office Building with Market Complex in GPLF, Karagola GP | Rs.24,70,287.37 | B & C Class | BDO, Kankadahad | Rs.6,000 | Rs.24703 | 8 (Eight Calendar Month) |
| 8 | Const. of office Building with Market Complex in GPLF, Pangatira GP | Rs.24,71,818.70 | B & C Class | BDO, Kankadahad | Rs.6,000 | Rs.24718 | 8 (Eight Calendar Month) |
| 9 | Const. of Addl. Class Room of Secondary School, Bapuji High School, Gadapalasuni. | Rs.15,10,444.26 | C & D Class | BDO, Kankadahad | Rs.6,000 | Rs.15104 | 6 (Six Calendar Month) |
| 10 | Const. of Addl. Class Room of Elementary School, Dangapal UP School. | Rs.15,08,821.97 | C & D Class | BDO, Kankadahad | Rs.6,000 | Rs.15088 | 6 (Six Calendar Month) |
| 11 | Const. of Addl. Class Room of Elementary School, Kendupada Project PS. | Rs.15,12,402.34 | C & D Class | BDO, Kankadahad | Rs.6,000 | Rs.15124 | 6 (Six Calendar Month) |

Further details can be seen from the Dhenkanal Portal www.dhenkanal.nic.in

Sd./- Block Development Officer, Kankadahad

OIPR-19381/11/0004/2526

# ଡାର୍କ ପାଟର୍ନରୁ ମୁକ୍ତ ହୁଅନ୍ତୁ ଇ-କମର୍ସ ପ୍ଲାଟ୍‌ଫର୍ମ




## ଡାର୍କ ପାଟର୍ନ କ'ଣ

ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ଅନେକ ସମୟରେ ଅନ୍‌ଲାଇନ୍ ଜରିଆରେ କିଣାକିଣି ଓ କ୍ରୟ ନିଷ୍ପତ୍ତି ନେବାବେଳେ ଉପଭୋକ୍ତାଙ୍କୁ ବିଭ୍ରାନ୍ତ କରି ଶୋଷଣ କରୁଥିବା ଅଭିଯୋଗ ହୋଇଥାଏ। ଜଣେ ୟୁଜରଙ୍କୁ ସେ ଚାହୁଁଥିବା ସାମଗ୍ରୀର ଗୋଟିଏ ମାତ୍ର ପିସ୍ ମହଜୁଦ୍ ରହିଛି କହି କୃତ୍ରିମ ଜରୁରୀ ସ୍ଥିତି ଅନୁଭୂତ କରାଇବା କିମ୍ବା ବିନା ସମ୍ମତିରେ ଅତିରିକ୍ତ ଆଇଟମ୍ ଯୋଡ଼ିଦେବା ଭଳି କୌଶଳକୁ ଡାର୍କ ପାଟର୍ନ୍ସ କୁହାଯାଏ। ଉପଭୋକ୍ତାଙ୍କୁ ଏଥିରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଶନିବାର ସମସ୍ତ ଇ-କମର୍ସ ପ୍ଲାଟ୍‌ଫର୍ମକୁ ଡାର୍କ ପାଟର୍ନ୍ସରୁ ମୁକ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### 'ସିସିପିଏ'ର ଆଡ୍‌ଭାଇଜରି

**ନୂଆଦିଲ୍ଲୀ, ୭।୬**

କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ପକ୍ଷରୁ ସମସ୍ତ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ବିଭ୍ରାନ୍ତିକର ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସରେ ଲିପ୍ତ ନ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶନିବାର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି, ୩ ମାସ ମଧ୍ୟରେ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ଡାର୍କ ପାଟର୍ନକୁ ଚିହ୍ନଟ କରିବା ପାଇଁ ସେଲ୍ଫ ଅଡିଟ୍ କରାନ୍ତୁ। ଏହାସହ ନିଜ ନିଜ ପ୍ଲାଟ୍‌ଫର୍ମକୁ ଡାର୍କ ପାଟର୍ନରୁ ମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ସିସିପିଏ ପରାମର୍ଶ ଦେଇଛି। ସେଲ୍ଫ ଅଡିଟ୍ ରିପୋର୍ଟର ଆଧାରରେ ଡାର୍କ ପାଟର୍ନରେ ଲିପ୍ତ ନ ଥିବା ନେଇ ଆତ୍ମ ଘୋଷଣା କରିବାକୁ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକୁ ଏହି ଆଡ୍‌ଭାଇଜରିରେ ପ୍ରୋତ୍ସାହନ ଦିଆଯାଇଛି। ଏପରି ଆତ୍ମ ଘୋଷଣା ଦ୍ୱାରା ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିବା ସହ ନିରପେକ୍ଷ ଡିଜିଟାଲ ଇକୋସିଷ୍ଟମକୁ ଏହା ଆହୁରି ପ୍ରୋତ୍ସାହିତ କରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ଗ୍ରାହକମାନଙ୍କୁ ଭ୍ରମିତ କରୁଥିବା କିମ୍ବା ସେମାନଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ବିଭ୍ରାନ୍ତିକର ଡିଜାଇନ ଇଣ୍ଟରଫେସ୍‌ର ବ୍ୟବହାରରୁ ନିବୃତ୍ତ ରହିବାକୁ ସମସ୍ତ ଇ-କମର୍ସ ପ୍ଲାଟ୍‌ଫର୍ମକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ, ଡାର୍କ ପାଟର୍ନର ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ଜାରି ନିର୍ଦ୍ଦେଶାବଳୀର ଉଲ୍ଲଂଘନ ନେଇ ସିସିପିଏ କର୍ତ୍ତୃପକ୍ଷ କଡ଼ା ନଜର ରଖିଥିବା ଏହି ବିଜ୍ଞପ୍ତିରେ କୁହାଯାଇଛି।

ଇ-କମର୍ସ ପ୍ଲାଟ୍‌ଫର୍ମରେ ଡାର୍କ ପାଟର୍ନ ହେଉଛି ଏକ କୌଶଳ, ଯାହାଦ୍ୱାରା ବିଭିନ୍ନ ୱେବ୍‌ସାଇଟ ଏବଂ ଆପ୍ଲିକେଶନର ବ୍ୟବହାର କରାଯାଇ ଗ୍ରାହକମାନଙ୍କୁ ବିଭ୍ରାନ୍ତ କରାଯିବା ସହ ଇଚ୍ଛା ବିରୋଧରେ ସାମଗ୍ରୀ କିଣିବାକୁ ସେମାନଙ୍କୁ ବାଧ କରାଯାଇଥାଏ। ଏହାଫଳରେ ଗ୍ରାହକମାନେ ବହୁ କ୍ଷତି ସହିଥାନ୍ତି। ସେହିପରି ଏହି ପଦ୍ଧତିରେ ଗ୍ରାହକମାନେ ଖର୍ଚ୍ଚାନ୍ତ ହେବା ସହ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ବିପଦ ସୃଷ୍ଟି ହୋଇଥାଏ ଏବଂ ସେମାନେ ଅନାବଶ୍ୟକ କାର୍ଯ୍ୟରେ ଲିପ୍ତ ହେବାର ସମ୍ଭାବନା ବଢ଼ିଥାଏ। ଏହାଦ୍ୱାରା ବିଭିନ୍ନ ୱେବ୍‌ସାଇଟ, ପ୍ଲାଟଫର୍ମ ଏବଂ ଆପ୍ ଉପରେ ଗ୍ରାହକଙ୍କ ବିଶ୍ୱାସ କମିଥାଏ। ଡାର୍କ ପାଟର୍ନ ବଜାରର ଗତିଶୀଳତାକୁ ବିକୃତ କରିବା ସହ ଡିଜିଟାଲ ବାଣିଜ୍ୟର ଅଖଣ୍ଡତା ପ୍ରତି ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରିଥାଏ।

# ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ୫ ପ୍ରାଥମିକତା

**ନୂଆଦିଲ୍ଲୀ,୭।୬(ପି.ଟି.)**

ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପାଇଁ ୫ଟି ପ୍ରମୁଖ ବୈଶ୍ୱିକ ପ୍ରାଥମିକତା ଧାର୍ଯ୍ୟ କରିଛନ୍ତି। ସେଥିରେ କୁଶଳୀ କାର୍ଯ୍ୟଶକ୍ତି, ବୈଶ୍ୱିକ ଡିଜିଟାଲ ଭଣ୍ଡାର ଏବଂ ନବନ୍ୱେଷୀ ଆର୍ଥିକ ପୋଷଣ ରହିଥିବାବେଳେ ସଅଳ ସତର୍କତା ବ୍ୟବସ୍ଥା ଏବଂ ସମନ୍ୱୟ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ୨୦୨୫ ଅନ୍ତର୍ଜାତୀୟ ସମ୍ମିଳନୀକୁ ଭିଡିଓ ବାର୍ତ୍ତାରେ ମୋଦି କହିଛନ୍ତି। ଭାରତ ପ୍ରତିଷ୍ଠା କରିଥିବା ସୁନାମି ସତର୍କତା ବ୍ୟବସ୍ଥା ଯୋଗୁ ୨୯ଟି ଦେଶ ଉପକୃତ ହୋଇଛନ୍ତି। ଏହା ଛୋଟ ଦ୍ୱୀପ ଦେଶଗୁଡ଼ିକୁ ବୃହତ୍ ସାମୁଦ୍ରିକ ଦେଶ ଭାବେ ସ୍ୱୀକୃତି ଦେବା ସହ ସେଗୁଡ଼ିକର ଦୁର୍ବଳତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାଏ। ପ୍ରଥମ ଥର ପାଇଁ ୟୁରୋପ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଜାତିସଂଘ ସାମୁଦ୍ରିକ ସମ୍ମିଳନୀ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୁଣି ଏକାଠି ହେବେ କି ଟ୍ରମ୍ପ, ମସ୍କ



ଡୋନାଲ୍ଡ ଟ୍ରମ୍ପ



ଏଲନ୍ ମସ୍କ

**ୱାଶିଂଟନ,୭।୬**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଏକଦା ଅତି ଘନିଷ୍ଠ ସହଯୋଗୀ ରହିଥିବାବେଳେ ଏବେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଛି। ସେମାନେ ପରସ୍ପର ବିରୋଧରେ ପୋଷ୍ଟ କରିବା ସହ ଧମକ ଦେବାକୁ ମଧ୍ୟ ପଛାଇ ନାହାନ୍ତି। ଟ୍ରମ୍ପଙ୍କୁ ସମାଲୋଚନା କରିବାକୁ ଯାଇ ଜେଫ୍ରି ଏପ୍‌ଷ୍ଟେଇନ୍ ଫାଇଲ୍‌ରେ ତାଙ୍କ ନାମ ଥିବା ମସ୍କ ଅଭିଯୋଗ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିବାବେଳେ ପରେ ଏହାକୁ ଡିଲିଟ୍ କରିଦେଇଥିବାରୁ ସେମାନେ ପୁଣିଥରେ ଏକାଠି ହୋଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି। ବିବାଦକୁ ଟ୍ରମ୍ପ ଗୁରୁତ୍ୱ ଦେଇ ନ ଥିବାବେଳେ ଏକତା ଜରୁରୀ ବୋଲି ମସ୍କ ସ୍ୱୀକାର କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଜେଫ୍ରି ଏପ୍‌ଷ୍ଟେଇନ୍ ଜଣେ ଯୌନ ଅପରାଧୀ ଭାବେ ନିକଟରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଉକ୍ତ ମାମଲାର ଫାଇଲ୍‌ରେ ଟ୍ରମ୍ପଙ୍କ ନାମ ଥିବାରୁ ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯାଇ ନ ଥିବା ମସ୍କ ସୋସିଆଲ ମିଡିଆରେ ଲେଖିଥିଲେ। ପରେ ସେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଛନ୍ତି। ବିବାଦ ତୀବ୍ର ହେବା ପରେ ଟେସ୍‌ଲା ସିଇଓ ମସ୍କ 'ଦି ଆମେରିକା ପାର୍ଟି' ନାମରେ ନୂଆ ରାଜନୈତିକ ଦଳ ଗଠନ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ, ଯାହାକୁ ସୋସିଆଲ ମିଡିଆ ୟୁଜରମାନେ ସମର୍ଥନ ଜଣାଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲେ ମହେନ୍ଦ୍ର ଦେବ

**ନୂଆଦିଲ୍ଲୀ,୭।୬(ପି.ଟି.)**



ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ (ଇଏସି-ପିଏମ୍)ର ନୂଆ ଅଧ୍ୟକ୍ଷ ଭାବେ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭଲପମେଣ୍ଟ ରିସର୍ଚ୍ଚର ପୂର୍ବତନ କୁଳପତି ଏସ୍. ମହେନ୍ଦ୍ର ଦେବ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି ଅତିରିକ୍ତ ଭାବେ ଇଏସି-ପିଏମ୍ ଦାୟିତ୍ୱରେ ଥିବାବେଳେ ଖ୍ୟାତନାମା ଅର୍ଥନୀତିଜ୍ଞ ମହେନ୍ଦ୍ର ଦେବ ତାଙ୍କ ସ୍ଥାନ ନେଇଛନ୍ତି। ଇଏସି-ପିଏମ୍‌ର ପ୍ରଥମ ଅଧ୍ୟକ୍ଷ ବିବେକ ଦେବରାୟଙ୍କ ପରଲୋକ ପରେ ଗତ ନଭେମ୍ବରରୁ ଏଥିରେ କେହି ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନ ଥିଲେ। ନବଗଠିତ ଇଏସି-ପିଏମ୍‌ରେ ୩ ପୂର୍ଣ୍ଣକାଳୀନ ସଦସ୍ୟ ସଞ୍ଜୀବ ସାନ୍ୟାଲ, ସଞ୍ଜୟ କୁମାର ମିଶ୍ରା ଏବଂ ଶମିକ ରବି ରହିଥିବାବେଳେ ନୂଆ ପାର୍ଟଟାଇମ୍ ସଦସ୍ୟ ଭାବେ ୧୧ ଜଣଙ୍କୁ ନିଆଯାଇଛି।




ଉତ୍ତରାଖଣ୍ଡର କେଦାରନାଥ ଧାମ ଯାଉଥିବା ହେଲିକପ୍ଟର ଶନିବାର ରୁଦ୍ରପ୍ରୟାଗ ଜିଲାର ବଦାସୁ ଅଞ୍ଚଳରେ ଜରୁରୀ ଅବତରଣ ବେଳେ ରାସ୍ତାରେ ପିଟିହୋଇ କ୍ଷତିଗ୍ରସ୍ତ ହୋଇଛି। ହେଲିକପ୍ଟରରେ ଥିବା ୫ ତୀର୍ଥଯାତ୍ରୀ ସୁରକ୍ଷିତ ଥିବାବେଳେ ପାଇଲଟ ସାମାନ୍ୟ ଆହତ ହୋଇଛନ୍ତି। ଘରୋଇ ହେଲିକପ୍ଟରଟି ସିର୍ସି ହେଲିପ୍ୟାଡ୍‌ରୁ ଉଡ଼ାଣ ଆରମ୍ଭ କରିବା ପରେ ସେଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ପାଇଲଟ୍ ଏକ ରାସ୍ତା ଉପରେ ଜରୁରୀ ଅବତରଣ କରାଇଥିଲେ। ଚାରଧାମ ରୁଟ୍‌ରେ ଗତ ୩୦ ଦିନ ମଧ୍ୟରେ ଏହା ଚତୁର୍ଥ ଦୁର୍ଘଟଣା। ହେଲିକପ୍ଟର ଟେଲ୍ ରୋଟର ମାଡ଼ରେ ଏକ କାର୍ ଭାଙ୍ଗିରୁଜି ଯାଇଛି।

# ମହାରାଷ୍ଟ୍ର ଭଳି ବିହାର ନିର୍ବାଚନରେ ଫିକ୍ସିଂ ହୋଇପାରେ

## ରାହୁଲଙ୍କ ଅଭିଯୋଗ

### ହାସ୍ୟାସ୍ପଦ କହିଲେ ଇସି

**ନୂଆଦିଲ୍ଲୀ,୭।୬(ପି.ଟି.)**



ରାହୁଲ ଗାନ୍ଧୀ

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଥିଲା 'ଧୋକାବାଜ ଗଣତନ୍ତ୍ର ପାଇଁ ବ୍ଲୁ ପ୍ରିଣ୍ଟ'। ଜାଲିଆତି କରି ଏହି ନିର୍ବାଚନ ଜିତାଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିବାବେଳେ ଏଭଳି ମ୍ୟାଚ୍ ଫିକ୍ସିଂ ବିହାର ଏବଂ ଭାଜପା ହାରିବାକୁ ଥିବା ଅନ୍ୟ ରାଜ୍ୟରେ ହେବାକୁ ଯାଉଥିବା ସେ ଶନିବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ନିର୍ବାଚନର ଫଳାଫଳ ପୂର୍ବରୁ ନିର୍ଦ୍ଧାରଣ କରାଯିବା ଯେକୌଣସି ଗଣତନ୍ତ୍ର ପାଇଁ ଏକ 'ବିଷ' ବୋଲି କଂଗ୍ରେସ ନେତା କହିବା ସହ ଏଭଳି ଜାଲିଆତି କରି ନିର୍ବାଚନ ଜିତାଯାଇପାରେ କିନ୍ତୁ ଅନୁଷ୍ଠାନକୁ କ୍ଷତିଗ୍ରସ୍ତ କରିବା ସହ ଜନସାଧାରଣଙ୍କ ଆସ୍ଥାକୁ ଧ୍ୱଂସ କରିଦିଏ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। ନିର୍ବାଚନୀ ଅନିୟମିତତା ବିଭିନ୍ନ ପର୍ଯ୍ୟାୟ ଯଥା, ଜାଲ୍ ଭୋଟରଙ୍କୁ ତାଲିକାଭୁକ୍ତ କରାଇବା, ମତଦାନ ହାରକୁ ଅଧିକ ଦର୍ଶାଇବା, ଜାଲ୍ ଭୋଟିଂ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ଶେଷରେ ପ୍ରମାଣ ଲୁଚାଇବା ଆଦି ଜରିଆରେ କରାଯାଇଥିବା ରାହୁଲ ଲେଖିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଫିକ୍ସିଂ ଅଭିଯୋଗ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ କହି ଭାରତର ନିର୍ବାଚନ କମିଶନ (ଇସିଆଇ) ଏହାକୁ ଖଣ୍ଡନ କରିଛନ୍ତି। ଭୋଟର ତାଲିକା ପ୍ରସ୍ତୁତ କରିବା, ମତଦାନ ଓ ଭୋଟ ଗଣନା ଆଦି ପ୍ରତ୍ୟେକ ନିର୍ବାଚନୀ ପ୍ରକ୍ରିୟା ସହ ସାରା ଦେଶ ଅବଗତ ରହିଛି। ସମସ୍ତ ପ୍ରକ୍ରିୟା ସରକାରୀ କର୍ମଚାରୀଙ୍କ ଦ୍ୱାରା ହୋଇଥିବାବେଳେ ରାଜନୈତିକ ଦଳ ତଥା ବୁଥ୍ ସ୍ତରରୁ ନିର୍ବାଚନ ମଣ୍ଡଳୀ ସ୍ତର ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ନିଯୁକ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଛି। କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭ୍ରାନ୍ତିକର ସୂଚନା ପ୍ରସାରଣ କରାଯିବା କେବଳ ଆଇନ ପ୍ରତି ଅସମ୍ମାନ ନୁହେଁ, ବରଂ ନିଜ ଦଳ ଦ୍ୱାରା ନିଯୁକ୍ତ ଅନେକ ହଜାର ପ୍ରତିନିଧିଙ୍କୁ ବଦନାମ କରିବା ସହ ନିର୍ବାଚନ ବେଳେ ସ୍ୱଚ୍ଛତାର ସହ ଅକ୍ଳାନ୍ତ ପରିଶ୍ରମ କରିଥିବା ଲକ୍ଷାଧିକ ନିର୍ବାଚନ କର୍ମଚାରୀଙ୍କୁ ହତୋତ୍ସାହିତ କରୁଛି ବୋଲି ଇସିଆଇ କହିଛନ୍ତି। ଭୋଟରମାନେ ପ୍ରତିକୂଳ ଜନାଦେଶ ପରେ ସାଲିସ୍ କରାଯାଇଥିବା କହି ନିର୍ବାଚନ କମିଶନଙ୍କୁ ବଦନାମ କରିବାକୁ ଉଦ୍ୟମ ହେଉଛି, ଯାହା ଆଦୌ ତର୍କସଙ୍ଗତ ନୁହେଁ ବୋଲି ଇସିଆଇଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

# ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ସ୍ୱାମୀ

**ବେଙ୍ଗାଲୁରୁ, ୭।୬**



ସ୍ତ୍ରୀ ମନସାଙ୍କ ସହ ଶଙ୍କର

କର୍ଣ୍ଣାଟକର ବେଙ୍ଗାଲୁରୁରୁ ଶନିବାର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲା ସାମ୍ନାକୁ ଆସିଛି। ବେଙ୍ଗାଲୁରୁର ହେନ୍ନାଗରା ନିବାସୀ ଶଙ୍କର (୨୮) କିଛିଦିନ ତଳେ ତାଙ୍କ ଭଡ଼ା ଘରେ ନିଜ ସ୍ତ୍ରୀ ମନସାଙ୍କୁ ଅନ୍ୟଜଣେ ବ୍ୟକ୍ତିଙ୍କ ସହ ଘନିଷ୍ଠ ଅବସ୍ଥା ଦେଖିଥିଲେ। ସ୍ତ୍ରୀଙ୍କର ଅନୈତିକ ସମ୍ପର୍କ ଥିବା ନେଇ ସେ ସନ୍ଦେହ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ଶଙ୍କର ଏବଂ ମନସାଙ୍କ ମଧ୍ୟରେ କଳହ ହୋଇଥିଲା। ତେବେ ଶନିବାର କଳହ ବଢ଼ିବାରୁ ଶଙ୍କର ଉତ୍କ୍ଷିପ୍ତ ହୋଇ ମନାସାଙ୍କର ମୁଣ୍ଡ କାଟି ହତ୍ୟା କରିଥିଲେ। ସ୍ତ୍ରୀଙ୍କ ହତ୍ୟା ପରେ ତାଙ୍କ କଟାମୁଣ୍ଡ ଧରି ଶଙ୍କର ସହରର ସୂର୍ଯ୍ୟନଗର ଥାନାରେ ଆତ୍ମସମର୍ପଣ କରିଥିଲେ। ସୂର୍ଯ୍ୟନଗର ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଦମ୍ପତି ୫ ବର୍ଷ ତଳେ ପ୍ରେମବିବାହ କରିଥିଲେ ଏବଂ ତାଙ୍କର ଜଣେ ୪ ବର୍ଷର ଝିଅ ଥିବା ପୋଲିସ କହିଛି। ଅନେକ ସମୟରେ ଉଭୟଙ୍କର କଳହ ଲାଗି ରହୁଥିଲା। ଉଭୟେ ପ୍ରାଇଭେଟ କମ୍ପାନୀରେ କାର୍ଯ୍ୟରତ ଥିଲେ। ମନସାଙ୍କୁ ହତ୍ୟା ପାଇଁ ଶଙ୍କର ନିକଟସ୍ଥ ଏକ ଦୋକାନରୁ ଦା' କିଣିଥିଲେ ବୋଲି ପୋଲିସ କହିଛି।

# ୨୦୨୨ରେ ଭାରତରେ ମୃତ୍ୟୁସଂଖ୍ୟା ୮୬.୫ ଲକ୍ଷ ଥିଲା

## କୋଭିଡ୍ ସଂକ୍ରମଣ ବର୍ଷ ୨୦୨୧ ତୁଳନାରେ ୧୫.୭୪% କମ୍: ସିଆର୍‌ଏସ୍ ତଥ୍ୟ

**ନୂଆଦିଲ୍ଲୀ,୭।୬(ପି.ଟି.)**

୨୦୨୨ରେ ଦେଶରେ ମୃତ୍ୟୁସଂଖ୍ୟା ପାଖାପାଖି ୮୬.୫ ଲକ୍ଷ ଥିଲା, ଯାହାକି କୋଭିଡ୍ ସଂକ୍ରମଣ ବର୍ଷ ୨୦୨୧ରେ ମୋଟ ମୃତ୍ୟୁସଂଖ୍ୟାଠାରୁ ୧୫.୭୪ ପ୍ରତିଶତ କମ୍ ବୋଲି ସିଭିଲ୍ ରେଜିଷ୍ଟ୍ରେଶନ ସିଷ୍ଟମ୍ (ସିଆର୍‌ଏସ୍)ର ନୂଆ ତଥ୍ୟରୁ ଜଣାପଡ଼ିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟ ୨୦୨୨ର ଏହି ତଥ୍ୟ ପ୍ରକାଶ କରିଛି।

ଉକ୍ତ ତଥ୍ୟ ଅନୁଯାୟୀ, ୨୦୨୧ରେ ସାରା ଦେଶକୁ କୋଭିଡ୍ ମହାମାରୀ କବଳିତ କରିଥିବାବେଳେ ସେହିବର୍ଷ ମୋଟ ମୃତ୍ୟୁସଂଖ୍ୟା ୧.୦୨ କୋଟି ଥିଲା। ୨୦୨୦ରେ ମୃତ୍ୟୁସଂଖ୍ୟା ୮୧.୧ ଲକ୍ଷ ରହିଥିଲାବେଳେ ୨୦୧୯ରେ ୭୬.୪ ଲକ୍ଷ ଏବଂ ୨୦୧୮ରେ ୬୯.୫ ଲକ୍ଷ ରହିଥିଲା। ରିପୋର୍ଟ ଅନୁଯାୟୀ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ବିହାର ଓ ହରିୟାଣାରେ ୨୦୨୧ ତୁଳନାରେ ୨୦୨୨ରେ ମୃତ୍ୟୁସଂଖ୍ୟା ଯଥେଷ୍ଟ କମ୍ ଥିଲା। ଅନ୍ୟପକ୍ଷରେ ୨୦୨୨ ଜୁଲାଇ ୨୬ ପର୍ଯ୍ୟନ୍ତ କୋଭିଡ୍ ମୃତ୍ୟୁସଂଖ୍ୟା ୫.୨୬ ଲକ୍ଷ ଥିଲା ବୋଲି ୨୦୨୨ ଜୁଲାଇ ୨୯ରେ ଲୋକ ସଭାରେ ସରକାର ଉତ୍ତର ରଖିଥିଲେ। ଭାରତରେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪୭ ଲକ୍ଷରୁ ଅଧିକ ବୋଲି ସେତେବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ କରିଥିବାବେଳେ କେନ୍ଦ୍ର ସରକାର ଏହାକୁ ବିରୋଧ କରିଥିଲେ। ଡବ୍ଲ୍ୟୁଏଚ୍‌ଓ ଆକଳନରେ ଅନେକ ବିସଙ୍ଗତି ଓ ତ୍ରୁଟିପୂର୍ଣ୍ଣ ଧାରଣା ରହିଥିବା ସରକାର ଦର୍ଶାଇଥିଲେ। ଭାରତର ରେଜିଷ୍ଟ୍ରାର ଜେନେରାଲ ସେତେବେଳେ ସିଆର୍‌ଏସ୍ ଜରିଆରେ ପ୍ରକାଶିତ ପ୍ରମାଣୀକୃତ ତଥ୍ୟକୁ ଡବ୍ଲ୍ୟୁଏଚ୍‌ଓକୁ ପ୍ରଦାନ କରିଥିବାବେଳେ ଅବୈଜ୍ଞାନିକ ମଡେଲିଂ ଦୃଷ୍ଟିକୋଣର ପ୍ରକ୍ରିୟା, କାର୍ଯ୍ୟପ୍ରଣାଳୀ ଓ ପରିଣାମକୁ ଦୃଢ଼ ବିରୋଧ କରିଥିଲେ।

ସିଆର୍‌ଏସ୍ ରିପୋର୍ଟରୁ ଆହୁରି ଜଣାପଡ଼ିଛି ଯେ, ୨୦୨୨ରେ ୨.୫୪ କୋଟିରୁ ଅଧିକ ଶିଶୁ ଜନ୍ମ ହୋଇଥିଲେ। ଏହା ପୂର୍ବବର୍ଷ ପିଲା ଜନ୍ମ ସଂଖ୍ୟା ୨.୪୨ କୋଟି ଥିଲା। ବିହାର, ହରିୟାଣା, ହିମାଚଳପ୍ରଦେଶ, ସିକିମ୍, ପଶ୍ଚିମବଙ୍ଗ, ଲଦାଖ ଓ ଲାକ୍ଷାଦ୍ୱୀପକୁ ବାଦ୍ ଦେଲେ ଅନ୍ୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୧ ତୁଳନାରେ ଜନ୍ମ ପଞ୍ଜୀକରଣ ଅଧିକ ରହିଥିଲା। ୯ଟି ବୃହତ୍ ରାଜ୍ୟ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଗୁଜରାଟ, ତେଲଙ୍ଗାନା, ଛତିଶଗଡ଼ ଓ ଆସାମରେ ଜନ୍ମ ପଞ୍ଜୀକରଣ ଯଥେଷ୍ଟ ଅଧିକ ରହିଥିଲା ବୋଲି ରିପୋର୍ଟରେ କୁହାଯାଇଛି।

# ଏୟାରପୋର୍ଟରେ ଘଣ୍ଟାଏ ଫସିରହିଲେ ଶିନ୍ଦେ

## ଡ୍ୟୁଟି ସମୟ ସରିଥିବା କହି ଉଡ଼ାଣ ପାଇଁ ପାଇଲଟ୍ ମନାକଲେ

**ମୁମ୍ବାଇ, ୭।୬**



କିଡ୍‌ନୀ ରୋଗୀ ଶୀତଲ ପାଟିଲ ଓ ତାଙ୍କ ସ୍ୱାମୀଙ୍କ ସହ ଏକନାଥ ଶିନ୍ଦେ।

ମହାରାଷ୍ଟ୍ରର ଜଳଗାଁଓ ଏୟାରପୋର୍ଟରେ ଶୁକ୍ରବାର ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘଣ୍ଟାଏରୁ ଅଧିକ ସମୟ ଧରି ଫସି ରହିଥିଲେ। ତେବେ ବିମାନର କୌଣସି ବୈଷୟିକଜନିତ କାରଣ ଯୋଗୁ ନୁହେଁ ବରଂ ପାଇଲଟ୍ ଜଣଙ୍କ ଉଡ଼ାଣ ପାଇଁ ମନା କରିବାରୁ ଶିନ୍ଦେଙ୍କୁ ଏୟାରପୋର୍ଟରେ ଘଣ୍ଟାଏ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ସନ୍ଥ ମୁକ୍ତାଇ ପାଲଖୀ ଯାତ୍ରାରେ ଭାଗନେବା ପାଇଁ ଶିନ୍ଦେ ଜଳଗାଁଓ ଗସ୍ତରେ ଥିଲେ। ଶୁକ୍ରବାର ରାତି ୯ଟା ୧୫ରେ ମୁମ୍ବାଇ ଫେରିବା ପାଇଁ ସେ ଜଳଗାଁଓ ଏୟାରପୋର୍ଟରେ ପହଞ୍ଚିଥିଲେ। ତେବେ ଡ୍ୟୁଟି ସମୟ ଶେଷ ହୋଇଥିବା କହି ପାଇଲଟ ବିମାନ ଉଡ଼ାଣ ପାଇଁ ମନା କରିଦେଇଥିଲେ। ଶିନ୍ଦେଙ୍କ ସହ ଥିବା ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଗିରୀଶ୍ ଦତ୍ତାତ୍ରେୟ ମହାଜନ, ଗୁଲାବ ରଘୁନାଥ ପାଟିଲ ଏବଂ ଜିଲା ପ୍ରଶାସନର ଅଧିକାରୀ ପାଇଲଟଙ୍କୁ ଉଡ଼ାଣ ପାଇଁ ବୁଝାଇଥିଲେ। ଘଣ୍ଟାଏ ଧରି ବୁଝାଶୁଝା ପରେ ପାଇଲଟ ଜଣକ ବିମାନ ଉଡ଼ାଣ ପାଇଁ ରାଜି ହୋଇଥିଲେ। ତେବେ ଶିନ୍ଦେଙ୍କ କାର୍ଯ୍ୟସୂଚୀରେ ଏହି ବିଳମ୍ବ ଘଟିବା ଶୀତଲ ପାଟିଲ ନାମ୍ନୀ ଜଣେ କିଡ୍‌ନୀ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଶନିବାର ସକାଳେ ମୁମ୍ବାଇର ଏକ ହସ୍ପିଟାଲରେ ତାଙ୍କର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ହେବାକୁ ଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ସେ ଓ ତାଙ୍କ ସ୍ୱାମୀ ଜଳଗାଁଓରୁ ବିମାନ ଧରିବାରେ ବିଫଳ ହୋଇଥିଲେ। ଘଟଣା ସମ୍ପର୍କରେ ଶିନ୍ଦେ ଜାଣିବା ପରେ ସେ ଶୀତଲ ଓ ତାଙ୍କ ସ୍ୱାମୀଙ୍କୁ ନିଜ ସହ ବିମାନରେ ବସାଇ ମୁମ୍ବାଇ ପହଞ୍ଚିବାରେ ସାହାଯ୍ୟ କରିଥିଲେ।

# ଏୟାରଲିଫ୍ଟ ହେଲେ ସିକିମ ଭୂସ୍ଖଳନରେ ଫସିଥିବା ୭୬ ଯବାନ

**ଗ୍ୟାଙ୍ଗଟକ୍, ୭।୬**

ଉତ୍ତର ସିକିମର ଛାତେନରେ ଭୂସ୍ଖଳନରେ ଫସି ରହିଥିବା ଭାରତୀୟ ସେନାର ୭୬ ଜଣ ଯବାନଙ୍କୁ ଶନିବାର ଏୟାରଲିଫ୍ଟ କରାଯାଇଛି। ଲଗାଣ ବର୍ଷା ଏବଂ ଏହା ପରବର୍ତ୍ତୀ ଭୂସ୍ଖଳନ ଯୋଗୁ ଏହି ଯବାନମାନେ ଗତ କିଛି ଦିନ ହେବ ଛାତେନଠାରେ ଫସି ରହିଥିଲେ ଏବଂ ସେମାନଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରୁ ନ ଥିଲା। ଏମ୍‌ଆଇ-୧୭ ହେଲିକପ୍ଟର ସାହାଯ୍ୟରେ ଏହି ୭୬ ସୈନ୍ୟ କର୍ମଚାରୀଙ୍କୁ ବାୟୁ ପଥରେ ସୁରକ୍ଷିତ ଭାବେ ପାକ୍ୟୋଙ୍ଗ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟରେ ପହଞ୍ଚାଯାଇଥିବା ନେଇ ସେନାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଭୂସ୍ଖଳନ ଯୋଗୁ ସିକିମରେ ଫସି ରହିଥିବା ୧୬୦୦ ଜଣ ପର୍ଯ୍ୟଟକଙ୍କୁ ଗତ ସୋମବାର ଉଦ୍ଧାର କରାଯାଇଥିଲା।

# ଅଲ୍ଲୁଙ୍କ ବିପକ୍ଷରେ ଦୀପିକା



**ହାଇଦ୍ରାବାଦ:** ଏଟଲିଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା 'ଏଏ୨୨*ଏ୬' ଫିଲ୍ମରେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କର ଏଣ୍ଟ୍ରି ହୋଇଛି। ଏନେଇ ଫିଲ୍ମ ପ୍ରଡକ୍ସନ କମ୍ପାନୀ ସନ୍ ପିକ୍ଚର୍ସ ପକ୍ଷରୁ ଶନିବାର ଏକ ଭିଡିଓ ଜାରି କରାଯାଇ ସୂଚନା ଦିଆଯାଇଛି। ଉକ୍ତ ପୋଷ୍ଟରର କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, 'ଏଏ୨୨*ଏ୬' ପ୍ରୋଜେକ୍ଟରେ ଦୀପିକାଙ୍କୁ ସ୍ୱାଗତ। ଭିଡିଓର ପ୍ରାରମ୍ଭରେ ନିର୍ଦ୍ଦେଶକ ଏଟଲି ଦୀପିକାଙ୍କୁ ଫିଲ୍ମର ସ୍କ୍ରିପ୍ଟ ଶୁଣାଉଥିବାର ଦେଖିବାକୁ ମିଳିଛି। ପୁରା ସ୍କ୍ରିପ୍ଟ ଶୁଣିସାରି ଦୀପିକା ଖୁସିରେ ବିଭୋର ହୋଇ ଉଠୁଥିବାର ନଜରକୁ ଆସିଛନ୍ତି। ଏହାପରେ ଏଟଲିଙ୍କ ତତ୍ତ୍ୱାବଧାନରେ ଦୀପିକା କୌଣସି ଆକ୍ସନ ଦୃଶ୍ୟର ଶୁଟ୍ ପାଇଁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳିଛି। ଫିଲ୍ମରେ ଦୀପିକାଙ୍କର ଆକ୍ସନ ଅବତାର ଦେଖିବାକୁ ମିଳିବ ବୋଲି ସିନେପ୍ରେମୀ ଏହି ଭିଡିଓରୁ ଅନୁମାନ କରୁଛନ୍ତି। ପୂର୍ବରୁ 'ଏଏ୨୨*ଏ୬' ଫିଲ୍ମର ମୁଖ୍ୟ ଅଭିନେତା ଭୂମିକାରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ନଜରକୁ ଆସିବେ ବୋଲି ଘୋଷଣା ହୋଇସାରିଛି। ଏହାସହ ଫିଲ୍ମରେ ଅଲ୍ଲୁ ଏବଂ ଦୀପିକାଙ୍କ କେମେଷ୍ଟ୍ରିକୁ ନେଇ ଉଭୟଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୮ରେ ଦୀପିକା ମାତୃତ୍ୱ ଲାଭ କରିଥିଲେ। ଏହାପରଠାରୁ ସେ କୌଣସି ଫିଲ୍ମରେ ନଜରକୁ ଆସି ନ ଥିଲେ। ମାତୃତ୍ୱ ଲାଭ ପରେ 'ଏଏ୨୨*ଏ୬' ଦୀପିକାଙ୍କର ପ୍ରଥମ ପ୍ରୋଜେକ୍ଟ ହେବ।

# ଆର୍ଥିକ କ୍ଷେତ୍ରରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ୨ଦିନିଆ ଜାତୀୟ ସିଏ ସମ୍ମିଳନୀ 'ନବପ୍ରବର୍ତ୍ତନ' ଉଦ୍‌ଘାଟିତ



ଜାତୀୟ ସିଏ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଶାଖାର ସ୍ୱତନ୍ତ୍ର ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୭।୬ (ଅଭୟ ଦାଶ)

ବର୍ତ୍ତମାନ ସମୟରେ ସବୁ କ୍ଷେତ୍ର ଆର୍ଥିକ ହିସାବକୁ ପ୍ରାଥମିକତା ଦେଉଥିଲାବେଳେ ଆର୍ଥିକ କ୍ଷେତ୍ରରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ)ଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିଭଳି ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ)ର କଟକ ଶାଖା (ଇଆଇଆର୍‌ସି) ପକ୍ଷରୁ ଆୟୋଜିତ ୨ ଦିନିଆ ଜାତୀୟ ସିଏ ସମ୍ମିଳନୀ 'ନବପ୍ରବର୍ତ୍ତନ' ଶନିବାର ଭୁବନେଶ୍ୱରର ପାହାଳସ୍ଥିତ ପାଲହାଇଟ୍ ମଣ୍ଡାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା, ଆଇସିଏଆଇର ସଭାପତି ସିଏ ଚରଣଜିତ ସିଂ ନନ୍ଦ, ସମ୍ମିଳନୀ ସଭାପତି ସିଏ ମଙ୍ଗେଶ ପଣ୍ଡୁରାଙ୍ଗ କିନାରେ, କାର୍ଯ୍ୟକ୍ରମର ପରିଚାଳକ ସିଏ ସଞ୍ଜୀବ ସାଙ୍ଘି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପୂର୍ବାଞ୍ଚଳ ପରିଷଦର ସଭାପତି ସିଏ ବିଷ୍ଣୁ କୁମାର ତୁଳସ୍ୟାନ୍, ପରିଚାଳନା କମିଟିର ସଭାପତି ସିଏ ପବନ କୁମାର ଉଦୟପୁରିଆ, କଟକ ଶାଖାର ସଭାପତି ସିଏ ବିଜନ ସାହୁ ଓ କଟକ ଶାଖାର ସମ୍ପାଦକ ମିର୍ଜା ମୁସ୍ତାକ ବେଗ୍ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଥିଲେ।

ସେହିପରି ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ବିଶ୍ୱ ଅର୍ଥନୀତିର ସନ୍ତୁଳନରେ ଭାରତ ୪ର୍ଥ ସ୍ଥାନରେ ପହଞ୍ଚିବାରେ ସିଏମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ପୂଜାରୀ ତାଙ୍କ ଅଭିଭାଷଣରେ କହିଥିଲେ।

ଆଇସିଏଆଇ କଟକ ଶାଖାର ଅଧ୍ୟକ୍ଷ ସିଏ ବିଜନ ସାହୁ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲାବେଳେ ସମ୍ମିଳନୀର ଆୟୋଜକ କମିଟି ଅଧ୍ୟକ୍ଷ ସିଏ ପଓ୍ୱନ କୁମାର ଉଦୟପୁରିଆ ବର୍ତ୍ତମାନ ସମୟରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦାୟିତ୍ୱ ପୂର୍ବାପେକ୍ଷା ବହୁ ଅଧିକ ବଢ଼ିଯାଇଛି। ଦେଶର ଅର୍ଥ ବ୍ୟବସ୍ଥାରେ ସିଏମାନଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ ରହିଛି ବୋଲି ମତପ୍ରକାଶ କରିଛନ୍ତି। ପରିଶେଷରେ ଶାଖାର ସ୍ୱତନ୍ତ୍ର ପୁସ୍ତିକାକୁ ସମସ୍ତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ରବିବାର ଏହି ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଷ୍ଟାର୍ଟଅପ୍, ଅଡିଟ୍, ପରୋକ୍ଷ କର, ପ୍ରତ୍ୟକ୍ଷ କର, କର୍ପୋରେଟ ଆଇନ, କୃତ୍ରିମ ବୋଧଶକ୍ତି ଓ ରେରା ଆଇନ ଉପରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

ଉକ୍ତ ସମ୍ମିଳନରେ ଓଡ଼ିଶା ଓ ବାହାର ରାଜ୍ୟର ପ୍ରାୟ ୬୦୦ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଯୋଗଦେଇଛନ୍ତି ବୋଲି ସମ୍ମିଳନୀର ଲୋକସମ୍ପର୍କ ଅଧିକାରୀ ସିଏ ପ୍ରଶାନ୍ତ କୁମାର ମହାପାତ୍ର ମତପ୍ରକାଶ କରିଛନ୍ତି।

# ଇନ୍‌ଫିନିକ୍ସର ନୂତନ ଉତ୍ପାଦ

ଭୁବନେଶ୍ୱର,୭।୬

ଇନ୍‌ଫିନିକ୍ସର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ସ୍ମାର୍ଟଫୋନ 'ଇନ୍‌ଫିନିକ୍ସ ଜିଟି ୩୦ ପ୍ରୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପ୍ରକୃତ ଗେମିଂ ଦର୍ଶନ ସହ ନିର୍ମିତ ଇନ୍‌ଫିନିକ୍ସ ଜିଟି ୩୦ ପ୍ରୋ, ଫ୍ଲାଗ୍‌ଶିପ୍ ଗ୍ରେଡ୍ ପ୍ରୋସେସିଂ, ଆଡ୍‌ଭାନ୍ସଡ ଥର୍ମାଲ ଡିଜାଇନ ଓ ନିମଜ୍ଜିତ କଣ୍ଟ୍ରୋଲ ଫିଚରଗୁଡ଼ିକୁ ଏକତ୍ରିତ କରିଛି। ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, ଜିଟି ୩୦ପ୍ରୋ ଇନ୍‌ଫିନିକ୍ସ ଓ ଭାରତୀୟ ଗେମିଂ କ୍ଷେତ୍ର ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଚିହ୍ନିତ କରିଛି। ଫ୍ଲାଗ୍‌ଶିପ-ଗ୍ରେଡ୍ ସଠିକତା ସହ ଡିଜାଇନ କରାଯାଇଥିବା ଜିଟି ୩୦ ପ୍ରୋ, ବିଶ୍ୱର ପ୍ରଥମ ମିଡିଆଟେକ୍ ୮୩୫୦ ଅଲ୍ଟିମେଟ ପ୍ରୋସେସର, କ୍ରାଫ୍ଟନ-ପ୍ରମାଣିତ ୧୨୦ଏଫ୍‌ପିଏସ୍ ବିଜିଏମ୍‌ଆଇ ସପୋର୍ଟ, ଜିଟି ସୋଲ୍ଡର ଟ୍ରିଗର ଏବଂ କଷ୍ଟମାଇଜେବୁଲ ଆର୍‌ଜିବି ଲାଇଟିଂ ସହ ଏକ ବୋଲ୍ଡ ସାଇବର ମେକା ଡିଜାଇନ ସହ ଏଭଳି ଆବଶ୍ୟକତାଗୁଡ଼ିକୁ ପୂରଣ କରୁଛି। ଗେମିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଇସ୍ପୋର୍ଟସ ମୋଡ୍, ଏକ୍ସବୁଷ୍ଟ, ଏଆଇ ଅଡିଓ ଏନ୍‌ହାନ୍ସମେଣ୍ଟ ଓ ହାପ୍ଟିକ୍ସ ଭଳି ଏଆଇ-ପରିଚାଳିତ ଫିଚରଗୁଡ଼ିକୁ ଏକୀକୃତ କରାଯାଇଛି।

# ସ୍ୱତନ୍ତ୍ର ପ୍ରଦର୍ଶନୀ 'ଦି ହାଟ୍' ଉଦ୍‌ଘାଟିତ

The Haat Fashion & Lifestyle Exhibition

ଭୁବନେଶ୍ୱର,୭।୬

ଦେଶର ପ୍ରମୁଖ ଇଭେଣ୍ଟ ତଥା ଫେୟାର କେୟାର ଇଣ୍ଡିଆର ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଦି ହାଟ୍' ଶନିବାର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ହୋଟେଲ ପାଲ ହାଇଟ୍ସରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୫୦ରୁ ଅଧିକ ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ସାମଗ୍ରୀ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଫେୟାର କେୟାର ପ୍ରଦର୍ଶନୀ (ଦି ହାଟ୍) ର ନିର୍ଦ୍ଦେଶକ ଅନୁପମ ମୁଖାର୍ଜୀ କହିଛନ୍ତି, ଏହି ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନୀ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଉ ମାତ୍ର ୨୪ ଘଣ୍ଟା ବାକି ଅଛି। ଆପଣମାନେ ବହୁ ସଂଖ୍ୟାରେ ଆସି ପ୍ରଦର୍ଶନୀର ଲାଭ ଉଠାନ୍ତୁ। ଆମେ ଭୁବନେଶ୍ୱର କ୍ରେତାଙ୍କଠାରୁ ଭଲ ପ୍ରତିକ୍ରିୟା ଆଶା କରୁଛୁ ଏବଂ ପ୍ରଦର୍ଶନୀକୁ ବହୁଳ ପରିମାଣରେ କ୍ରେତାମାନଙ୍କୁ ସ୍ୱାଗତ ଜଣାଉଛୁ। ସେହିଭଳି ଖଦି, ହସ୍ତତନ୍ତ, ସୂତା (କଟନ୍) ଟସର, ମୁସ୍ଲିନ୍, ବନାରସୀ ଶାଢ଼ି, ପାରମ୍ପରିକ ଏବଂ ଡିଜାଇନର ଶାଢ଼ି, ଆଜରକ, ପାଶ୍ଚାତ୍ୟ ପୋଷାକ, ଜାତିଗତ ପୋଷାକ, କାଜୁଆଲ୍ ପୋଷାକ, କୁର୍ତ୍ତି, ଚିକନକରୀ କୁର୍ତ୍ତି, ପାରମ୍ପରିକ ଭାରତୀୟ ମୂଲ୍ୟବାନ୍ ଅଳଙ୍କାର, ରୁପା ଏବଂ ତମ୍ବା ଅଳଙ୍କାର, ଡିଜାଇନର ନେକ୍‌ପିସ୍, ସ୍କାର୍ଭ, ଗୃହ ସାଜସଜ୍ଜା, ବ୍ୟାଗ୍, ରାଖୀ, ସାଜସଜ୍ଜା ଉତ୍ପାଦ ଓ ଉପହାର ସାମଗ୍ରୀ ପ୍ରଦର୍ଶିତ ହେଉଛି। ସେହିପରି ଆଗାମୀ ଉତ୍ସବଗୁଡ଼ିକୁ ବିଚାରକୁ ନେଇ ଆମେ ଅନେକ ନୂତନ ସାମଗ୍ରୀକୁ ଏହି ପ୍ରଦର୍ଶନୀ ପାଇଁ ଆଣିଛୁ। ପ୍ରତିବର୍ଷ ଆମେ ଭୁବନେଶ୍ୱର ଆସି ବହୁତ ଭଲ ପ୍ରତିକ୍ରିୟା ପାଇଥାଉ। କାରଣ ଆମର ବିଭିନ୍ନ ପ୍ରକାର ଷ୍ଟଲ୍ ଏବଂ ସମସ୍ତ ଅନନ୍ୟ ଉତ୍ପାଦ ରହିଛି, ଯାହା ବଜାରରେ ସହଜରେ ଉପଲବ୍ଧ ହୋଇପାରେନାହିଁ। ଅପରପକ୍ଷରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ବାରାଣସୀ, ଜୟପୁର, କୋଲକାତା, ଭୁବନେଶ୍ୱର ଓ କଟକ ଭଳି ସହରରୁ ନୂତନ ପିଢ଼ିର ବ୍ୟବସାୟୀମାନେ ପ୍ରଦର୍ଶନୀରେ ସାମିଲ ହୋଇଛନ୍ତି। ଏହି ପ୍ରଦର୍ଶନୀ ରବିବାର ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲାରହିବ।

# ଆଜି ଭୁବନେଶ୍ୱରରେ ଆଇବିସିର ଜାତୀୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୭।୬

ଇଣ୍ଡିଆନ ବିଲ୍ଡିଂ କଂଗ୍ରେସ (ଆଇବିସି)ର ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଓ ଆଇବିସି ମିଳିତ ଭାବେ ଏହାକୁ ଆୟୋଜନ କରୁଛନ୍ତି। ଏହି ସମ୍ମିଳନୀ ହୋଟେଲ ଲାଇଫ୍ ଭୁବନେଶ୍ୱରରେ ରବିବାର ଆୟୋଜନ ହେଉଛି। ଅପରପକ୍ଷରେ ସମ୍ମିଳନୀ 'ରିସେଣ୍ଟ ଆଡ୍‌ଭାନ୍ସେସ ଇନ୍ ଆଇକନିକ୍ ବିଲ୍ଡିଂ ପ୍ରୋଜେକ୍ଟସ' ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଜାତୀୟ ସେମିନାର ଆୟୋଜନ ହେବ। ସମଗ୍ର ଦେଶରୁ ପ୍ରତିଷ୍ଠିତ ଇଞ୍ଜିନିୟର, ଆର୍କିଟେକ୍ଟ, ଅର୍ବାନ ପ୍ଲାନର, ସରକାରୀ ଅଧିକାରୀ, ଟେକ୍ନୋକ୍ରାଟ ଏବଂ ଶିକ୍ଷାର୍ଥୀମାନଙ୍କ ସମେତ ୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏହି ସମ୍ମିଳନୀ ଏକତ୍ରିତ କରିବ ବୋଲି ଆଶା କରାଯାଉଛି। ସେହିଭଳି ଏହି ସମ୍ମିଳନୀରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଏବଂ ପୂର୍ତ୍ତ ବିଭାଗର ମୁଖ୍ୟ ସଚିବ ସଞ୍ଜୟ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ୩ଟି ବୈଷୟିକ ଅଧିବେଶନ ସାମିଲ ରହିଛି, ଯାହା ସ୍ମାର୍ଟ ଭିତ୍ତିଭୂମି, ସ୍ଥାୟୀ ନିର୍ମାଣ ଓ ଆଇକନିକ୍ ବିଲ୍ଡିଂ ଡିଜାଇନ କ୍ଷେତ୍ରରେ ଅଭିନବ ପଦ୍ଧତି ଭଳି ଆଧୁନିକ ବିଷୟବସ୍ତୁଗୁଡ଼ିକ ଉପରେ ଗୁରୁତ୍ୱ ଦେବ।

ଏ ସମ୍ପର୍କରେ ଆଇବିସି ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରେ ସଦ୍ୟତମ ଅଗ୍ରଗତିଗୁଡ଼ିକ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ଅନେକ ଜାତୀୟସ୍ତରୀୟ ବିଶେଷଜ୍ଞ ଏହି ସେମିନାରରେ ଯୋଗଦେବେ। ଏପରିକି ଲେଖକମାନେ ନୂତନ ଉଦ୍ଭାବନଗୁଡ଼ିକ ଉପରେ ରିସର୍ଚ୍ଚ ପେପର ଉପସ୍ଥାପନ କରିବେ। ଆଇବିସିର ଅଧ୍ୟକ୍ଷ ଇଂ. ଚିନ୍ମୟ ଦେବନାଥ କହିଛନ୍ତି, ଆମେ ପୂର୍ତ୍ତ ବିଭାଗ ସହଭାଗିତାରେ ଆଇବିସିର ୧୯୬ ତମ ଏକ୍‌ଜିକ୍ୟୁଟିଭ କାଉନ୍‌ସିଲ ମିଟିଂର ଆୟୋଜନ କରୁଛୁ। ଆଇକନିକ୍ ବିଲ୍ଡିଂଗୁଡ଼ିକର ନିର୍ମାଣରେ ସଦ୍ୟତମ ଅଗ୍ରଗତି ପ୍ରସଙ୍ଗ ଉପରେ ଆୟୋଜିତ ହେଉଥିବା ଏହି ସେମିନାର ସମଗ୍ର ଦେଶରୁ ବିଶେଷଜ୍ଞମାନଙ୍କ ଅଂଶଗ୍ରହଣର ସାକ୍ଷୀ ହେବ। ଆଇବିସି କାଉନସିଲ ସଦସ୍ୟ ଏବଂ ପୂର୍ବତନ ଇଆଇସି ଓଡ଼ିଶା ସରକାର ଇଂ. ମନୋରଞ୍ଜନ ମିଶ୍ର ଏହି ସେମିନାରର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇବିସି ଓଡ଼ିଶା ଚାପ୍ଟରର ଉପାଧ୍ୟକ୍ଷ ପ୍ରଫେସର ପି.କେ. ପାଢ଼ୀ କହିଛନ୍ତି, ଆଇବିସି ଓଡ଼ିଶା ଚାପ୍ଟର ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ଆଇବିସି ଓଡ଼ିଶା ଚାପ୍ଟରର ସମ୍ପାଦକ ତ୍ରିନାଥ ବେହେରା, ସଂଯୋଜକ ମନୋଜ କୁମାର ମହାନନ୍ଦ, ଭେନ୍ୟୁ କମିଟିର ଅଧ୍ୟକ୍ଷ ପ୍ରିୟବ୍ରତ ସାମନ୍ତରାୟ, ପ୍ରତିଷ୍ଠାତା ସଭାପତି ଓ.ପି.ଗୋଏଲ, ଡବ୍ଲ୍ୟୁଏଫଇଓର ଡେପୁଟି ଏକ୍ସ-ଇଭିପି ଅଶୋକ ବାସ, ପୂର୍ବତନ ସଭାପତି ପ୍ରଦୀପ ମିତ୍ତଲ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇ.ଏସ୍. ସିନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

# କେଭିଆଇସି ପକ୍ଷରୁ ୩୦୦କୋଟିର ମାର୍ଜିନ୍ ମନି ସବ୍‌ସିଡି ବଣ୍ଟନ



କେଭିଆଇସି ଅଧ୍ୟକ୍ଷ ମନୋଜ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୭।୬

ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ପକ୍ଷରୁ ସମଗ୍ର ଦେଶର ୮୭୯୪ ଜଣ ହିତାଧିକାରୀଙ୍କୁ ୩୦୦କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ବଣ୍ଟନ କରାଯାଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମ ପ୍ରାୟ ୮୮୪ କୋଟି ଟଙ୍କାର ଋଣ ମଞ୍ଜୁରୀ ପ୍ରତି ବଦଳରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟ ଇର୍ଲା ରୋଡ୍ ଭିଲେ ପାର୍ଲେ (ପଶ୍ଚିମ) ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର ଭର୍ଚୁଆଲ୍ ମୋଡ୍‌ରେ ଯୋଗଦେଇ ହିତାଧିକାରୀମାନଙ୍କୁ ସବ୍‌ସିଡି ଅର୍ଥ ପ୍ରଦାନ କରିଥିଲେ। ଏହି ଅବସରରେ କେଭିଆଇସି ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପ ରାଶିଙ୍କ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏ ନେଇ ମନୋଜ କୁମାର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ପିଏମ୍‌ଇଜିପି ଯୋଜନା ବର୍ତ୍ତମାନ ଭାରତରେ ଆତ୍ମନିଯୁକ୍ତିର ଏକ ଦୃଢ଼ ଏବଂ ପ୍ରଭାବଶାଳୀ ଆଧାର ସୃଷ୍ଟି କରିଛି। ଖଦି ଏବଂ ଗ୍ରାମୋଦ୍ୟୋଗ ଆଜି କେବଳ ଏକ ଉତ୍ପାଦ ନୁହେଁ, ବରଂ ଏହା ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣର ସାର ପାଲଟିଛି। ଏହି ଯୋଜନା କେବଳ ବହୁ ଲକ୍ଷ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିନାହିଁ, ବରଂ ସେମାନଙ୍କୁ ଉଦ୍ୟୋଗିତାର ଶକ୍ତି ସହ ମଧ୍ୟ ଯୋଡ଼ିଛି।

ସେହିଭଳି ଦେଶର ସମସ୍ତ ୬ଟି ଜୋନ୍ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଜୋନ୍ (ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, କେରଳ, ପୁଡୁଚେରୀ) ପାଇଁ ମୋଟ ୨୪୪୫ଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା, ଯାହା ପାଇଁ ୮୦.୨୬ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଥିଲା।

କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ର ୨୩୬୬ଟି ପ୍ରକଳ୍ପ ପାଇଁ ୯୧.୧୩ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଥିଲା।

ପୂର୍ବ ଭାରତରେ ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ-ନିକୋବର ସମେତ ଉତ୍ତର-ପୂର୍ବରେ ଆସାମ, ମଣିପୁର, ମେଘାଳୟ, ମିଜୋରାମ ଏବଂ ତ୍ରିପୁରା ପାଇଁ ମୋଟ ୨୧୬୭ଟି ପ୍ରକଳ୍ପ ନିମନ୍ତେ ୬୨.୬୮ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଥିଲା।

ଉତ୍ତର କ୍ଷେତ୍ରର ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କଶ୍ମୀର, ଲଦାଖ, ପଞ୍ଜାବ ଏବଂ ରାଜସ୍ଥାନର ୧୩୨୦ ପ୍ରକଳ୍ପ ପାଇଁ ୪୧.୮୦ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଥିଲା। ପଶ୍ଚିମ କ୍ଷେତ୍ରର (ଗୁଜରାଟ, ମହାରାଷ୍ଟ୍ର ଏବଂ ଗୋଆ) ୪୯୬ଟି ପ୍ରକଳ୍ପକୁ ୨୪.୧୨ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଥିଲା।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୭।୬

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀର ଗୁଣାତ୍ମକ ଉତ୍ପାଦ ଓ ରେଳ ସେତୁ ନିର୍ମାଣରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଦେଶର ଦୁଇଟି ଐତିହାସିକ ରେଳ ସେତୁ ନିର୍ମାଣ ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଯୋଗାଇଛି। ଭାରତର ଆଧୁନିକ ଭିତ୍ତିଭୂମି ପ୍ରକଳ୍ପରେ ଏହାର ଯୋଗଦାନକୁ ଆହୁରି ସୁଦୃଢ଼ କରିଛି। ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ଚେନାବ୍ ସେତୁ ପାଇଁ କମ୍ପାନୀ ୭୦% ଫ୍ଲାଟ୍ ଇସ୍ପାତ ଏବଂ ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ ଅଞ୍ଜିଖାଡ୍ ପାଇଁ ୧୦୦% ଇସ୍ପାତ ଯୋଗାଇଛି। ସେହିଭଳି ଏହି ଇଞ୍ଜିନିୟରିଂ ଚମତ୍କାର ଭବିଷ୍ୟତ ନିର୍ମାଣ ପାଇଁ ଭାରତର ଇଚ୍ଛାଶକ୍ତି ଏବଂ କ୍ଷମତାକୁ ପ୍ରତିଫଳିତ କରୁଛି। ଏପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବିଶ୍ୱସ୍ତରୀୟ ଇସ୍ପାତ ଯୋଗାଣ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପାଇଁ ଗର୍ବର ବିଷୟ ପାଲଟିଛି, ଯାହା ଭାରତର ଆଗାମୀ ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଭିପି ଏବଂ ନିର୍ଦ୍ଦେଶକ (ବିକ୍ରୟ ଏବଂ ବିପଣନ) ରଞ୍ଜନ ଧର କହିଛନ୍ତି, ଚେନାବ ଏବଂ ଅଞ୍ଜିଖାଡ ସେତୁ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ ବରଂ ଭାରତର ବର୍ଦ୍ଧିତ ଆତ୍ମନିର୍ଭରଶୀଳତା ଏବଂ ଶିଳ୍ପଶକ୍ତିର ପ୍ରତୀକ ପାଲଟିଛି। ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପରେ ଆମର ଅବଦାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଜାତୀୟ ବିକାଶ ଲକ୍ଷ୍ୟ ସହ ଆମର ସମନ୍ୱୟକୁ ପ୍ରତିଫଳିତ କରୁଛି।

# ଫୋନ୍‌ପେ ଜରିଆରେ ୟୁପିଆଇ ପେମେଣ୍ଟ

ଭୁବନେଶ୍ୱର,୭।୬

ଫୋନ୍‌ପେ ଲିମିଟେଡ୍ (ଫୋନ୍‌ପେ)ର ନୂତନ ଫିଚରକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ସ୍ମାର୍ଟଫୋନଗୁଡ଼ିକ ପାଇଁ ଏହି ଫିଚର ବେଶ୍ ଲାଭଦାୟକ ଓ ଫୋନ୍‌ପେ ଜରିଆରେ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ ବା ୟୁପିଆଇ ପେମେଣ୍ଟ ସହଜରେ କରାଯାଇପାରିବ। ସେହିଭଳି ୟୁପିଆଇ ମାଧ୍ୟମରେ ପେମେଣ୍ଟ ଚାଲୁ କରିବାକୁ ବାର୍ତ୍ତାଳାପଭିତ୍ତିକ ଯୋଗାଯୋଗର ପ୍ଲାଟ୍‌ଫର୍ମ ଏବଂ ଗପସପର ମାଲିକାନାରେ ଥିବା 'ଜିଏସ୍‌ପେ' ଟେକ୍ନୋଲୋଜି ଷ୍ଟାକରୁ ଏକ ଆଇପି କିଣିବା ବିଷୟରେ ଘୋଷଣା କରିଛି। ଫୋନ୍‌ପେ'ର ସହ-ପ୍ରତିଷ୍ଠାତା ତଥା ସିଇଓ ସମୀର ନିଗମ କହିଛନ୍ତି, ଆମେ ଜିଏସ୍‌ପେ ଟେକ୍ନୋଲୋଜି ଷ୍ଟାକ ଅଧିଗ୍ରହଣ କରିବା ସହ ଏହାକୁ ବ୍ୟବହାର କରି ଭାରତର ବ୍ୟାପକ ସଂଖ୍ୟକ ଫିଚର ଫୋନ ୟୁଜରମାନଙ୍କ ପାଖରେ ୟୁପିଆଇ ପେମେଣ୍ଟ ପହଞ୍ଚାଇ ପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ ଅଛୁ।

## ଜାତୀୟ/ଅନ୍ତର୍ଜାତୀୟ



ଇଦ୍-ଉଲ୍-ଆଧା ଉତ୍ସବ ଅବସରରେ ଶନିବାର ନୂଆଦିଲ୍ଲୀର ଜାମା ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଉଛି।

# ଗାଜାରେ ଚିନି କିଲୋ ୫ ହଜାର

## ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ




ଗାଜା, ୭।୬

ଇସ୍ରାଏଲର ଲଗାତର ଆକ୍ରମଣ ମଧ୍ୟରେ ଗାଜାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଗାଜାରେ ୧ ଲିଟର ଖାଇବା ତେଲର ମୂଲ୍ୟ ୧୭୦ ଶେକେଲ (୪,୧୭୭ ଟଙ୍କା) ରହିଛି। ସେହିପରି ୧ କେ.ଜି. ଚିନିର ଦାମ ୨୦୦ ଶେକେଲ (୪,୯୧୪ ଟଙ୍କା), ୧ କେ.ଜି. ମିଲ୍କ ପାଉଡରର ଦାମ ୩୫ ଶେକେଲ (୮୬୦ ଟଙ୍କା), ୧ କେ.ଜି. ଲୁଣର ମୂଲ୍ୟ ୨୦ ଶେକେଲ (୪୯୧ ଟଙ୍କା), ୧ କେ.ଜି. ଟମାଟୋର ମୂଲ୍ୟ ୪୫ ଶେକେଲ (୧,୧୦୬ ଟଙ୍କା), ୧ କେ.ଜି. ପିଆଜର ମୂଲ୍ୟ ୧୮୦ ଶେକେଲ (୪,୪୨୩ ଟଙ୍କା), ୧ କେ.ଜି. ଆଳୁର ଦାମ ୮୦ ଶେକେଲ (୧,୯୬୬ ଟଙ୍କା), ୧ କେ.ଜି. ବାଇଗଣର ମୂଲ୍ୟ ୩୫ ଶେକେଲ (୮୬୦ ଟଙ୍କା), ୧ କେ.ଜି. ଲେମ୍ବୁର ଦାମ ୬୦ ଶେକେଲ (୧,୪୭୪ ଟଙ୍କା), ଗୋଟେ କପ୍ କଫିର ଦାମ ୧୮୦ ଶେକେଲ (୪,୪୨୩ ଟଙ୍କା) ରହିଛି। ସେହିପରି ଗାଜାରେ ଏକ ପାର୍ଲେଜି ବିସ୍କୁଟର ମୂଲ୍ୟ ୨୪ ୟୁରୋ (ପ୍ରାୟ ୨,୪୦୦ ଟଙ୍କା) ହୋଇଥିବା ନେଇ ଏକ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଗାଜାରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ନେଇ ଇସ୍ରାଏଲ ହମାସ୍‌କୁ ଦୋଷ ଦେଇଛି। ଗାଜାରେ ବିସ୍ଥାପିତଙ୍କ ପାଇଁ ଆସୁଥିବା ସହାୟତା ସାମଗ୍ରୀକୁ ହମାସ ହଡ଼ପ କରୁଥିବା ଇସ୍ରାଏଲ କହିଛି। ଗାଜାରେ ଥିବା ଇସ୍ରାଏଲୀ ଦୂତାବାସର ମୁଖପାତ୍ର ଗାଇ ନିର୍ କହିଛନ୍ତି, ଗତ ଦେଢ଼ ବର୍ଷ ଧରି ଗାଜାକୁ ଆସୁଥିବା ଅଧିକାଂଶ ସହାୟତା ସାମଗ୍ରୀ ଟ୍ରକର ପ୍ରାୟ ୮୦% ସାମଗ୍ରୀକୁ ହମାସ୍‌ର ମୁଖାପିନ୍ଧା ବନ୍ଧୁକଧାରୀ ଲୁଟି ନେଉଛନ୍ତି। ଏହି ଲୁଟ୍ ସାମଗ୍ରୀଗୁଡ଼ିକୁ ହମାସ୍ ଚଢ଼ା ଦରରେ ସାଧାରଣ ଲୋକଙ୍କୁ ବିକ୍ରି କରୁଥିବା ସେ କହିଛନ୍ତି।

# ଖଲିସ୍ତାନୀ ଆତଙ୍କବାଦୀ ଗୋଲ୍ଡି ବ୍ରାର୍‌ଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

## ଗୁରୁଗ୍ରାମ ବୋମା ବିସ୍ଫୋରଣ ମାମଲା

ନୂଆଦିଲ୍ଲୀ, ୭।୬

୨୦୨୪ ଗୁରୁଗ୍ରାମ ବୋମା ବିସ୍ଫୋରଣ ମାମଲାରେ ଖଲିସ୍ତାନୀ ଆତଙ୍କବାଦୀ ସତିନ୍ଦରଜିତ ସିଂ ଓରଫ ଗୋଲ୍ଡି ବ୍ରାର୍‌ଙ୍କ ସମେତ ୫ ଅଭିଯୁକ୍ତଙ୍କ ବିରୋଧରେ ଶନିବାର ଜାତୀୟ ତଦନ୍ତ ଏଜେନ୍ସି (ଏନ୍‌ଆଇଏ) ଚାର୍ଜଶିଟ ଦାଖଲ କରିଛି। ପଞ୍ଚକୁଲାସ୍ଥିତ ସ୍ୱତନ୍ତ୍ର ଅଦାଲତରେ ଏନ୍‌ଆଇଏ ଏହି ଚାର୍ଜଶିଟ ଦାଖଲ କରିଛି। ଗୋଲ୍ଡିଙ୍କ ବ୍ୟତୀତ ମାମଲାର ଅନ୍ୟତମ ଅଭିଯୁକ୍ତ ରଞ୍ଜିତ ସିଂ ଓରଫ ରଞ୍ଜିତ ସିଂ ମଲିକ, ସଚିନ ତଲିୟାନ, ଅଙ୍କିତ ଏବଂ ଭାବିଶଙ୍କ ବିରୋଧରେ ଏନ୍‌ଆଇଏ ଅଭିଯୋଗ ପତ୍ର ଦାଖଲ କରିଛି। ରଞ୍ଜିତ ଏବଂ ଗୋଲ୍ଡି ଏବେ ଫେରାର ଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଗିରଫ ହୋଇସାରିଛନ୍ତି।

# ଦୁର୍ଘଟଣାରୁ ବର୍ତ୍ତିଲେ ତେଜସ୍ୱୀ

ପାଟନା,୭।୬

ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବୈଶାଳୀ ଜିଲାର ଗୋରାଉଲ ଥାନା ଅଞ୍ଚଳରେ ତାଙ୍କ ଗାଡ଼ିସମୂହ ଉପରେ ଏକ ଟ୍ରକ୍ ମାଡ଼ିଯାଇଥିଲା। ଦୁର୍ଘଟଣାରେ ତେଜସ୍ୱୀଙ୍କ କନ୍‌ଭୟର ୩ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ହାଜିପୁର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଡ୍ରାଇଭରଙ୍କୁ ଜେରା କରୁଛି।

## ବେଙ୍ଗାଲୁରୁ ଦଳାଚକଟା

# ସରକାରଙ୍କୁ ୯ ପ୍ରଶ୍ନର ଜବାବ ମାଗିଲେ ହାଇକୋର୍ଟ

ବେଙ୍ଗାଲୁରୁ,୭।୬

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଗତ ବୁଧବାର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ଦଳାଚକଟାରେ ୧୧ ଜଣଙ୍କ ଜୀବନ ଯିବା ଘଟଣାରେ କର୍ଣ୍ଣାଟକ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ୯ଟି ପ୍ରଶ୍ନର ଜବାବ ଚାହିଁଛନ୍ତି। ସେହି ପ୍ରଶ୍ନଗୁଡ଼ିକ ହେଲା ବିଜୟ ଉତ୍ସବ ପାଳନ କରିବାକୁ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ କିଏ ଅଧିକାର ଦେଇଥିଲା? କେବେ ଏବଂ କିପରି ଏହି ନିଷ୍ପତ୍ତି ନିଆଯାଇଥିଲା? ଆୟୋଜକମାନଙ୍କୁ ଏହିପାଇଁ ଆବଶ୍ୟକ ଅନୁମତି ମିଳିଥିଲା କି? ଏହିସବୁ ପ୍ରଶ୍ନର ସବିଶେଷ ଉତ୍ତର ୧୦ ତାରିଖ ସୁଦ୍ଧା ଦାଖଲ କରିବାକୁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାକୁ ଥିବା କ୍ରୀଡ଼ା ଏବଂ ଅନ୍ୟ ସାଧାରଣ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମାନକ ସଞ୍ଚାଳନ ପ୍ରକ୍ରିୟା (ଏସ୍‌ଓପି)କ'ଣ ରହିଛି ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭି. କାମେଶ୍ୱର ରାଓ ଏବଂ ଜଷ୍ଟିସ୍ ସି.ଏମ୍. ଜୋଷୀଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହା ବ୍ୟତୀତ ଉକ୍ତ ଅଞ୍ଚଳରେ ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ କିଭଳି ପଦକ୍ଷେପ ନିଆଯାଇଥିଲା, ଜନଗହଳି ପରିଚାଳନା ପାଇଁ କ'ଣ ବ୍ୟବସ୍ଥା ହୋଇଥିଲା, ସେଠାରେ କିଭଳି ଡାକ୍ତରୀ ଓ ଜରୁରୀ ସେବା ଉପଲବ୍ଧ ଥିଲା ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁଛନ୍ତି।

# ରେଳଟ୍ରାକ୍‌ରେ କଥା ହେବା ବେଳେ ମାଡ଼ିଗଲା ଟ୍ରେନ

ବାଲେଶ୍ୱର,୭।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଷ୍ଟେଶନର ଅନତି ଦୂର ଓଭରବ୍ରିଜ ନିକଟ ରେଳଧାରଣା ଉପରେ ହେଡ୍‌ଫୋନ୍ ଲଗାଇ ମୋବାଇଲରେ କଥା ହେଉଥିବା ବେଳେ ଶାଳିମାର-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଟ୍ରେନ୍ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତ ଯୁବକ ହେଲେ ସହଦେବଖୁଣ୍ଟା ଥାନା ହରିପୁର ବେଗୁନିଆ ଅଞ୍ଚଳର ଦୀପକ ପାଣିଗ୍ରାହୀ (୩୧)। ଜିଆର୍‌ପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏକ ଅପମୃତ୍ୟୁ ମାମଲା (ନଂ ୪୮/୨୫) ରୁଜୁ ହୋଇଛି।

ସୂଚନା ଅନୁସାରେ ଅପରାହ୍ଣରେ ଦୀପକ କାନରେ ହେଡ୍‌ଫୋନ ଦେଇ ଭିଡିଓ କଲ୍‌ରେ କଥା ହୋଇ ମାଲଗୋଦାମ ରାସ୍ତା ପଟୁ ରେଳଧାରଣା ହୋଇ ଫାଣ୍ଡି ଛକ ଆଡ଼କୁ ଆସୁଥିଲେ। ଅପ୍ ଶାଳିମାର ହାଇଦ୍ରାବାଦ ଇଷ୍ଟକୋଷ୍ଟ ଟ୍ରେନ ଷ୍ଟେଶନ ଛାଡ଼ିଥିଲା। ଦୀପକ କାନରେ ହେଡଫୋନ ଦେଇ କଥା ହେଉଥିବାରୁ ଟ୍ରେନ୍‌ର ହର୍ନ ଶୁଣିପାରି ନ ଥିଲେ। ଟ୍ରେନ୍ ତାଙ୍କ ଉପରେ ମାଡ଼ିଯିବାରୁ ମୃତ୍ୟୁ ହୋଇଥିଲା।

## ମନେ ପଡ଼ନ୍ତି

### ତୃତୀୟ ପୁଣ୍ୟ ତିଥି



୰ସୁଧାଂଶୁ କୁମାର ପଟ୍ଟନାୟକ (ବାବୁଲି)
ବାଟମଙ୍ଗଳା, ପୁରୀ
ଆବିର୍ଭାବ: ୨୨।୦୩।୧୯୫୮
ତିରୋଧାନ: ୧୨।୦୬।୨୦୨୨

ବାବା ତମେ ଏମିତି ଯାଇଛ ଯେ ସବୁବେଳେ ତମ କଥା ମନେ ପଡ଼େ। ଶ୍ରୀଜଗନ୍ନାଥ ତମ ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ଦିଅନ୍ତୁ।

ଶ୍ରଦ୍ଧାଞ୍ଜଳି: ପୁତ୍ର: ସ୍ୱାଗତ, ସମ୍ପିତ, ସୁଜଳ, ପୁତ୍ରବଧୂ: ଶ୍ରଦ୍ଧା, ଗୀତା, ନାତି: ଶ୍ଳୋକ, ନାତୁଣୀ: ଶରଣ୍ୟା, ବନ୍ଧୁ ଓ ସମ୍ପର୍କୀୟମାନେ

ଧ-୭୮୪

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉମା ରଥ
ସ୍ୱାମୀ: ୰ସିଦ୍ଧେଶ୍ୱର ରଥ
ପାତ୍ର ସାହି, ପୁରୀ
ଆବିର୍ଭାବ : ୧୯୪୪
ତିରୋଧାନ : ୩୦।୦୫।୨୦୨୫

ବୋଉ, ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧର୍ମ ପରାୟଣତା ଆମର ଧ୍ୟେୟ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: କୁନି, ବୁଡ଼ିଆ, ବୁଢ଼ା, ମାମିନା, ମାଣ୍ଡିଆ, ପିଣ୍ଟୁ, ନିକୀ, ରୁପା, ପଲ୍ଲୁ, ବାବୁନା, ବୁବୁ, ଟୁଇଙ୍କଲ୍, ରାନ୍ତୁ, ଇମନ, ଫୁପୁନ, ପୂଜା, ବନ୍ଧୁ ଓ ପରିବାରବର୍ଗ

ଧ-୭୬୦୬୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରୋଜିନୀ ମହାନ୍ତି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୦୬।୦୬।୧୯୩୯
ତିରୋଧାନ: ୦୮।୦୬।୨୦୨୦

ତୁମେ ଅଭିମାନ କରି ଆମ ସମସ୍ତଙ୍କୁ କହେଇ ସବୁ ଦିନ ପାଇଁ ଆରପାରିକୁ ଚାଲିଗଲ। ତୁମେ ଥିଲ ଦୃଢ଼ମନା, କର୍ମଠ, ସ୍ନେହୀ, ଘରର ରକ୍ଷକ ଥିଲ ତୁମେ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମ ପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ।

ଶୋକସନ୍ତପ୍ତ: ଜେନା ପରିବାରବର୍ଗ।

ଧ-୮୬୩

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଶିକାରୀଙ୍କ ଆକ୍ରମଣରେ ଦନ୍ତା ଆହତ

## ବନ ବିଭାଗ ପକ୍ଷରୁ ଚିକିତ୍ସା ଜାରି

କେନ୍ଦୁଝର,୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଠା ନିକଟବର୍ତ୍ତୀ ଅଟେଇ ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଆକ୍ରମଣରେ ଆହତ ହୋଇ ଏକ ଦନ୍ତା ବିଚରଣ କରୁଛି। ହାତୀର ବୟସ ୨୫ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖବର ପାଇବା ପରେ ବନ ବିଭାଗ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶୁକ୍ରବାର ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଠା ନିକଟବର୍ତ୍ତୀ ଅଟେଇ ସଂରକ୍ଷିତ ଜଙ୍ଗଲରେ କେତେଜଣ ଗ୍ରାମବାସୀ ହାତୀ ଛୋଟେଇ ଚାଲୁଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ହାତୀର ଆଗ ବାମ ଗୋଡ଼ରେ ଆଘାତ ଲାଗିଛି। ଶିକାରୀ ତୀର କିମ୍ବା ଧାରୁଆ ଅସ୍ତ୍ରରେ ଆଘାତ କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ,



ଆହତ ଦନ୍ତାହାତୀ।

ବନ୍ୟପ୍ରାଣୀ ଡାକ୍ତରୀ ଦଳ ଘଟଣାସ୍ଥଳକୁ ଯାଇ ଏହାର ତଦାରଖ କରିଥିଲେ। ଶନିବାର ସ୍ୱତନ୍ତ୍ର ହାତୀ ବିଶେଷଜ୍ଞ ଟିମ୍ ଦ୍ୱାରା ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରାଯାଇଛି। ଆହତ ହାତୀଟି ସାତକୋଶିଆ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଶୁକ୍ରବାର ପୂର୍ବାହ୍ଣ ୧୦ଟା ୧୦ ସମୟରେ ଘଟଗାଁ ରେଞ୍ଜ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବନ ଅଧିକାରୀମାନେ ଦିନରାତି ହାତୀଟିକୁ ଟ୍ରାକ୍ ଏବଂ ତଦାରଖ କରୁଛନ୍ତି। ଆହତ ହାତୀଟି ଯନ୍ତ୍ରଣା ଅନୁଭବ କରୁଛି। କିନ୍ତୁ ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଧୋକୋଟା ଅଞ୍ଚଳ ନିକଟ ମୁଷଳ ନଦୀ ନିକଟରେ ସ୍ଥିର ହୋଇ ଛିଡ଼ାହୋଇ ରହିଥିବା ଜଣାପଡ଼ିଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ, ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ବନ ଅଧିକାରୀ ଅଭୟ କୁମାର ଦଳାଇ, ପ୍ରାଣୀ ଚିକିତ୍ସା ଦଳ ଉପସ୍ଥିତ ରହିଛନ୍ତି। ସହକାରୀ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି, ହାତୀଟି ଖାଦ୍ୟ ଖାଇ ପାରୁନାହିଁ। ଖାଦ୍ୟ ଖାଇବାକୁ ଚେଷ୍ଟା କରିବା ସମୟରେ ତୁରନ୍ତ ବାନ୍ତି କରିଦେଉଛି। ଏଣୁ ଗଳା କିମ୍ବା ଅନ୍ୟ କେଉଁଠି ସମସ୍ୟା ଥିବା ସନ୍ଦେହ କରାଯାଉଛି। ପ୍ରାଣୀ ଚିକିତ୍ସକ ଦଳ ପୂର୍ବରୁ ଆଣ୍ଟିବାୟୋଟିକ ଦେଇ ଚିକିତ୍ସା ଆରମ୍ଭ କରିଦେଇଛନ୍ତି।

# ଗୃହରକ୍ଷୀବାହିନୀ ଲିଖିତ ପରୀକ୍ଷାରୁ ବାଦ୍ ପଡ଼ିଲେ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ

ପାରଳାଖେମୁଣ୍ଡି,୭।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିରେ ଗତ ମେ ୨୯ରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇଁ ଶାରୀରିକ ସକ୍ଷମ ପରୀକ୍ଷା ହୋଇଥିଲା। ସେଥିରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ଶନିବାର ଲିଖିତ ପରୀକ୍ଷା ପାରଳାଖେମୁଣ୍ଡି ମହାରାଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ତେବେ ଏହି ପରୀକ୍ଷାରେ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଗୃହରକ୍ଷୀ ବାହିନୀର ଶାରୀରିକ ଦକ୍ଷତା ପରୀକ୍ଷାରେ ସଫଳ ହୋଇଥିଲେ ମଧ୍ୟ ସେମାନଙ୍କୁ ଲିଖିତ ପରୀକ୍ଷା ଦେବାକୁ ଅନୁମତି ମିଳି ନ ଥିଲା। ପରୀକ୍ଷା ଦେଇପାରି ନ ଥିବା ପ୍ରାର୍ଥୀମାନେ ଗଜପତି ପୋଲିସ ତାଙ୍କ ପ୍ରତି ଅଣଦେଖା କରିଛି ବୋଲି ଅଭିଯୋଗ କରିଛନ୍ତି। ଶାରୀରିକ ପରୀକ୍ଷାରେ ଯୋଗ୍ୟ ବିବେଚିତ ହେବା ପରେ ଲିଖିତ ପରୀକ୍ଷା ତାଲିକାରୁ ସେମାନଙ୍କ ନାଁ ବାଦ ପଡିଛି। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ବାଦ ପଡିଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଗତ ୨୯ ତାରିଖରେ ଗୃହରକ୍ଷୀ ବାହିନୀର ଶାରୀରିକ ଦକ୍ଷତା ପରୀକ୍ଷା ବେଳେ ସମସ୍ତ ପ୍ରାର୍ଥୀଙ୍କୁ ଗୋଟିଏ ଗୋଟିଏ ନମ୍ବରରେ ଟୋକନ ପ୍ରଦାନ କରାଯାଇଥିଲା। ଯେଉଁମାନେ ସଫଳତା ହାସଲ କରିଥିଲେ ସେମାନେ ରେଜିଷ୍ଟ୍ରେଶନ କାଉଣ୍ଟରରେ ସମସ୍ତ ଟୋକନ ଜମା କରିବାକୁ କୁହାଯାଇଥିଲା। ମାତ୍ର ଅନେକ ପ୍ରାର୍ଥୀ ଟୋକନ ଫେରାଇନାହାନ୍ତି। ଯେଉଁମାନେ ଟୋକନ ଫେରାଇ ନାହାନ୍ତି ସେମାନେ ଲିଖିତ ପରୀକ୍ଷାରୁ ବାଦ ପଡିଛନ୍ତି। ପରବର୍ତ୍ତୀ ସମୟରେ ଯଦି ଆବଶ୍ୟକ ପଡେ ତେବେ ସେମାନଙ୍କୁ ବିଚାରକୁ ନିଆଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

## BRIDE WANTED

Hotel Job, ବୟସ- 37 ପୁଅ ବାହାଘର ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। ଝିଅ ଗରିବ ହେଲେ ବି ଚଳିବ। କିଛି ଡିମାଇଣ୍ଡ ନ ଦେଲେ ବି ଚଳିବ। ଆମ ସହିତ ଯୋଗାଯୋଗ। ମୋବାଇଲ ନମ୍ବର- 8763173124. D-858

## GROOM WANTED

Beautiful Khandayat Girl 1999, 5'2", MA (Economics) BE.d, Serving Lecturer "SUNASANSAR". 9937512659. D-862

ବୟସ 27 କୌଣସି ଚାକିରି କରୁନଥିବା ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-860

Beautiful Brahmin Girl 1988, 5'3", MBBS, PG (ENT) Serving Doctor "SUNASANSAR". 9937512659. D-861



AUTOMOBILE SALE

Toyata Innova Crysta for sale (2018). Contact No.- 9777659193, 7077022424. D-857

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



REAL ESTATE SALE

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ- 3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D- 76464

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



Main Road- facing Shop available for rent in VSS Nagar, Area: 250sqft., Includes: Attached Toilet, Rent: Rs.- 16,000 per month, Ideal for: Retail, office or small Business setup. Contact: 7008630332. D-797

5-Story building for Rent Approx 10,000sqft. Palasuni, Bhubaneswar, Spacious 1BHK & 2BHK units available. Ideal for Ladies/ Gents Hostel, Tutorial Center or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-825

Ground Floor single room attached toilet for office space at VSS Nagar. 7873657633. D-781



Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7327030529. D-76918

Newly open Jyoti SPA positively health benefits (expert therapist). 8458067955. D-870

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

I, Dipanjali Naik, D/o- Sudhakar Naik, Village-Kalaragarh, P.O.-Arakhapatana, P.S.- Athagarh, Dist.-Cuttack, Odisha-754029 have changed my name to DIPIKA NAIK, dtd. 21.05.2025 before Executive Magistrate, Athagarh, Cuttack. D-868

I, Nisith Agarwal, S/o- Nandkishore Agarwal, Plot No.-70/1345, Sector-9, CDA, P.O.-Avinab Bidanasi, P.S.- Markatnagar, Cuttack-753014, Odisha declare by affidavit before Notary, Cuttack, dt. 04.06.2025 that I have changed my name Nishith Agarwal to Nisith Agarwal. Henceforth, I shall be known as Nisith Agarwal for all purposes. D-869

By virtue of an affidavit sworn before Executive Magistrate, Gunupur, I, Umasankar Sabar, S/o- Mangai Sabar, At- Bhimpurguda, P.O.- Titimiri, P.S.- Puttasing, Dist.- Rayagada, (o) declare that I have changed my minor brother name from Rajesh Sabar to Damodar Sabar. Henceforth, he will know as Damodar Sabar for all purpose. D-865

By virtue of an affidavit sworn before the Executive Magistrate, Nuagaon, dated 06.06.2025, I, Kamina Nayak, Father of Sujata Nayak, At-Kosakata, P.O.- Sampada, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my daughter's name from Saujata Nayak to Sujata Nayak. Henceforth, she shall be known as Sujata Nayak for all future purpose.
Kamina Nayak D-855

I, Sri Sanjay Kumar Agrawal, F/o- Sri Anmol Agarwal, resident of Plot No.-68, Sidhivinayak Enclave, Budheswari Colony, Bhubaneswar-751006, Odisha declare by this affidavit dtd. 07.06.2025 that now onwards I shall be known as Sri SANJAY KUMAR AGRAWALLA for all future purposes. D-867

By virtue of an affidavit sworn before the Executive Magistrate, Uditnagar, Rourkela, date 15.05.25, I, Subas Sagar, R/o- C/37, Sector-3, Rourkela, Dist.- Sundargarh, Odisha- 769002 declare that I have changed my son's name from Amrit Sagar to Archit Sagar. Henceforth, he shall be known as Archit Sagar for all purposes.
Subas Sagar D-866

By virtue of an affidavit sworn before Executive Magistrate, Gunupur, I, Debanjali Bidika, resident of Village- Chittiserama, Post- Naira, P.S.- Gudari, Dist.- Rayagada, Odisha declare that my name is wrongly mentioned as Debanjali Patika instead of Debanjali Bidika in the Transfer Certificate of my daughter. Hence, I swear this affidavit to correct my name in the Transfer Certificate as Debanjali Bidika instead of Debanjali Patika. D-864


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No.- 1050, Dt.- 31.05.2025

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଆଡିସନାଲ ରିଭିଜନ କୋର୍ଟ ନଂ ୪ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ ନଂ.- ୧୪୮୪/୨୦୨୨

୧. ସମୀର ସେନ ସାହୁ, ପିତା-ଲକ୍ଷ୍ମୀଧର ସାହୁ, ସା-ପାରକୁଳା, ପୋଷ୍ଟ- ପିକରାଳି, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ା,
..... ବାଦୀ/ଦରଖାସ୍ତକାରୀ

ବନାମ

ନବଘନ ମହାକୁଡ଼ ଓ ଅନ୍ୟମାନେ .... ପ୍ରତିବାଦୀ/ଅପାପକ୍ଷ

ପ୍ରାପ୍ତେଷୁ :

୧. ନବଘନ ମହାକୁଡ଼, ପିତା: ଭବାନୀ ମହାକୁଡ଼ ଓ ତାଙ୍କ ଉତ୍ତରାଧିକାରୀ, ଠିକଣା: ସା-ଭାଟଙ୍ଗୁରି, ପୋଷ୍ଟ-ଗଙ୍ଗପଡ଼ା, ଥାନା-ଚନ୍ଦକା।
..... ପ୍ରତିବାଦୀ ନଂ. ୧

୨. ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକସନ୍ ପ୍ରା. ଲିମିଟେଡ୍: ପ୍ରୋପ୍ରାଇଟର, ସୁଶାନ୍ତ କୁମାର ପଣ୍ଡା, ପ୍ଲଟ୍ ନଂ ୪୮୧ମ୍ବର, ଥାନା-ସହିଦ ନଗର, ଭୁବନେଶ୍ୱର।
... ପ୍ରତିବାଦୀ ନଂ. ୪

୩. ଗୋପାଳ ସିଂହ @ ଗୋପାଳ ଚରଣ ସିଂହ, ପିତା-ଉଦୟନାଥ ସିଂହ, ସା/ପୋଷ୍ଟ-ଗମେଇ, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା।
... ପ୍ରତିବାଦୀ ନଂ. ୫

୪. ଗୋବିନ୍ଦ ସିଂହ @ ଗୋବିନ୍ଦ ଚରଣ ସିଂହ, ପିତା-ଉଦୟନାଥ ସିଂହ, ସା/ପୋଷ୍ଟ-ଗମେଇ, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା।
... ପ୍ରତିବାଦୀ ନଂ. ୬

୫. ଶ୍ରୀମତୀ ବୁଲି ସାହୁ, ସ୍ୱାମୀ: ବାଇଧର ସାହୁ, ଠିକଣା: ସା/ପୋଷ୍ଟ- ଗମେଇ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା। .... ପ୍ରତିବାଦୀ ନଂ. ୭

୬. ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିତା-ଲକ୍ଷ୍ମଣ ମିଶ୍ର, ସା/ପୋଷ୍ଟ- ପଥୁରୀପଡ଼ା, ଥାନା- ବାଙ୍କୀ, ଜିଲ୍ଲା-କଟକ .... ପ୍ରତିବାଦୀ ନଂ. ୮

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସ୍‌ନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସମୀର ସେନ ସାହୁ ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.-୧,୫,୬,୮ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା କିନ୍ତୁ ଉକ୍ତ ପ୍ରତିବାଦୀମାନେ ମୃତ ହୋଇଥିବାରୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା, ସେହିପରି ପ୍ରତିବାଦୀ ନଂ.୪ ଏବଂ ୭ଙ୍କ ବାସସ୍ଥାନ/ଠିକଣା ବଦଳାଯାଇଥିବାରୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୧, ୪, ୫, ୬, ୭ ଓ ୮ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସ୍‌ନାଲ୍ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା-ଖୋର୍ଦ୍ଧା, ଥାନା-ଚନ୍ଦକା, ତହସିଲ-ଜଟଣୀ, ମୌଜା-ଗ୍ରାମଡ଼ିହି, ସାବିକ ଖାତା ନଂ.-୧୨, ସାବିକ ପ୍ଲଟ୍ ନଂ.-୩୦୯, ଏରିଆ- ଏ୦.୨୬୮ ଡିସିମିଲ ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ- ଏ୦.୦୫୫ ଡିସିମିଲ, ଏହାର ହାଲ୍ ଖାତା ନଂ.-୩୪, ହାଲ୍ ପ୍ଲଟ୍ ନଂ.-୮୮୧, ଏରିଆ- ଏ୦.୦୫୫ ଡିସିମିଲ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.-୧,୫,୬,୮ ମୃତ ହୋଇଥିଲେ ଏବଂ ପ୍ରତିବାଦୀ ନଂ.-୪ ଏବଂ ୭ ତାଙ୍କର ବାସସ୍ଥାନ/ଠିକଣା ବଦଳାଇଥିଲେ ସେମାନଙ୍କର ଔରସ/ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକ ତରଫା ଫଏସଲା କରାଯିବ।

ସ୍ୱା./- ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
କୋର୍ଟ ଅଫିସର

ଧ-୮୪୫

# ହ୍ୱାଟ୍ସଆପ୍ ବ୍ୟାନ୍!

**ବର୍ତ୍ତମାନ ଯୋଗାଯୋଗର ସବୁଠୁ ସହଜ ଏବଂ ଅତ୍ୟାବଶ୍ୟକ ମାଧ୍ୟମ ପାଲଟିଛି ହ୍ୱାଟ୍ସଆପ୍, ଯାହା ବିନା ଗୋଟିଏ ବି ଦିନ ରହିବା ମୁସ୍କିଲ୍ ହୋଇପଡ଼ିଛି। ହେଲେ କେହି କେହି ଏହାକୁ ଦୁରୁପଯୋଗ କରୁଥିବା ଯୋଗୁ ଅନ୍ୟମାନଙ୍କୁ ମଧ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସଭିଙ୍କ ସୁବିଧା ନିମନ୍ତେ ଉପଲବ୍ଧ ଏହି ମେସେଜିଙ୍ଗ୍ ଆପ୍‌ର ନିୟମ ଉଲ୍ଲଂଘନ କରୁଥିବା ଅବା ଏହାକୁ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଆକାଉଣ୍ଟକୁ ହ୍ୱାଟ୍ସଆପ୍ ପକ୍ଷରୁ ବ୍ୟାନ୍ କରାଯିବାର ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଯାଉଛି...**








ସ୍କାମ୍, ସ୍ପାମ୍, ଫେକ୍ ମେସେଜ୍ ଫରୱାର୍ଡ, ବ୍ଲାକ୍‌ମେଲିଂ, ଫ୍ରଡ୍ ଭଳି ବିଭିନ୍ନ ପ୍ରକାରର ଦୁରୁପଯୋଗକୁ ଆଖିଆଗରେ ରଖି ବର୍ତ୍ତମାନ ହ୍ୱାଟ୍ସଆପ୍ ଅନେକ ଆକାଉଣ୍ଟକୁ ବ୍ଲକ୍ କରିଦେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଅପରାଧକୁ ଆଖିଆଗରେ ରଖି ଏଭଳି ସୁରକ୍ଷା ଉପାୟ ଅବଲମ୍ବନ କରାଯାଉଛି। ଏକ ସର୍ଭେ ରିପୋର୍ଟ ମୁତାବକ, ଗତ ଫେବୃଆରୀ ମାସରେ ନିୟମ ଉଲ୍ଲଙ୍ଘନ କରିଥିବାରୁ ପ୍ରାୟ ଏକ କୋଟି ଭାରତୀୟଙ୍କ ହ୍ୱାଟ୍ସଆପ୍ ବ୍ୟାନ୍ କରିଦିଆଯାଇଛି। କେବଳ ରିପୋର୍ଟ କରିବା ଦ୍ୱାରା ନୁହେଁ ନିୟମ ଉଲ୍ଲଙ୍ଘନ କଲେ ମଧ୍ୟ ଅଟୋମେଟେଡ୍ ସିଷ୍ଟମ ଦ୍ୱାରା ଆକାଉଣ୍ଟ ବ୍ୟାନ୍ ହୋଇଯାଇଥାଏ। ତେଣୁ ହ୍ୱାଟ୍ସଆପ୍ ବ୍ୟବହାର କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...

– ବିନା ଅନୁମତିରେ ଯଦି କାହାକୁ ଗ୍ରୁପ୍‌ରେ ଆଡ୍ କରୁଛନ୍ତି ଏବଂ ସେ ଗ୍ରୁପ୍‌ରୁ ଏକ୍‌ଜିଟ୍ ହେଇଯିବା ପରେ ପୁଣିଥରେ ତାଙ୍କୁ ଆଡ୍ କରୁଛନ୍ତି, ତେବେ ସତର୍କ ହୋଇଯାଆନ୍ତୁ। କାରଣ ବାରମ୍ବାର ଏପରି ହେଲେ ଆପଣଙ୍କ ଆକାଉଣ୍ଟ ବ୍ଲକ୍ ବା ବ୍ୟାନ୍ ହୋଇପାରେ।

– କାହାର ଅନିଚ୍ଛା ସତ୍ତ୍ୱେ ବାରମ୍ବାର ମେସେଜ୍ ପଠାଇବା ବା ଫଟୋ, ଭିଡିଓ ଆଦି ପଠାଇବା ବି ଆପଣଙ୍କ ଆକାଉଣ୍ଟ ପ୍ରତି ବିପଦ ସୃଷ୍ଟି କରିପାରେ।

– କାହାକୁ ଡରାଇବା, ଧମକାଇବା, ବ୍ଲାକ୍‌ମେଲ୍ କରିବା, ଭୁଲ୍ ତଥ୍ୟ ପଠାଇବା, ସମାଜର ବିଭିନ୍ନ ସମ୍ବେଦନଶୀଳ ତଥ୍ୟ ପଠାଇବା ମଧ୍ୟ ହ୍ୱାଟ୍ସଆପ୍ ନିୟମ ବିରୋଧୀ କାର୍ଯ୍ୟ ହୋଇଥିବାରୁ ଏପରି କଲେ ଆକାଉଣ୍ଟ ବ୍ୟାନ୍ ହେବା ସହ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇପାରେ।

– ବ୍ଲକ୍ ମେସେଜ୍ କିମ୍ବା ଥାର୍ଡ ପାର୍ଟି ଆପ୍ ଦ୍ୱାରା ଅଟୋମେଟେଡ୍ ରିପ୍ଲାଇ କରିବା ମଧ୍ୟ ଠିକ୍ ନୁହେଁ। ସେହିପରି ଜିବି ହ୍ୱାଟ୍ସଆପ୍, ହ୍ୱାଟ୍ସଆପ୍ ପ୍ଲସ୍ ଭଳି ବିଭିନ୍ନ ଥାର୍ଡ ପାର୍ଟି ବା ଅବୈଧ ହ୍ୱାଟ୍ସଆପ୍ ଭର୍ସନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଆକାଉଣ୍ଟକୁ ସ୍ଥାୟୀ ରୂପେ ବନ୍ଦ କରାଯାଇପାରେ।

– ଯଦି କୌଣସି ୟୁଜର ଆପଣଙ୍କ ବିରୋଧରେ କମ୍ପ୍ଲେନ୍ କରି ଆକାଉଣ୍ଟକୁ ରିପୋର୍ଟ କରେ, ତେବେ ବି ହ୍ୱାଟ୍ସଆପ୍ ପକ୍ଷରୁ ଆକାଉଣ୍ଟ ବ୍ଲକ୍ କରିଦିଆଯାଇଥାଏ।



**ହ୍ୱାଟ୍ସଆପ୍ ୨ ପ୍ରକାରରେ ବ୍ୟାନ୍ ହୋଇଥାଏ। ଯଥା:**

**ଅସ୍ଥାୟୀ:** ପ୍ରଥମଥର କୌଣସି ନିୟମ ଉଲ୍ଲଙ୍ଘନ କଲେ ହ୍ୱାଟ୍ସଆପ୍ ପକ୍ଷରୁ କେବଳ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ପ୍ରତିବନ୍ଧକ ଲଗାଇ ଦିଆଯାଏ। ଯେମିତିକି କୌଣସି ପ୍ରଚାର ମେସେଜ୍‌କୁ ପ୍ରସାରିତ କରିବା କିମ୍ବା ମାର୍କେଟିଂ ପାଇଁ ହ୍ୱାଟ୍ସଆପ୍ ବ୍ୟବହାର କରୁଥିବା ନେଇ କେହି କମ୍ପ୍ଲେନ୍ କଲେ ଆକାଉଣ୍ଟ କିଛି ଘଣ୍ଟା କିମ୍ବା କିଛି ଦିନ ପାଇଁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥାଏ। ହେଲେ ଏଥିରେ ବ୍ୟବହାରକାରୀଙ୍କ ଡାଟାରେ କୌଣସି ପ୍ରଭାବ ପଡ଼ି ନ ଥାଏ।

**ସ୍ଥାୟୀ:** କୌଣସି ହ୍ୱାଟ୍ସଆପ୍ ୟୁଜର ଯଦି ଏହାର ଟର୍ମ ଆଣ୍ଡ କଣ୍ଡିଶନ୍‌କୁ ବାରମ୍ବାର ଉଲ୍ଲଙ୍ଘନ କରେ, ତେବେ ତାଙ୍କ ଆକାଉଣ୍ଟରେ ସ୍ଥାୟୀ ପ୍ରତିବନ୍ଧକ ଲାଗିଥାଏ। ସେହିପରି ଯଦି କମ୍ ସମୟ ମଧ୍ୟରେ ଜଣଙ୍କ ଆକାଉଣ୍ଟକୁ ଅଧିକ ରିପୋର୍ଟ କିମ୍ବା ବ୍ଲକ୍ କରାଯାଇଥାଏ, ତେବେ ସ୍ଥାୟୀ ଭାବେ ବ୍ୟାନ୍ ହେବାର ଆଶଙ୍କା ଅଧିକ। ହେଲେ ଏପରି କରିବା ପୂର୍ବରୁ ହ୍ୱାଟ୍ସଆପ୍ ୱାର୍ନିଂ ଦେଇଥାଏ। ତଥାପି ଯଦି ଏହାକୁ ଅଣଦେଖା କରି ପୁଣିଥରେ ସେହି ଭୁଲ୍ କରନ୍ତି, ତେବେ ଆକାଉଣ୍ଟ ସ୍ଥାୟୀ ଭାବେ ବନ୍ଦ କରିଦିଆଯାଇପାରେ।

**ଆକାଉଣ୍ଟ ବ୍ୟାନ୍ ହେଲେ କ'ଣ କରିବେ...**

– ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟାନ୍ ହେବାଠୁ ବଞ୍ଚାଇବା ଲାଗି ପ୍ରଥମେ ଏହାର ପଲିସି ବିଷୟରେ ଭଲ ଭାବେ ଜାଣିବା ଆବଶ୍ୟକ। ଏଥିପାଇଁ ହ୍ୱାଟ୍ସଆପ୍ ସେଟିଂକୁ ଯାଇ ହେଲ୍ପ ଏବଂ ଟର୍ମ୍ସ ଆଣ୍ଡ ପ୍ରାଇଭେସିର ପଲିସି ବିଷୟରେ ଭଲ ଭାବେ ପଢ଼ିବା ଦରକାର।

– ଯଦି କୌଣସି କାରଣରୁ ଆକାଉଣ୍ଟ ବ୍ୟାନ୍ ହୋଇଯାଇଛି, ତେବେ ଏହିସବୁ ପଲିସି ବିଷୟରେ ଜାଣିଥିଲେ ପୁନର୍ବାର ଆକାଉଣ୍ଟ ଚାଲୁ କରିବା ଲାଗି ଅପିଲ୍ କରିପାରିବେ। ଏଥିପାଇଁ ହ୍ୱାଟ୍ସଆପ୍ ଆକାଉଣ୍ଟ ସେଟିଂରେ 'ରିକ୍ୱେଷ୍ଟ ଏ ରିଭ୍ୟୁ' ଅପ୍ସନ୍‌ରେ କ୍ଲିକ୍ କରିବାକୁ ପଡ଼ିଥାଏ। ଏହାପରେ ଏସ୍‌ଏମ୍‌ଏସ୍ ଜରିଆରେ ନମ୍ବର ଭେରିଫାଏ କରାଯାଇଥାଏ।

– ଯଦି ଆପ୍ ଦ୍ୱାରା ରିଭ୍ୟୁ ରିକ୍ୱେଷ୍ଟ ପଠାଇବାରେ ଅସୁବିଧା ହୁଏ, ତେବେ ଇ–ମେଲ୍ ମାଧ୍ୟମରେ ହ୍ୱାଟ୍ସଆପ୍ ସପୋର୍ଟ (support@whatsaap.com) ସହିତ ଯୋଗାଯୋଗ କରିପାରିବେ। ଇ–ମେଲ୍‌ରେ ଫୋନ୍ ନମ୍ବର, କଣ୍ଟ୍ରି କୋଡ୍, ଆକାଉଣ୍ଟ ବ୍ୟାନ୍ ହେବାର କାରଣ ଲେଖିବାକୁ ହୋଇଥାଏ। ସେଠାରେ ଭେରିଫିକେଶନ୍ କରାଯିବା ପରେ ହ୍ୱାଟ୍ସଆପ୍ ଆକାଉଣ୍ଟ ରିଷ୍ଟୋର୍ ହୋଇପାରେ। ଯଦି ଗମ୍ଭୀର ଭାବେ ନିୟମ ଉଲ୍ଲଂଘନ କରାଯାଇଥାଏ, ତେବେ ଆକାଉଣ୍ଟ ସ୍ଥାୟୀ ରୂପେ ବନ୍ଦ କରିଦିଆଯାଇଥାଏ।





## ଏ ସପ୍ତାହର ପ୍ରଶ୍ନ

୧– କିଓଲାଡିଓ ନ୍ୟାଶନାଲ୍ ପାର୍କ ............ ରାଜ୍ୟରେ ଅବସ୍ଥିତ ?
୨– ଗ୍ଲୋବାଲୀ ଇମ୍ପୋର୍ଟାଣ୍ଟ ଏଗ୍ରିକଲ୍ଚରାଲ୍ ହେରିଟେଜ୍ ସିଷ୍ଟମ୍ .............. ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୩– ଆଇଆଇଟିଏମ୍‌ର ଫୁଲ୍‌ଫର୍ମ ............... ?
୪– ୨୪ତମ ଇଣ୍ଟରନ୍ୟାଶନାଲ୍ ମଦର ଟେରେସା ଆୱାର୍ଡ ସେରିମନି ......... ଠାରେ ଅନୁଷ୍ଠିତ ହୋଇଯାଇଛି ?
୫– ପ୍ରେସର କୁକର୍‌ର ଉଦ୍ଭାବକ .............. ?

## ଗତ ଥରର ଉତ୍ତର

୧ ମେ ୧୭ ତାରିଖ
୨ ଇଣ୍ଟରନ୍ୟାଶନାଲ୍ ଏନର୍ଜି ଏଜେନ୍ସି
୩ ଉତ୍ତରପ୍ରଦେଶ
୪ ସୈଦ୍ ଅମୀର୍ ଅଲି
୫ ଭାରତ ଏବଂ ମ୍ୟାନ୍‌ମାର୍

## ଉତ୍ତରଦାତା


ନରେଶ ଚନ୍ଦ୍ର ପ୍ରଧାନ
ଯାଜପୁର


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ତୈଳ ଉତ୍ପାଦନକାରୀ ଦେଶ

୧. ଆମେରିକା........................ ୨୦.୦୧ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୨. ଚାଇନା ........................ ୧୫.୧୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୩. ଭାରତ ........................ ୫.୦୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୪. ରୁଷିଆ ........................ ୩.୬୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୫. ସାଉଦିଆରବ ........................ ୩.୬୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୬. ଜାପାନ ........................ ୩.୩୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୭. ବ୍ରାଜିଲ୍ ........................ ୩. ୦୩ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୮. ସାଉଥ୍ କୋରିଆ ........................ ୨.୫୫ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୯. କାନାଡ଼ା ........................ ୨.୪୧ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।
୧୦. ଜର୍ମାନୀ ........................ ୨.୧୮ ମିଲିୟନ୍ ବ୍ୟାରେଲ୍ ପ୍ରତି ଘଣ୍ଟା।

## ଅଭୁଲା ଅନୁଭୂତି

# ତାଙ୍କ ସ୍ନେହର ତୁଳନା ନାହିଁ


ଡ. ପ୍ରବୀଣା ପରିଡ଼ା, ଭୁବନେଶ୍ୱର

ପିଲାଦିନେ ଏମିତି କିଛି ଘଟଣା ଘଟିଥାଏ, ତାହା ଚିରଦିନ ପାଇଁ ମାନସ ପଟରେ ରହିଯାଏ। ମନେପଡ଼ିଲେ ଅନେକ ଖୁସି ତ ମିଳେ, ତାହା ସହ ଅନେକ କଥା ଅନୁଭବ କରିହୁଏ। ଏମିତି କିଛି ଘଟଣା ମଧ୍ୟରୁ ମୋର ଚତୁର୍ଥ ଶ୍ରେଣୀରେ ପଢ଼ିବାର ଘଟଣା। ବାପାଙ୍କର ଜଗତ୍‌ସିଂହପୁରକୁ ବଦଳି ହୋଇଥିଲା। ବାପାଙ୍କ ଅଫିସ କ୍ୱାର୍ଟର ବାଗସାହିରେ ଥିଲା। ସେହି ଅନୁସାରେ ମୋ ସହ ଭାଇଭଉଣୀମାନଙ୍କ ସହ ସେଠାରେ ପଢ଼ିବାକୁ ହେଲା। ପ୍ରାକୃତିକ ପରିବେଶଭରା ଗାଁଟି ପାଖରେ କେନାଲ, ଚାଷଜମି, ପୋଖରୀ, ଆମ୍ବତୋଟା, ଜାମୁ, ଜାମୁରୋଳ, ସପେଟା ଗଛର ସୁନ୍ଦର ଶୋଭା ଆଖି ଆଗରେ ସଦା ଛବି ଆଙ୍କି ଦେଇଥାଏ। ବିଦ୍ୟାଳୟରେ ସେଦିନ ରିସେସ୍ (ଖେଳଛୁଟି) ହୋଇଥାଏ। ସେ ସମୟରେ ମୋ ସାଙ୍ଗ ପ୍ରତ୍ୟୁଷା ସାନପାସ୍(ପରିସ୍ରା) ଯିବାକୁ ମୋତେ ତା' ସହ ପୋଖରୀ ଆଡ଼େ ଯିବାକୁ ଡାକିଲା। ସେତେବେଳେ ସ୍କୁଲ୍‌ରେ ଶୌଚାଳୟ ନ ଥିଲା। ତେଣୁ ତା' ସହ ମିଶି ମୁଁ ପୋଖରୀ ଆଡ଼େ ଗଲି। ସେଠାରେ ସବୁଜ ଧାନକ୍ଷେତରେ ପାଣି କଳକଳ ହୋଇ ବହିଯାଉଥାଏ। ସେହି ପାଣିଧାରରେ ଆମେ ଛୋଟ ଛୋଟ ମାଛ ପହଁରିବାର ଦେଖିଲୁ। ପିଲାଦିନର ଚପଳ ମନ। ମାଛ ଦେଖି ବହୁତ ଖୁସି ହେଇଗଲୁ। ଦୁଇ ଜଣ ଆଣ୍ଠୁଏ ପାଣିରେ ପଶି ନିଜ ସ୍କଟରେ ମାଛ ଧରିବାକୁ ଲାଗିଲୁ। ମାଛସବୁ ଧରି କୂଳରେ ରଖୁଥାଉ। ଆଉ ସେ ମାଛ ପାଣିକୁ ଡେଇଁ ପଡୁଥା'ନ୍ତି। ତଥାପି ମାଛ ଧରିବା ଚାଲିଥାଏ। ଏମିତି ମାଛ ଧରିବା ନିଶାରେ ମଜି ରହିଲୁ ଯେ ଖେଳଛୁଟି ସରି ଆଉ ଗୋଟେ ପିରିୟଡ ଅଧା ହେଲାଣି। କିଛି ସମୟ ପରେ ଶ୍ରେଣୀ ମନିଟର ଅଜୟ ଆମକୁ ଖୋଜି ଖୋଜି ଆମ ପାଖରେ ପହଞ୍ଚିଲା ଆଉ ଆମକୁ ଅଙ୍କ ସାର୍ (ସାଧୁ ସାର୍) ଡାକୁଛନ୍ତି ବୋଲି କହିଲା। ତା' କଥା ଶୁଣି ଆମେ ଦୁଇଜଣ ବରଡା ପତ୍ର ପରି ଥରିଲୁ ଓ କାନ୍ଦୁଥିଲୁ। ମାଡ଼ ଡରରେ ଆମେ ଶ୍ରେଣୀକୁ ଯିବାକୁ ସାହସ ନ କରି ଲୁଚି ରହିଲୁ ଆଉ ଗଲୁନାହିଁ। ସାର୍‌ଙ୍କ ସରୁ ପାଞ୍ଚଣ ମାଡ଼ ମନେପକାଇ ସେମିତି ଥରୁଥାଉ। ସେ ମାଡ଼ ଯିଏ ଦେଖିଛି ସେ ହିଁ ବୁଝିପାରିବ। ସେ ସମୟରେ ଦିଦି, ସାର୍ ପାଠ ନ ପଢ଼ିଲେ କି ଦୁଷ୍ଟାମି କଲେ ବାଡିରେ ପିଟୁଥିଲେ। ସେ ବାଡ଼ି ଚାଁଏ ଚାଁଏ ଶବ୍ଦ କରେ ଆଉ ପୂରା ଶ୍ରେଣୀର ପିଲା ଡରରେ ଥରନ୍ତି। ହାତ ପିଠି ନୋଳା ବସିଯାଏ। ମାଡ଼ କଥା ଘରେ କହିଲେ ଆହୁରି ଘରେ ମା'ବାପାଙ୍କଠାରୁ ଗାଳି ମାଡ଼ ହୁଏ। ଓଲଟି କିଛି ଭୁଲ୍ କରିଛୁ, ସେଥିପାଇଁ ତୋତେ ମାଡ଼ ହେଲା ବୋଲି କୁହନ୍ତି। ସେ ସମୟରେ ଶିକ୍ଷକଙ୍କ ପ୍ରତି ଭୟ, ଭକ୍ତିଭାବ ରହୁଥିଲା। ସେ ସମୟ ଆଉ ଏବେକାର ସମୟ ମଧ୍ୟରେ ବହୁତ ପରିବର୍ତ୍ତନ ହୋଇଛି। ଏହା ଭିତରେ ଘରକୁ ଖବର ପଳେଇଲା। ବାପା ବୋଉ ବ୍ୟସ୍ତ ହୋଇ ଖୋଜିବାକୁ ଆସିଲେ। ଗୋଟେ ଘଣ୍ଟା ଖୋଜିଲା ପରେ ମୋତେ ଆଉ ମୋ ସାଙ୍ଗକୁ ଓଳି ତଳେ ଲୁଚିଥିବାର ଦେଖିଲେ। ବାପାଙ୍କୁ ଦେଖି ଭୟରେ ମୁଁ ଜୋରରେ କାନ୍ଦି ପକାଇଲି। କିନ୍ତୁ ବାପା ଜାଣିପାରିଲେ ମୋ ଭୁଲ୍ ପାଇଁ କାନ୍ଦୁଛି ଆଉ ଡରରେ ଥରୁଛି। ମୋ ମୁଣ୍ଡକୁ ଆଉଁଶି ଦେଲେ ଆଉ ଏମିତି କେବେ କରିବୁନି କହି ବୁଝାଇଲେ ଆଉ ଘରକୁ ନେଇଗଲେ।

ସେହିଦିନ ଘଟଣାରୁ ଜାଣିପାରିଲି ପିଲାମାନଙ୍କ ପାଇଁ ମା'ବାପା କେତେ ବ୍ୟସ୍ତ ହୁଅନ୍ତି। ଆଖି ଆଗରୁ ଚାଲିଗଲେ କେତେ ଖୋଜନ୍ତି। କେତେ ବ୍ୟସ୍ତ ହୁଅନ୍ତି। ମୁଁ ମାଆ ହେଲା ପରେ ବହୁତ କଥା ଅନୁଭବ କଲି ଯେ ପିଲାମାନଙ୍କ ପାଇଁ ମା'ବାପାଙ୍କ ମନ କେତେ ଛଟପଟ ହୁଏ। ସେ ଦିନର ଘଟଣା ମନେପଡିଲେ ଏବେ ବି ଭାବାବେଗ ସୃଷ୍ଟି ହୁଏ।

## ଜାଣନ୍ତୁ ଦୁନିଆ

# ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର

**ମହାକାଶରେ ରିସର୍ଚ୍ଚ ସେଣ୍ଟର। କେବଳ ମହାକାଶ ବିଜ୍ଞାନୀଙ୍କ ବ୍ୟତୀତ ଆମ ସଭିଙ୍କ ପାଇଁ ଏହା ଯେତିକି ଆଶ୍ଚର୍ଯ୍ୟଜନକ, ସେତିକି କୌତୂହଳପୂର୍ଣ୍ଣ। ଜାଣିବା ମହାକାଶକୁ ପଠାଯାଇଥିବା ସର୍ବବୃହତ୍ ମନୁଷ୍ୟକୃତ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର ବା ଆଇଏସ୍‌ଏସ୍ ସମ୍ପର୍କରେ କିଛି ତଥ୍ୟ...**

- ପୃଥିବୀର ୫ଟି ବଡ଼ ସ୍ପେସ୍ ଏଜେନ୍ସି ନାଶା (ଆମେରିକା), ରସ୍‌କସ୍‌ମସ୍ (ରୁଷିଆ), ଇସା (ୟୁରୋପ୍), ଜାକ୍ସା (ଜାପାନ), ସିଏସ୍‌ଏ (କାନାଡ଼ା)ର ମିଳିତ ଉଦ୍ୟମରେ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ସେଣ୍ଟର ବା ଆଇଏସ୍‌ଏସ୍ ପ୍ରୋଜେକ୍ଟ ପ୍ରସ୍ତୁତ ହୋଇଛି।
- ଆଇଏସ୍‌ଏସ୍‌କୁ ପୃଥିବୀ ପୃଷ୍ଠରୁ ୪୦୦ କିଲୋମିଟର ଉପରେ ଅବସ୍ଥାପିତ କରାଯାଇଛି। ପ୍ରତି ୯୩ ମିନିଟ୍‌ରେ ଥରେ ପୃଥିବୀ ଚାରିପଟେ ପରିକ୍ରମା କରୁଥିବାରୁ ଏଠାରେ ଦିନକୁ ୧୬ଥର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବାକୁ ମିଳିଥାଏ। ଏହା ୨୮ ହଜାର କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରିଥାଏ।
- ଆଇଏସ୍‌ଏସ୍‌ର ପ୍ରଥମ ମଡେଲ୍ ଜାର୍ୟା ୧୯୯୮ ମସିହା ନଭେମ୍ବର ୨୦ ତାରିଖରେ ମହାକାଶକୁ ପଠାଯାଇଥିଲା।
- ଏହା ହେଉଛି ମହାକାଶକୁ ପଠାଯାଇଥିବା ସର୍ବବୃହତ୍ ମନୁଷ୍ୟକୃତ ସାମଗ୍ରୀ, ଯାହାର ଲମ୍ବ ୧୦୯ ମିଟର ହୋଇଥିବା ବେଳେ ଓଜନ ପ୍ରାୟ ୪,୫୦,୦୦୦ କିଲୋଗ୍ରାମ୍। ଏହାଭିତରେ ମହାକାଶଚାରୀମାନେ ରହିବା ପାଇଁ ୬ଟି ସ୍ଲିପିଂ କ୍ୱାର୍ଟର୍, ୨ଟି ବାଥ୍‌ରୁମ୍ ଏବଂ ଗୋଟିଏ ଜିମ୍ ରହିଛି।
- ଏହା ଏକ ଭାସମାନ ଲାବରେଟୋରି, ଯେଉଁଠି ୩ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷଣ କରାଯାଉଛି। ଯେଉଁଥିରେ ମହାକାଶରେ ଖାଦ୍ୟ ଉତ୍ପାଦନ ମଧ୍ୟ ସାମିଲ ରହିଛି। ତେବେ ଏଠାରେ ଥିବା ଲାବରେଟୋରି ମଡ୍ୟୁଲ୍ ଡେଷ୍ଟିନୀ ହେଉଛି ପ୍ରମୁଖ ଗବେଷଣା ସ୍ଥଳ, ଯେଉଁଠାରେ ମ୍ୟାଟେରିଆଲ୍ ସାଇନ୍ସ, ବାୟୋଲୋଜି ଏବଂ ଟେକ୍ନୋଲୋଜି ଡେଭେଲପ୍‌ମେଣ୍ଟ ଉପରେ ଗବେଷଣା କରାଯାଇଥାଏ।
- ଏଥିରେ ୨୫୦୦ ବର୍ଗ ମିଟରର ବିଶାଳ ସୋଲାର୍ ସେଲ୍ ଲଗାଯାଇଛି, ଯାହା ପ୍ରାୟ ୮୪ କିଲୋୱାଟ୍ ଇଲେକ୍ଟ୍ରିସିଟି ଉତ୍ପନ୍ନ କରିପାରେ।



- ସେଠାରେ ପାଣି ପହଞ୍ଚାଇବା ଖୁବ୍ କଷ୍ଟ। ତେଣୁ ମହାକାଶଚାରୀମାନଙ୍କୁ ନିଜ ପରିସ୍ରାକୁ ରିସାଇକଲ୍ କରି ପୁନର୍ବାର ପାନୀୟ ଉପଯୋଗୀ କରି ପିଇବାକୁ ହୋଇଥାଏ।
- ଏଠାରେ ମହାକାଶଚାରୀଙ୍କ ପାଇଁ ମେଡିକାଲ୍ ସୁବିଧା ମଧ୍ୟ ଉପଲବ୍ଧ।

# ଓଡ଼ିଶା ରଗ୍‌ବୀରେ ନୂଆ ଅଧ୍ୟାୟ

ଦେଶର ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି, ହକିରେ କଳିଙ୍ଗ ଲାନ୍ସର୍ସ ଓ ଖୋ ଖୋରେ ଓଡ଼ିଶା ଜଗରନଟ୍ସ ପରି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାରୁ ଭାଗନେବାକୁ ଯାଉଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ। ଫଳରେ ଓଡ଼ିଶା ରଗ୍‌ବୀ ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ...



କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ କଳିଙ୍ଗ ବ୍ଲାକ୍ ଟାଇଗର୍ସର ଜର୍ସି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ଓ ଅନ୍ୟମାନେ।



ଅତିଥିଙ୍କ ଗହଣରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଖେଳାଳି, ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା କରନପାଲ ସିଂ ଓ ଅଫିସିଆଲ।

- ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିବ କଳିଙ୍ଗ ବ୍ଲାକ୍ ଟାଇଗର୍ସ
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜର୍ସି, ମାସ୍କଟ ଉନ୍ମୋଚିତ
- ଓଡ଼ିଶା ଦଳରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ଅଛନ୍ତି: ରାହୁଲ

**ଭୁବନେଶ୍ୱର, ୭।୬ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଦେଶର ସର୍ବ ପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍)ରେ ଖେଳିବ ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ଚଳିତ ମାସ ୧୫ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ଏହି ଆକର୍ଷକ ଲିଗ୍ ପାଇଁ ଶନିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ଏହି ଅବସରରେ କନକ ବର୍ଦ୍ଧନ ଓଡ଼ିଶା ଟାଇଟଲ ଜିତି ଫେରିବ ବୋଲି ଆଶା ପ୍ରକାଶ କରିଛନ୍ତି। ହଞ୍ଜ୍ ଭେଞ୍ଚର୍ସ ମାଲିକାନାରେ ଥିବା ଏହି ଫ୍ରାଞ୍ଚାଇଜ୍ ଦଳରେ ବିଶ୍ୱର ଶ୍ରେଷ୍ଠ ଖେଳାଳି ରହିଛନ୍ତି ବୋଲି ବ୍ଲାକ୍ ଟାଇଗର୍ସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ରଗ୍‌ବୀ ପ୍ରିମିୟର ଲିଗ୍ କମିଶନର ରାହୁଲ ବୋଷ ପ୍ରକାଶ କରିଛନ୍ତି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ଆସନ୍ତା ୧୫ ତାରିଖରେ ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦ ହିରୋଜ୍ ବିପକ୍ଷରେ ଖେଳିବ।

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ଆରପିଏଲ୍ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଅନୁଷ୍ଠିତ ହେବ। ବିଶ୍ୱର ଏହି ସର୍ବପ୍ରଥମ ପ୍ରଥମ ଫ୍ରାଞ୍ଚାଇଜ୍‌ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ବିଶ୍ୱରେ ରଗ୍‌ବୀ ଟୁର୍ନାମେଣ୍ଟଗୁଡ଼ିକର କାର୍ଯ୍ୟସୂଚୀକୁ ଦେଖି ଏପରି ଏକ ୱିନ୍‌ଡୋ ବାହାର କରାଯାଇଛି। ଫଳରେ ଆରପିଏଲ୍‌ରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତି ଦଳରେ ୧୩ ଲେଖାଏ ଖେଳାଳି ରହିବେ। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ସେହି ଅନୁସାରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ହ୍ୟାରୀ ମ୍ୟାକନଲ୍ଟି ଅଧିନାୟକ ମନୋନୀତ ହୋଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ଓ ରାହୁଲ ବୋଷଙ୍କ ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, ହଞ୍ଜ୍ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହ ମାଲିକ କରନପାଲ ସିଂ ଏବଂ ଓଡ଼ିଶା ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

"ଲିଗ୍‌ରେ ଓଡ଼ିଶାର ଏକ ଦଳ ସ୍ଥାନ ପାଇବା ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ପଡ଼ିଆ ଭିତରେ ହେଉ କି ବାହାରେ ଭାରତୀୟ କ୍ରୀଡ଼ା ପ୍ରତି ଓଡ଼ିଶାର ଯଥେଷ୍ଟ ଅବଦାନ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳରେ ବିଶେଷକରି ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ପିଲାମାନେ ବହୁ ସଂଖ୍ୟାରେ ରଗ୍‌ବୀ ଖେଳୁଛନ୍ତି, ଯାହାକି ଅନ୍ୟ ସବୁଠାରେ ଦେଖିବାକୁ ମିଳିନାହିଁ। ଭାରତୀୟ ରଗ୍‌ବୀ ପ୍ରତି ମଧ୍ୟ ଓଡ଼ିଶାର ଅବଦାନ ରହିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ବିଶ୍ୱର ଏବଂ ଭାରତର ଅନେକ ନାମୀ ଖେଳାଳି ସ୍ଥାନ ପାଇଛନ୍ତି। ଭାରତୀୟ ରଗ୍‌ବୀକୁ ବିଶ୍ୱ ମଞ୍ଚକୁ ନେବାପାଇଁ ଆମର ଏହି ପ୍ରୟାସ" ବୋଲି ରାହୁଲ ପ୍ରକାଶ କରିଛନ୍ତି।

### ଜର୍ସି/ମାସ୍କଟ

ଶନିବାର ଅତିଥିଙ୍କ ଦ୍ୱାରା କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳର ଜର୍ସି ଓ ମାସ୍କଟ ଉନ୍ମୋଚିତ ହୋଇଛି। ବ୍ଲାକ୍ ଟାଇଗର୍ସ ଜର୍ସିରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଅଦମ୍ୟ ଉତ୍ସାହ ପ୍ରତି ସମ୍ମାନ ପ୍ରଦର୍ଶନ ହୋଇଛି। ଓଡ଼ିଶାରେ ବାସ କରୁଥିବା ବିରଳ ଓ ଶକ୍ତିଶାଳୀ ମେଲାନିଷ୍ଟିକ୍ କଳା ବାଘଙ୍କ ଦ୍ୱାରା ଅନୁପ୍ରେରୀତ ହୋଇ ଡିଜାଇନ୍‌ରେ ଟିମ୍‌ର ମୂଳ ମୂଲ୍ୟବୋଧ ସାମର୍ଥ୍ୟ ଏବଂ ମଜଭୁତପଣ ପ୍ରତିଫଳିତ ହୋଇଛି। ସାଂସ୍କୃତିକ ପ୍ରତୀକକୁ ଯୋଗକରି ଟିମ୍ ଏହାର ମାସ୍କଟ 'ପାଇକ' ଉନ୍ମୋଚନ କରିଛି, ଯାହା କିମ୍ବଦନ୍ତୀ କଳିଙ୍ଗ ଯୋଦ୍ଧାମାନଙ୍କର ବୀରତ୍ୱକୁ ପ୍ରତିନିଧିତ୍ୱ କରୁଛି ଏବଂ ପରମ୍ପରା ଓ ଗୌରବକୁ ଧରି ରଖିଛି।

### ବ୍ଲାକ୍ ଟାଇଗର୍ସ କାର୍ଯ୍ୟସୂଚୀ

- ୧୫।୬: ବନାମ ହାଇଦ୍ରାବାଦ ହିରୋଜ
- ୧୬।୬: ବନାମ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ
- ୧୮।୬: ବନାମ ଚେନ୍ନାଇ ବୁଲ୍ସ
- ୧୯।୬: ବନାମ ହାଇଦ୍ରାବାଦ ହିରୋଜ
- ୨୦।୬: ବନନାମ ଦିଲ୍ଲୀ ରେଜ୍
- ୨୧।୬: ବନାମ ଦିଲ୍ଲୀ ରେଜ
- ୨୨।୬: ବନାମ ମୁମ୍ବାଇ ଡ୍ରିମର୍ସ
- ୨୪।୬: ବନାମ ମୁମ୍ବାଇ ଡ୍ରିମର୍ସ
- ୨୫।୬: ବନାମ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ
- ୨୬।୬: ବମାନ ଚେନ୍ନାଇ ବୁଲ୍ସ

ସେହିପରି କରନପାଲ କହିଛନ୍ତି ଯେ, ହଞ୍ଜ୍ ଭେଞ୍ଚର୍ସ କ୍ରମାଗତଭାବେ ରଗ୍‌ବୀକୁ ସମର୍ଥନ କରି ଆସୁଛି। ଓଡ଼ିଶାରେ ଦେଖାଯାଉଥିବା କଳା ବାଘଙ୍କ ନାମରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ନାମିତ ହୋଇଛି। ଯାହା ଶକ୍ତି ଏବଂ ମଜଭୁତପଣର ପ୍ରତୀକ। ରଗ୍‌ବୀ ଏକ ହାଇ ପ୍ରୋଫାଇଲ କଣ୍ଟାକ୍ଟ ଗେମ୍। ତେଣୁ ଆଗାମୀ ଲିଗ୍ ନିଶ୍ଚିତ ଓଡ଼ିଶା ଏବଂ ଜାତୀୟ ସ୍ତରରେ ଦର୍ଶକଙ୍କ ମନ ଜିତିପାରିବ"। ଅନ୍ୟପକ୍ଷରେ "ରଗ୍‌ବୀ ଦ୍ରୁତଗତିରେ ବିଶ୍ୱରେ ଲୋକପ୍ରିୟ ହେବାରେ ଲାଗିଛି। ରଗ୍‌ବୀ ପ୍ରିମିୟର ଲିଗ୍ ଆରମ୍ଭ ସହିତ ଭାରତ ମଧ୍ୟ ଆଗାମୀ ଦିନରେ ଏହି କ୍ରୀଡ଼ାରେ ଅଧିକ ଶକ୍ତିଶାଳୀ ହୋଇପାରିବ। କଳିଙ୍ଗ ବ୍ଲାକ ଟାଇଗର୍ସ ଦଳରେ ରୋସ୍କୋ, ମରିସ ହ୍ୟାରୀ ଏବଂ ଲୁକାସଙ୍କ ପରି ବିଶ୍ୱ ସ୍ତରୀୟ ଖେଳାଳିଙ୍କ ସହ ଭାରତୀୟ ଖେଳାଳିଙ୍କ ସମ୍ମିଶ୍ରଣ ରହିଛି। ଫଳରେ ଦଳର ସନ୍ତୁଳନ ବହୁତ ବଢ଼ିଆ ରହିଛି। ଦଳଗତ ପ୍ରଦର୍ଶନ, ଏକାଗ୍ରତା ଓ କୌଶଳର ଉପଯୁକ୍ତ ମିଶ୍ରଣ ଦ୍ୱାରା ବ୍ଲାକ୍ ଟାଇଗର୍ସ ଦଳ ଆଗାମୀ ଲିଗ୍‌ରେ ଟାଇଟଲ ଦାବିଦାର ହେବାକୁ ଯାଉଛି" ବୋଲି କୋଚ୍ ମାଇକ୍ ଫ୍ରାଇଡେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଓଡ଼ିଶାଭିତ୍ତିକ ଦଳରେ ପେରି ବେକର, ରୋସ୍କୋ ସ୍ପେସମ୍ୟାନ, ହ୍ୟାରି ମ୍ୟାକନଲ୍ଟି, ମୋରିସ ଲଙ୍ଗବଟମ, ଲୁକାସ ଲାକ୍ୟାମ୍ପ, କାଏଲ ଟ୍ରେମ୍ବଲେ, ଇଥାନ ଟର୍ନର, ଜେମ୍ସ ଥ୍ୱିଏଲଙ୍କ ଭଳି ବିଶ୍ୱସ୍ତରୀୟ ରଗବୀ ତାରକା ରହିଛନ୍ତି। ଦଳରେ ଭାରତୀୟ ଖେଳାଳିଙ୍କର ମଧ୍ୟ ଏକ ଦୃଢ଼ ଲାଇନ୍‌ଅପ୍ ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବରଙ୍କ ସମେତ ଅଜୟ ଦେଶୱାଲ, ପପୁ ତୋଡକର, ପ୍ରଦୀପ ସିଂ ଏବଂ ଅର୍ଜୁନ ମାହାତୋ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

# ପ୍ରତିଭା ଅନେକ, ଲକ୍ଷ୍ୟ ଏକ

### ସିଏମ୍ ଟ୍ରଫି-୨୦୨୫

## ପଞ୍ଚାୟତରୁ ପୋଡିୟମ ପର୍ଯ୍ୟନ୍ତ ପହଞ୍ଚିବାର ସ୍ୱପ୍ନ ସାକାର

**ଭୁବନେଶ୍ୱର, ୭।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରୀଡ଼ାଜଗତରେ ଆରମ୍ଭ ହୋଇଛି ଏକ ନୂଆ ଅଧ୍ୟାୟ। ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ପଞ୍ଚାୟତରୁ ପୋଡିୟମ ପର୍ଯ୍ୟନ୍ତ ପହଞ୍ଚିବାର ସ୍ୱପ୍ନ ସାକାର ହେବାକୁଯାଉଛି। ରାଜ୍ୟରେ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ଫୁଟ୍‌ବଲ ଚାମ୍ପିୟନଶିପ ୨୦୨୫ ଆୟୋଜନ ହେଉଛି। ଏହା ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚିହ୍ନଟରେ ସହାୟକ ହୋଇପାରିଛି। 'ପ୍ରତିଭା ଅନେକ, ଲକ୍ଷ୍ୟ ଏକ' ଆଭିମୁଖ୍ୟ ନେଇ ଆଗକୁ ବଢ଼ୁଥିବା ଆଗାମୀ ପିଢ଼ିର ଚାମ୍ପିୟନଙ୍କୁ ପ୍ରୋତ୍ସାହନ ଯୋଗାଇବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଫୁଟ୍‌ବଲ କ୍ଷେତ୍ରରେ ଓଡ଼ିଶାର ଉପସ୍ଥିତି ଜାହିର କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟ୍‌ବଲ ଚାମ୍ପିୟନଶିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୧୬ରୁ ଏପ୍ରିଲ ୧୯ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାଗୁଡ଼ିକରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାଗୁଡ଼ିକରେ ରହିଥିବା ୨୮୪ଟି ଫୁଟ୍‌ବଲ କ୍ଲବ୍ ଏବଂ ୭ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ରାଜ୍ୟର ଅଂଶଗ୍ରହଣକାରୀ ଯୁବପିଢ଼ିଙ୍କ ଦ୍ୱାରା ପ୍ରଦର୍ଶିତ ଶକ୍ତି, ଉତ୍ସାହ ଏବଂ ସମର୍ପଣ ଭାବ ପ୍ରକୃତରେ ପ୍ରେରଣାଦାୟକ ହୋଇଥିଲା। ଟୁର୍ନାମେଣ୍ଟରୁ ୧୧୧୦ ଜଣ ଉଦୀୟମାନ ଖେଳାଳିଙ୍କୁ ଚୂଡ଼ାନ୍ତ ଚାମ୍ପିୟନଶିପ ପାଇଁ ଚୟନ କରାଯାଇ ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ରୀଡ଼ା ଛାତ୍ରାବାସ ଏବଂ ଫୁଟ୍‌ବଲ ଏକାଡେମୀରେ ପ୍ରବେଶ ପାଇଁ ସିଏମ୍ ଟ୍ରଫି ଏବେ ପ୍ରତିଭା ଚିହ୍ନଟର ପ୍ଲାଟଫର୍ମ ସାଜିବ। ତୃଣମୂଳସ୍ତରର ଫୁଟ୍‌ବଲ ଓ ଯୁବ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ଓଡ଼ିଶାକୁ କ୍ରୀଡ଼ା ଉତ୍କର୍ଷର ଏକ ଉନ୍ନତ କେନ୍ଦ୍ରରେ ପରିଣତ କରିପାରିଛି। ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲସ୍ତରୀୟ ସିଏମ୍ ଟ୍ରଫି ମେ ୨୮ରୁ ଜୁନ୍ ୫ ପର୍ଯ୍ୟନ୍ତ ଆୟୋଜିତ ହୋଇଛି। ଜିଲାସ୍ତରରୁ ଚୟନ ହୋଇ ଆସିଥିବା ଦଳକୁ ୪ଟି ଜୋନ୍ (ଜୋନ୍- ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଜୋନାଲସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ରବିବାର ଭୁବନେଶ୍ୱର ଓ ବରଗଡ଼ ମଧ୍ୟରେ ସିଏମ୍-ଟ୍ରଫି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ଗୋଟିଏ ଦଳ ଚାମ୍ପିୟନ ହେବ, କିନ୍ତୁ ଅନେକ ପ୍ରତିଭା ସୃଷ୍ଟି ହେବେ, ଯେଉଁମାନେ କି ନିଜ ପ୍ରଦର୍ଶନରେ ରାଜ୍ୟକୁ ଏକ ନୂତନ ସ୍ତରକୁ ନେବାର ଯୋଗ୍ୟତା ରଖିବେ। ଜିଲାରୁ ଜୋନାଲ ଏବଂ ଜୋନାଲରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ, ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଥିବାରୁ ବାସ୍ତବରେ ତୃଣମୂଳସ୍ତରରୁ ଆସୁଥିବା କ୍ରୀଡ଼ାବିତ୍‌ମାନେ ନିଜ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରୁଛନ୍ତି। ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ କରିବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ପ୍ରତିଟି ଗାଁ ଓ ପ୍ରତିଟି ବ୍ଲକରେ କ୍ରୀଡ଼ା ପ୍ରତିଭାର ବିକାଶ କରି କ୍ରୀଡ଼ାବିତ୍‌ମାନଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ଏହି ଯାତ୍ରା ସହାୟକ ହୋଇଛି। କେବଳ ଫୁଟ୍‌ବଲ ନୁହେଁ, ଆଗାମୀ ଦିନରେ ଅନ୍ୟ କ୍ରୀଡ଼ାକୁ ମଧ୍ୟ ଏଥିରେ ସାମିଲ କରାଯିବ। ଆଥ୍‌ଲେଟିକ, ବ୍ୟାଡ୍‌ମିଣ୍ଟନ, କବାଡ଼ି ପରି ୧୦ଟି ବିଭାଗରେ ସିଏମ୍ ଟ୍ରଫି ଆୟୋଜନ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି। ଏହାଦ୍ୱାରା ଯୁବ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଯାଇ ପାରିବ।

# ଫ୍ରେଞ୍ଚ ଓପନ: ଗଫ୍‌ଙ୍କୁ ଟାଇଟଲ



ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟ୍ରଫି ସହ ଆମେରିକାର କୋକୋ ଗଫ୍।

**ପ୍ୟାରିସ, ୭।୬**

ୱାର୍ଲ୍ଡ ନଂ.-୨ କୋକୋ ଗଫ୍ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ଅଧିକାର କରିଛନ୍ତି। ୨୧ ବର୍ଷୀୟା ଗଫ୍‌ଙ୍କ ଲାଗି ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ଦଶମ ଟାଇଟଲ। ସେ ଏଥିପୂର୍ବରୁ ୨୦୨୩ରେ ୟୁଏସ୍ ଓପନ ଜିତିଥିଲେ। ଅନ୍ୟପକ୍ଷରେ ୱାର୍ଲ୍ଡ ନଂ.-୧ ତଥା ୩ ଥରର ଗ୍ରାଣ୍ଡସ୍ଲାମ ଟାଇଟଲ ଅଧିକାରୀ ଆରିନା ସାବାଲେଙ୍କା ରନରଅପରେ ସନ୍ତୁଷ୍ଟ ରହିଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଗଫ୍ ୬-୭ (୫-୭), ୬-୨, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏପରି କି ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଗଫ୍ ପରାଜିତ ହୋଇଥିଲେ। ହେଲେ ସେ ଲଗାତର ଦ୍ୱିତୀୟ ଓ ତୃତୀୟ ସେଟ୍ ଜିତି ମ୍ୟାଚ୍ ସହ ଟାଇଟଲ ହାତେଇ ନେଇଥିଲେ।

# ନରୱେ ଚେସ୍: କାର୍ଲସେନଙ୍କୁ ଟାଇଟଲ, ଗୁକେଶ ୩ୟ

**ଷ୍ଟାଭାଙ୍ଗର (ନରୱେ), ୭।୬ (ପି.ଟି.)**

ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଫାଇନାଲ ରାଉଣ୍ଡରେ ଆମେରିକାନ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କ ବିପକ୍ଷରେ ବଡ଼ ତ୍ରୁଟି କରିବସିବାରୁ ଏଠାରେ ଅନୁଷ୍ଠିତ ନରୱେ ଚେସ୍ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ ପ୍ରଥମ ସ୍ଥାନ ସହ ଟାଇଟଲ ବିଜୟୀ ହୋଇପାରିଛନ୍ତି। ଫଳରେ ସର୍ବାଧିକ ଥର ନରୱେ ଚେସ୍ ଟାଇଟଲ ଜିତିଥିବା ଏହି ଖେଳାଳିଙ୍କ ରେକର୍ଡ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗୁକେଶ ଦ୍ୱିତୀୟ ଥର ପାଇଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ବିଭିନ୍ନ ରାଉଣ୍ଡରେ କାର୍ଲସେନ୍, ନିଜ ଦେଶର ଅର୍ଜୁନ ଏରିଗାଇସି ଓ ଚାଇନାର ୱି ୟି'ଙ୍କ ଭଳି ଖେଳାଳିଙ୍କ ବିପକ୍ଷରେ ଚମତ୍କାର ବିଜୟ ହାସଲ କରିଥିବାରୁ ଏଥର ତାଙ୍କ ପାଇଁ ଟାଇଟଲ ଜିତିବା ଯଥେଷ୍ଟ ସମ୍ଭାବନା ଥିଲା। ଗତଥରର ଚାମ୍ପିୟନ କାର୍ଲସେନ ପୂର୍ବଦିନ (ଗୁରୁବାର) ଖେଳ ଶେଷ ସୁଦ୍ଧା ୯ରାଉଣ୍ଡ ଖେଳ ପରେ ୧୫ପଏଣ୍ଟ ସହ ଅଗ୍ରଣୀ ରହିଥିଲେ। ଶୁକ୍ରବାର ୧୦ମ ରାଉଣ୍ଡରେ ସେ ଅଳ୍ପକେ ଏରିଗାଇସିଙ୍କ ବିପକ୍ଷ ଗେମ୍ ଡ୍ର' ରଖିପାରିଥିଲେ। ସେ ଟୁର୍ନାମେଣ୍ଟରେ ୧୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହି ଚାମ୍ପିୟନ ହୋଇଥିଲେ। ଗୁକେଶ ୧୪.୫ ପଏଣ୍ଟ ସହ ୨୦୨୩ ସଂସ୍କରଣ ଭଳି ତୃତୀୟ ସ୍ଥାନରେ ରହିଥିଲେ। କାରୁଆନା ୧୫.୫ ପଏଣ୍ଟ ସହ ଦ୍ୱିତୀୟ ହୋଇଥିବା ବେଳେ ଏରିଗାଇସି ୧୩ ପଏଣ୍ଟ ସହ ୫ମ ସ୍ଥାନ ଅଧିକାର କରିଥିଲେ।

# ଫାଇନାଲରେ ଏମ୍‌ସିସି

**ଭୁବନେଶ୍ୱର, ୭।୬(ଅନାଦି କର)**

ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଏମ୍‌ସିସି ୮ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଫଳରେ ଫାଇନାଲରେ ଏମ୍‌ସିସି ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ପରସ୍ପରକୁ ଭେଟିବେ।

ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୩୮.୪ ଓଭରରେ ୧୧୮ ରନରେ ଅଲଆଉଟ ହୋଇଯାଇଥିଲା। ଏମ୍‌ସିସି ପାଇଁ ହର୍ଷିତ ରାଥୋଡ ଓ ଶୁଭମ ବିଷ୍ଟ ଯଥାକ୍ରମେ ୪ ଓ ୩ ଉଇକେଟ ନେଇଥିଲେ। ଜବାବରେ ଅନୁରାଗ ଷଡ଼ଙ୍ଗୀଙ୍କ ଅପରାଜିତ ୭୨ ରନ ବଳରେ ଏମ୍‌ସିସି ଟାର୍ଗେଟକୁ ୨୦.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ କରିଥିବା ହର୍ଷିତ ରାଥୋଡଙ୍କୁ ପ୍ଲେୟର ଅଫ୍ ପୁରସ୍କାର ଦିଆଯାଇଥିଲା। ଅତିଥି ଭାବେ ଜାନକୀ ନାଥ ପରିଡ଼ା ଯୋଗଦେଇଥିଲେ।




# ଭାରତୀୟ ପୁରୁଷ ହକି ଦଳ ହାରିଲା

**ଆମଷ୍ଟେଲଭିନ,୭।୬(ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପିଆନ ଲେଗ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ପରାଜିତ ହୋଇଛି। ୧-୦ ଗୋଲରେ ଆଗରେ ରହିବା ସତ୍ତ୍ୱେ ଭାରତ ୧-୨ ଗୋଲରେ ଅଲିମ୍ପିକ୍ ଚାମ୍ପିୟନ ନେଦରଲାଣ୍ଡଠାରୁ ପରାସ୍ତ ହୋଇଛି। ମ୍ୟାଚ୍ ଶେଷ ହେବାର ୨ ମିନିଟ୍ ପୂର୍ବରୁ ଭାନ ଡାମ ଥିଜସ (୫୮ତମ ମିନିଟ) ନିର୍ଣ୍ଣାୟକ ଗୋଲ କରିଥିଲେ। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ (୧୯ତମ) ଗୋଲ ସ୍କୋର କରିଥିଲେ। ଏହାର ୬ ମିନିଟ୍ ପରେ ଭାନ ଡାମ ଥିଜସଙ୍କ ଗୋଲ ବଳରେ ନେଦରଲାଣ୍ଡ୍ସ ସ୍କୋର ଲାଇନ୍‌କୁ ବରାବର କରିଥିଲେ।

# ଓଡ଼ିଶାରୁ ଭାଗନେବେ ମୀନା, ବିଦୁସ୍ମିତା

### ଏସୀୟ ଭାରୋତ୍ତୋଳନ ପ୍ରତିଯୋଗିତା

**ଭୁବନେଶ୍ୱର, ୭।୬ (ବିଜୟ ରଣା)**



ମୀନା ସାନ୍ତା



ବିଦୁସ୍ମିତା ଭୋଇ

ଏସୀୟ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ପ୍ରତିଯୋଗିତା କାଜାଖସ୍ତାନର ଆସ୍ଥାନାଠାରେ ଜୁଲାଇ ୧ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ଦୁଇ ଜଣ ଭାରୋତ୍ତୋଳକ ମୀନା ସାନ୍ତା (ଏ) ଜୁନିୟର ୫୮କେଜି ବିଭାଗରେ ଏବଂ ବିଦୁସ୍ମିତା ଭୋଇ ୬୩ କେଜି ଶ୍ରେଣୀ ୟୁଥ୍ ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ, ପଞ୍ଜାବର ପଟିଆଲାଠାରେ ଗତ ୨ ତାରିଖରେ ଏକ ଚୟନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶାର ୬ ଜଣ ଖେଳାଳି ଭାଗ ନେଇଥିଲେ। ମୀନା କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ଠାରେ ତାଙ୍କର ଅଭ୍ୟାସ ଚଳାଇଥିଲେ। ମାତ୍ର ବର୍ତ୍ତମାନ ସେ ପଟିଆଲାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ତାଲିମ ନେଉଛନ୍ତି। ସେହିପରି ବିଦୁସ୍ମିତା ଢେଙ୍କାନାଳସ୍ଥିତ ଏଚ୍‌ପିସି ଭାରୋତ୍ତୋଳନ ଶାଖା କେନ୍ଦ୍ରରେ ତାଲିମ ନେଉଛନ୍ତି। ଏହିଅବସରରେ ରାଜ୍ୟ ଭାରୋତ୍ତୋଳନ ମହାସଂଘ ଏସୀୟ ଭାରୋତ୍ତୋଳନରେ ଭଲ ପ୍ରଦର୍ଶନ ଆଶା କରି ମୀନା ଓ ବିଦୁସ୍ମିତାଙ୍କ ଶୁଭ କାମନା କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ